ଧରିତ୍ରୀ 52 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, December 1/2025 | Page 16 | ₹ 7.00

୫୨ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 8 | ମୂଲ୍ୟ ₹୭/-

# ବିରୋଧୀଙ୍କ ଟାର୍ଗେଟ୍‌ରେ ଏସ୍‌ଆଇଆର୍

## ଆଜିଠୁ ପାର୍ଲାମେଣ୍ଟର ଶୀତ ଅଧିବେଶନ

**ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ମନାଇବାକୁ ଚେଷ୍ଟା କରାଯାଇଛି। ନିୟମ ଅନୁସାରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି। ବିରୋଧୀ କିନ୍ତୁ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ ଆଲୋଚନା ଦାବି କରିଛନ୍ତି। ଏହା କରା ନ ଗଲେ ଜୋରଦାର ବିରୋଧ କରାଯିବ ବୋଲି କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଏସ୍‌ପି, ସିପିଏମ୍ ପ୍ରମୁଖ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ଜାତୀୟ ସୁରକ୍ଷା, ଶ୍ରମ ଆଇନ, ରାଜ୍ୟପାଳଙ୍କ ଭୂମିକା ଉପରେ ମଧ୍ୟ ବିତର୍କ କରିବାକୁ ବିରୋଧୀ ଚାହିଁଛନ୍ତି। ଏଭଳି ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଟାର୍ଗେଟ୍ କରିବା ପାଇଁ ବିରୋଧୀ ସଜବାଜ ହେଉଥିବାବେଳେ ଡିସେମ୍ବର ୧୯ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶୀତ ଅଧିବେଶନ ବେଶ୍ ସରଗରମ ରହିବ ବୋଲି ଅନୁମାନ କରାଯାଉଛି।**

**ନୂଆଦିଲ୍ଲୀ,୩୦।୧୧(ପି.ଟି.)** ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ଦିନକ ପୂର୍ବରୁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଥିଲେ। ଭୋଟର ତାଲିକାର ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ସର୍ବଦଳୀୟ ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ପାଇଁ ସୁଯୋଗ ମିଳିବା ଆବଶ୍ୟକ। ଏଥିପାଇଁ ସେ ସବୁ ଦଳର ସହଯୋଗ ଲୋଡ଼ିଥିଲେ। କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୀତ ଅଧିବେଶନ କାର୍ଯ୍ୟସୂଚୀ ସମ୍ପର୍କରେ ସର୍ବଦଳୀୟ ବୈଠକରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ୮.୨ ଜିଡିପି

DSPL-388



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଅନ୍ତର୍ଜାତୀୟ
ଭିନ୍ନକ୍ଷମ ଦିବସ-୨୦୨୫
(୧-୩ ଡିସେମ୍ବର ୨୦୨୫)



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ନିତ୍ୟାନନ୍ଦ ଗଣ୍ଡ
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ,
ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ଗରିମାମୟ ଉପସ୍ଥିତି
ଶ୍ରୀ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀମତୀ ସୁଲୋଚନା ଦାସ
ମେୟର, ବି.ଏମ.ସି, ଭୁବନେଶ୍ୱର

ପଦଯାତ୍ରା
କଳିଙ୍ଗ ଷ୍ଟୁଡିଓ ଛକରୁ ସୋଆ ଷ୍ଟାଡିୟମ୍
୧ ଡିସେମ୍ବର ୨୦୨୫ | ସକାଳ ୭:୩୦
ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨, ଭୁବନେଶ୍ୱର

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-46001/13/0069/2526

DSPL-389



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି
ଆଣିବା ପାଇଁ ରାଜ୍ୟ ସରକାରଙ୍କ ଆଉ ଏକ ବଳିଷ୍ଠ ପଦକ୍ଷେପ

ମନରେଗା ଯୋଜନାରେ
ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସହାୟତା 2028-29 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି

ଉପକୃତ ହେବେ ୯ଟି ଜିଲ୍ଲା ଅନ୍ତର୍ଗତ
୩୦ ଗୋଟି ବ୍ଲକ ର ୫.୫୭ ଲକ୍ଷ ପରିବାର

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ, ଲୋକଙ୍କ ସରକାର ଦ୍ୱାରା;

- ୩୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି
- ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ମଜୁରୀ ପ୍ରଦାନ
- ପ୍ରଥମ ୧୦୦ ଦିନ ପର୍ଯ୍ୟନ୍ତ, ଦୈନିକ ୪୮ ଟଙ୍କାର ଅତିରିକ୍ତ ମଜୁରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ
- ଅତିରିକ୍ତ ୨୦୦ ଦିନ କାର୍ଯ୍ୟଦିବସ ପାଇଁ ମନରେଗା ନିର୍ଦ୍ଧାରିତ ଦୈନିକ ମଜୁରୀ ସହ ଅତିରିକ୍ତ ମଜୁରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ

ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0033/2526

DSPL-383



**Shri Narendra Modi**
Prime Minister

GOVERNMENT OF ODISHA
MSME DEPARTMENT



**Shri Mohan Charan Majhi**
Chief Minister, Odisha

# Odisha Procurement Preference Policy for Micro and Small Manufacturing Enterprises, 2023

## (Promoting Growth of Micro and Small Manufacturing Enterprises of Odisha)

## Who gets benefitted

- Odisha Small (Including Micro) Manufacturing Enterprises (OSMEs), having a valid **Udyam Registration Number**, located in Odisha, (including manufacturing start-up companies registered under Start-up Odisha) whose Investment in Plant & Machinery is up to **₹10 Crore** and Annual Turnover is up to **₹50 Crore.**

## How

- Under this policy, State Government authorities/ organisations are mandated to give preference to OSMEs while making government procurements.

## Benefits to OSMEs

(A)
- Items enlisted under **Exclusive List** shall be procured from OSMEs only, through Intra-State Tender limited to participation of OSMEs only.
- **Intra-State Tender (Relaxations for OSMEs)**
- Exemption from Tender Paper Cost and EMD
- No Annual Turnover and prior experience required
- Performance security ≤2.5% of contract value or procurement value

(B)
- Items which are not enlisted under Exclusive list shall be procured through open tender.
- **Open Tender (Relaxations for OSMEs)**
- Exemption from Tender Paper Cost and EMD
- 90% relaxation in Annual Turnover criteria
- Performance security @25% of non-OSMEs
- **Price Preference:** OSME bidding within (L1bid + 10%) range will supply 25% procurement quantity at its bid rate
- **Purchase Preference:** OSME bidding above (L1bid + 10%) range will supply 15% procurement quantity at L1 bid rate

## Exclusive List items

(To be procured only from OSMEs through Intra-State Tender)

1. **Agricultural Implements and Allied Products:** Animal Driven Implements/ Pedal Thresher/ Power Thresher with 1 HP Motor/ Power Thresher cum Winnower with 1 HP Motor & Starter/ Hand Winnower/ Groundnut decorticator/ Mandwa Weeder/ Cono Weeder/ Seed Treatment Drum/ Finger Weeder/ Marker-8 Row/ IADP Puddler/Parboiling Unit/ Trailers for Tractors/ Deep Well Hand Pump
2. **Plastic Items:** Water Storage Tank/PVC Pipes all types
3. **Precast Materials:** All types of Precast items like Paver Tile/ Paver Block/ PSC Pole
4. **Road Safety Equipments:** Safety Signage with Reflecting & Non Reflecting Sheets/ Road Barriers/ Gloves/ Safety Jackets of all types/ Multi Coloured Printed Tin Sheet
5. **Water Supply and Sanitation Items:** Cesspool Tank without driving mechanism/ Water Tank (Truck and Tractor mounted) without driving mechanism/ Disinfectant Fluids such as Phenyl/ Dustbins of all type (made up of any material)/ Trolley/ Garbage Trolley/ Wheel Barrow/Bleaching Powder/ Alumina Ferric
6. **Metal Items:** Fencing products made of wire (all types)/G.I Barbed Wire/Wire Mess
7. General furniture and commonly used articles (made up of wood, iron, steel, plastic or of any other material) used in schools (including hostels), colleges (including hostels), universities (including hostels), Anganwadi Centres, Residential facilities for students (like Anwesha hostel of ST & SC Department), stand-alone residential facilities or hostels, coaching centres/ facilities, etc. such as table, computer table, chair, bench, desk/ dual desk, stool, bed/cot (including double/ triple-decker bed/ cot), coir or rubberized coir mattresses, cup-board/ almirah/ book shelf/ shelf, cloth rack, trunk, bucket, utensils, drums/ bins/ containers for grain storage, etc. (This list is illustrative not exhaustive.)
8. **Non-motorised Park Items and Non-motorised GYM (including Open GYM) Equipments.**

State Government Departments/ Directorates/ Organisations/ Offices may contact respective GM (DIC) for any query vis-à-vis this policy. Aggrieved OSMEs may also contact respective GM (DIC) or Director (EP & M, Odisha) for redressal of their grievances.

For details, visit MSME Department website **(https://msme.odisha.gov.in)** or contact District Industries Centre.

OIPR-43001/13/0017/2526

ଧରିତ୍ରୀ
DHARITRI
52 Years



# ଚାଉଳ ଉଠିନି, ଧାନ କଥା ପଚାରେ କିଏ

- ମିଲର୍ସଙ୍କ ଦାବି ଶୁଣୁନାହାନ୍ତି ସରକାର: ସଂଘ
- ଗତବର୍ଷର ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପଡ଼ିରହିଛି
- ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)

ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍‌କିଷାନ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଉଛି। ଏହାକୁ ନେଇ ଚାଷୀମାନେ ପ୍ରୋତ୍ସାହିତ ହୋଇ ଅଧିକ ଧାନ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ହେଲେ ସେମାନଙ୍କ ଧାନ ଠିକଣା ସମୟରେ କିଣିବା ବେଳକୁ ସବୁ ବ୍ୟବସ୍ଥା ଯେପରି ଓଲଟପାଲଟ ହୋଇଗଲା ଭଳି ପରିଲକ୍ଷିତ ହେଉଛି। ଚଳିତବର୍ଷ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ଏଥିଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ଭିତରେ ଓ ବାହାରେ ଚିତ୍କାର କରି କହୁଛନ୍ତି। ଅନ୍ୟପକ୍ଷରେ ପ୍ରତିବର୍ଷ ନଭେମ୍ବର ପହିଲାରେ ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ କରିଥାନ୍ତି। ମାତ୍ର ଏବର୍ଷ ମିଲର୍ସମାନଙ୍କ ବକେୟା ଚାଉଳ ସରକାର ଉଠାଇ ନ ଥିବା ଏବଂ ସେମାନଙ୍କ ଦାବି ପୂରଣ କରି ନ ଥିବାରୁ ସେମାନେ ଏବେ ମଣ୍ଡିକୁ ଆସୁ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ମିଲର୍ସମାନେ କେବଳ ଖରିଫରେ ୭୩ଲକ୍ଷ ୪୫ହଜାର ୭୦୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ। ଏଥିମଧ୍ୟରେ ସର୍ବାଧିକ ବରଗଡ଼ ଜିଲା ୬ଲକ୍ଷ ୯୩ହଜାର ୭୬୩ ମେଟ୍ରିକ୍ ଟନ୍ ଧାନ ଦେଇଥିବାବେଳେ କନ୍ଧମାଳ ସର୍ବନିମ୍ନ ୭ହଜାର ୪୫୨ ମେଟ୍ରିକ୍ ଟନ୍ ଧାନ ଦେଇଥିଲା। ଏବାବଦକୁ ମିଲର୍ସମାନେ ୪୯ଲକ୍ଷ ୭୮ହଜାର ୧୬୫ ମେଟ୍ରିକ୍ ଟନ୍ ଚାଉଳ ଦେବା କଥା। ନଭେମ୍ବର ୨୦ ତାରିଖ ସୁଦ୍ଧା ରାଜ୍ୟ ସରକାର ୨୪ଲକ୍ଷ ୩୮ହଜାର ୨୮୧ ମେଟ୍ରିକ୍ ଟନ ଚାଉଳ ଆର୍‌ଆର୍‌ସି ଜରିଆରେ ଦେଇଥିବାବେଳେ ଏଫ୍‌ସିଆଇ ୧୯ଲକ୍ଷ ୩୭ହଜାର ୯୧ ମେଟ୍ରିକ୍ ଟନ୍ ଚାଉଳ ନେଇଛି। ୧୩ହଜାର ୪୮୪ ମେଟ୍ରିକ୍ ଟନ୍ ପୁଷ୍ଟିଯୁକ୍ତ ଚାଉଳ ସରକାରଙ୍କୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ୬.୭୦ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ମିଲର୍ସଙ୍କ ଖଳାରେ ଗଡ଼ୁଛି। ତେଣୁ ☞ପୃଷ୍ଠା-୪



ରାଞ୍ଚିରେ ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଶତକ ହାସଲ ପରେ ଭାରତର ବିରାଟ କୋହଲି। **(ରିପୋର୍ଟ: ଖେଳ ପୃଷ୍ଠା)**

# ବାବୁଙ୍କୁ ସରକାରଙ୍କ ତାଗିଦ୍

## ସମ୍ପତ୍ତି ତାଲିକା ନ ଦେଲେ ପଦୋନ୍ନତି ବନ୍ଦ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ମୁଖ୍ୟସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ଅଧିକାଂଶ ବୈଠକରେ ଅଧିକାରୀଙ୍କୁ ତାଗିଦ୍ କରି ଆସୁଛନ୍ତି। ହେଲେ ତା'ର ପ୍ରଭାବ ବାବୁମାନଙ୍କ ଉପରେ ସେତେଟା ପଡ଼ିଲା ଭଳି ପରିଲକ୍ଷିତ ହେଉନାହିଁ; ଯେଉଁଥିପାଇଁ ସେମାନେ ତାଙ୍କ ସମ୍ପତ୍ତିର ବିବରଣୀ ଠିକଣା ସମୟରେ ସରକାରଙ୍କୁ ଦେଇ ପାରୁ ନାହାନ୍ତି। ଏପରି କି ଅଧିକାରୀମାନେ ତାଙ୍କ ପଦୋନ୍ନତିକୁ ପଦାଘାତ କରିବାକୁ ମଧ୍ୟ ପଛାଉ ନ ଥିବା ଜଣାଯାଇଛି। ଅଧିକାଂଶ ଅଧିକାରୀ ସେମାନଙ୍କ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ସେମାନଙ୍କ ପଦୋନ୍ନତି ବନ୍ଦ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ନଭେମ୍ବର ୨୭ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି, ଓଡ଼ିଶା ସିଭିଲ ସର୍ଭିସ ନିୟମ-୧୯୯୨ ଅନୁଯାୟୀ, ଅଧିକାରୀମାନେ ଯଦି ସରକାରଙ୍କ ସବୁ ମାନଦଣ୍ଡରେ ପାରଦର୍ଶିତା ହାସଲ କରିବେ ଏବଂ ବରିଷ୍ଠ ହୋଇଥିବେ ତେବେ ତାଙ୍କୁ ନିଶ୍ଚିତ ପଦୋନ୍ନତି ଦିଆଯିବାର ବ୍ୟବସ୍ଥା ରହିଛି। ମାତ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ବହୁ ଅଧିକାରୀ ଏପର୍ଯ୍ୟନ୍ତ ତାଙ୍କର ସମ୍ପତ୍ତି ବିବରଣୀ ସରକାରଙ୍କୁ ପ୍ରଦାନ କରି ନ ଥିବା ବିଭାଗୀୟ ପଦୋନ୍ନତି କମିଟି(ଡିପିସି)ରୁ ଜଣାଯାଇଛି। ଏହାକୁ ନେଇ ସରକାର କଠୋର ନିଷ୍ପତ୍ତି ନେଇଛନ୍ତି। ☞ପୃଷ୍ଠା-୪

# ୨.୧ଲକ୍ଷ ଭୂମିହୀନଙ୍କୁ ତୁରନ୍ତ ଜମି, ଆବାସ ଦିଅ

ଭୁବନେଶ୍ୱର,୩୦।୧୧(ରବିନାରାୟଣ ଜେନା)

ରାଜ୍ୟରେ ଆବାସ ଅପେକ୍ଷାରେ ଥିବା ଲକ୍ଷାଧିକ ପରିବାର ମଧ୍ୟରୁ ୨.୧ ଲକ୍ଷ ଲୋକଙ୍କୁ ନିଜସ୍ୱ ଭୂମି ନାହିଁ। ତେଣୁ ସେମାନେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ତୋଳିପାରୁ ନାହାନ୍ତି। ତେଣୁ ତୁରନ୍ତ ଭୂମିହୀନ ପରିବାରକୁ ଜମି ଚିହ୍ନଟ କରିବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସଚିବ ଗିରିଶ ଏସ୍‌ଏନ୍ ନଭେମ୍ବର ୨୭ରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟରେ ଭୂମିହୀନ ଗ୍ରାମାଞ୍ଚଳ ପରିବାରଙ୍କ ☞ପୃଷ୍ଠା-୪







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏସ୍ଏସ୍ଇପିଡି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ, ସ୍ଥାନ: ଏସ୍ଓଏ ବିଶ୍ୱବିଦ୍ୟାଳୟ, କ୍ୟାମ୍ପସ ୨, ସମୟ: ସକାଳ ୭ଟା ୩୦।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ, ସ୍ଥାନ: ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ବୁଢ଼ୀ ଠାକୁରାଣୀ ପୀଠ ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପ୍ରାକ୍ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାଣିକେଶ୍ୱରୀ ଦେବୀଙ୍କ ୪ର୍ଥ ଜନ୍ମବାର୍ଷିକ ଶାନ୍ତି ଯଜ୍ଞ ଉତ୍ସବର କଳସ ସ୍ଥାପନ, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ମେଳକ ସ୍ଥିତ ମା' ଙ୍କ ପୀଠ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଓଡ଼ିଶା ୱାର୍ଲ୍ଡ କପ୍ ଚାମ୍ପିୟନ୍ସ କ୍ରିକେଟର୍ସଙ୍କ ଅଭିନନ୍ଦନ ଉତ୍ସବ, ସ୍ଥାନ: ଏୟାରପୋର୍ଟ, ସମୟ: ମଧ୍ୟାହ୍ନ ୧୨ଟା ୪୦।
- ପୁସ୍ତକ ପାଠକାର୍ପଣ ସମାରୋହ, ସ୍ଥାନ: ମେ ଫେୟାର କନ୍‌ଭେନ୍‌ଶନ୍, ସମୟ: ଅପରାହ୍ନ ୩ଟା ୩୦।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବାଙ୍କୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଗୁରୁ ସଂଘ କଟକ ଶାଖାର ୫୧ତମ ବାର୍ଷିକ ଉତ୍ସବ ଅବସରରେ ଶୋଭାଯାତ୍ରା, ସ୍ଥାନ: ମେହେନ୍ଦୀପୀର କଲୋନୀ, ସମୟ: ପୂର୍ବାହ୍ନ ୧୦ଟା।
- କନ୍ଦରପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଏଡ୍‌ସ ଡେ ଅବସରରେ ସଚେତନତା ରାଲି, ସ୍ଥାନ: ଗୁଣ୍ଡିଚା ମନ୍ଦିର ଠାରୁ ମେଡିକାଲ୍ ଛକ, ସମୟ: ସକାଳ ୭ଟା।
- ସତ୍ୟବାଦୀ ବ୍ଲକସ୍ତରୀୟ ବିଜ୍ଞାନ ମେଳା –୨୦୨୫, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ସର୍ବଭାରତୀୟ ପୋଷ୍ଟାଲ କର୍ମଚାରୀଙ୍କ ସମ୍ମିଳନୀ, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ସକାଳ ୯ଟା୩୦।
- ଜିଲାସ୍ତରୀୟ ଏଡ୍ସ ଡେ ପାଳନ ଅବସରରେ ରାଲି, ସ୍ଥାନ: ଶରଧାବାଲି ଠାରୁ ମେଡିକାଲ ଛକ, ସମୟ: ସକାଳ ୯ଟା।
- ଏଡ୍‌ସ ଡେ ସମ୍ପର୍କିତ ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ବାଲିଗୁଆଳି, ସମୟ: ପୂର୍ବାହ୍ନ ୧୦ଟା
- ଫାର୍ମାସି କଲେଜ ପକ୍ଷରୁ ସଚେତନତା ଶୋଭାଯାତ୍ରା, ସ୍ଥାନ: ଗୁଣ୍ଡିଚା ମନ୍ଦିର ଠାରୁ ବଳଗଣ୍ଡି ଛକ, ସମୟ: ଅପରାହ୍ନ ୪ଟା।
- ରାଜ୍ୟ ସ୍ତରୀୟ ବାଳକ ଖୋ ଖୋ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଇନ୍‌ଡୋର ଷ୍ଟାଡିଅମ, ସମୟ: ଅପରାହ୍ନ ୪ଟା୩୦।
- ପଟଚିତ୍ର ସମ୍ପର୍କିତ କର୍ମଶାଳା, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ସକାଳ ୧୧ଟା।
- ଜଗନ୍ନାଥାୟନ କାର୍ଯ୍ୟକ୍ରମ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା

## ଖୋର୍ଦ୍ଧା

- ବିଶ୍ୱ ଏଡ୍‌ସ ଦିବସ ଅବସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଆରଏସଏସର ଗୃହ ସମ୍ପର୍କ ଅଭିଯାନ ଉଦଘାଟନୀ ଉତ୍ସବ, ସ୍ଥାନ: ରାଜବଗିଚା ରାଧାକୃଷ୍ଣ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ଼ସ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ ପଡିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ : ହାଟଡିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ଟା।
- ବୁଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ସହରପଡ଼ା ବ୍ଲକ୍, ବଡ଼ବିଲ: ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି,ସ୍ଥାନ: ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜୟନ୍ତୀ ମହୋତ୍ସବ, ସ୍ଥାନ: ମମ୍ ସ୍କୁଲ ସତ୍ୟନାରାୟଣ ମନ୍ଦିର, ଆସିକା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି, ସ୍ଥାନ: କିଶାନନଗର ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡସ ଦିବସ–୨୦୨୫, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା,
- ରାମଚରିତ ମାନସ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ମାଳିପଦର, ଆଠମଲ୍ଲିକ, ସମୟ : ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ବନ୍ଦର ପ୍ରଶାସନିକ ବିଭାଗର ନାଟକ 'ପତି ପତ୍ନୀ, ପୋଲିସ, ପ୍ରେତ' ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ତହସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଆଖଣ୍ଡଳମଣିଙ୍କ ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ଗନ୍ଧଣ ପଞ୍ଚାୟତର ମସୁଦପୁର ଗ୍ରାମ, ସମୟ: ସକାଳ ୬ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୫ମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା ।
- ବିଶ୍ୱ ଏଡସ୍ ଦିବସ ଅବସରରେ ସଚେତନତା ପାଇଁ ଶୋଭାଯାତ୍ରା, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ସକାଳ ୮.୩୦ଟା ।

## ରାୟଗଡ଼ା

- ଲାୟନ୍ସ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁମଗୁଡା ୱାର୍ଡ, ରାୟଗଡ଼ା, ସମୟ: ସକାଳ ୮ ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସ ପାଳନ, ସ୍ଥାନ: ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୋଭାଯାତ୍ରା ଓ ବୈଠକ, ସ୍ଥାନ: ହନୁମାନ ମନ୍ଦିର ଛକ ଓ ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ସକାଳ ୯ଟା ୩୦ ।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସଚେତନ ଶୋଭାଯାତ୍ରା, ବିଶ୍ୱ ଏଡସ୍ ଦିବସ ପାଳନ, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର, ସୁନାବେଡା–୧, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ହାୟର ସେକେଣ୍ଡାରୀ ସ୍କୁଲର ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସୁନାବେଡା–୧, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦଳେଇଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା–୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୮ଟା ।
- ଅଟଳ ବିହାରୀ ସ୍ମୃତି ସଂସଦ ପକ୍ଷରୁ ଶଳା ବୁଢ଼ା ଜୟନ୍ତୀ ଓ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା

- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୬ ତାରାତାରିଣୀପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ବିଶ୍ୱ ଏଡସ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ପକ୍ଷରୁ ସଚେତନତା ଶୋଭାଯାତ୍ରା,ପଥପ୍ରାନ୍ତ ନାଟିକା ପ୍ରଦର୍ଶନ,ସ୍ଥାନ:ଷ୍ଟେଟବ୍ୟାଙ୍କ ଛକ, ସୁନ୍ଦରଗଡ,ସମୟ:ସକାଳ ୯ଟା।

## ବରଗଡ଼

- ସଂସ୍କୃତ ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା,ସ୍ଥାନ:ଦେଓଗାଁ ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ଗୋପପୁର ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ଅମ୍ବାପାଲି, ବରଗଡ଼,ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।
- ମା'ମହାଲକ୍ଷ୍ମୀ ମଣ୍ଡପ ପ୍ରତିଷ୍ଠା, ସ୍ଥାନ: ତଳସାଗରପଡ଼ା, ମ.ରାମପୁର, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବାନ୍ଧକଳାରେ ଶ୍ରୀମଦ୍‌ଭଗବଦ୍ ଗୀତା ଉନ୍ମୋଚନ ଉତ୍ସବ ଓ ଗୀତା ପାଠ, ସ୍ଥାନ: ଗୋକର୍ଣ୍ଣେଶ୍ୱର ପଡା ସ୍ଥିତ ମେହେର ଭବନ, ସମୟ: ସକାଳ ୯ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦଭାବନା ସଭାଗୃହ ନୂଆପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ପାରିବାରିକ ସମସ୍ୟାର ଅନ୍ତ ଘଟାଇବ। ବିବାଦର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ତଥା ଚଳଚ୍ଚିତ୍ର ପ୍ରଭୃତିରେ ଅଗ୍ରଗତି ଘଟିବ।

**ବୃଷ** ସପ୍ତମସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ପ୍ରଭୃତିରେ ସଫଳତା ପାଇବେ। କୌଣସି ଯାନ୍ତ୍ରିକ ଜିନିଷ କିମ୍ବା ଜମିଜମା କିଣିବା ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ** ଶନି ସହ ଚନ୍ଦ୍ରଙ୍କ ସଂଯୁକ୍ତ ଆପଣଙ୍କୁ ଅବସାଦ ଯୁକ୍ତ କରାଇପାରେ। କାର୍ଯ୍ୟରେ ବିଫଳତା ଓ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବଜନିତ ମନସ୍ତାପ କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ଆର୍ଥିକ ଦିଗରୁ ଉପକୃତ ହେବେ ଏପରିକି ବକେୟା ମଧ୍ୟ ପାଇପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ** ଲାଭଭାବକୁ ଏକାଧିକଗ୍ରହଙ୍କ ଦୃଷ୍ଟି ଯୋଗୁ ବନ୍ଧୁଙ୍କ ଆଦର, ଗୌରବ ଓ କାର୍ଯ୍ୟରେ ସଫଳତା ପାଇବେ। ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଶୁକ୍ର ଜନିତ କଳ୍ପନା ବିଳାସୀ ହୋଇପାରନ୍ତି। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ବିଶେଷ ଭ୍ରମଣ ପରିପ୍ରେକ୍ଷୀରେ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** କେତୁ ପ୍ରଭାବରେ ଆପଣ ମନଭୁଲାଣିଆ କଥାରେ ବିମୋହିତ ହୋଇ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଠିକଣା ସମୟରେ ଅନ୍ୟମାନଙ୍କ ଅନୁପସ୍ଥିତି ଆପଣଙ୍କୁ ବେଶି ବାଧିବ।

**କନ୍ୟା** ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିରୁ ମନର ଦୁଃଖକୁ ଲୁଚାଇ ରଖି ମୁହଁରେ ହସ ଫୁଟାଇ କାମ କରିବେ। ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ପ୍ରିୟ କଥା କହି ବନ୍ଧୁଙ୍କୁ ଆପଣାର କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଲେ ସଫଳତା ପାଇବେ। ପୁରାତନ ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡିପାରେ।

**ତୁଳା** ବୁଧଙ୍କ ସ୍ଥିତିଜନିତ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ବିବାଦୀୟ ଘଟଣାର ସମାଧାନରୁ ଆଶ୍ୱସ୍ତି ଲାଭ କରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରି ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହେବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ପାପଗ୍ରହଙ୍କ ପ୍ରଭାବରେ ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରୁ ମାନସିକ କଷ୍ଟ ପ୍ରଦାନ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟା ବଢ଼ାଇଦେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ।

**ଧନୁ** ରାଶିର ପୃଷ୍ଠଦେଶରେ ଏକାଧିକ ଅବସ୍ଥାନ କରିଥିବାରୁ ମନ ଶଙ୍କାକୁଳ ରହିବ। ଆପଣଙ୍କ କାର୍ଯ୍ୟ ଓ ଚିନ୍ତାଧାରା ନିଜ ଲୋକଙ୍କ ମନରେ ଭିନ୍ନ ଭାବ ପୋଷଣ କରିବ। ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ।

**ମକର** ମୁଖଭାବସ୍ଥ ରାହୁ ଇଚ୍ଛାବିରୋଧୀ ପରିସ୍ଥିତିର ସମ୍ମୁଖୀନ କରାଇ ଆପଣଙ୍କ କଠୋର ବାକ୍ୟ ଦ୍ୱାରା ଲୋକଙ୍କୁ ଆଘାତ ଦେଇପାରେ। ଆଜି ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇପାରନ୍ତି।

**କୁମ୍ଭ** ମଙ୍ଗଳ ରାଶିକୁ ଦେଖୁଥିବାରୁ ସମ୍ପର୍କୀୟଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ଲାଭ କରିପାରିବେ। ପରିବାରର ଆବଶ୍ୟକତା ପୂରଣ ଲାଗି ଧାର ଉଧାର କରିପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ରାଶ୍ୟାଧିପତିଙ୍କ ପ୍ରଭାବରେ ଇଚ୍ଛାମୁତାବକ ମୂଲ୍ୟବାନ ଜିନିଷ ପ୍ରାପ୍ତ ହେବେ। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ। ଭଲ ସମ୍ପର୍କ ନ ଥିବା ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସଭାସମିତିକୁ ଆହୂତ ହୋଇପାରନ୍ତି।

ଆଜି ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ମାର୍ଗଶିର ଶୁକ୍ଳପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ ସୋମବାର। ରାଶିନକ୍ଷତ୍ର–ରେବତୀ/ମୀନ। ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୮ ଗତେ ଘ.୦୭.୩୦ ମଧ୍ୟେ, ଘ.୦୯.୦୩ ଗତେ ଘ. ୧୧.୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ୦୭.୩୦ ଗତେ ଘ.୦୮.୫୨ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ମାଳି ମାଇଲା ଡାଳି**
**ଧରି ପଳାଇଲା ଖେଚୁଡ଼ି ଥାଳି ।**

କେତେକ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥା'ନ୍ତି। ଆଖିରେ ଆଙ୍ଗୁଠି ଗେଞ୍ଜି ସବୁକିଛି ଏପରି ଆତ୍ମସାତ୍ କରିନିଅନ୍ତି ଯେ, ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଅନ୍ୟକୁ ବୋକା ବା ଭକୁଆ ବନେଇ ସାର ପଦାର୍ଥ ଧରି ଚମ୍ପଟ ମାରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ମଧୁର ପୋକ ଖାଇ**
**ଅତି ସୁହାଗ ରହେ ନାହିଁ।**

ଅତି ସର୍ବତ୍ର ଗର୍ହିତମ। ଅତିରୁ କୁପରିଣତି ଘଟିଥାଏ। ଯେଉଁଠି ସୌନ୍ଦର୍ଯ୍ୟ ଏବଂ ସାଦ ଅତିମାତ୍ରାରେ ଅନୁଭୂତ ହୁଏ, ସେଠି ତା'ର ସ୍ଥାୟିତ୍ୱ ଦୀର୍ଘକାଳ ରହିପାରି ନ ଥାଏ। ସେହିପରି ଅତ୍ୟନ୍ତ ପ୍ରୀତି ବେଳେବେଳେ ବିଚ୍ଛେଦର କାରଣ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିରୋଧୀଙ୍କ ଟାର୍ଗେଟ୍‌ରେ ...

ଆଲୋଚନା କରାଯିବା ଏକ ସାଧାରଣ ଔପଚାରିକତା ବୋଲି କହିଥିଲେ। ବିରୋଧୀ ଦଳଗୁଡ଼ିକ ସହ ବିନା ପରାମର୍ଶରେ ସଂକ୍ଷିପ୍ତ ଆଲୋଚନା ଜରିଆରେ ବିଷୟବସ୍ତୁ ତାଲିକା ମଞ୍ଜୁର କରାଇନେବା ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହେଉଥିବା ଜୟରାମ କହିଥିଲେ। ୧୫ଦିନ ପାଇଁ ହେବାକୁ ଥିବା ଏହି ଅଧିବେଶନ ସଂସଦ ଇତିହାସରେ ସବୁଠୁ ସଂକ୍ଷିପ୍ତ। ଏହି ସମୟ ମଧ୍ୟରେ ୧୩ଟି ବିଲ୍ ଗୃହୀତ କରାଇବାକୁ କେନ୍ଦ୍ର ସରକାର ତାଲିକା ପ୍ରସ୍ତୁତ କରିଛନ୍ତି। ସେଥିରୁ ଗୋଟିଏ ଅଧ୍ୟାଦେଶ ସ୍ଥାନରେ ଅଣାଯିବାକୁ ଥିବାବେଳେ ଅନ୍ୟ ଦୁଇଟି ଲୋକ ସଭା କମିଟି ଦେଇ ଯାଇଛି। ତେଣୁ ୧୦ଟି ବିଲ୍‌କୁ ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ଅନୁଧ୍ୟାନ କରିବେ। ଏଥିସହିତ ହଠାତ୍ କୌଣସି ବିଲ୍‌କୁ ମଧ୍ୟ ସରକାର ଆଣିପାରନ୍ତି ବୋଲି କଂଗ୍ରେସ ନେତା କହିଛନ୍ତି। କଂଗ୍ରେସ ଏସ୍‌ଆଇଆର୍, ଜାତୀୟ ସୁରକ୍ଷା, ବାୟୁ ପ୍ରଦୂଷଣ, କୃଷକ ସମସ୍ୟା ସମେତ ବିଦେଶ ନୀତି ଉପରେ ଆଲୋଚନା ଚାହେଁ ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ କହିଛନ୍ତି।

ସେହିପରି ଏସ୍‌ଆଇଆର୍ ଉପରେ ଆଲୋଚନା ନ ହେଲେ ଗୃହକୁ ଚଳାଇ ଦିଆଯିବ ନାହିଁ ବୋଲି ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ କହିଛନ୍ତି। ଟିଏମ୍‌ସି ନେତା କଲ୍ୟାଣ ବାନାର୍ଜୀ କହିଥିଲେ, ତାଙ୍କ ଦଳ ପୂର୍ବରୁ ଏସ୍‌ଆଇଆର୍, ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ଏହା ଉପରେ ଆଲୋଚନା ପାଇଁ ଅନୁମତି ମିଳି ନ ଥିଲା। ଯଦି ପାର୍ଲାମେଣ୍ଟ କେବଳ ସରକାରଙ୍କ ଇଚ୍ଛାରେ ଚାଲେ, ତେବେ ବିରୋଧୀ ଦଳ ରହିବାର ମୂଲ୍ୟ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ୭୦ ପ୍ରତିଶତ ସମୟ ନେଉଥିବାବେଳେ ବିରୋଧୀଙ୍କୁ ଅଧିକ ସମୟ ମିଳୁ । ଭୋଟର ତାଲିକା ସଂଶୋଧନ ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପରୁ ବିଭିନ୍ନ ରାଜ୍ୟରେ ୪୦ ଜଣ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏହା ଉପରେ ଆଲୋଚନା ପାଇଁ ସମୟ ଦିଆଯାଉ। ଭୋଟର ତାଲିକାରୁ ନାଁ ହଟାଇବା ଏସ୍‌ଆଇଆର୍ ପ୍ରକ୍ରିୟାର ଲକ୍ଷ୍ୟ ହେବା ଉଚିତ୍ ନୁହେଁ ବୋଲି ବାନାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ନିଷ୍ପତ୍ତି ନେଇଥିବାବେଳେ ନିର୍ବାଚନ କମିଶନ ରବିବାର ଏସ୍‌ଆଇଆର୍ କାର୍ଯ୍ୟସୂଚୀକୁ ସପ୍ତାହେ ବୃଦ୍ଧି କରିଛନ୍ତି। ଭୋଟର ଗଣନା ସମୟସୀମା ଡିସେମ୍ବର ୪ତାରିଖ ପରିବର୍ତ୍ତେ ୧୧ତାରିଖକୁ ବୃଦ୍ଧି କରାଯାଇଛି। ସେହିପରି ଚୂଡ଼ାନ୍ତ ଭୋଟର ତାଲିକା ଫେବୃଆରୀ ୧୪ରେ ପ୍ରକାଶ ପାଇବ ବୋଲି କୁହାଯାଇଛି।

## ଚାଉଳ ଉଠିନି,...

ମିଲର୍ସମାନେ ଧାନ ସଂଗ୍ରହ କଲେ କେଉଁଠି ରଖିବେ ବୋଲି ଚିନ୍ତାରେ ରହିଛନ୍ତି। ମିଲର୍ସମାନଙ୍କ ଅଭିଯୋଗ ହେଲା, ସରକାର ପୂର୍ବବର୍ଷ ଯେତିକି ଧାନ ସଂଗ୍ରହ କରି ଚାଉଳ ଦେବାକୁ କହିଥିଲେ ତାହା ଏପର୍ଯ୍ୟନ୍ତ ଉଠି ପାରି ନାହିଁ। ଆମ ପାଖରେ ଆବଶ୍ୟକ ପରିମାଣର ଭଣ୍ଡାର ନାହିଁ। ତେଣୁ ଚାଷୀଙ୍କଠାରୁ ଗତବର୍ଷ ନିଆଯାଇଥିବା ଧାନର ଚାଉଳ ବାବଦକୁ ପ୍ରାୟ ୬ ଲକ୍ଷରୁ ଅଧିକ ମେଟ୍ରିକ୍ ଟନ୍ ଖଳାରେ ପଡ଼ିଛି। ପୁରୁଣା ଚାଉଳ ଯେପର୍ଯ୍ୟନ୍ତ ଉଠିନାହିଁ କିମ୍ବା ସରକାର ନେଇ ନାହାନ୍ତି, ନୂଆ ଧାନ କିପରି ସଂଗ୍ରହ କରାଯିବ ବୋଲି ରାଜ୍ୟ ଓଡ଼ିଶା ମିଲର୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏହାବାଦ୍ ସରକାର ମିଲର୍ସମାନଙ୍କୁ ଠିକ ଭାବେ ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ କରୁନାହାନ୍ତି କି ମିଲିଂ ଖର୍ଚ୍ଚ ଠିକ୍ ଭାବେ ଦେଉ ନାହାନ୍ତି। ତେଣୁ ହାତରୁ ଖାଇ କେତେ ସରକାରଙ୍କ ନିର୍ଦ୍ଦେଶ ମାନିବୁ ବୋଲି ମିଲର୍ସମାନେ ଅଭିଯୋଗ କରୁଛନ୍ତି। ଏନେଇ ମିଲର୍ସ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ସଂଘର ସଭାପତି ମହେଶ କୁମାର ବଂଶଲ ୯ ଦାବି ରଖିଛନ୍ତି। ଏନେଇ ସଂଘର ଅନ୍ୟତମ ସଦସ୍ୟ ଏସ୍. ସେନାପତି କହିଛନ୍ତି, ରାଜ୍ୟ ସରକାର ଯଦି ସଂଘର ନ୍ୟାୟୋଚିତ ତିନୋଟି ଦାବି ପୂରଣ କରିବେ ତେବେ ଆମେ ଧାନ ସଂଗ୍ରହକୁ ଓହ୍ଲାଇବୁ। ସେନାପତି କହିଛନ୍ତି, ସରକାର ପ୍ରତିବର୍ଷ ୭୦ରୁ ଅଧିକ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉଠାଇବାକୁ କହୁଛନ୍ତି, ଆମେ କିଣୁଛୁ। ହେଲେ ଏବାବଦକୁ କୌଣସି ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନାହାନ୍ତି। ସେହିପରି ପଡ଼ୋଶୀ ରାଜ୍ୟରେ ଧାନ ଚୂରିବା(ମିଲିଂ) ଖର୍ଚ୍ଚ କୁଇଣ୍ଟାଲ ପିଛା ୧୨୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଥିବାବେଳେ ଓଡ଼ିଶାରେ ଗତ ୨୧ବର୍ଷ ଧରି ମାତ୍ର ୨୦ ଟଙ୍କା ପ୍ରଦାନ କରାଯାଉଛି। ମିଲିଂ ଖର୍ଚ୍ଚ ବଢ଼ାଇବା ସହିତ ଚାଉଳ ଉଠାଣ ତ୍ୱରିତ ନ ହେଲେ ଧାନ ସଂଗ୍ରହକୁ ଓହ୍ଲାଇବୁ ନାହିଁ ବୋଲି ସେନାପତି କହିଥିଲେ।

ଏସଂକ୍ରାନ୍ତରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଲର୍ସମାନଙ୍କ ବକେୟା ଚାଉଳ ଉଠାଇବା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ଚାଉଳ ମିଲିଂ ବାବଦ ଖର୍ଚ୍ଚ ବୃଦ୍ଧି କରିବାକୁ ମଧ୍ୟ ସରକାର ରାଜି ଅଛନ୍ତି ବୋଲି ପାତ୍ର କହିଛନ୍ତି।

## ବାବୁଙ୍କୁ ସରକାରଙ୍କ...

ଯେଉଁ ଅଧିକାରୀମାନେ ସମ୍ପତ୍ତି ତାଲିକା ନ ଦେବେ ସେମାନଙ୍କ ପଦୋନ୍ନତି କଥା ବିଚାର କରାଯିବ ନାହିଁ। ଯେଉଁ ଅଧିକାରୀମାନେ ସମ୍ପତ୍ତି ତାଲିକା ସରକାରଙ୍କୁ ଦେଇଥିବେ ସେମାନଙ୍କ କଥା ପଦୋନ୍ନତି କମିଟି ବିଚାରକୁ ନେବ ଏବଂ ଯେଉଁମାନେ ଦେବେ ନାହିଁ ସେମାନଙ୍କ ପାଇଁ କୌଣସି ପଦୋନ୍ନତି ଅଟକିବ ନାହିଁ। ଯଦି ଅଧିକାରୀ ଜଣକ ଡିପିସି ପରେ ତାଙ୍କର ସମ୍ପତ୍ତି ତାଲିକା ପ୍ରଦାନ କରନ୍ତି ତେବେ ସେ ବରିଷ୍ଠତା ପଦୋନ୍ନତି ନେଇ ଦାବି କରିପାରିବେ ନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସୁରେନ୍ଦ୍ର କୁମାର ଏ ସଂକ୍ରାନ୍ତରେ ପୂର୍ବରୁ ବହୁବାର ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଜାନୁଆରୀ ସୁଦ୍ଧା ସମ୍ପତ୍ତି ବିବରଣୀ ଦେବାକୁ କୁହାଯାଇଛି। ହେଲେ ଅଧିକାରୀମାନେ କାହିଁକି ସମ୍ପତ୍ତି ତାଲିକା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ତାହା ଏବେ ସର୍ବସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି।

## ୨.୧ଲକ୍ଷ ଭୂମିହୀନଙ୍କୁ...

ପାଇଁ ପକ୍କା ଘର ଯୋଗାଇବାରେ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯୋଗ୍ୟ ଭୂମିହୀନ ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ତୁରନ୍ତ ଜମି ବଣ୍ଟନ କରି ଆବାସ ପ୍ରଦାନ କରିବାକୁ ହେବ। ଏନେଇ ସଂପୃକ୍ତ ବିଡିଓ ଏବଂ ତହସିଲଦାରଙ୍କ ସହିତ ସମନ୍ୱୟ ରକ୍ଷା କରି ପ୍ରତି ଶନିବାର ବୈଠକ କରି ଏହାର ଫଇସଲା କର। ସେ ପତ୍ରରେ ଦର୍ଶାଇଛନ୍ତି, ଏପର୍ଯ୍ୟନ୍ତ ଜିଲାସ୍ତରୀୟ ରିପୋର୍ଟ ଅନୁଯାୟୀ, ପିଏମ୍‌ଏୱାଇ–ଗ୍ରାମୀଣରେ ୮୭୧ ଏବଂ ପିଏମ୍–ଜନମନରେ ୫୦ ହିତାଧିକାରୀଙ୍କୁ ଆବାସ ଗୃହ ବଣ୍ଟନ ହୋଇନାହିଁ। ପିଏମ୍‌ଏୱାଇ–ଜିରେ ସର୍ବାଧିକ କେନ୍ଦ୍ରାପଡ଼ାରେ ୨୭୧ ଜଣ ଭୂମିହୀନଙ୍କୁ ଘର ଯୋଗାଇ ଦିଆଯାଇନାହିଁ। ଗଞ୍ଜାମରେ ୧୭୧ ଜଣ ଘର ଅପେକ୍ଷାରେ ଅଛନ୍ତି। ଆବାସପ୍ଲସ୍–୨୦୨୪ ସର୍ଭେ ଅନୁଯାୟୀ, ରାଜ୍ୟରେ ମୋଟ ୩୭.୮୯ ଲକ୍ଷ ପରିବାର ସର୍ଭେ କରାଯାଇଥିବା ବେଳେ ସେଥିରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ବୋଲି ଚିହ୍ନଟ ହୋଇଛନ୍ତି। ଏହି ଯୋଗ୍ୟ ଭୂମିହୀନ ପରିବାରଙ୍କୁ ତୁରନ୍ତ ଭୂମି ସହିତ ଆବାସ ବଣ୍ଟନ କରିବା ଲାଗି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଜିଲାପାଳମାନଙ୍କୁ ସମୟସୀମା ଭିତରେ ସକାରାତ୍ମକ ପ୍ରତିକ୍ରିୟା ପ୍ରଦାନ କରି 'ସମସ୍ତଙ୍କ ପାଇଁ ଆବାସ' ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ଦର୍ଶାଇଛନ୍ତି।

# ଓଡ଼ିଶା ହେବ ପୂର୍ବ ଭାରତର ଏମ୍ଏସ୍ଏମ୍ଇ ଗେଟ୍ୱେ: ମୁଖ୍ୟମନ୍ତ୍ରୀ

## ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)

ଓଡ଼ିଶା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରରେ ଔଦ୍ୟୋଗିକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶା ଏବେ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ଦେଶର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇଛି। ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ', ଏକ ସ୍ଲୋଗାନ ନୁହେଁ। ଏହା ଏକ ପ୍ରତିଶ୍ରୁତି। ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ଏମ୍ଏସ୍ଏମ୍ଇ ଗେଟ୍ୱେ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସ୍ଥାନୀୟ ରେଳସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆମର ଗୋ-ସିଇଫ୍ଟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଗୋଟିଏ ଦିନରେ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହା କି ଭାରତରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ଯୋଗଦାନ ଦେବାରେ ଅନୁଷ୍ଠାନର ପ୍ରୟାସ ପ୍ରଶଂସନୀୟ। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ। ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି। ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ମହିଳା ନେତୃତ୍ୱାଧୀନ ଏସ୍ଏଚ୍‌ଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ମା'ମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହି ଯୋଜନା ଯୋଗୁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଆଗାମୀ ଦିନରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ଏହା ଏକ ବାତାବରଣ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ସମ୍ଭାବନାର ରାଜ୍ୟ ଓଡ଼ିଶା ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମ୍ଏସ୍ଏମ୍ଇଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଆଗାମୀ ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର ରେଳସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅତିଥିମାନେ।

# ଓଡ଼ିଶାର ଦୁଗ୍ଧ ସଂଗ୍ରହ ଗୃହରୁ ଫାଇଦା ଉଠାଉଛି ଆନ୍ଧ୍ର

**ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ୧୯୯୩ରେ ରାଜ୍ୟ ସରକାର ଦୁଗ୍ଧ ଚାଷୀଙ୍କୁ ସୁଲଭ ବଜାର ଏବଂ ପ୍ରୋତ୍ସାହନ ଯୋଗାଇବା ପାଇଁ ଓମ୍‌ଫେଡ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପ୍ରତ୍ୟହ ଉକ୍ତ କେନ୍ଦ୍ରରେ ୧୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ ହେଉଥିଲା। ଏଠାରେ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ବେଳେ ଓମ୍‌ଫେଡ କ୍ଷୀର ସଂଗ୍ରହ ଲାଗି ପାରଳାଖେମୁଣ୍ଡିଠାରୁ ୧୦ କି.ମି. ଦୂର କୁରୁଲୁଣ୍ଡାରେ ଏକ ଗୃହ ନିର୍ମାଣ କରିଥିଲା। ଏବେ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ରୁଗ୍‌ଣ ହୋଇପଡ଼ିଥିବାବେଳେ କୁରୁଲୁଣ୍ଡାସ୍ଥିତ ଓଡ଼ିଶା ସରକାରଙ୍କ ଦୁଗ୍ଧ ସଂଗ୍ରହ ଗୃହରୁ ଓମ୍‌ଫେଡ ବଦଳରେ ଆନ୍ଧ୍ରପ୍ରଦେଶର ଘରୋଇ କମ୍ପାନୀ ବିଶାଖା ଡେଏରି କ୍ଷୀର ସଂଗ୍ରହ କରି ଲାଭ ଉଠାଉଛି। ଏଥିପ୍ରତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ଅନେକେ କ୍ଷୋଭ ପ୍ରକାଶ କରିଛନ୍ତି।**

## ଜରାଜୀର୍ଣ୍ଣ ଅବସ୍ଥାରେ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର

ପାରଳାଖେମୁଣ୍ଡି, ୩୦।୧୧
(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିରେ ଥିବା ଓମ୍‌ଫେଡର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଥିଲା ତାହା ବିଫଳ ହେବାରୁ ସରକାରୀ ଅବହେଳା ଓ ଉଦାସୀନତାର ଶିକାର ହୋଇଛି। ଫଳରେ କେନ୍ଦ୍ରରେ ରହିଥିବା ବହୁ କୋଟି ଟଙ୍କାର ଯନ୍ତ୍ରପାତି ନଷ୍ଟ ହେବାରେ ଲାଗିଛି। ଦିନେ ପ୍ରକ୍ରିୟାକରଣ ପାଇଁ ଦୈନିକ ୧୦ ହଜାର ଲିଟର କ୍ଷୀର ଆସୁଥିବା ବେଳେ ଏବେ ଆସୁଛି ମାତ୍ର ୧୦୦ ଲିଟର। ଏହାଦ୍ୱାରା ଦୁଗ୍ଧ ଚାଷୀଙ୍କୁ ଯେ ପ୍ରୋତ୍ସାହନ ମିଳୁନାହିଁ ତାହା ସ୍ପଷ୍ଟ ହୋଇଯାଇଛି।

ପ୍ରକ୍ରିୟାକରଣ କେନ୍ଦ୍ରର ଠିକ୍ ପରିଚାଳନା ନ ହେବାରୁ କ୍ରମଶଃ ଏହା କ୍ଷତିଆଡ଼କୁ ମୁହାଁଇ ଏକପ୍ରକାର ବନ୍ଦ ଅବସ୍ଥାକୁ ଆସିଯାଇଛି। ଏଠାରେ ରହିଥିବା ବହୁମୂଲ୍ୟର ଯନ୍ତ୍ରପାତି ରକ୍ଷଣାବେକ୍ଷଣ ନ ହେବାରୁ ନଷ୍ଟ ହେବାରେ ଲାଗିଛି। କେନ୍ଦ୍ରର ଛାତ ଦୁର୍ବଳ ହୋଇପଡ଼ି ଲୁହାରଡ୍ ଦେଖାଯାଉଛି। ଏବେ ଆନ୍ଧ୍ରର ଦୁଇ ଘରୋଇ କମ୍ପାନୀ ବିଶାଖା ଡେଏରି ଏବଂ ହେରିଟେଜ୍ ଡେଏରିକୁ ଚାଷୀ ପ୍ରତ୍ୟହ ୧୫ ହଜାର ଲିଟର କ୍ଷୀର ଯୋଗାଉଥିବା ବେଳେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଓଡ଼ିଶାର ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଚାଷୀ ଆଉ କ୍ଷୀର ଆଣିବାକୁ ଆଗ୍ରହ ଦେଖାଉନାହାନ୍ତି। ବିଭାଗୀୟ ଅବହେଳା ଓ ଉଦାସୀନତା ଯୋଗୁ ଆମକୁ ଦୁଗ୍ଧ ଚାଷପାଇଁ କିଛି ପ୍ରୋତ୍ସାହନ ନ ମିଳିବାରୁ ଆମେ ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉନାହୁଁ, ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉଛୁ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ ଆର. ରାଜା ରାଓ ଏବଂ ରାଘବ ସାହୁ। ସେମାନେ କହିଛନ୍ତି ଯେ, ଓଡ଼ିଶା ପ୍ରକ୍ରିୟାକରଣ କେନ୍ଦ୍ରରେ କ୍ଷୀର ଦେଲେ ତାହାର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୨୫ ଟଙ୍କା, ୩୦ ଟଙ୍କା ଓ ୩୬ ଟଙ୍କା ମିଳୁଥିଲା। ଏବେ ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ ଦେଲେ ଅଧିକ ଟଙ୍କା ମିଳୁଛି। ସେମାନେ କ୍ଷୀରର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୪୫ ଟଙ୍କା, ୫୫ ଟଙ୍କା ଓ ୬୫ ଟଙ୍କା ଦେଉଛନ୍ତି ବୋଲି ଉଭୟେ କହିଛନ୍ତି।

ଏକଦା ୧୦ ହଜାର ଲିଟର କ୍ଷୀର ଆସି ପ୍ରକ୍ରିୟାକରଣ ହେଉଥିବା ପାରଳାଖେମୁଣ୍ଡିର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଏବେ ମାତ୍ର ୧୦୦ ଲିଟର କ୍ଷୀର ପ୍ରକ୍ରିୟାକରଣକୁ ଆସୁଛି ବୋଲି କହନ୍ତି କାର୍ଯ୍ୟରତ ୨ କର୍ମଚାରୀ ମୁକୁନ୍ଦ କୁମ୍ଭ ଓ ପ୍ରଶାନ୍ତ କୁମାର। ଆନ୍ଧ୍ରର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ଲିଟର ପିଛା ଅଧିକ ଟଙ୍କା ଦିଆଯାଉଥିବା ସମ୍ପର୍କରେ ଅତିରିକ୍ତ ଜିଲାପାଳ (ଭାରପ୍ରାପ୍ତ) ମୁନିନ୍ଦ୍ର ହେନେଗାଙ୍କୁ ପଚରାଯିବାରୁ ଏଦିଗରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।





ଦୁଗ୍ଧ ସଂଗ୍ରହ ପାଇଁ ଓଡ଼ିଶା ପକ୍ଷରୁ ନିର୍ମିତ ଗୃହ।

# ଅଙ୍ଗନୱାଡିରେ ତେଲ ବୋର୍ଡ ଲଗାଇବାକୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ସରକାରଙ୍କୁ ଶିଶୁଙ୍କ ସ୍ୱାସ୍ଥ୍ୟ ଚିନ୍ତା

ଭୁବନେଶ୍ୱର,୩୦।୧୧(ରବିନାରାୟଣ ଜେନା)

ରାଜ୍ୟରେ ଶିଶୁ, କିଶୋରୀଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଦୈନନ୍ଦିନ ଶିଶୁ ଓ କିଶୋରୀମାନେ ଖାଉଥିବା ଖାଦ୍ୟରେ ତେଲ ପରିମାଣକୁ ହ୍ରାସ କରିବାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଶିଶୁମାନେ କେଉଁ ଖାଦ୍ୟ ଓ କେତେ ଖାଦ୍ୟ ଖାଇବେ ଏବଂ କେତେ ପରିମାଣର ତେଲ ଖାଇବା ଆବଶ୍ୟକ ସେନେଇ ବିଭିନ୍ନ ଅନୁଷ୍ଠାନରେ ତେଲ ବୋର୍ଡ ଲଗାଇବାକୁ ମହିଳା ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ସବୁ ଜିଲାପାଳଙ୍କୁ ଜାରି ହୋଇଛି।

ସେଥିରେ ବିଭାଗୀୟ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଉଲ୍ଲେଖ କରିଛନ୍ତି, ଶିଶୁ ଓ କିଶୋରୀଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟ ସମ୍ବନ୍ଧୀୟ ଅଭ୍ୟାସକୁ ନେଇ ସରକାର ଏକ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ନିଷ୍ପତ୍ତିକ୍ରମେ ଏଣିକି ଅଙ୍ଗନୱାଡି କେନ୍ଦ୍ର, ଶିଶୁ ଯତ୍ନ କେନ୍ଦ୍ର, ୱାନ୍‌ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଏବଂ ଅନ୍ୟ ଆବାସିକ ଅନୁଷ୍ଠାନଗୁଡ଼ିକରେ ତେଲ ବୋର୍ଡ ଲାଗିବ। ଏଥିରେ ପ୍ରତିଦିନ ଖାଦ୍ୟରେ ଲୁଚି ରହିଥିବା ଫ୍ୟାଟ୍ ଏବଂ ତେଲ ସମ୍ପର୍କରେ ସୂଚନା ଦିଆଯିବ। ଏହା ବଢୁଥିବା ମେଦବହୁଳତା ଏବଂ ଅଣସଂକ୍ରାମକ ରୋଗଗୁଡ଼ିକର ମୁକାବିଲା କରିବାରେ ବିଶେଷ ଭାବେ ସହାୟକ ହୋଇପାରିବ। ତେଣୁ ତୁରନ୍ତ ଏଦିଗରେ ଧ୍ୟାନଦେଇ ତେଲ ଡିସ୍‌ପ୍ଲେ-ବୋର୍ଡ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।







# ୮.୨ ଜିଡିପି

ଭାରତୀୟ ଅର୍ଥନୀତି ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଅତି ଭଲ ପ୍ରଦର୍ଶନ କରିଥିବା ସଂକ୍ରାନ୍ତ ଏକ ରିପୋର୍ଟ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ୨୮ ନଭେମ୍ବରରେ ପ୍ରକାଶ ପାଇଛି। ଏହି ସମୟ ଅବଧିରେ ଭାରତର ଆର୍ଥିକ ଅଭିବୃଦ୍ଧି ୮.୨ ପ୍ରତିଶତ ରହିଥିବା ଦର୍ଶାଯାଇଛି, ଯାହା ଗତ ୬ଟି ତ୍ରୈମାସିକ ମଧ୍ୟରେ ଏହା ସର୍ବାଧିକ ବୋଲି କୁହାଯାଉଛି। ଉତ୍ପାଦନ ବୃଦ୍ଧି ଓ ସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଯୋଗୁ ଏଭଳି ସକାରାତ୍ମକ ଫଳ ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ସହ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଚାଇନାର ଆର୍ଥିକ ଅଭିବୃଦ୍ଧି ୪.୮ ପ୍ରତିଶତ ରହିଥିବା ସୂଚନା ଦିଆଯାଇଛି। ଏଠାରେ ଚାଇନାର ଅଭିବୃଦ୍ଧି ପ୍ରତିଶତ ସହ ଭାରତର ତଥ୍ୟ ତୁଳନାତ୍ମକ ଭାବେ ପ୍ରଦାନ କରାଯିବା ପଛରେ ନିହିତ ଥିବା ଲକ୍ଷ୍ୟଟି ବୁଝି ହେଉଛି ବୋଲି କୁହାଯାଇପାରେ। ବାସ୍ତବରେ ଭାରତର ତଥ୍ୟ ଉପରେ ଆଧାରିତ ସଂଖ୍ୟା କୌଣସି ଭାବେ ଅନ୍ୟ ବୃହତ୍ ଦେଶ ସହିତ ତୁଳନା କରାଯାଇ ପାରିବ ନାହିଁ। ଉଦାହରଣ ସ୍ୱରୂପ ୨୦୨୫-୨୬ରେ ଆମେରିକାର ଅର୍ଥନୀତି ୩୦.୪ ଟ୍ରିଲିୟନ ଡଲାର ହୋଇଥିବା ବେଳେ ଚାଇନାର ଅର୍ଥନୀତି ୧୯.୬ ଟ୍ରିଲିୟନ ଆମେରିକୀୟ ଡଲାର ରହିଛି। ସେହି ତୁଳନାରେ ଭାରତର ଅର୍ଥନୀତି ମାତ୍ର ୪.୩ ଟ୍ରିଲିୟନ ଡଲାରରେ ଅଛି ବୋଲି ସରକାରୀ ତଥ୍ୟ ପ୍ରକାଶ କରୁଛି। ଏଥିରୁ ବୁଝିବାକୁ ହେବ ଯେ, ଗୋଟେ କ୍ଷୁଦ୍ର ଅର୍ଥନୀତିରେ ବିରାଟବଡ଼ ସଂଖ୍ୟାର ପ୍ରତିଶତ ବୃହତ୍ ଅର୍ଥନୀତିର କ୍ଷୁଦ୍ର ସଂଖ୍ୟାର ପ୍ରତିଶତ ସହିତ ତୁଳନା କଲେ ତାହା ଅର୍ଥନୀତିର ମୂଳମନ୍ତ୍ର ଅବୁଝା ରହିଯିବ। ଅନ୍ୟ ଶବ୍ଦରେ କହିଲେ ସମକକ୍ଷ ଅର୍ଥନୀତି ସହିତ ତୁଳନା କରାଯାଇପାରେ। ବିଶ୍ୱ ସ୍ତରରେ ଚାଇନା ଅର୍ଥନୀତିର ଏକ ବିରାଟ ପ୍ରଭାବ ରହିଛି। ତେଣୁ ତାହାର ଅଭିବୃଦ୍ଧି ହାର କମ୍ ହୋଇଥିବା ଦର୍ଶାଯାଇ ଭାରତର ଅର୍ଥନୀତିକୁ ଉଚ୍ଚା କରି ଦେଖାଇଦେଲେ ସେସବୁ ସାଧାରଣ ଭାରତୀୟଙ୍କ ଦ୍ୱାରା ଗ୍ରହଣୀୟ ହୋଇଯାଉଛି। କାରଣ ଭାରତୀୟଙ୍କର ସାଧାରଣ ଅର୍ଥନୀତି ସଂକ୍ରାନ୍ତ ଜ୍ଞାନ ଅତ୍ୟନ୍ତ ସୀମିତ। ଦେଖାଯାଇଛି ଭାରତୀୟମାନେ ଦୁଇଟି ବିଷୟରେ ବେଶି ଖୁସି ହୋଇଥାଆନ୍ତି ଯେତେବେଳେ ସାମରିକ କଥା ଉଠିଲେ ପାକିସ୍ତାନକୁ ନୀଚା କରି ଦେଖାଯାଇଥାଏ ଏବଂ ଚାଇନାର ଆର୍ଥିକ ଶକ୍ତି ହ୍ରାସ ହୋଇଥିବା ଆଲୋଚନା ହୁଏ। ଏହା ମଣିଷର ଈର୍ଷାକୁ ପ୍ରଦର୍ଶନ କରିବାଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ସାହାଯ୍ୟ କରେନାହିଁ।

ହଟ୍‌ମେଲ୍ ଡଟ୍ କମ୍ (ବର୍ତ୍ତମାନ ଆଉଟ୍‌ଲୁକ୍ ଡଟ୍ କମ୍)ର ସ୍ରଷ୍ଟା ସବୀର ଭାଟିଆ ଗତ ସପ୍ତାହରେ ମତ ପ୍ରକାଶ କରିଛନ୍ତି ଯେଉଁଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନ ପଦ୍ଧତି ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ। ବାସ୍ତବ ସଂଖ୍ୟା ଏହି ଦେଶରେ ଜାଣିବା କଷ୍ଟକର ହେଉଛି, କାରଣ ଅସତ୍ୟକୁ ବାରମ୍ବାର ତଥ୍ୟ ଭାବେ ଦର୍ଶାଯାଇ ଭାରତୀୟଙ୍କୁ ଚତୁର୍ଥ ବୃହତ୍ ବିଶ୍ୱ ଅର୍ଥନୀତି ଭାବେ ପ୍ରଦର୍ଶନ କରାଯାଉଛି। ଯେତେବେଳେ ବାସ୍ତବ ତଥ୍ୟ ଲୋକଲୋଚନକୁ ଆସିବ ଏବଂ ଦେଶର ନାଗରିକ ଏହିସବୁ ତଥ୍ୟକୁ ପ୍ରଶ୍ନ କରିପାରିବେ ସେତେବେଳେ ଚିତ୍ର ସ୍ପଷ୍ଟ ହୋଇପାରିବ। ନଚେତ୍ ସବୁବେଳେ ଭୁଲ ତଥ୍ୟରେ ବୁଡ଼ିରହିଲେ ସମ୍ପୂର୍ଣ୍ଣ ଦେଶର ପ୍ରକୃତ ଉନ୍ନତି ଘଟିବ ନାହିଁ ଓ ଗଣତନ୍ତ୍ର ମଧ୍ୟ କ୍ଷତିଗ୍ରସ୍ତ ହେବ। ଏହାକୁ ବୁଝିବାର ଏକ ସହଜ ମାପକାଠି ହୋଇପାରେ ଯେଉଁ ୮୦ କୋଟି ଭାରତୀୟଙ୍କୁ ବିନା ମୂଲ୍ୟରେ ମାସିକ ୫ କେଜି ଚାଉଳ ଦେବାର ଘୋଷଣା କରିବାକୁ ସରକାର ବାଧ୍ୟ ହୋଇଛନ୍ତି। ଏହାସହିତ ନିର୍ବାଚନ ପ୍ରଚାର ସମୟରେ ଯେତେବେଳେ ଶାସକ ଦଳ ପକ୍ଷରୁ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ୧୦ ହଜାର ଟଙ୍କା (ପ୍ରାୟ ୧୧୨ ଆମେରିକୀୟ ଡଲାର) ହାତଗୁଞ୍ଜା ରାଜକୋଷରୁ ଦେବାର ଘୋଷଣା କରାଯାଉଛି। ପ୍ରତିବର୍ଷ ୧୦ ହଜାର ଟଙ୍କା ଅର୍ଥ ହେଉଛି ଦୈନିକ ମାତ୍ର ୨୭ ଟଙ୍କା ଘୁସ୍ ଦେଇ ଭୋଟ କିଣାଯାଇ ପାରୁଛି। ତେଣୁ ସେହି ମହିଳାମାନଙ୍କର ଅର୍ଥନୈତିକ ସ୍ଥିତି କିଭଳି ଅଛି ସେ ସମ୍ପର୍କରେ ଏହା ଏକ ସ୍ପଷ୍ଟ ଧାରଣା ସୃଷ୍ଟି କରୁଛି। ଯଦି ଦେଶରେ ଜିଡିପି ବିଶ୍ୱରେ ଚତୁର୍ଥ ବୃହତ୍ ହେଲାଣି ତେବେ ଏଭଳି ସଂଖ୍ୟାରେ ପ୍ରଲୋଭିତ କରାଇ ଭୋଟରଙ୍କୁ ବାଉଳା କରିବାର ପରିସ୍ଥିତି ଉପୁଜନ୍ତା ନାହିଁ।

ଏଠାରେ ଭାରତୀୟ ଅର୍ଥନୀତି ସଂକ୍ରାନ୍ତରେ ପ୍ରକାଶିତ ରିପୋର୍ଟକୁ ଦେଖି କେବଳ ସାଧାରଣ ବୁଦ୍ଧିକୁ ପ୍ରୟୋଗ କରି ଭାବିଲେ ଅନେକଙ୍କ ମନରେ କିଛିଟା ବିରୋଧାଭାସ ସୃଷ୍ଟି ହେଉଥିବ। କାରଣ ୨୭ ଅଗଷ୍ଟରୁ ଭାରତୀୟ ସାମଗ୍ରୀ ଉପରେ ଲଦାଯାଇଥିବା ଅଭୂତପୂର୍ବ ଆମେରିକୀୟ ଟାରିଫ୍ ଓ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ବିଷୟ ସମସ୍ତେ ଜାଣିଛନ୍ତି। ଯେତେବେଳେ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ପଡ଼ିବ ସେତେବେଳେ ଭାରତକୁ ଅଧିକ ଡଲାର ଆସିବାର ସ୍ରୋତ ବନ୍ଦ ହେବା ସ୍ୱାଭାବିକ। ଅର୍ଥନୀତିର ନିୟମ ଅନୁଯାୟୀ ଚାହିଦା ଓ ଯୋଗାଣ ବାଧାପ୍ରାପ୍ତ ହେବ। ଭାରତ ଅଧିକ ଡଲାର ଚାହୁଁଥିଲେ ମଧ୍ୟ ତାହା ମିଳିବାର ସମ୍ଭାବନା କ୍ଷୀଣ ହେଉଥିବାରୁ ତାହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବା ଥୟ। ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୦ ପାଖାପାଖି ଛୁଇଁଲାଣି। ଅର୍ଥାତ୍ ଆମେରିକାର ଏକ ଡଲାର ପାଇବା ଲାଗି ଆମକୁ ୯୦ ଟଙ୍କା ଦେବାକୁ ପଡ଼ିବ। ୨୦୨୬ ମସିହା ପ୍ରଥମ ତ୍ରୈମାସରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୦୦ ଛୁଇଁବାର ଲକ୍ଷଣ ଦେଖାଦେଲାଣି। ଏହି ପ୍ରଚ୍ଛଦପଟରେ ଅନ୍ୟ ଏକ ବିଷୟକୁ ଚିନ୍ତା କରାଯାଇପାରେ। ଆମେରିକା ଚାପରେ ଭାରତ ତା'ଠାରୁ ତେଲ ଓ ପ୍ରାକୃତିକ ଗ୍ୟାସ କିଣିବ ବୋଲି ଅନେକ ଆଡ଼ମ୍ବରରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଘୋଷଣା କରିଛନ୍ତି । ଏକ ବୃହତ୍ ଅର୍ଥନୈତିକ ଶକ୍ତି ଏତେ ସହଜରେ ମୁଣ୍ଡ ନୁଆଁଇବାର କାରଣ ନାହିଁ।

ଭାରତରେ ୨୮ ନଭେମ୍ବରରେ ସରକାରୀ ଭାବେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜାତୀୟ ଆକାଉଣ୍ଟ ତଥ୍ୟ ପ୍ରକାଶ ପାଇଥିଲା। ଏହାର ଦିନକ ପୂର୍ବରୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ତା'ର ବାର୍ଷିକ ସମୀକ୍ଷାରେ ଭାରତର ଜିଡିପି ସମେତ ଜାତୀୟ ଆକାଉଣ୍ଟ ପରିସଂଖ୍ୟାନକୁ 'ସି' ଗ୍ରେଡ୍ ପ୍ରଦାନ କରିଥିଲା। ଆଇଏମ୍‌ଏଫ୍ ଭାଷାରେ ଏହା ଦ୍ୱିତୀୟ ସର୍ବନିମ୍ନ ଗ୍ରେଡ୍ । ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବଢ଼ାଇକରି ଦିଆଯାଉଥିବା ତଥ୍ୟ କେବଳ ବାସ୍ତବରେ ଅନୁଭୂତ ଅର୍ଥନୈତିକ ଅସ୍ୱାଭାବିକତାରୁ ଲୋକଙ୍କୁ ଦୂରେଇ ରଖିବା ଲାଗି ସଘନ ପ୍ରୟାସ କରାଯାଉଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | 8 | |
| | | 5 | | 7 | | | | |
| | | 6 | 4 | | 2 | | | 9 |
| 9 | 6 | | 1 | | | 8 | | |
| | 8 | | | | | 1 | 5 | |
| 2 | | | | | | | | |
| | | | 6 | 5 | | | 3 | |
| | | | | 3 | | 2 | | |
| | 1 | | 7 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 4 | 3 | 6 | 7 | 9 | 2 |
| 4 | 2 | 6 | 9 | 1 | 7 | 5 | 3 | 8 |
| 9 | 7 | 3 | 5 | 2 | 8 | 1 | 4 | 6 |
| 2 | 4 | 1 | 7 | 9 | 5 | 6 | 8 | 3 |
| 7 | 8 | 9 | 3 | 6 | 1 | 2 | 5 | 4 |
| 6 | 3 | 5 | 8 | 4 | 2 | 9 | 7 | 1 |
| 8 | 5 | 2 | 6 | 7 | 4 | 3 | 1 | 9 |
| 3 | 6 | 7 | 1 | 8 | 9 | 4 | 2 | 5 |
| 1 | 9 | 4 | 2 | 5 | 3 | 8 | 6 | 7 |

ଗତକାଲିର ଉତ୍ତର

# ଶ୍ରମ ସଂହିତା: ଶ୍ରମିକଙ୍କ ପାଇଁ ମୃତ୍ୟୁଘଣ୍ଟି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାର ଦେଶରେ ଚାରୋଟି ନୂଆ ଶ୍ରମ ସଂହିତା (ଲେବର କୋଡ୍) ଲାଗୁ କରିଛନ୍ତି। କୋଭିଡ୍ ସମୟରେ ଯେତେବେଳେ ଦେଶରେ ସମସ୍ତ ପ୍ରକାର ରାଜନୈତିକ କାର୍ଯ୍ୟକଳାପ ବନ୍ଦ ଥିଲା ଏବଂ ସଂସଦରେ ବିରୋଧୀ ଦଳ ଅନୁପସ୍ଥିତ ଥିଲେ, ତା'ରି ସୁଯୋଗରେ ସରକାର ତରବରିଆ ଭାବେ ଏହି ଚାରୋଟି ଶ୍ରମ ସଂହିତାକୁ ଗୃହୀତ କରାଇଥିଲେ। ତେବେ ଶ୍ରମିକ ସଂଗଠନମାନଙ୍କ ବିରୋଧ ତଥା ଅନୁକୂଳ ରାଜନୈତିକ ପରିସ୍ଥିତି ଅଭାବରୁ ତା'କୁ ଏଯାଏ ଲାଗୁ କରିପାରୁ ନଥିଲେ। ସମ୍ଭବତଃ ବିହାର ନିର୍ବାଚନରେ ଆଶାତୀତ ସଫଳତା ପାଇବା ପରେ ମୋଦି ସରକାର ଏହାକୁ ପ୍ରକୃଷ୍ଟ ସମୟ ବୋଲି ଭାବି ଦୀର୍ଘ ଚାରିବର୍ଷର ବ୍ୟବଧାନ ପରେ ତା'କୁ ଲାଗୁ କରିବାକୁ ସାହସ କରିଛନ୍ତି।

ବ୍ରିଟିଶ୍ ଶାସନ କାଳରୁ ଏଯାଏ ଦେଶର ଶ୍ରମିକ ଶ୍ରେଣୀର ଦୀର୍ଘ ସଂଗ୍ରାମ ଓ ବଳିଦାନ ଫଳରେ ଅର୍ଜିତ ୨୯ଟି କଷ୍ଟଲବ୍ଧ ଶ୍ରମ ଆଇନକୁ ସମାପ୍ତ କରି ଚାରୋଟି ଶ୍ରମ ସଂହିତା ପ୍ରଣୟନ କରାଯାଇଛି। ପ୍ରଥମଟି ହେଲା, ମଜୁରି ସଂହିତା। ଏହା ମାଧ୍ୟମରେ ଶ୍ରମିକଙ୍କୁ ନ୍ୟୂନତମ ମଜୁରି ନ ଦେବା ପାଇଁ ମାଲିକଙ୍କୁ ବିଭିନ୍ନ ରାସ୍ତା ଦେଖାଯାଇଛି। ପୂର୍ବରୁ ରହିଥିବା ଆଠଘଣ୍ଟିଆ ଶ୍ରମ ଦିବସ ବଦଳରେ ଏବେ ୮ ଘଣ୍ଟାରୁ ଅଧିକ କାମ କରାଇବା ପାଇଁ ଆଇନଗତ ରାସ୍ତା ଖୋଲିଦିଆଯାଇଛି। ସେଥିପାଇଁ ଓଭର ଟାଇମ୍ ପଇସା ଦେବା ଆଉ ବାଧ୍ୟତାମୂଳକ ନୁହେଁ। ଦ୍ୱିତୀୟଟି ହେଉଛି ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟସ୍ଥଳ ସ୍ଥିତି ସଂହିତା। ଏଥିରେ ଅସଂଗଠିତ ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦେଶର ଶ୍ରମିକ ଶ୍ରେଣୀର ବଡ଼ ଅଂଶଟି ଏଥିରୁ ବାହାରେ ରହିବେ। ଏହା ଶ୍ରମିକଙ୍କୁ ମାନବିକ କାର୍ଯ୍ୟସ୍ଥଳ ନ ଦେଇ ରଖିପାରିବାକୁ ମାଲିକଙ୍କୁ ସୁଯୋଗ ଦେଉଛି।

ତୃତୀୟଟି ହେଲା, ସାମାଜିକ ସୁରକ୍ଷା ଏବଂ ପେସାଗତ ସୁରକ୍ଷା ସଂହିତା। ଇଏସ୍‌ଆଇ, ପିଏଫ୍, ଗ୍ରାଚୁଇଟି, ପେନ୍‌ସନ, ମାତୃତ୍ୱ ସୁବିଧା ଇତ୍ୟାଦିକୁ ନିଶ୍ଚିତ କରିବା ଆଉ ସରକାର କିମ୍ବା ମାଲିକଙ୍କ ଦାୟିତ୍ୱ ନୁହେଁ। ଏହା କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୋଟିଫିକେଶନ ଉପରେ ନିର୍ଭର କରିବ। ଚତୁର୍ଥଟି ହେଲା, ଔଦ୍ୟୋଗିକ ସମ୍ପର୍କ ସଂହିତା। ଏଥିରେ ପୂର୍ବର ଶ୍ରମ ଆଇନଗୁଡ଼ିକୁ ତଥା ଶ୍ରମିକଙ୍କ ଅଧିକାରକୁ ଦୁର୍ବଳ କରାଯିବା ସହିତ ଅଧିକରୁ ଅଧିକ ଶ୍ରମିକଙ୍କୁ ଶ୍ରମ ଆଇନର ପରିଧିରୁ ବାହାରେ ରଖିବାକୁ ଚେଷ୍ଟା କରାଯାଇଛି। ଶ୍ରମ ବିଭାଗକୁ ଏକରକମ ଦନ୍ତହୀନ କରି ଶ୍ରମିକମାନଙ୍କ ଅବାଧ ଶୋଷଣ ପାଇଁ ମାଲିକଙ୍କୁ ଅଖଣ୍ଡ ଅଧିକାର ପ୍ରଦାନ କରାଯାଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସରକାର ଶ୍ରମ ସଂସ୍କାର ନାଁରେ ଏତେବଡ଼ ପଦକ୍ଷେପ ନେବା ପୂର୍ବରୁ ଏହାର ସମସ୍ତ ପ୍ରଭାବିତ ପକ୍ଷଙ୍କୁ ବିଶ୍ୱାସକୁ ନେଇନାହାନ୍ତି।



ବିଶେଷକରି ଦେଶର ଅନେକ କୋଟି ଶ୍ରମିକ ଓ ସେମାନଙ୍କ ସଂଗଠନମାନଙ୍କ ମତାମତ ନେବାକୁ ଉଚିତ ମନେକରିନାହାନ୍ତି। ଏପରିକି ଶ୍ରମ କୋଡ୍ ବିରୋଧରେ ଯେତେସବୁ ଆପତ୍ତି ଓ ଅଭିଯୋଗ ଆସିଥିଲା, ସେସବୁକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ସରକାର ଏହାକୁ ପ୍ରସ୍ତୁତ କରିଛନ୍ତି। ଶ୍ରମିକ ସଙ୍ଗଠନ ବିଏମ୍‌ଏସ୍‌କୁ ଛାଡ଼ିଦେଲେ ଦେଶର ବାକି ସମସ୍ତ ଶ୍ରମିକ ସଙ୍ଗଠନ ଏହାର ତୀବ୍ର ବିରୋଧ କରିଆସୁଛନ୍ତି। ଅତୀତରେ ଏହା ବିରୋଧରେ ଶ୍ରମିକମାନଙ୍କ ତିନି ତିନି ଥର ସର୍ବଭାରତୀୟ ଧର୍ମଘଟ ଆୟୋଜିତ ହୋଇଛି। ତେବେ ସରକାର କାହାରି କଥାରେ ଓ ସ୍ୱାର୍ଥରେ ଏହି ତଥାକଥିତ ଶ୍ରମ ସଂସ୍କାର କରିବାକୁ ଯାଉଛନ୍ତି? ଶ୍ରମିକ ଶ୍ରେଣୀର ସ୍ୱାର୍ଥରେ ତ ବିଲ୍‌କୁଲ୍ ନୁହେଁ, ବରଂ କର୍ପୋରେଟ୍ ଶ୍ରେଣୀର ସ୍ୱାର୍ଥରେ ଏହି ସଂସ୍କାର ହେବାକୁ ଯାଉଛି। ସେଇଥିପାଇଁ ହିଁ 'ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ତିଆରି କରିବା' ଚାରୋଟି ଶ୍ରମ କୋଡ୍ ଆଣିବାର ଅନ୍ୟତମ ଉଦ୍ଦେଶ୍ୟ ବୋଲି ସରକାର ଅତୀତରେ ସ୍ୱୀକାର ମଧ୍ୟ କରିଛନ୍ତି।

ଏହା ସତ ଯେ ଦେଶରେ ପୂର୍ବରୁ ଥିବା ଶ୍ରମ ଆଇନଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିଲା। ସେସବୁ ଆଇନରେ ରହିଥିବା ଅଧିକାରଗୁଡ଼ିକୁ ପାଇବାକୁ ଦେଶର ଶ୍ରମିକ ଶ୍ରେଣୀକୁ ସଂଘର୍ଷ କରିବାକୁ ପଡୁଥିଲା। କିନ୍ତୁ ସେସବୁ ଆଇନର ଏକାଧିକ ସୀମାବଦ୍ଧତା ସତ୍ତ୍ୱେ ତାହା ଶ୍ରମିକଙ୍କ ହାତରେ ଏକ ଆଇନଗତ ହତିଆର ଭାବେ ରହିଥିଲା। ଶ୍ରମିକଙ୍କୁ ଅନେକ ମାତ୍ରାରେ ସୁରକ୍ଷା ଦେଇଆସୁଥିଲା। ସେଥିରେ ଶ୍ରମିକଙ୍କ ମଜୁରି ବା ଦରମା, କାମର ସମୟ, ସାମାଜିକ ସୁରକ୍ଷା, ଶିଳ୍ପ ପରିସରରେ ଶ୍ରମିକଙ୍କ ସୁରକ୍ଷା, ନିରୀକ୍ଷଣ ଏବଂ ତାଙ୍କ ଦାବି ଓ ଅଧିକାର ପାଇଁ ଆଲୋଚନା କରିବାର ସୁଯୋଗ ଥିଲା। କିନ୍ତୁ ସେଇ ସମସ୍ୟା ବା ସୀମାବଦ୍ଧତାଗୁଡ଼ିକ ସୁଧାରିବା ପରିବର୍ତ୍ତେ କେନ୍ଦ୍ର ସରକାର ଯେଉଁ ଶ୍ରମ ସଂହିତା ଆଣିଛନ୍ତି, ତାହା ଶ୍ରମ ଆଇନକୁ ଅଧିକ ଦୁର୍ବଳ କରିଦେଇଛି। ପୂର୍ବର ଆଇନରେ ଯେଉଁ ଅଧିକାରଗୁଡ଼ିକ ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା, ସେଗୁଡ଼ିକ ନୂଆ କୋଡ୍‌ରେ ଛଡ଼େଇ ନିଆଯାଇଛି।

ନୂଆ ଶ୍ରମ ସଂହିତା ଫଳରେ ଶିଳ୍ପରେ ପୁଞ୍ଜିନିବେଶ ବଢ଼ିବ ଏବଂ ଚାକିରି ସୃଷ୍ଟି ହେବ ବୋଲି ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ। ସେହିପରି ଶ୍ରମିକମାନେ ଏଣିକି ସର୍ବନିମ୍ନ ମଜୁରି, ନିୟମିତ ମଜୁରି ଓ ନିଯୁକ୍ତିପତ୍ର ପାଇବେ ବୋଲି ସରକାର ଯେଉଁ ଦାବି କରୁଛନ୍ତି, ସେସବୁ ପୂର୍ବର ଆଇନରେ ସ୍ପଷ୍ଟ ଭାବେ ରହିଥିଲା। ଅସଲ କଥା ହେଉଛି, ସେସବୁର କାର୍ଯ୍ୟକାରିତା। ଶ୍ରମ ଅଧିକାରର ଉଲ୍ଲଂଘନ ହେଉଛି ନା ନାହିଁ କିମ୍ବା କାରଖାନାରେ ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି ନା ନାହିଁ, ଏଣିକି ଶ୍ରମ ବିଭାଗର ଅଧିକାରୀମାନେ ଆଉ ଚଢ଼ାଉ କିମ୍ବା ନିରୀକ୍ଷଣ କରିପାରିବେ ନାହିଁ। ଏଥିପାଇଁ କେବଳ କମ୍ପାନୀ ପକ୍ଷରୁ ନିଜସ୍ୱ ଘୋଷଣାପତ୍ର ଦିଆଯିବ। ଶ୍ରମ ନିରୀକ୍ଷକମାନେ କେବଳ ସହାୟକ ଭୂମିକା ଗ୍ରହଣ କରିବେ।

ଶ୍ରମ ସଂହିତାର ଅସଲ ଲକ୍ଷ୍ୟ ହେଲା ପୁଞ୍ଜିର ଆକ୍ରମଣ ସାମ୍ନାରେ ଶ୍ରମିକମାନଙ୍କୁ ନିରସ୍ତ୍ର କରିଦେବା। ସେଥିପାଇଁ ଶ୍ରମ ସଂହିତା ଦ୍ୱାରା ଶ୍ରମିକ ସୁରକ୍ଷା ବ୍ୟବସ୍ଥା, ଶ୍ରମିକଙ୍କୁ ଧର୍ମଘଟ କରିବା ଏବଂ ଦାବି ପାଇଁ ଆଲୋଚନା କରିବା ଅଧିକାରକୁ ଶେଷ କରିଦିଆଯାଇଛି। ଠିକା ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ପୂର୍ବରୁ ରହିଥିବା ଠିକା ଶ୍ରମିକ ଉନ୍ମୂଳନ ଆଇନକୁ ହଟାଇ ଠିକା ପ୍ରଥାକୁ ଆଇନଗତ ମାନ୍ୟତା ଦିଆଯାଇଛି। ଶ୍ରମ ସଂହିତା ଜରିଆରେ ସରକାର ମାଲିକମାନଙ୍କୁ ଶ୍ରମିକଙ୍କ ନିଯୁକ୍ତି ଓ ସୁରକ୍ଷା ଉପରୁ ସମସ୍ତ ଦାୟିତ୍ୱରୁ ମୁକ୍ତ କରିଦେଇଛନ୍ତି। ସେମାନଙ୍କୁ 'ହାୟର ଆଣ୍ଡ ଫାୟାର୍' ଅର୍ଥାତ୍ ଯେତେବେଳେ ଇଚ୍ଛା ନିଯୁକ୍ତ କରିବାକୁ ଓ ଯେତେବେଳେ ଇଚ୍ଛା କାମରୁ ବାହାର କରିବାକୁ ଅଧିକାର ପ୍ରଦାନ କରିଛନ୍ତି। ଏଣିକି ୪୦ ଶ୍ରମିକରୁ କମ୍ କାମ କରୁଥିବା କାରଖାନାକୁ ଦୋକାନ ବୋଲି ଧରାଯିବ ଏବଂ ଅଧିକାଂଶ ରାଜ୍ୟରେ ସେସବୁରେ ୧୨ ଘଣ୍ଟିଆ ଶ୍ରମ ଦିବସ ଲାଗୁ ହୋଇସାରିଛି। ପୂର୍ବରୁ ୧୦୦ ବା ତଦୂର୍ଦ୍ଧ୍ୱ ଶ୍ରମିକ ଥିବା ଶିଳ୍ପରେ ଶ୍ରମିକଙ୍କୁ ଛଟେଇ କରିବାକୁ ହେଲେ ସରକାରୀ ଅନୁମତି ଦରକାର ପଡୁଥିବା ବେଳେ ବର୍ତ୍ତମାନ ସେହି ସଂଖ୍ୟାକୁ ୩୦୦କୁ ବୃଦ୍ଧି କରିଛନ୍ତି। ଅର୍ଥାତ୍ ୩୦୦ ପର୍ଯ୍ୟନ୍ତ ଶ୍ରମିକ ଥିବା କାରଖାନାରେ ଲେ-ଅଫ୍ କିମ୍ବା ଛଟେଇ ପାଇଁ ଆଉ ସରକାରୀ ଅନୁମତି ଦରକାର ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶର ପ୍ରାୟ ୮୬% କାରଖାନାରେ ୩୦୦ରୁ କମ୍ ଶ୍ରମିକ କାମ କରୁଛନ୍ତି। ଅର୍ଥାତ୍ ୮୬% କାରଖାନାର ଶ୍ରମିକ ସେମାନଙ୍କ ଶ୍ରମ ଅଧିକାରରୁ ବଞ୍ଚିତ ହୋଇ ମାଲିକଙ୍କ ଦୟାରେ କାମ କରିବେ। ଅଧିକରୁ ଅଧିକ ଶ୍ରମିକଙ୍କୁ ୟୁନିୟନ କରିବାରୁ ବଞ୍ଚିତ କରିବା ପାଇଁ ଶ୍ରମିକମାନଙ୍କ ୟୁନିୟନ୍ ଗଠନ ପ୍ରକ୍ରିୟାକୁ ଅଧିକ ଜଟିଳ କରିଦିଆଯାଇଛି। ଏଣିକି ଶ୍ରମିକମାନେ ୬୦ ଦିନର ଆଗୁଆ ନୋଟିସ୍ ବିନା ଧର୍ମଘଟରେ ଯାଇପାରିବେ ନାହିଁ।

ସରକାରଙ୍କ ଶ୍ରମ ସଂହିତା ହେଉଛି ଦେଶର ଶ୍ରମିକ ଶ୍ରେଣୀ ପାଇଁ ମୃତ୍ୟୁଘଣ୍ଟି। ଏହା ଜରିଆରେ ସରକାର ଦେଶୀ ବିଦେଶୀ ପୁଞ୍ଜିପତି ଗୋଷ୍ଠୀଙ୍କୁ ଶ୍ରମିକମାନଙ୍କ ଅବାଧ ଶ୍ରମ ଲୁଟ୍ ଏବଂ ଅତ୍ୟାଚାର କରିବା ପାଇଁ ଏକଚାଟିଆ ଅଧିକାର ଦେଇଛନ୍ତି। ବେପାର ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ନାଁରେ ଶ୍ରମିକ ଶ୍ରେଣୀକୁ ସମ୍ପୂର୍ଣ୍ଣ ଅଧିକାରହୀନ କରି ପୁଞ୍ଜିପତିଙ୍କ ସୁପର ଲୁଟ୍ ପାଇଁ ପରିବେଶ ସୃଷ୍ଟି କରିବାକୁ ଏହା ଅଭିପ୍ରେତ ।

ମୋ: ୯୪୩୭୧୬୬୩୯୧

# ହୁକପକା ପୁରସ୍କାର



ଧ୍ରୁବ ଚରଣ ଘିବେଲା

ପୁରସ୍କାର ପୁଣି ହୁକପକା। ଏ ଶୀର୍ଷକ କାହାକୁ ଅଡୁଆ ଲାଗୁଥାଇ ପାରେ। ହେଲେ କଥାଟିରେ ମିଛ ନାହିଁ। ପୁରସ୍କାର କେଉଁଠି ଛିନ୍ଦି ବା ଛଡ଼େଇ ନିଆଗଲେ ହୁକପକା ପୁରସ୍କାର କଥା ମନକୁ ଢୁକିଥାଏ। ପୁରସ୍କାର ବିକଳିଆଙ୍କ ପାଇଁ ପୁରସ୍କାରର ମହତ୍ତ୍ୱ ତଥା ଗୁରୁତ୍ୱ ବୋଧହୁଏ ସବୁବେଳେ ରହିଥାଏ ବୋଲି ପୁରସ୍କାର ପଛରେ ରହିଥାନ୍ତି ସେମାନେ। ଖାଲି ରହି ନ ଥାନ୍ତି ପୁରସ୍କାର ପଛରେ ରୀତିମତ ଗୋଡ଼ାଇଥାନ୍ତି। ପୁରସ୍କାର ପାଇବା ପାଇଁ ଚେଷ୍ଟାରେ ରହନ୍ତି। ବିଶେଷ କରି ସାହିତ୍ୟ ପୁରସ୍କାର କ୍ଷେତ୍ରରେ ସାହିତ୍ୟ ସାଧନାରେ ରହିବା ଅପେକ୍ଷା ସାହିତ୍ୟକ୍ଷେତ୍ରର ଫଳ ପୁରସ୍କାର ତୋଳିବା ଲକ୍ଷ୍ୟରେ ରହନ୍ତି। ଏମିତି କ'ଣ କିଛି ଲେଖି କିଛି ଅର୍ଥ ଅଛି ବୋଲି କିଛି ଲେଖାକୁ ନେଇ ସଂକଳିତ କରି ବହି ଛପେଇ ବଡ଼ ଲେଖକର ମୋହର ନିଜଠି ବସାଇବା ପାଇଁ କୌଣସି ବଡ଼ ପୁରସ୍କାର ସନ୍ଧାନରେ ବି ଥାଆନ୍ତି। ପୁରସ୍କାର ହାତେଇ ନାଁ କମେଇବା ମାନସିକତା ରଖି ପୁରସ୍କାର ସଂଗ୍ରହ ଅଭିଯାନରେ ବର୍ଷ ତମାମ ଲାଗି ପଡ଼ନ୍ତି। ବଡ଼ ପୁରସ୍କାରର ଡକ୍ୟୁମେଣ୍ଟେଶନ ତିଆରି ପାଇଁ ଏଠୁ ସେଠୁ ସାନ ସାନ ପୁରସ୍କାର ଗୋଟାନ୍ତି। ଆଜିକାଲି କିଛି ଲେଖକ କସରତ କରି ପୁରସ୍କାର ହାତେଇବା ଯୋଜନା ତିଆରି କରିବା ଧାରାରେ ରହିଛନ୍ତି।

କେଉଁଠୁ କେମିତି ପୁରସ୍କାର ମିଳେ ଆଗ ଅନୁସନ୍ଧାନ କରନ୍ତି ପୁରସ୍କାରପ୍ରିୟ। କେଉଁଠୁ ବଦଳ ସୂତ୍ରରେ ପୁରସ୍କାର ମିଳୁଥିଲେ ସେଇ ସୂତ୍ର ଅନୁସରଣ କରନ୍ତି। ଯାହାଠୁ ପୁରସ୍କାର ଆଣନ୍ତି, ତାକୁ ସେମିତି ପୁରସ୍କାର ଦିଅନ୍ତି। ସାଧାରଣ ଜନଜୀବନରେ ଅଦଳବଦଳ ଧାରା କେବେଠୁ ଚାଲିଆସିଛି। ସାହିତ୍ୟରେ ସେମିତି ପୁରସ୍କାର ଅଦଳବଦଳ କରିବାରେ ଅସଙ୍ଗତି ରହିବ କାହିଁକି ? ଦିଆନିଆ ତ ଚାଲିଛି। ସାହିତ୍ୟରେ ସେମିତି ପୁରସ୍କାର ବଦଳ ଆଜିର ଦିନରେ ଚାଲିଲାଣି। କୁହାବୋଲା କରି, ତେଲ ମାରି ପୁରସ୍କାର ହାତେଇଲେଣି ଚାଲାକଚତୁରମାନେ। ପୁରସ୍କାର କିଣାଯାଉଥିବା କଥା ଶୁଣାଗଲାଣି କେବେଠୁ। ପୁରସ୍କାର ଏବେ ଏକ ସାମଗ୍ରୀ ପାଲଟିଲାଣି। ପୁରସ୍କାର ଗୋଟେ ଦ୍ରବ୍ୟ ହୋଇ ନ ଥିଲେ, ତାକୁ କିଏ ବା କାହିଁକି କିଣନ୍ତା ? ପୁରସ୍କାରକୁ ଏକ ଦ୍ରବ୍ୟ ମନେକରାଯାଉ ନ ଥିଲେ କେମିତି ତା'ର ବିକ୍ରି ହୁଅନ୍ତା, ବିକ୍ରି କରାଯାଆନ୍ତା ? ବିଶେଷ ସାଧନା ନ ଥାଇ, ସାହିତ୍ୟର ଖାସ୍ ସେବକ ନ ହୋଇ ସାହିତ୍ୟ କରିବା ପୁଣି ପୁରସ୍କାରମନସ୍କ ରହି ପୁରସ୍କାର ଛିନ୍ଦିବା ଦୁର୍ଭାଗ୍ୟଜନକ। କେଉଁଠି ଗଳି ରାସ୍ତା କଡ଼ରେ ଯାଇଥିବା ବିଜୁଳି ତାରରେ ହୁକ ପକେଇ ବିଜୁଳି ଚୋରି କଲାଭଳିଆ ପୁରସ୍କାରକୁ ସେମିତି ହୁକପକେଇ (ନାନା ବିଦ୍ୟା ଆପଣେଇ) ଚୋରି କଲେଣି ପୁରସ୍କାରମନସ୍କମାନେ।

ତେବେ ଗୋଟିଏ କଥା ମନକୁ ଆସେ ସାହିତ୍ୟ କରାଯାଏ କାହିଁକି? ହଁ, ଏହାର ଉତ୍ତର ଦୁଇ ତିନି ପ୍ରକାରର ହୋଇପାରେ। ପ୍ରଥମତଃ ସାହିତ୍ୟ କରାଯାଏ ନିରୁତା ଖୁସି ସାଉଁଟିବା ପାଇଁ। ଏ ମତ ସହ ସଭିଏ ସହମତ ହେବେ ନିଶ୍ଚୟ। ଦ୍ୱିତୀୟ ଉତ୍ତର ରଖାଯାଇପାରେ ସାହିତ୍ୟ କରୁଥିବା ସତୀର୍ଥ ହୋଇପାରନ୍ତି ସାହିତ୍ୟର ସେବକ। ସାହିତ୍ୟ ସେବା କର୍ମରେ ରହି ଖୁସି ଅନୁଭବ କରାଯାଇପାରେ। ପୁଣି ସାହିତ୍ୟ ପୁରସ୍କାର ଛିନ୍ଦିବା ପାଇଁ କିଏ କିଏ ସାହିତ୍ୟ କରୁଥାଇପାରନ୍ତି। ଉପରୋକ୍ତ ତିନିଟା ଭିତରୁ ପ୍ରଥମ ଦୁଇଟାରେ ଅନେକଙ୍କ ଦ୍ୱିମତ ରହି ନ ପାରେ। ତୃତୀୟ ପଏଣ୍ଟରେ କେହି କେହି ଅମତ ରଖିପାରନ୍ତି। କିନ୍ତୁ ଏଥିରେ ଅତିରଞ୍ଜନ ନାହିଁ। ପୁରସ୍କାର ପାଇଁ ହିଁ କେତେକ ସାହିତ୍ୟ କରନ୍ତି, ଏ କଥା ଜୋର ଦେଇ କହିବାରେ ଅସୁବିଧା ନାହିଁ। କିଛି ଲେଖକ ଦଶ ବର୍ଷ ଭିତରେ ଅନେକ ଶହ ପୁରସ୍କାର ସଂଗ୍ରହ କରିଛନ୍ତି। ଆହୁରି ସଂଗ୍ରହ କରିବା ଧାରାରେ ରହିଛନ୍ତି। ଆଶ୍ଚର୍ଯ୍ୟର କଥା ଆମ ମାଟି ମୂଳକରେ ଏମିତି କିଛି ପୁରସ୍କାରକାଙ୍ଗାଳ ରହିଛନ୍ତି ନିଜେ ତିଆରି କରି ନେଇଥିବା ମାନପତ୍ର ଅନ୍ୟ ମଞ୍ଚରୁ ସଂଗ୍ରହ କରନ୍ତି ମାନେ ସେ ମଞ୍ଚର ଅତିଥିଙ୍କଠୁ ପୁରସ୍କାର ଆକାରରେ ଗ୍ରହଣ କରିଥାନ୍ତି ନିଜକୁ କେବଳ ବିଜ୍ଞାପିତ କରିବା ପାଇଁ। କୁହନ୍ତୁ ତ, ଏହା କ'ଣ ଅଜବ ମାନସିକତା ନୁହେଁ ? ଏହା ନିଶ୍ଚିତ ଭାବେ ଏକ ରୁଗ୍ଣ ମାନସିକତା ଯାହା ପ୍ରତିଫଳିତ ହୁଏ ପୁରସ୍କାର ଛିନ୍ଦି ନେବାରେ। ପୁରସ୍କାର ପାଇଁ କାହିଁକି ଏତେ ଆକୁଳତା ବ୍ୟାକୁଳତା ରହେ କେଜାଣି।



ସେ ଭଳିଆ ଲେଖକ ନିଜ ପକେଟ୍‌ରୁ ଅର୍ଥ ଖସେଇ (ଖର୍ଚ୍ଚ କରି) ମଞ୍ଚ ଚଢ଼ିପାରନ୍ତି। ଘୋଷା ଭାଷଣ ଥୁଅନ୍ତି। ବଡ଼ ପୁରସ୍କାର ସ୍ୱପ୍ନରେ ମସ୍‌ଗୁଲ୍ ରହି ସାନ ସାନ ପୁରସ୍କାର ସବୁକୁ ହୁକ ପକାଇ ହଡ଼ପ କରିନିଅନ୍ତି । ସେଇ ବଡ଼ ପୁରସ୍କାର ନ ହେଲେ (ନ ପାଇଲେ) ଯେମିତି ଜୀବନଟା ପାଣିଚିଆ ହୋଇଯିବ। ଅସଲକୁ ପୁରସ୍କାର ପାଇ ପୁରସ୍କାର ହାତେଇ କେହି ଅମର ହୁଅନ୍ତିନି। କାଳଜୟୀ ଲେଖା ଲେଖକକୁ ବଞ୍ଚେଇ ରଖେ। କାଳଜୟୀ ଲେଖା ଲେଖକଙ୍କୁ ଅମର କରେ। ତେବେ ସାହିତ୍ୟ ସାଧନାରେ ନ ରହି କେବଳ ପୁରସ୍କାର ପାଇବା ପାଇଁ ହୁକ ପକାଇବା, ଫନ୍ଦି ଫିକର କରିବା ଅସଙ୍ଗତ କଥା ନୁହେଁ କି ? ଅଯଥା ପୁରସ୍କାରମନସ୍କ ନ ହୋଇ ସାହିତ୍ୟମନସ୍କ ହେବା ବରଂ ବହୁଗୁଣରେ ଭଲ।

ଶେଷକୁ ଏହା କୁହାଯାଇପାରେ, ସାହିତ୍ୟ ଲେଖିବା ଓ ସାହିତ୍ୟ କରିବା ଭିତରେ ଯଦି ସାହିତ୍ୟ କୃତି ପାଇଁ କାହାକୁ ସତ ସଚ୍ଚା ସାହିତ୍ୟ ପୁରସ୍କାର ମିଳିଲା, ସେଇ ଶୁଦ୍ଧ ପବିତ୍ର ପୁରସ୍କାରକୁ ଗ୍ରହଣ କରିବାରେ କେହି କୁଣ୍ଠିତ ହେବା ଉଚିତ ନୁହେଁ। ସେଇ ପୁରସ୍କାରକୁ ଖୁସିରେ ଗ୍ରହଣ କରିବା ଦରକାର। ହୁକପକା ପୁରସ୍କାରଠୁ ବିନା ଧରାକରାର ପୁରସ୍କାର ଆଣିଦେଇଥାଏ ପ୍ରକୃତ ଖୁସି। ଏ ମାଟିରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରକୁ ବିଳମ୍ବରେ ଦିଆଯାଇ ପ୍ରତିଭାକୁ ଅସମ୍ମାନିତ କରାଯାଇଥିବାର ଅଭିଯୋଗ ଆଣି ସେ ପୁରସ୍କାରକୁ ଆଗ୍ରହ୍ୟ କରି ପୁରସ୍କାର ଗ୍ରହଣ ନ କରି ବେଶ୍ ଚର୍ଚ୍ଚିତ ହୋଇଛନ୍ତି ଅତୀତରେ ସ୍ୱାଭିମାନୀ ସାହିତ୍ୟିକ। ଆଉ ଏବେ ଯେ ହୁକପକା ପୁରସ୍କାର ଛିନ୍ଦି ନେଇ ଜାଣି କୁତୁକୁତୁ ହେଉଥିବା ଦୁର୍ବଳ ସାଧକ ବି ଏଠି ରହିଛନ୍ତି। ଧନ୍ୟ କହିବା ନିଶ୍ଚୟ ସେଇ ହୁକପକା ପୁରସ୍କାରକାଙ୍ଗାଳଙ୍କୁ !

ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ଗର୍ଭଧାରଣ ସମୟରେ ପୁଷ୍ଟିକର ଖାଦ୍ୟ ଅଭାବରୁ ଭାରତର ବିଭିନ୍ନ ଅଞ୍ଚଳରେ ନବଜାତକଙ୍କ ଓଜନ କମ୍ ରହୁଥିବା ଦେଖାଯାଉଛି। ବିଶେଷକରି ଏହି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ। ତେବେ ଏହାର ସମାଧାନ ପାଇଁ ଛତିଶଗଡ଼ କୋରେଆ ଜିଲାର ଜିଲାପାଳ ଚନ୍ଦନ ରଞ୍ଜନ ତ୍ରିପାଠୀ ଏକ ଭିନ୍ନ ପଦକ୍ଷେପ ନେଇଛନ୍ତି। ଗର୍ଭଧାରଣ ସମୟରେ ପୁଷ୍ଟିହୀନତା ଦୂର କରିବା ସକାଶେ ସେ ଲଡ୍ଡୁ ଯୋଜନା ଚଳାଇଛନ୍ତି। ଏଥିରେ ଗର୍ଭବତୀଙ୍କୁ ପୁଷ୍ଟିକର ଲଡ୍ଡୁ ଖାଇବାକୁ ଦିଆଯାଉଛି। ଫେବୃଆରୀ ୨୦୨୫ରେ ଜିଲାପାଳ 'କୋରେଆ ମୋଡାକ ଲଡ୍ଡୁ' ଯୋଜନା ଆରମ୍ଭ କରିଥିଲେ। ଅଟା, ଗୁଡ଼, ରାଶି, ବାର୍ଲି ଓ ଘିଅରେ ଲଡ୍ଡୁ କରାଯାଉଛି। ଲଡ୍ଡୁ ଯୋଜନାକୁ ସଞ୍ଚାଳନ କରିବା ସକାଶେ ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଟିମ୍ ଗର୍ଭବତୀଙ୍କ ପାଖରେ ପହଞ୍ଚି ଏହି ଲଡ୍ଡୁ ଖାଇବାକୁ କହିବାରୁ ସେମାନେ ଗ୍ରହଣ କରୁ ନ ଥିଲେ। କିନ୍ତୁ ପରିବାରକୁ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇବା ପରେ ସଫଳତା ମିଳିପାରିଛି। ପ୍ରତିଦିନ ଜଣେ ଗର୍ଭବତୀଙ୍କୁ ଦୁଇଟି ଲଡ୍ଡୁ (ପ୍ରତ୍ୟେକଟିର ଓଜନ ୨୦ଗ୍ରାମ) ଖାଇବାକୁ ଦିଆଯାଉଛି। ଅଙ୍ଗନୱାଡିକେନ୍ଦ୍ର, ପିଏଚ୍‌ସି ଏବଂ ଆଶାକର୍ମୀଙ୍କ ମାଧ୍ୟମରେ ଲଡ୍ଡୁ ବଣ୍ଟାଯାଉଛି। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଲଡ୍ଡୁ ତିଆରିରେ ସହଯୋଗ କରୁଛନ୍ତି। ଗର୍ଭବତୀମାନେ ଏହି ଲଡ୍ଡୁ ଖାଇବା ପରେ ନବଜାତକଙ୍କ ଓଜନ ଠିକ୍ ରହୁଥିବା ଜିଲାପ୍ରଶାସନ ପକ୍ଷରୁ କୁହାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧ ଡିସେମ୍ବର ୧୯୭୬

- ଦେଶର ୬ ଜଣ ବିଶିଷ୍ଟ ଧାତୁବିଜ୍ଞାନୀ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ।
- ମେଜର ଜେନେରାଲ ଜିୟାଉର ରହମାନ ବାଂଲାଦେଶର ମୁଖ୍ୟ ସାମରିକ ଆଇନ ପ୍ରଶାସକ ନିଯୁକ୍ତ।

## ଚିରନ୍ତନୀ

ସେ ମୋର ପ୍ରେମିକା ଦେଖିବାକୁ ମନ ଉଠଇ ମାତି
ତାହାରି ସ୍ୱପନେ ପୂରି ଉଠେ ମୋର ସକଳ ରାତି ।
ତାହାରି ଭାବନା ଭାବ ଭାବି ସଦା ବିତଇ କାଳ
ସୁଖେ ତା'ର ସୁଖୀ ହୁଏଁ ଦୁଃଖ ଦେଖି ଝରଇ ଝାଳ ।
-(ସେହି ମୁଁ ନିଜେ
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରିବା ଦର ଅତିଷ୍ଠ କଲାଣି

ମହାଶୟ,

ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକର ଗ୍ରାମାଞ୍ଚଳରେ କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କା ଓ ବନ୍ଧାକୋବି କେଜି ପିଛା ୪୦ ଟଙ୍କାରେ ବିକ୍ରି ହେଉଛି। ବେଳେବେଳେ ଫୁଲକୋବି ୬୦ ଟଙ୍କାରେ ଓ ବିଲାତି(ଟମାଟୋ) ୩୦ ଟଙ୍କାରୁ ୪୦ ଟଙ୍କା ହୋଇଯାଉଛି, କେଉଁଠି ୭୦ ଆଉ କେଉଁଠି ୮୦ ଛୁଇଁଯାଉଛି। କାର୍ତ୍ତିକ ଯାଇ ମାର୍ଗଶିରରେ ମଧ୍ୟ ପରିବା ଦର ଖସିବାର ନାଁ ଧରୁନାହିଁ। କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶାରେ ଏତେବେଳେ ପରିବା ଦର କମ୍ ରହିବା କଥା। କିନ୍ତୁ କୋବି ଅମଳ ହୋଇପାରି ନ ଥିବାରୁ ଓ ବାହାର ରାଜ୍ୟରୁ ଆସୁଥିବା ଟମାଟୋ ଦର ଅଧିକ ରହିଛି। ଚଳିତବର୍ଷ ବିଭିନ୍ନ ପନିପରିବା ଅମଳ ବିଳମ୍ବିତ ହେଉଥିବାରୁ ପୁରୀ ଜିଲାରେ ଏପରି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ମୂଳା ବିଡ଼ା ୩୦ ଟଙ୍କା ବିକ୍ରି ହେବା ସାଙ୍ଗକୁ କୋଶଳା ଶାଗ ବିଡ଼ା ୧୦ରୁ ୧୫ ଟଙ୍କା। ଅନ୍ୟ ପରିବା କିଲୋ ପିଛା ୬୦ରୁ ୮୦ ଟଙ୍କାରୁ ଖସୁନି। ଏପରି ସମସ୍ୟା ଆହୁରି ୧ ମାସ ଯାଏ ଲାଗିରହିପାରେ ବୋଲି କୁହାଯାଉଛି।

-ଦେବଭକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)




ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ଭେଟି କଟକରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଟି-୨୦ ମ୍ୟାଚର ଟିକେଟ ଉପସ୍ଥାପନ କରୁଛନ୍ତି।

# ‘ଡିଟ୍‌ୱା’ ପାଇଁ ରାଜ୍ୟରେ ଶୀତ କମିଲା

**ଭୁବନେଶ୍ୱର, ୩୦।୧୧**
**(ବନ୍ଦନା ସେଠୀ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ ‘ଡିଟ୍‌ୱା’ ପାଇଁ ରାଜ୍ୟରୁ ଶୀତ କମି ଯାଇଛି। ଶୀତ ପ୍ରକୋପରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବାବେଳେ ତାପମାତ୍ରା ବୃଦ୍ଧି ପାଇଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକରେ କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଛି। ଆଉ କିଛି ସ୍ଥାନରେ ପ୍ରାୟ ୨ରୁ ୪ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ରହିଥିବାବେଳେ ସର୍ବାଧିକ ତାପମାତ୍ରା ୩୦.୧ ଡିଗ୍ରୀ ପୁରୀରେ ରେକର୍ଡ ହୋଇଛି। ସେହିପରି ରାଉରକେଲାରେ ୧୦.୬ ଡିଗ୍ରୀ, ଝାରସୁଗୁଡା ୧୧.୩, ଫୁଲବାଣୀ ୧୨, କୋରାପୁଟ ୧୨.୫ କେନ୍ଦୁଝରଗଡ଼ ୧୨.୬, ନବରଙ୍ଗପୁର ୧୨.୮, ସୁନ୍ଦରଗଡ଼ ୧୩, ବୌଦ୍ଧ ୧୪ , ସମ୍ବଲପୁର ୧୪.୬, ଖୋର୍ଦ୍ଧା, ଭବାନୀପାଟଣା, ଅନୁଗୋଳ ଏବଂ ବାରିପଦାରେ ୧୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ତେବେ ତାପମାତ୍ରା ବଢିଥିଲେ ମଧ୍ୟ ରାଜ୍ୟର ଅଧିକାଂଶ ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳିଛି। ଶନିବାର ରାତି ଓ ରବିବାର ସକାଳେ ମଧ୍ୟ ଅଧିକାଂଶ ଜିଲାରେ ଘନ କୁହୁଡ଼ି ହୋଇଥିଲା। ସୋମବାର ରାଜ୍ୟର ସୁନ୍ଦରଗଡ଼, କଳାହାଣ୍ଡି ଓ କୋରାପୁଟ ଜିଲାର କିଛି ସ୍ଥାନରେ ଘନ କୁହୁଡ଼ି ନେଇ ସତର୍କ ସୂଚନା ଜାରି ହୋଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଷ୍କିଲା ରହିବ ଏବଂ ୫ ତାରିଖ ପର୍ଯ୍ୟନ୍ତ ପାଗରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ସୂଚନାଯୋଗ୍ୟ, ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳ ଅଞ୍ଚଳ ଦେଇ ଘୂର୍ଣ୍ଣିଝଡ଼ ‘ଡିଟ୍‌ୱା’ ପ୍ରାୟ ଉତ୍ତର ଆଡ଼କୁ ସମାନ୍ତରାଳ ଭାବେ ଗତି କରିବ। ଏହି ସମୟରେ ତାମିଲନାଡୁ ଉପକୂଳରେ ଏହା ତାଣ୍ଡବ ରଚିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# ୫ବର୍ଷରେ ଅବକାରୀ ଆୟ ବଢ଼ିଛି ଦୁଇଗୁଣ

**ଭୁବନେଶ୍ୱର,୩୦।୧୧**
**(ରବିନାରାୟଣ ଜେନା)**

ଗତ ୫ବର୍ଷରେ ରାଜ୍ୟରେ ଅବକାରୀ ରାଜସ୍ୱ ଦୁଇଗୁଣରୁ ଅଧିକ ବୃଦ୍ଧି ହୋଇଥିବାବେଳେ ନିଶା କାରବାର ରୋକିବା ପାଇଁ ଯେଭଳି ସଚେତନତା ହେବା କଥା ତାହା ହେଉନାହିଁ। ଗତ ୮ବର୍ଷରେ ପ୍ରାୟ ୨୦ଗୁଣ ସଚେତନତା ହ୍ରାସ ପାଇଛି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉତ୍ତରରୁ ଜଣାଯାଇଛି। ଏ ସଂକ୍ରାନ୍ତରେ ବିଧାୟିକା ସଞ୍ଜଲୀ ମୁର୍ମୁ ଓ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ପୃଥକ ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି, ୨୦୧୭-୧୮ରେ ରାଜ୍ୟ ସରକାର ୪ଲକ୍ଷ ୪୦ହଜାର ଟଙ୍କା କେବଳ ମୟୂରଭଞ୍ଜ ଜିଲାରେ

## ମଦ ସଚେତନତା କମୁଛି: ରାଜସ୍ୱ ବଢୁଛି

ମଦ ତଥା ନିଶା କାରବାର ନିଷେଧ ଲାଗି ସଚେତନତା ପାଇଁ ଖର୍ଚ୍ଚ କରିଥିଲେ। ଏହାପରେ ଜିଲାରେ ୨୦୧୮-୧୯ ଏବଂ ୨୦୧୯-୨୦ରେ ୧ଲକ୍ଷ ଟଙ୍କା ଲେଖାଏ ଖର୍ଚ୍ଚ ହୋଇଥିବାବେଳେ ୨୦୨୦-୨୧ରେ ମାତ୍ର ୨୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ୨୦୨୨-୨୩ରେ ୧ଲକ୍ଷ ୨୦ହଜାର ଟଙ୍କା ଜିଲାରେ ସଚେତନତା ଲାଗି ଖର୍ଚ୍ଚ ହୋଇଥିବାବେଳେ ୨୦୨୩-୨୪ରେ ଏହା ୨୦ହଜାର ଏବଂ ୨୦୨୪-୨୫ରେ ମାତ୍ର ୧୨ହଜାର ୫୦୦ଟଙ୍କା ଖର୍ଚ୍ଚ ହୋଇଛି ବୋଲି ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି।

ଅନ୍ୟପକ୍ଷରେ ମନ୍ତ୍ରୀ କହିଛନ୍ତି, ୨୦୨୦-୨୧ରେ ରାଜ୍ୟରେ ମଦ ତଥା ଅବକାରୀ ଉତ୍ସରୁ ୫୪୦୦.୨୧କୋଟି ଟଙ୍କା ସଂଗ୍ରହ ହୋଇଥିବାବେଳେ ୨୦୨୧-୨୨ରେ ୭୬୨୨.୪୧କୋଟି, ୨୦୨୨-୨୩ରେ ୮୯୬୭.୪୯କୋଟି, ୨୦୨୩-୨୪ରେ ୧୦,୧୮୨.୨୪କୋଟି ଏବଂ ୨୦୨୪-୨୫ରେ ଏହା ୧୧,୪୨୯.୭୪କୋଟିରେ ପହଞ୍ଚିଛି। ଅର୍ଥାତ୍ ମାତ୍ର ୫ବର୍ଷରେ ରାଜ୍ୟରେ ଅବକାରୀ କାରବାର ଦୁଇଗୁଣରୁ ଅଧିକ ବେପାର ହୋଇଛି ବୋଲି ମନ୍ତ୍ରୀଙ୍କ ଉତ୍ତରରୁ ଜଣାଯାଇଛି।

# କୁଲଡିହାରେ ପୁଣି ହାତୀର ଗଳିତ ମୃତଦେହ ଠାବ

**ନୀଳଗିରି, ୩୦।୧୧**
**(ପ୍ରଶାନ୍ତ କୁମାର ବିଶ୍ୱାଳ)**



ପଥରଖୋଲ ମଧ୍ୟରେ ପଡିଥିବା ହାତୀର ମୃତଦେହ।

ବାଲେଶ୍ୱର ଜିଲା ନୀଳଗିରି କୁଲଡିହା ଅଭୟାରଣ୍ୟରେ ହାତୀଙ୍କ ଜୀବନ ଏବେ ବିପଦରେ। ମାସକର ବ୍ୟବଧାନ ପରେ ପୁଣି ଏକ ହାତୀର ମୃତ୍ୟୁ ହୋଇଛି। ରବିବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ବାବନ୍ଧ ବିଟ୍ ପାର୍ବତୀ କୁଣ୍ଡନାଳ ନିକଟରେ ଗଳିତ ମୃତଦେହ ପଡିଥିବା ଦେଖିଥିଲେ।

କୁଲଡ଼ିହା ଅଭୟାରଣ୍ୟରେ ପାଖାପାଖି ୮୫ ରୁ ଊର୍ଦ୍ଧ୍ୱ ହାତୀ ରହୁଛନ୍ତି। ପ୍ରାଥମିକ ତଦନ୍ତରୁ ହାତୀଟି ୫ରୁ ୬ଦିନ ପୂର୍ବରୁ ମରିପଡ଼ିଥିବା ଅନୁମାନ କରାଯାଉଛି। ହାତୀର ବୟସ ୮ବର୍ଷରୁ ଊର୍ଦ୍ଧ୍ୱ ହେବ। ହାତୀଗୋଠ ମଧ୍ୟରେ ଲଢେଇ ପାଇଁ ସେ ପଥର ଉପରୁ ତଳକୁ ଖସି ମୃତ୍ୟୁବରଣ କରିଥିବା ବନବିଭାଗ ଅନୁମାନ କରୁଛି। ସୋମବାର ବ୍ୟବଚ୍ଛେଦ ପାଇଁ ବନବିଭାଗର ସ୍ୱତନ୍ତ୍ର ଟିମ ଓ ପ୍ରାଣୀ ଚିକିତ୍ସକ ପହଞ୍ଚିବେ। ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଖବରପାଇ ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ (ଡିଏଫଓ) ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ ତଟିନୀ ସେଠୀ, କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ପାହାଡ଼ ଉପରକୁ ଯାଇ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ଘଟଣା ପ୍ରକୃତିପ୍ରେମୀ ଓ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ହାତୀଙ୍କ ଜୀବନ ଯାଉଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ଦାୟୀ କରିଛନ୍ତି।

# ୧୦ ଓଏଏସ୍ ଅଧିକାରୀଙ୍କ ବଦଳି

**ଭୁବନେଶ୍ୱର,୩୦।୧୧**
**(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଶନିବାର ୧୦ଜଣ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ଅଧିକାରୀଙ୍କ ମଧ୍ୟରେ ଅଦଳବଦଳ କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ରାୟଗଡ଼ା କୋଲନରା ବିଡିଓ ଆକାଶ ରଞ୍ଜନ ସାହୁଙ୍କୁ ସମ୍ବଲପୁର ନାକଟିଦେଉଳ ବ୍ଲକକୁ ବଦଳି କରାଯାଇଥିବାବେଳେ ଯାଜପୁର ଡିଏସ୍ଆର ତିଳୋତ୍ତମା ପୃଷ୍ଟିଙ୍କୁ କେନ୍ଦ୍ରାପଡ଼ା ରାଜନଗର ବ୍ଲକକୁ ବିଡିଓ ଭାବେ ବଦଳି କରାଯାଇଛି। ସେହିପରି ପ୍ରୀତିବଳ ରଣାଙ୍କୁ ନୟାଗଡ଼ର ଓଡ଼ଗାଁ ବ୍ଲକକୁ ବିଡିଓ ଭାବେ ବଦଳି କରାଯାଇଥିବାବେଳେ ସୁନୀଲ କୁମାର ଟୁଡୁଙ୍କୁ ବାଲେଶ୍ୱର ସିମୁଳିଆ ବ୍ଲକ, ପ୍ରତୀକ କରଙ୍କୁ ସୋନପୁର ବ୍ଲକ, ସଞ୍ଜୀବ କୁମାର ସାହୁଙ୍କୁ ମହାକାଳପଡ଼ା ବ୍ଲକକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ମହାକାଳପଡ଼ା ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଦେବଗଡ଼ ଡେପୁଟୀ କଲେକ୍ଟର ଅର୍ଚ୍ଚନୀ କୁଜୁର ଏବଂ ଓସ୍‌ଡମା ଡିଜିଏମ୍ ଜୟଜଗତ ସାହୁଙ୍କୁ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ବିଭାଗକୁ ଫେରାଇ ଦିଆଯାଇଛି।

# ଉଦ୍ଧାର ହାତୀଛୁଆକୁ ଗ୍ରହଣ କରୁନି ମା’

**କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ମା’ ଗ୍ରହଣ କରୁନି। ହାତୀଛୁଆ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ପଲରେ ମିଶାଇବାକୁ ଉଦ୍ୟମ ଜାରି ରହିଛି। ମାତ୍ର ହାତୀପଲ ଓ ମା’ ହାତୀଛୁଆକୁ ଗ୍ରହଣ କରୁ ନ ଥିବାରୁ ବନ ବିଭାଗ ଚିନ୍ତାରେ ପଡ଼ିଯାଇଛି। ମଣିଷ ସଂସ୍ପର୍ଶରେ ଆସିବା କାରଣରୁ ମା’ ହାତୀ ଓ ପଲ ହାତୀଛୁଆକୁ ଗ୍ରହଣ କରୁନାହିଁ ବୋଲି ମତ ପ୍ରକାଶ ପାଉଛି।

# ସମ୍ବିଧାନକୁ ସାକ୍ଷୀ ରଖି ବିବାହ କଲେ ନବଦମ୍ପତି

**ବ୍ରହ୍ମପୁର, ୩୦।୧୧**
**(ସୁବାସ ଚନ୍ଦ୍ର ପାଢ଼ୀ)**

ପାରମ୍ପରିକ ହିନ୍ଦୁ ବିବାହ ରୀତିନୀତି, କନ୍ୟାଦାନ, ସିନ୍ଦୂରଦାନ ଓ ମନ୍ତ୍ରୋଚ୍ଚାରଣକୁ ଛାଡ଼ି ଭାରତୀୟ ସମ୍ବିଧାନକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହେଲେ ଜଣେ ନବଦମ୍ପତି। ବିବାହ ପୂର୍ବରୁ ନବଦମ୍ପତି ଉଭୟେ ରକ୍ତଦାନ କରିବା ସହ ଅତିଥିଙ୍କୁ ମଧ୍ୟ ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ। ଶୁକ୍ରବାର ଦିନ ବ୍ରହ୍ମପୁରରେ ଏଭଳି ଏକ ଅଭିନବ ବିବାହ ଅନୁଷ୍ଠିତ ହୋଇଯାଇଛି। ବର ବି. ଭାନୁ ତେଜ (୪୩), ଯିଏକି ଆନ୍ଧ୍ରପ୍ରଦେଶର କାକିନାଡ଼ାର ବାସିନ୍ଦା ଏବଂ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ବିଜ୍ଞାନୀ ଭାବେ କାର୍ଯ୍ୟ କରୁଛନ୍ତି ଏବଂ କନ୍ୟା ପ୍ରୀତିପ୍ରଜ୍ଞା ମିଶ୍ର (୪୦), ବ୍ରହ୍ମପୁରର ବାସିନ୍ଦା ଏବଂ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ ସିଷ୍ଟମ ଆନାଲିଷ୍ଟ ଭାବେ କାମ କରୁଛନ୍ତି। ଦୁହେଁ ହାଇଦ୍ରାବାଦରେ ଏକ ସେମିନାରରେ ଭେଟି ପ୍ରେମରେ ପଡ଼ିଥିଲେ।



# ଲୋକଙ୍କ ସ୍ୱାସ୍ଥ୍ୟକୁ ଜଗିବେ ସରକାର

## ତେଲ ବୋର୍ଡ ଲଗାଇବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ

*ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)– ସକାଳ ଜଳଖିଆଠାରୁ ଆରମ୍ଭ କରି ରାତି ଖାଇବା ପର୍ଯ୍ୟନ୍ତ ଆମେ ପ୍ରତ୍ୟେକ ଦିନ କିଛି ନା କିଛି ବାହାର ଖାଦ୍ୟ ଖାଇଥାଉ। ମାତ୍ର କେତେ ପରିମାଣରେ ତେଲ ଆମ ଶରୀରକୁ ଯାଉଛି ତାହା ଆମେ ଜାଣି ନ ଥାଉ। ବାହାରେ ମିଳୁଥିବା ଅତ୍ୟଧିକ ତେଲଯୁକ୍ତ ଖାଦ୍ୟ ଖାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। ତେଣୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ପ୍ରକଟ କରିବା ସହ ତେଲଯୁକ୍ତ ବ୍ୟବସାୟିକ ପ୍ରତିଷ୍ଠାନରେ ବୋର୍ଡ ଲଗାଇବାକୁ ସ୍ଥିର କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।*




### ଲୋକଙ୍କ ସ୍ୱାସ୍ଥ୍ୟର ଯତ୍ନ, ଆମ ସମସ୍ତଙ୍କ ଦାୟିତ୍ୱ



ବାହାର ଖାଦ୍ୟ ଖାଇବାକୁ ସମସ୍ତଙ୍କୁ ଭଲଲାଗେ। ସେମାନେ ଆମ ଉପରେ ଭରସା କରି ଖାଦ୍ୟ ଖାଉଛନ୍ତି। ଲୋକମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ଆମ ସମସ୍ତଙ୍କର ଦାୟିତ୍ୱ। ତେଣୁ ରାସ୍ତାକଡ଼ ଉଠାଦୋକାନୀ ହୁଅନ୍ତୁ ଅବା ଫାଷ୍ଟଫୁଡ୍ ବ୍ୟବସାୟୀ ସମସ୍ତେ ଲୋକଙ୍କ ସ୍ୱାସ୍ଥ୍ୟକୁ ଦାୟିତ୍ୱରେ ରଖି ବ୍ୟବସାୟ କରିବା ଆବଶ୍ୟକ। ତେଲର ମାନ ନିର୍ଦ୍ଧାରଣ ସହିତ ତେଲଭାଜି ସାମଗ୍ରୀରେ କେତେ ପରିମାଣର ତେଲ ରହିଛି ତାହା ଜାଣିବା ନିହାତି ଦରକାର। କିଛି କିଛି ବ୍ୟବସାୟୀ ଶସ୍ତା ବା ଖରାପ ତେଲ ବ୍ୟବହାର କରୁଛନ୍ତି। ପୁଣି ବାରମ୍ବାର ପୋଡ଼ା ତେଲକୁ ବ୍ୟବହାର କରୁଛନ୍ତି, ଯାହାକି ଠିକ୍ ନୁହେଁ। ଏଫ୍‌ଏସ୍‌ଏସ୍‌ଆଇ ନିୟମ ଅନୁଯାୟୀ, ଗୋଟିଏ ତେଲ ଦୁଇଥର ବ୍ୟବହାର ହୋଇପାରିବ। ମାତ୍ର ଏହି ନିୟମକୁ କେହି ପାଳନ କରୁନାହାନ୍ତି।

**– ପ୍ରତାପ ସାହୁ, ରାଜ୍ୟ ସଭାପତି, ନିଖିଳ ଉତ୍କଳ ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ**

### ନିର୍ଦ୍ଦେଶ ମିଳିଲେ କାମ କରିବୁ

ଏବେ ସୁଦ୍ଧା ଖାଦ୍ୟରେ ତେଲର ମାତ୍ରା କିମ୍ବା ନିମ୍ନମାନର ତେଲ ତଦାରଖ ନେଇ ଫୁଡ୍ ସେଫ୍ଟି ବିଭାଗକୁ କୌଣସି ନିର୍ଦ୍ଦେଶ ଆସିନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏନେଇ ଚିଠି ଲେଖାଯାଇଛି। ଆମ ପାଖକୁ ସେଭଳି କିଛି ନିର୍ଦ୍ଦେଶ ଆସିଲେ ଆମେ ନିହାତି ପକ୍ଷେ କାର୍ଯ୍ୟ କରିବୁ।



**– ସତ୍ୟଜିତ୍ ପଟେଲ, ଡେଜିଗ୍‌ନେଟେଡ୍ ଫୁଡ୍ ସେଫ୍ଟି ଅଫିସର**

### ପ୍ରଶଂସାଯୋଗ୍ୟ ନିଷ୍ପତ୍ତି

ଅତ୍ୟଧିକ ତେଲଯୁକ୍ତ ବିଶେଷକରି ଜଙ୍କ୍‌ଫୁଡ୍ ଖାଇବା ଦ୍ୱାରା ହୃଦ୍‌ରୋଗ, ମୋଟାପଣ, ଯକୃତ ରୋଗ ସହ ଉଚ୍ଚ ରକ୍ତଚାପ ହେବାର ଆଶଙ୍କା ରହୁଛି। ଖାଇବା ସମୟରେ ତେଲଭାଜିରେ କେତେ ପରିମାଣର ତେଲ ରହୁଛି ତାହାର ହିସାବ ଆମେ ଜାଣି ପାରୁନାହୁଁ। ତେଣୁ ସରକାରଙ୍କ ତେଲ ବୋର୍ଡ ଲଗାଇବା ଭଳି ନିଷ୍ପତ୍ତି ନିହାତି ଭାବେ ପ୍ରଶଂସାଯୋଗ୍ୟ। ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ସବୁଆଡେ ତେଲଭାଜିର ଦୋକାନ ଗଢ଼ି ଉଠିଲାଣି। ସେମାନେ ତେଲର ମାନକୁ ଦେଖୁ ନାହାନ୍ତି। ଫଳରେ ଶସ୍ତା ତେଲରେ ଛଣା ଖାଦ୍ୟ ଖାଇବାରୁ ଆମର ଫ୍ୟାଟ୍ ବଢି ଯାଉଛି।



**– ଜ୍ୟୋତି ରଞ୍ଜନ ରାଉତ, ଛାତ୍ର**

### ବ୍ୟବସାୟୀମାନେ ଭଲ ତେଲ ବ୍ୟବହାର କରିବେ

ଏହି ନିୟମ କାର୍ଯ୍ୟକାରୀ ହେଲେ ବ୍ୟବସାୟୀମାନଙ୍କ ମନରେ ଡର ରହିବ ଏବଂ ସେମାନେ ଭଲ ଓ କମ୍ କ୍ୟାଲୋରି ଯୁକ୍ତ ତେଲ ବ୍ୟବହାର କରିବେ। ଛୁଆମାନେ ବାହାରକୁ ଗଲା ମାତ୍ରେ ବାହାର ଖାଦ୍ୟ ଖାଇବାକୁ ଆଗ୍ରହ ଦେଖାଉଛନ୍ତି। ଆଜିକାଲିର ପିଲମାନେ ନିଜକୁ ମେଣ୍ଟେନ୍ ବା ଫିଟ୍ ରଖିବାକୁ ଚାହୁଁଥିଲେ ହେଁ ବାହାର ଖାଇବା ଲୋଭରେ ପଡ଼ି ଯାଉଛନ୍ତି। ଘର ଖାଇବା ସେମାନଙ୍କୁ ରୁଚୁ ନାହିଁ। ତେଣୁ ଦୋକାନ ବାହାରେ କେଉଁ ଖାଦ୍ୟରେ କେତେ ପରିମାଣର ତେଲ ରହିଛି ଜାଣିବା ପରେ ଏ ସବୁଠାରୁ କିଛି ମାତ୍ରାରେ ସେମାନେ ଦୂରରେ ରହିବେ।



**– ସୁନୀତା ସେଠୀ, ଗୃହିଣୀ**

# ମେଶିନରୁ ବାହାରିଲାନି ଟିକେଟ, ହନ୍ତସନ୍ତ ପର୍ଯ୍ୟଟକ

**ନନ୍ଦନକାନନରେ ୨ ଘଣ୍ଟା ସର୍ଭର ଡାଉନ୍**

ବାରଙ୍ଗ,୩୦।୧୧ (ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମେଶିନରୁ ବାହାରିଲାନି ଟିକେଟ। ଫଳରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ାହୋଇ ପର୍ଯ୍ୟଟକମାନେ ହନ୍ତସନ୍ତ ହୋଇଥିବା ଜଣାପଡିଛି। ନନ୍ଦନକାନନର ସର୍ଭର ଡାଉନ ରହିଥିଲା ଯାହାଫଳରେ ସକାଳ ପ୍ରାୟ ୮.୧୦ରୁ ୧୦.୧୫ ପର୍ଯ୍ୟନ୍ତ ଏଭଳି ଟିକେଟ କରିବାରେ ତ୍ରୁଟି ଦେଖାଦେଇଥିଲା। ଦୀର୍ଘ ୨ ଘଣ୍ଟା ପରେ ସର୍ଭର ତ୍ରୁଟି ସମାଧାନ ହେବାରୁ ଅଫ୍‌ଲାଇନରେ ଟିକେଟ କରି ପର୍ଯ୍ୟଟକମାନେ ନନ୍ଦନକାନନ ପରିଭ୍ରମଣ କରିଥିଲେ। ସର୍ଭରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରବିବାର ଛୁଟିଦିନ ଥିବାରୁ ନନ୍ଦନକାନନରେ ସକାଳୁ ସକାଳୁ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହେଲେ ସର୍ଭର ଡାଉନ୍ ଯୋଗୁ ମେଶିନରୁ ଟିକେଟ ବାହାରି ନ ଥିଲା। ଅନ୍ୟପକ୍ଷରେ ଅଫ୍‌ଲାଇନ ଟିକେଟ କାଉଣ୍ଟର ବନ୍ଦ ରହିଥିଲା। ଟିକେଟ କାଉଣ୍ଟର ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିବା ବେଳେ ଟିକେଟ ମିଳିପାରୁ ନ ଥିଲା। ଫଳରେ ଏକପ୍ରକାର ହୋହଲ୍ଲା ପରିସ୍ଥିତି ଉପୁଜିଥିଲା। ମାଳ ମାଳ ଜୁ ଭଲ୍ୟୁଣ୍ଟର ଥିଲେ ସୁଦ୍ଧା କେହି ପର୍ଯ୍ୟଟକଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ କରି ନ ଥିଲେ। ନିରାଶ ହୋଇ ପର୍ଯ୍ୟଟକମାନେ ଫେରୁଥିବା ବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ନିକଟରେ ଥିବା ଗାଇଡ୍ ଏବଂ କର୍ତ୍ତୃପକ୍ଷଙ୍କ ସହାୟତାରେ ପର୍ଯ୍ୟଟକଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ଅନ୍‌ଲାଇନ ଟିକେଟ କରିବାକୁ କହିଥିଲେ। ହେଲେ ସେଥିରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା।




ନନ୍ଦନକାନନରେ ଟିକେଟ ପାଇଁ ପର୍ଯ୍ୟଟକମାନେ ଅପେକ୍ଷା କରିଛନ୍ତି।

# ଡା. ସୟେଦ ଅନୱର ଖୁର୍ସିଦ୍‌ଙ୍କୁ ‘ପ୍ରବାସୀ ଭାରତୀୟ ସମ୍ମାନ’

## ରିୟାଦରେ ରୋଜାର ୧୭ତମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

ସାଉଦି ଆରବର ରିୟାଦରେ ବସବାସ କରୁଥିବା ଓଡ଼ିଆ ସମୁଦାୟଙ୍କ ପକ୍ଷରୁ ଗଠିତ ପ୍ରଥମ ଓଡିଶା ସଂଗଠନ ‘ରିୟାଦ ଓଡ଼ିଶା ସାମାଜିକ ତଥା ସାଂସ୍କୃତିକ ସଂଗଠନ’ (ରୋଜା)ର ୧୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଟିସିଆଇଏଲ୍ ସାଉଦି ଆରବିୟାର ସିଇଓ ଅନିଷ ଅଗ୍ରୱାଲ, ପ୍ରଭାସୀ ଭାରତୀୟ ଷ୍ଟିଅରିଂ କମିଟି ଅଧ୍ୟକ୍ଷ ମହମ୍ମଦ ଜୈଘଁ ଖାଁନ୍, ରୋଜାର ସଭାପତି ଅଜିମୁଦ୍ଦିନ୍ ଖାନ୍, ଉପସଭାପତି ହାଡୁବନ୍ଧୁ ସାହୁ, ଆବୁସଲ୍‌ମା ଅହମଦ ଏବଂ ସୁକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସଙ୍ଗଠନ ପକ୍ଷରୁ ସାଉଦି ଆରବରେ ଅବସ୍ଥିତ ପ୍ରବାସୀ ଭାରତୀୟ ଡା. ସୟେଦ ଅନୱର ଖୁର୍ସିଦ୍‌ଙ୍କୁ ଚଳିତ ବର୍ଷର ‘ପ୍ରବାସୀ ଭାରତୀୟ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଦର୍ଶକଙ୍କ ହୃଦୟକୁ ଛୁଇଁଥିଲା। କଣ୍ଠଶିଳ୍ପୀ ଅସିତ୍ ତ୍ରିପାଠୀ ଆକର୍ଷଣ ସାଜିଥିବାବେଳେ ସମସ୍ତ ନୃତ୍ୟର ନିର୍ଦ୍ଦେଶନା ଦେଇଥିଲେ ଦୀପିକା ପାଣିଗ୍ରାହୀ, ଦୀପିକା ପାତ୍ର ଓ ଭାବନା ଜୈନ (ରାଉତ)। ମେହେବିଶ୍ ଜିଲାନିଙ୍କ ତତ୍ତ୍ୱାବଧାନରେ ଆରଫାନ୍, ଆଫ୍ରିନ୍, ସୟାନ୍ ଓ ଅରମାନ୍ ଅଫିସିଆଲ ପ୍ରୋସିଡିଂ ପରିଚାଳନା କରିଥିଲେ।



ସାଇଦି ଆରବର ରିୟାଦଠାରେ ପ୍ରବାସୀ ଓଡ଼ିଆ ସଙ୍ଗଠନ ‘ରୋଜା’ର ୧୭ତମ ବାର୍ଷିକ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶିକ୍ଷାବିତ୍ ଡ. ପିକେଏସ ରାୟଙ୍କ ଜୟନ୍ତୀ ଉତ୍ସବ

ବାଲିଅନ୍ତା ୩୦।୧୧ (ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟା ସ୍ଥିତ ଶ୍ରୀ ଜୟଦେବ କଲେଜ ପରିସରରେ ବିଶିଷ୍ଟ ଶିକ୍ଷାବିତ୍ ସ୍ୱର୍ଗତ ଡ. ପ୍ରଫୁଲ୍ଲ କୁମାର ଶ୍ରୀ ଚନ୍ଦନ ରାୟଙ୍କ ୮୫ ତମ ଜୟନ୍ତୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ପିକେଏସ ରାୟ ସ୍ମୃତି କମିଟି ପକ୍ଷରୁ ଡ. କାମଦେବ ପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଶରତ କୁମାର ସାହୁ, ଲକ୍ଷ୍ମୀଧର ବେହେରା, ସୁରେନ୍ଦ୍ର କୁମାର ଖୁଣ୍ଟିଆ, ରଞ୍ଜନ ପରିଡ଼ା, ପ୍ରଦୀପ୍ତ କୁମାର ଛୋଟରାୟ, ବିଭୂତି ଭୂଷଣ ଜେନା ଓ ବେଣୁଧର ଜେନା ଓ ସବିତା ଛୋଟରାୟ ପ୍ରମୁଖ ଯୋଗଦେଇ ଡ. ପିକେଏସ ରାୟଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଶ୍ରୀ ଜୟଦେବ କଲେଜର ପ୍ରଥମ ଅଧ୍ୟକ୍ଷ ଥିବା ଡ. ପିକେଏସ ରାୟ ଶିକ୍ଷା କ୍ଷେତ୍ରରେ ଜଣେ ବରିଷ୍ଠ ବ୍ୟକ୍ତିତ୍ୱ ଥିଲେ ଓ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ସବୁବେଳେ ଚେଷ୍ଟା କରୁଥିଲେ ବୋଲି ବକ୍ତାମାନେ କହିଥିଲେ।

# ‘ଇଣ୍ଟରନେଟ୍ ନୁହେଁ, ଇନର ନେଟ୍‌କୁ ପଚାରି କାର୍ଯ୍ୟ କରିବା ଉଚିତ’

## କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)

କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଲେ, ଛାତ୍ରୀଛାତ୍ର ସବୁବେଳେ ଇଣ୍ଟରନେଟ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମା ବା ଇନର୍ ନେଟ୍‌କୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ। ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ସେ କହିଥିଲେ। ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ ବୋଚମୁଇ କହିଲେ, ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ ପ୍ରଭାବୀ ଅସ୍ତ୍ର। ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଦଳରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୟୁଏଇସ୍ଥିତ କେଇଏଫ୍‌ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଫଇଜଲ ଇଦାଭାଲାଥ କୋଟି କୋଟିକୋଲୋନ, ଇଂଲଣ୍ଡସ୍ଥିତ ମାଲହୋତ୍ରା ଗ୍ରୁପ୍ ପିଏଲ୍‌ସିର ଅଧ୍ୟକ୍ଷ ଜେ.ଏମ୍. ମିନୁ ମାଲହୋତ୍ରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିସହ ମୋଟ ୪୬୪ ଜଣ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ଓ ୨୦ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସାମଗ୍ରିକ ଭାବେ ଉତ୍କର୍ଷ ପ୍ରତିପାଦିତ କରିଥିବା ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ଏବଂ ଶୈକ୍ଷିକ ଉତ୍କର୍ଷ ପ୍ରତିପାଦନ ନିମନ୍ତେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, କିସ୍ ସମ୍ପାଦକ ଆର୍. ଏନ୍. ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ. ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ ଉତ୍ସବରେ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିମାନେ।

# ଆଜି କୋଣାର୍କ ଉତ୍ସବ, ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ

କୋଣାର୍କ,୩୦।୧୧ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଠାରେ ସୋମବାର ଠାରୁ ୩୬ତମ କୋଣାର୍କ ଉତ୍ସବ ଓ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ। କୋଣାର୍କ ଉତ୍ସବ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ, ଦର୍ଶକ ଗ୍ୟାଲେରୀ, ମହୋତ୍ସବ ପ୍ରାଚୀର ଓ କୋଣାର୍କ ଯାତ୍ରୀନିବାସ ଠାରେ ସୁନ୍ଦର ସାଜସଜା, ବ୍ୟାପକ ଆଲୋକୀକରଣ ବ୍ୟବସ୍ଥା, ପ୍ରାଚୀରରେ ଝୋଟି ଚିତା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ସୂର୍ଯ୍ୟ ମନ୍ଦିର ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚ ନୃତ୍ୟ ଶିଳ୍ପୀମାନଙ୍କୁ ଅପେକ୍ଷା କରିଛି। ନୂପୁରର ରୁଣୁଝୁଣୁ ଶବ୍ଦରେ ଝଙ୍କୃରିତ ହେବ ମୁକ୍ତାକାଶ ରଙ୍ଗମଞ୍ଚ। କୋଣାର୍କ ମେଡିକାଲ ଛକଠାରୁ ଥାନା ଛକ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜାରେ ନବବଧୂ ବେଶ ସାଜିଛି କୋଣାର୍କ। କୋଣାର୍କ ଉତ୍ସବ, ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଚନ୍ଦ୍ରଭାଗା ବେଳାଭୂମି କୂଳରେ ପଦ୍ମଶ୍ରୀ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ।

# ରାସ୍ତା ପାଇଁ ଗଛ ବଳି





ଜୟଦେବ ବିହାର–ନନ୍ଦନକାନନ ରାସ୍ତାର ବାମପାର୍ଶ୍ୱ ସମାନ୍ତରାଳ ରୋଡ ପାଇଁ ସାଲିଆସାହିରେ ଉଚ୍ଛେଦ ପରେ ସେଠାରେ ଥିବା ବଡ଼ ବଡ଼ ଗଛକୁ କାଟି ଦିଆଯାଉଛି। (ଫଟୋ– ମନୋରଞ୍ଜନ ମିଶ୍ର)

# ଜିଲ୍ଲାରେ ୩୩୮ ଆକ୍ରାନ୍ତ ଚିହ୍ନଟ

**ଆଜି ବିଶ୍ୱ ଏଡ୍‌ସ ଦିବସ**

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ସୋମବାର ବିଶ୍ୱ ଏଡ୍‌ସ ଦିବସ। ସ୍ୱାସ୍ଥ୍ୟକ୍ଷେତ୍ରରେ ବିଶେଷ ଉନ୍ନତି ହୋଇଥିଲେ ମଧ୍ୟ ଏଡ୍‌ସ ନିରାକରଣ ଦିଗରେ ଏଯାବତ୍ ଔଷଧ ଆବିଷ୍କାର ହୋଇ ପାରିନାହିଁ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। ସଚେତନତା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସୁଫଳ ମିଳୁନାହିଁ। ଫଳରେ ରୋଗୀଙ୍କ ମୃତ୍ୟୁସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏଡ୍‌ସ ସଚେତନତା କେବଳ ସଭା, ଶୋଭାଯାତ୍ରା, ମାରାଥନ୍‌ରେ ସୀମିତ ରହିଛି। ଚଳିତବର୍ଷର ବିଷୟବସ୍ତୁ ରହିଛି 'ବିଭ୍ରାଟକୁ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା'। ଓଡ଼ିଶାରେ ଏଡ୍‌ସ ସ୍ଥିତି ସମ୍ବେଦନଶୀଳ ରହିଛି। ଏଚ୍‌ଆଇଭିକୁ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ତରରେ ପରୀକ୍ଷା ହେଉଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତିବର୍ଷ ବଢ଼ୁଛି। ଚଳିତବର୍ଷ ରାଜ୍ୟବ୍ୟାପୀ ୧୪ ଲକ୍ଷ ୧୩ ହଜାର ୬୧୬ ଜଣଙ୍କ ପରୀକ୍ଷା ହୋଇଥିଲା। ଅକ୍ଟୋବର ସୁଦ୍ଧା ୨୪୬୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଗଞ୍ଜାମରୁ ସର୍ବାଧିକ ୩୫୮ଜଣ ରହିଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୩୩୮ଜଣ ଚିହ୍ନଟ ହୋଇଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ଗତ ୨୨ବର୍ଷରେ ଏଡ୍‌ସରେ ୨୮୦ଜଣଙ୍କ ଜୀବନ ଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ସେଥିରୁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୭୦ ରହିଥିବା ବେଳେ ଅନ୍ୟ ଜିଲ୍ଲାରୁ ଆସି ଏଠାରେ ବସବାସ କରୁଥିବା ୧୧୦ଜଣଙ୍କ ମୃତ୍ୟୁ ଘଟିଛି। ତନ୍ମଧ୍ୟରୁ ଭୁବନେଶ୍ୱରରେ ସର୍ବାଧିକ ୭୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଖୋର୍ଦ୍ଧାରେ ୨୨, ବାଣପୁରରେ ୧୫, ବେଗୁନିଆରେ ୧୦, ବୋଲଗଡ଼ରେ ୭, ଚିଲିକାରେ ୪, ଜଟଣୀରେ ୧୮, ଟାଙ୍ଗୀରେ ୧୧, ବାଲିଅନ୍ତାରେ ୫ ଏବଂ ବାଲିପାଟଣାରେ ୩ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ପୁରୁଷଙ୍କ ସଂଖ୍ୟା ଅଧିକ ରହିଥିବା ଜଣାପଡିଛି। ୨୦୦୨ରୁ ୨୦୨୨ ଅକ୍ଟୋବର ସୁଦ୍ଧା ୨୦ବର୍ଷ ମଧ୍ୟରେ ୧୩,୪୪,୭୦୮ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧୨,୭୪,୫୫୦ଜଣଙ୍କ ରକ୍ତନମୁନା ପରୀକ୍ଷା କରାଯାଇଛି। ସେଥିରୁ ୩୬୯୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରୁ ପୁରୁଷ ୨୩୯୭, ମହିଳା ୮୯୧, ଶିଶୁ ୧୪୫ ଏବଂ ଅନ୍ୟ ୯୬ଜଣ ରହିଛନ୍ତି। ୨୪୨ଜଣଙ୍କ ମୃତ୍ୟୁ ଘଟିଛି। ସେଥିରୁ କେବଳ ଖୋର୍ଦ୍ଧା ଜିଲ୍ଲାରୁ ୧୪୧ଜଣ ରହିଛନ୍ତି। ଅନ୍ୟ ଜିଲ୍ଲା ଓ ବାହାର ରାଜ୍ୟରୁ ଆସି ଏଠାରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଥିବା ସଂଖ୍ୟା ୧୦୧ ରହିଛି। ୨୦୧୮-୧୯ରେ ୧,୧୦,୪୬୫ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧,୦୯,୯୮୧ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୪ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୧୯-୨୦ରେ ୧,୧୬,୮୯୩ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧,୧୫,୭୮୫ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୮୮ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦-୨୧ରେ ୧୦୦୫୩୭ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୯୯,୯୭୭ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୦୬ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୧ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୧-୨୨ରେ ୧,୩୮,୪୦୬ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୧,୩୭,୮୯୭ ରକ୍ତ ନମୁନା ପରୀକ୍ଷା କରାଯାଇଛି। ୨୩୯ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୮ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୨-୨୩ (ଅକ୍ଟୋବର ପର୍ଯ୍ୟନ୍ତ) ୯୬,୭୦୭ ଜଣଙ୍କୁ କାଉନ୍‌ସେଲିଂ କରାଯାଇଥିବା ବେଳେ ୯୬,୬୭୯ ରକ୍ତନମୁନା ପରୀକ୍ଷା କରାଯାଇଛି। ୨୪୦ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୩ଜଣଙ୍କ ମୃତ୍ୟୁ ଘଟିଛି। ଏନେଇ ଏଡିଏମ୍‌ଓ ଜୀବନ୍ତ ଆଚାର୍ଯ୍ୟ କହିଛନ୍ତି, ଅସୁରକ୍ଷିତ ଯୌନସମ୍ପର୍କ, ସଂକ୍ରମିତ ରକ୍ତ, ସଂକ୍ରମିତ ମା'ଠାରୁ କ୍ଷୀର ଖାଉଥିବା ଛୁଆକୁ ଏବଂ ସଂକ୍ରମିତ ଛୁଞ୍ଚି ଦ୍ୱାରା ଏହି ରୋଗ ହୋଇଥାଏ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ।

## ବ୍ରାଉନ୍‌ସୁଗାର ଜବତ, ବେପାରୀ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗୁରୁଜଙ୍ଗ ମହୋତ୍ସବ ପଡ଼ିଆରୁ ଜଣେ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଗୁରୁଜଙ୍ଗ ଦେଓ୍ୱାନସାହିର ସର୍ବେଶ୍ୱର ବେହେରା ଓରଫ ବାପି (୩୩)। ତାଙ୍କ ନିକଟରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ଗୋଟିଏ ବୁଲେଟ୍ (ଓଡି୦୨ ସିଓ୍ୱାଇ ୮୩୩୧), ମୋବାଇଲ ଫୋନ ଏବଂ ୧,୫୦୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୫୦୮/୨୫) ରୁଜୁ ହୋଇଛି ବୋଲି ରବିବାର ଆଦର୍ଶ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ମହୋତ୍ସବ ପଡ଼ିଆରେ ବ୍ରାଉନ୍‌ସୁଗାର ବେପାର ହେଉଥିବା ଖବରପାଇ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ ହୋଇଥିଲା। ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଟିମ୍ ସେଠାରେ ଚଢ଼ାଉ କରିଥିଲା। ତେବେ ଚଢ଼ାଉ ବେଳେ ବାପି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଟିମ୍ ତାଙ୍କୁ ମାଡ଼ିବସିଥିଲା। ଏହି ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସସ୍ମିତା ବେହେରା, ଏସ୍‌ଆଇ ଦିନେଶ କୁମାର ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ମେଶିନରୁ ବାହାରିଲାନି ଟିକେଟ, ପର୍ଯ୍ୟଟକ ହଇରାଣ

**ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ଘଣ୍ଟା ସର୍ଭର ଡାଉନ୍**

ବାରଙ୍ଗ,୩୦।୧୧(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମେଶିନରୁ ବାହାରିଲାନି ଟିକେଟ। ଫଳରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ାହୋଇ ପର୍ଯ୍ୟଟକମାନେ ହନ୍ତସନ୍ତ ହୋଇଥିବା ଜଣାପଡିଛି। ନନ୍ଦନକାନନର ସର୍ଭର ଡାଉନ ରହିଥିଲା ଯାହାଫଳରେ ସକାଳ ପ୍ରାୟ ୮.୧୦ରୁ ୧୦.୧୫ ପର୍ଯ୍ୟନ୍ତ ଏଭଳି ଟିକେଟ କରିବାରେ ତ୍ରୁଟି ଦେଖାଦେଇଥିଲା। ଦୀର୍ଘ ୨ ଘଣ୍ଟା ପରେ ସର୍ଭର ତ୍ରୁଟି ସମାଧାନ ହେବାରୁ ଅଫ୍‌ଲାଇନରେ ଟିକେଟ କରି ପର୍ଯ୍ୟଟକମାନେ ନନ୍ଦନକାନନ ପରିଭ୍ରମଣ କରିଥିଲେ। ସର୍ଭରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରବିବାର ଛୁଟିଦିନ ଥିବାରୁ ନନ୍ଦନକାନନରେ ସକାଳୁ ସକାଳୁ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହେଲେ ସର୍ଭର ଡାଉନ୍ ଯୋଗୁ ମେଶିନରୁ ଟିକେଟ ବାହାରି ନ ଥିଲା। ଅନ୍ୟପକ୍ଷରେ ଅଫ୍‌ଲାଇନ ଟିକେଟ କାଉଣ୍ଟର ବନ୍ଦ ରହିଥିଲା। ଟିକେଟ କାଉଣ୍ଟର ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିବା ବେଳେ ଟିକେଟ ମିଳିପାରୁ ନ ଥିଲା। ଫଳରେ ଏକପ୍ରକାର ହୋହଲ୍ଲା ପରିସ୍ଥିତି ଉପୁଜିଥିଲା। ମାଳ ମାଳ ଜୁ ଭଲ୍ୟୁଣ୍ଟର ଥିଲେ ସୁଦ୍ଧା କେହି ପର୍ଯ୍ୟଟକଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ କରି ନ ଥିଲେ। ନିରାଶ ହୋଇ ପର୍ଯ୍ୟଟକମାନେ ଫେରୁଥିବା ବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ନିକଟରେ ଥିବା ଗାଇଡ୍ ଏବଂ କର୍ତ୍ତୃପକ୍ଷଙ୍କ ସହାୟତାରେ ପର୍ଯ୍ୟଟକଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ଅନ୍‌ଲାଇନ ଟିକେଟ କରିବାକୁ କହିଥିଲେ। ହେଲେ ସେଥିରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା।




କେନ୍ଦୁଝର ଜିଲା ପାଟଣା ବ୍ଲକ ଯମୁନାପଶି ଗାଁରେ ଜିନ୍ଦଲ ପୋସ୍କୋ ବିରୋଧୀ ସଙ୍ଗଠନର ସମ୍ପାଦକ ବେଣୁଧର ସର୍ଦ୍ଦାର ଓ ୬ ଜଣଙ୍କୁ ଗିରଫ କରିବା ବିରୋଧରେ ଏଆଇକେକେଏମ୍‌ଏସ୍ ସର୍ବଭାରତୀୟ କମିଟି ଡାକରାରେ ଖୋର୍ଦ୍ଧାର ନୂଆ ବସ୍‌ଷ୍ଟାଣ୍ଡରେ ରବିବାର ଅପରାହ୍ନ ୫ଟାରେ ପ୍ରତିବାଦ ସଭା ହୋଇଥିଲା। ସଙ୍ଗଠନ ପକ୍ଷରୁ ଅଶୋକ ସାହୁ, ଅବିନାଶ ପ୍ରଧାନ, ସଂଘମିତ୍ରା ମହାପାତ୍ର, ପ୍ରକାଶ ପୃଷ୍ଟି, କମଳିନୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। **(ଫଟୋ: ପ୍ରଭାତ ପାଣିଗ୍ରାହୀ)**

## ୭ରୁ ଜଟଣୀ ପୁସ୍ତକ ମେଳା

ଜଟଣୀ,୩୦।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଆସନ୍ତା ୭ ତାରିଖରେ ଆରମ୍ଭ ହେବ ତ୍ରୟୋବିଂଶତମ ଜଟଣୀ ପୁସ୍ତକ ମେଳା। ଏନେଇ ରବିବାର ସ୍ଥାନୀୟ ସ୍ୱସ୍ତିଜ୍ୟୋତି ବିଦ୍ୟାଳୟ ପରିସରରେ ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜବାହାରଲାଲ ସୁବୁଦ୍ଧି ସଭାପତିତ୍ୱ କରିଥିଲେ। ପୁସ୍ତକ ମେଳା ୭ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଦିନ ସାହିତ୍ୟ ସଭା, ଭଞ୍ଜ ସାହିତ୍ୟ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ, କବିତା ପାଠ ଉତ୍ସବ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ଗୃହିଣୀଙ୍କୁ ନେଇ ପ୍ରତିଯୋଗିତା ହେବ। ଓଡ଼ିଶାର କଳା, ସଂସ୍କୃତି, ରାଜନୀତି ଏବଂ ବିଭିନ୍ନ ପ୍ରଶାସନିକ ପଦପଦବୀରେ ଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସଭା ଆୟୋଜନ ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ ୨୦ରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶନୀ ସଂସ୍ଥା ଯୋଗଦେବେ। ଏହି ଖବରଦାତା ସମ୍ମିଳନୀରେ ଶଶୀ ରଥ, ସୁଶାନ୍ତ ରାଉତ, କ୍ଷୀରୋଦ କୁମାର ନନ୍ଦ, ଆଦିନାରାୟଣ ଖଣ୍ଡୁଆଳ, କିଶୋର ପାଇକରାୟ, ଭବାନୀ ଶଙ୍କର ମହାପାତ୍ର, ପଦ୍ମନାଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପଦ୍ମନାଭ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ଜଟଣୀ ପୁସ୍ତକ ମେଳା ସମିତି ପକ୍ଷରୁ ସୂଚନା ଦିଆଯାଉଛି।

## ଅଧ୍ୟାପକଙ୍କୁ ଆକ୍ରମଣ ସହ ସୁନାଚେନ, ମନିପର୍ସ ଲୁଟିନେଲେ

ବୋଲଗଡ଼,୩୦।୧୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ରାଜନଗର ଗ୍ରାମର ଅଧ୍ୟାପକ ପ୍ରଶାନ୍ତ କୁମାର ସ୍ୱାଇଁ ରବିବାର ଅପରାହ୍ନରେ ପୁତୁରା ଚିରଞ୍ଜୀବଙ୍କ ସହ ଏକ ବିବାହ ଉତ୍ସବରେ ଯୋଗଦେବାକୁ ବେଗୁନିଆ ଅଭିମୁଖେ ଯାଉଥିଲେ। ବେଗୁନିଆ ଥାନା ଅଧୀନ ଜାତୀୟ ରାଜପଥର ଟିକାତଳ ଟୋଲଗେଟ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏପରିକି ପ୍ରଶାନ୍ତଙ୍କ ନିକଟରୁ ଏକ ସୁନା ଚେନ,ଏକ ସୁନା ମୁଦି ଓ ମନିପର୍ସ ଛଡ଼ାଇ ନେଇ ଦୁର୍ବୃତ୍ତମାନେ ପଳାଇଥିଲେ। ପ୍ରଶାନ୍ତଙ୍କ ମୁଣ୍ଡରେ ଗଭୀର ଆଘାତ ହୋଇଥିବା ବେଳେ ସେ ଏନେଇ ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଲୁଟ୍ ଉଦ୍ଦେଶ୍ୟରେ କିମ୍ବା ପୂର୍ବଶତ୍ରୁତାରୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ।

## ଜିଲ୍ଲାସ୍ତରୀୟ କ୍ୟାମ୍ପୋରି ୧୧ରେ

**ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡ୍‌ର ବୈଠକ**

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡ୍‌ର କାର୍ଯ୍ୟକାରୀ କମିଟିର ଏକ ବୈଠକ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ବିଜେବି ହାଇସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଜ୍ଞା ପରମିତା ଜେନା ବୈଠକ ପରିଚାଳନା କରିଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ବିଜେବି ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ କ୍ୟାମ୍ପୋରୀ ହେବା ପାଇଁ ସ୍ଥିର କରାଯାଇଥିବା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି। ଏହି କ୍ୟାମ୍ପୋରିରେ ଶାରୀରିକ ପ୍ରଦର୍ଶନୀ, ଦୁଃସାହସିକ କାର୍ଯ୍ୟକଳାପ, ଗାଁ ମେଳା ଓ ଖାଦ୍ୟ ସମ୍ଭାର, ଶିବିରାଗ୍ନି ଉତ୍ସବ, ସର୍ବଧର୍ମ ପ୍ରାର୍ଥନା, ଯୋଗ, ଶାନ୍ତି ଶୋଭାଯାତ୍ରା ଭଳି ୧୪ଟି ପ୍ରତିଯୋଗିତା ହେବ। କ୍ୟାମ୍ପୋରିର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯିବା ପାଇଁ ସ୍ଥିର କରାଯାଇଛି। ପ୍ରତିଯୋଗିତା ପରିଚାଳନା ପାଇଁ ତାଲିମଦାତା ପୀତବାସ ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଫିସର ତୋଫାନ ରାଉତରାୟ, ଜିଲ୍ଲା ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ଜିଲ୍ଲା ଗାଇଡ୍ କମିଶନର ଜୟନ୍ତୀ କୁମାରୀ ହୋତା, ଜିଲ୍ଲା ସ୍କାଉଟ କମିଶନର ବିଭୁପ୍ରସାଦ ସେନାପତି, କର୍ମକର୍ତ୍ତା ଚିତ୍ତରଞ୍ଜନ ବରାଳ, ମାନସ ସେଠୀ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଭାରତ ସ୍କାଉଟ ଗାଇଡ୍ ଦ୍ୱାରା ଗତ ୧୮ରୁ ୨୨ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ 'ଉଡାନ୍' କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା 'ରାମ୍ପସୋ'ରେ ପ୍ରଥମ ଓ 'ଗ୍ରୁପଡ୍ୟାନ୍ସ'ରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ରାୟ ପିଲାମାନଙ୍କ ସହିତ କର୍ମକର୍ତ୍ତା ଓ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମ୍ପାଦକ ସୁଧାକର ମହାପାତ୍ର ଜିଲ୍ଲା ପାଇଁ ମିଳିଥିବା ଟ୍ରଫିକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।




ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ ଓ ଗାଇଡ୍‌ର କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ଅତିଥି।

## କ୍ରପ୍ କଟିଂ କାର୍ଯ୍ୟ ଆରମ୍ଭ

ନିରାକାରପୁର,୩୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଞ୍ଚଳରେ ଚାଲିଛି ଧାନ ଅମଳ କାର୍ଯ୍ୟ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ରବିବାର ଉକ୍ତ ବ୍ଲକ ଅନ୍ତର୍ଗତ ଡିଆ ଓ ନିରାକାରପୁର ପଞ୍ଚାୟତ ଅଞ୍ଚଳରେ କ୍ରପ୍ କଟିଂ କାର୍ଯ୍ୟ ଆରମ୍ଭ ହୋଇଛି। ସେହିକ୍ରମରେ ପରିସଂଖ୍ୟାନ ଓ ଅର୍ଥନୀତି ବିଭାଗ ପକ୍ଷରୁ ଡିଆ ପଞ୍ଚାୟତର କାଶୀପୁର, ଡିଆ ଓ ନିରାକାରପୁର ପଞ୍ଚାୟତର ନନପଡ଼ା ଆଦି ମୌଜାସ୍ଥିତ ଧାନ କ୍ଷେତରୁ କ୍ରପ କଟିଂ ସଂଗ୍ରହ କରାଯାଇଛି। ଟାଙ୍ଗୀବ୍ଲକ କୃଷି ଅଧିଦର୍ଶକ ପ୍ରତାପ କୁମାର ସାହୁଙ୍କ ଉପସ୍ଥିତିରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଚଳିତବର୍ଷ ଧାନ ଉତ୍ପାଦନ ପ୍ରଣାଳୀ କିଭଳି ହୋଇଛି, ତାହା ନିରୀକ୍ଷଣ କରିଥିଲେ। ଅମଳ ପରେ ଏକର ପିଛା ହାରାହାରି କେତେ ଧାନ ଅମଳ ହୋଇଛି, ତାହା ପରୀକ୍ଷା କରାଯାଇଥିଲା। ତେବେ ଧାନ ଓଜନ ପରେ ଚଳିତବର୍ଷ ଆଶାନୁପାତ ଅମଳ ହେଉଥିବା ବ୍ଲକ କୃଷି ଅଧିଦର୍ଶକ ସାହୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଇନ୍ସ୍ୟୁରାନ୍ସ କମ୍ପାନୀ ଏଜେଣ୍ଟ ଆଶିଷ କୁମାର ଦଳ ବେହେରା ଉପସ୍ଥିତ ଥିଲେ।

## ରାମେଶ୍ୱର ଚ୍ୟାଲେଞ୍ଜ କପ୍ ଜିତିଲା ଜାଗୁଆର ଏକାଦଶ

ନିରାକାରପୁର,୩୦।୧୧(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ଖେଳପଡ଼ିଆରେ ନେତାଜୀ କ୍ଲବ ଆନୁକୂଲ୍ୟରେ ରାମେଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଚାଲିଥିବା ପ୍ରଥମ ବାର୍ଷିକ ରାମେଶ୍ୱର ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ନାମେଣ୍ଟରେ ଜାଗୁଆର ଏକାଦଶ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ହିଟ୍‌ମ୍ୟାନ ଏକାଦଶ କାଶୀପୁର ଏବଂ ଜାଗୁଆର ଏକାଦଶ ଭୁବନେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ହିଟ୍‌ମ୍ୟାନ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ବିନିମୟରେ ୩୫ ରନ ସଂଗ୍ରହ କରିଥିଲା। ଜବାବରେ ଜାଗୁଆର ଏକାଦଶ ଟିମ୍ ୪.୫ ଓଭରରେ ୨ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ରଞ୍ଜନ କୁମାର ସାହୁ ଏବଂ ଦେବାଶିଷ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଅନୁଷ୍ଠାନ ସଭାପତି ଚକ୍ରଧର ବାରିକ, ରଘୁନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ଚାମ୍ପିୟନ ଟିମ୍‌ର ପ୍ରଶାନ୍ତ କୁମାର ବେହେରା ମ୍ୟାନ ଅଫ୍ ଦି ସିରିଜ ଏବଂ ଦେବବ୍ରତ ଗୋଚ୍ଛାୟତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା। ଆଲୋକ ରଞ୍ଜନ ସାହୁ, ରାଜେଶ କୁମାର ତ୍ରିପାଠୀ, ହିମାଂଶୁ ଭୂଷଣ ମହାନ୍ତି, ଅଜୟ କୁମାର ସାହୁ, ତନ୍ମୟ ମହାପାତ୍ର, କାହ୍ନୁ ଚରଣ ନାୟକ, ଅନିଲ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି କପ୍ ଗ୍ରହଣ କରୁଛନ୍ତି।

## ମେଣ୍ଟାଶାଳକୁ ହରାଇ ମଞ୍ଚେଶ୍ୱର ଚାମ୍ପିୟନ

**ଲୋକନାଥଦେବ କ୍ରିକେଟ୍ ଟୁର୍ନାମେଣ୍ଟ**

ଖୋର୍ଦ୍ଧା,୩୦।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆରେ ରାଇଜିଂ ଷ୍ଟାର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ମଞ୍ଚେଶ୍ୱର ଏବଂ ମେଣ୍ଟାଶାଳ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ମେଣ୍ଟାଶାଳ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୬୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ, ଆଇ.ଏସ୍. ଗିରି ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଞ୍ଚେଶ୍ୱର ଟିମ୍ ୧୮ ଓଭରରେ ୬ ଉଇକେଟ ବିନିମୟରେ ୧୬୬ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଏସ୍.କେ. ସଲ୍‌ମାନ ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଆଇ.ଏସ୍. ଗିରି, ଶ୍ରେଷ୍ଠ ବୋଲର ମନୋଜ କୁମାର ବାରିକ ଏବଂ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଶ୍ରେୟାନ୍ସୁ ସାହୁ ପୁରସ୍କୃତ ହୋଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ରାଇଜିଂ ଷ୍ଟାର କ୍ଲବ ସଭାପତି ସଞ୍ଜୟ ପାଇକରାୟ, ସଂଗ୍ରାମ କେଶରୀ ସାମନ୍ତସିଂହାର, ରାମଚନ୍ଦ୍ର ସାମନ୍ତରାୟ, ଅକ୍ଷୟ ଜେନା, ଗୋବର୍ଦ୍ଧନ ହାତୀ, ଅମରେନ୍ଦ୍ର ବରାଳ, ବନବିହାରୀ ସ୍ୱାଇଁ, ରାଜେଶ ବରାଳ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ରିୟାଜତ୍ ଅଲ୍ଲୀ ଏବଂ ପ୍ରଦୋଷ ବଳିୟାରସିଂହ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ, ଅଭିଜିତ୍ ସାମନ୍ତରାୟ, ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଏବଂ ତାରାପ୍ରସାଦ ରାଉତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। କ୍ୟାମେରା ମ୍ୟାନ୍ ବିନୋଦ ଜେନା, ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ, ଅମିୟ ପ୍ରଧାନ ଏବଂ ମ୍ୟାଚ୍ ରେଫରି ଭାବେ କାଜଲ ବଳିୟାରସିଂ ଦାୟିତ୍ୱ ତୁଲାଇଥିଲେ। ଦୁର୍ଯ୍ୟୋଧନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧୧।୨୦୨୫

| | |
|---|---|
| ୮,୦୯,୫୩୬ ଟଙ୍କା | |
| ସୁନା | ୫୦୦ ମିଲିଗ୍ରାମ୍ |
| ରୁପା | ୪.୮୦୦ ଗ୍ରାମ୍ |

# ସାଇକେଲ୍ ଚଲାଅ ସୁସ୍ଥ ରୁହ ବାର୍ତ୍ତା ଦେଲେ ଅତିଥି

- ମେଗା ସାଇକ୍ଲୋଥନ କାର୍ଯ୍ୟକ୍ରମ
- ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

କୋଣାର୍କ,୩୦।୧୧(ଜ୍ୟୋତିରାଜ ମହାନ୍ତି)



ସାଇକ୍ଲୋଥନ କାର୍ଯ୍ୟକ୍ରମକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

କୋଣାର୍କ ଉତ୍ସବ ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ କ୍ଲବ ଆନୁକୂଲ୍ୟରେ ଏକ ମେଗା ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବକ ମଧୁସୂଦନ ସିଂହାରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଞ୍ଜନ ପଟ୍ଟନାୟକ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ସଞ୍ଜୟ କୁମାର ପତି, କୋଣାର୍କ ଏନ୍ଏସି କାଉନସିଲର ସୌମ୍ୟ ସୌରଭ ଦାଶ, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ପ୍ରମୁଖ ଯୋଗଦେଇ ଆମ ଐତିହ୍ୟ ଆମ ଗୌରବର ବାର୍ତ୍ତା ନେଇ ଅନୁଷ୍ଠିତ ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହ ସାଇକେଲ ଚଳାଇବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନର ଏକ ଉତ୍ତମ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ପରେ ପରେ ସୂର୍ଯ୍ୟ ମନ୍ଦିର ପରିସରରୁ ଆମ ଐତିହ୍ୟ ଆମ ସଂସ୍କୃତି, ସାଇକେଲ ଚଲାଅ ସୁସ୍ଥ ରୁହର ବାର୍ତ୍ତା ବହନ କରୁଥିବା ମେଗା ସାଇକ୍ଲୋଥନ ସଚେତନତା କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକ ଓ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ସମେତ ଅନ୍ୟ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ଛାତ୍ରଛାତ୍ରୀ ମାନେ ସଚେତନତାର ବାର୍ତ୍ତା ଛିଞ୍ଚନ କରି ସାଇକେଲ ଯୋଗେ ଦୀର୍ଘ ୧୦ କିମି ରାସ୍ତା ରାମଚଣ୍ଡୀ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହୋଦଧି ଏକାଡେମୀର ଅଧ୍ୟକ୍ଷ ଶୁଭ୍ରଜିତ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ, ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ରଙ୍କୁ ବାଦଲ ଦାଶ ସ୍ମୃତି ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସାଇଁଙ୍କୁ ସ୍ୱର୍ଗତ ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନରେ ଉପଢ୍ୱୌକନ, ଉତ୍ତରୀୟ ଓ ସିଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚଣ୍ଡୀ ଠାରେ ସାଇକ୍ଲୋଥନ କାର୍ଯ୍ୟକ୍ରମ ଉଦଯାପନୀ ସମାରୋହ ରେ ଅତିଥି ଭାବରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତି ସଭ୍ୟ କାଶିନାଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଣାର୍କ ତଥା ଆଖପାଖ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ରାମକୃଷ୍ଣ ମହାନ୍ତି ସଂଯୋଜନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ସମ୍ପାଦକ ବିଚିତ୍ର ଓଝା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ।

## ମହାବୀର ଡ୍ୟାନ୍ସ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ

ଯୋଗେଶ୍ୱରପୁର,୩୦।୧୧ (ରଶ୍ମି ରଞ୍ଜନ ସାହୁ)

ନୟାହାଟଠାରେ ଶନିବାର ସନ୍ଧ୍ୟା ୭ଟାରେ ମହାବୀର ଡ୍ୟାନ୍ସ ଅନୁଷ୍ଠାନର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କୁନି କୁନି ପିଲାଙ୍କୁ ନେଇ ନାଚଗୀତ ତାଲିମ୍ ଦେଉଥିବା ଅନୁଷ୍ଠାନର ମୁଖ୍ୟ ପଦ୍ମଚରଣ ରାଉତଙ୍କ ଅକ୍ଳାନ୍ତ ପରିଶ୍ରମରେ ଉକ୍ତ ଅନୁଷ୍ଠାନଟି ବଞ୍ଚିରହିଛି। ନୟାହାଟ ଅଞ୍ଚଳର କୁନି କୁନି ପିଲାଙ୍କୁ ସଙ୍ଗୀତ ଓ ନାଚ ମାଧ୍ୟମରେ କିଛି ଶିକ୍ଷଣୀୟ ଜିନିଷ ସମାଜକୁ ଆକୃଷ୍ଟ କଲାଭଳି ପ୍ରୋଗ୍ରାମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲବୋରି ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ଯୋଗଦେଇଥିଲା ବେଳେ ନୟାହାଟ ଅଞ୍ଚଳର ଜଣାଶୁଣା ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ପାତ୍ର, ମାନସ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସରୋଜ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ବା ସମାଜସେବୀ ଶ୍ରୀ ସିଂହ କହିଥିଲେ, ନୟାହାଟରେ ମହାବୀର ଡ୍ୟାନ୍ସ ଗ୍ରୁପ ଅନୁଷ୍ଠାନକୁ ଚଳାଉଥିବା କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିବା ସହିତ ଏହାର ଉନ୍ନତି କାମନା କରିଥିଲେ ।

## ହୋପ୍ ଇଜ୍ ଲାଇଫ୍ ପକ୍ଷରୁ ସଫେଇ

ପୁରୀ,୩୦।୧୧(ଅଜିତ୍ କୁମାର ମହାନ୍ତି)

ଅନୁଷ୍ଠାନ ହୋପ୍ ଇଜ୍ ଲାଇଫ୍ ପକ୍ଷରୁ ଜଗନ୍ନାଥବଲ୍ଲଭ ପରିସର ଓ ପରିସରରେ ଥିବା ବେଣ୍ଟ ପୋଖରୀ ସଫେଇ ହୋଇଯାଇଛି। ପୋଖରୀ ପାର୍ଶ୍ୱରେ ଥିବା ଦେବଦେବୀଙ୍କୁ ମଧ୍ୟ ପରିଷ୍କାର ପରିଚ୍ଛନ୍ନ କରାଯାଇଛି। ପୋଖରୀ ପାଣିକୁ ସ୍ୱଚ୍ଛ କରିବା ପାଇଁ ସିପ ଚୂନ ପକାଯାଇଛି। କାର୍ଯ୍ୟକ୍ରମରେ ସୁଶାନ୍ତ ମହାପାତ୍ର, ଅରକ୍ଷିତ ବେହେରା, ମନୋଜ ମହାନ୍ତି, ଗଦାଧର ସାହୁ, ସନ୍ଧ୍ୟାରାଣୀ କାଠୁଆ, ସବିତା ପୃଷ୍ଟି, ଭାରତୀ ମହାପାତ୍ର, ଚିନ୍ମୟୀ ନନ୍ଦ, ଯଶୋଦା ବେହେରା, ବନିତା ବେହେରା, ମାହେଶ୍ୱରୀ ବେହେରା, ଦିବାକର ଦଳେଇ, ସୁଶାନ୍ତ ନାୟକ, କାମଦେବ ପ୍ରଧାନ, ଉମା ଦଳେଇ, ରଜନୀ ପଟ୍ଟନାୟକ, ଏମଡି ୱାଜିର, ବିକାଶ ରାଉତ, ଏମ୍‌ପି ସାଇଦ, ବୈରାଗୀ ପ୍ରଧାନ, ଅନିଲ ପାତ୍ର, ପ୍ରଶାନ୍ତ ଜେନା, ଜଗବନ୍ଧୁ ବେହେରା, ସନ୍ତୋଷ ପାଢ଼ୀ, ଦୁର୍ଯ୍ୟୋଧନ ରେଡ୍ଡୀ, ରାଜା ରାଓ, ସମ୍ବିତ ବରାଳ, ଶତ୍ରୁଘ୍ନ ପୁହାଣ ଓ ସୁରେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କୁଖ୍ୟାତ ଅପରାଧୀ ଶେଖ୍ ରାଜନ ପୁରୀରୁ ଗିରଫ

ଯୋଗେଶ୍ୱରପୁର,୩୦।୧୧(ରଶ୍ମିରଞ୍ଜନ ସାହୁ)

ଜଣେ ବୃଦ୍ଧଙ୍କୁ ଥଣ୍ଡା ବୋତଲରେ ଆକ୍ରମଣକରି ୨୦ ଦିନ ହେବ ଫେରାର୍ ଥିବା ଅପରାଧୀ ଶେଖ୍ ରାଜନଙ୍କୁ ପୁରୀରୁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗିରଫ କରିଛନ୍ତି। ପ୍ରକାଶ ଯେ, ଗତ ନଭେମ୍ବରେ ୯ ତାରିଖରେ ନୟାହାଟ ଅନ୍ତର୍ଗତ ଚଢ଼େଇଖିଆ ଗ୍ରାମର ଶେଖ୍ ତାହିର(୫୫)ଙ୍କ ମୁଣ୍ଡକୁ ଥଣ୍ଡା ବୋତଲରେ ଆକ୍ରମଣକରି ନଗଦ ୪ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ଗୋପ ଥାନା କେସ୍ ନଂ.୩୮୬/୨୫ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ସେହିଦିନଠାରୁ ଶେଖ୍ ରାଜନ ଫେରାର ଥିଲେ। ଅଭିଯୁକ୍ତ ପୁରୀରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ମଲ୍ଲିକ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲେ। ପରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି।

### ହୋଟେଲ ସାମ୍ନାରୁ ଟାଟା ମ୍ୟାଜିକ୍ ଚୋରି

ନିମାପଡ଼ା,୩୦।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଖେଲାର ନିକଟସ୍ଥ ହରିଶପୁର ପେଟ୍ରୋଲ୍ ପମ୍ପ ନିକଟରେ ଥିବା ଏକ ହୋଟେଲ ସମ୍ମୁଖରୁ ଶନିବାର ରାତିରେ ରହସ୍ୟଜନକ ଭାବେ ଏକ ଟାଟା ମ୍ୟାଜିକ ଗାଡ଼ି ଚୋରି ହୋଇଯାଇଛି। ଏ ସମ୍ପର୍କରେ ଗାଡ଼ି ମାଲିକ ନିମାପଡ଼ା ଥାନା ଅନ୍ତର୍ଗତ ଅଲଣ୍ଡା ଗ୍ରାମର କାଳନ୍ଦୀ ସ୍ୱାଇଁ ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଏକ ବଜାର ଓ ପେଟ୍ରୋଲ ପମ୍ପ ନିକଟରୁ ଏହି ଗାଡ଼ି ଚୋରି ହେବା ଘଟଣା ସ୍ଥାନୀୟ ଅଞ୍ଚଳବାସୀ ଓ ଗାଡ଼ି ମାଲିକଙ୍କୁ ସ୍ତବ୍ଧ କରିଦେଇଛି। ତୁରନ୍ତ ଚୋରି ଗାଡ଼ି ଉଦ୍ଧାର କରାଯିବା ଦିଗରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଯିବାକୁ ଗା କାଳନ୍ଦୀ ସ୍ୱାଇଁ ପୋଲିସ ନିକଟରେ ଦୃଢ଼ ଦାବି କରିଛନ୍ତି.ଅନ୍ୟ ପକ୍ଷରେ ରେଞ୍ଚ, ଖେଲାର, ହରିଶପୁର ଆଦି ଅଞ୍ଚଳରେ ପୋଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବାକୁ ପୋଲିସ ଅଧିକାରୀ ଙ୍କ ନିକଟରେ ବିଭିନ୍ନ ମହଲରେ ଦାବି ହେଉଛି।

### ଅବସରପ୍ରାପ୍ତ କର୍ମଚାରୀ ସଂଘର ବର୍ଷାନ୍ତ ଅଧିବେଶନ

ପୁରୀ,୩୦।୧୧(ଅଜିତ କୁମାର ମହାନ୍ତି)

କେନ୍ଦ୍ର ସରକାରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ପୁରୀ ଜିଲାର ବର୍ଷାନ୍ତ ଅଧିବେଶନ ସ୍ଥାନୀୟ ସେନାପତି ବଗିଚାଠାରେ ଶନିବାର ଅନୁଷ୍ଠିତ ହୋଇଛି। ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅଧିବେଶନରେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ ଭାରତ ପେନ୍‌ସନର୍ ସମାଜ ତରଫରୁ ଆସନ୍ତା ୩ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ମହାଅଧିବେଶନ ସମ୍ପର୍କରେ ଆଲୋଚନା କରିଥିଲେ। ଅଷ୍ଟମ ବେତନ କମିଶନ ପେନ୍‌ସନଭୋଗୀଙ୍କ ପ୍ରତିକୂଳ ସିଦ୍ଧାନ୍ତ ନେଲେ, ଏହାର ବିରୋଧ କରିବାକୁ ସ୍ଥିର କରାଯାଇଥିଲା। ସଂଘର ଉପଦେଷ୍ଟା ବିମଳ ପ୍ରସାଦ ମହାନ୍ତି ଓ ଲୋକନାଥ ମିଶ୍ର ଗଣମାଧ୍ୟମ ବିଶେଷଜ୍ଞ, ସଦସ୍ୟ ମାନସ ରଞ୍ଜନ ମହାପାତ୍ର, ସହାୟକ ସମ୍ପାଦକ ମନୋଜ କୁମାର ସାମଲ, କୋଷାଧ୍ୟକ୍ଷ କିଶୋର କୁମାର ପଟ୍ଟନାୟକ ଓ ଅନ୍ୟ ସଦସ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ଭାରତର ଚାରିଧାମ ପରି ଶ୍ରୀଜଗନ୍ନାଥ ଧାମରେ ସେଣ୍ଟ୍ରାଲ ଗଭର୍ନମେଣ୍ଟ ହେଲ୍‌ଥ ସ୍କିମ୍‌ର ଚିକିତ୍ସା କେନ୍ଦ୍ର ତୁରନ୍ତ ସ୍ଥାପନ କରାଯିବାକୁ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବା ପାଇଁ ସ୍ଥିର କରାଯାଇଛି। ଶେଷରେ ସଂଘର ଉପସଭାପତି ଦର୍ପେନ୍ଦ୍ର ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।





ପୁରୀ ୟୁଥ ହଷ୍ଟେଲ ପରିସରରେ ଶ୍ରୀମତୀ ଦୁର୍ଗାଦେବୀ ପ୍ରଧାନଙ୍କ ପୁସ୍ତକ 'କରୁଣା କୈବଲ୍ୟ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।

## ଭଲ ମଣିଷ ହେବାକୁ ହେଲେ ସଂସ୍କାର ଦରକାର

**ଅବସର ନେଲେ ଶିକ୍ଷାବିତ୍ ସଂଯୁକ୍ତା ମହାପାତ୍ର**

ପୁରୀ,୩୦।୧୧(ଅଜିତ କୁମାର ମହାନ୍ତି)

ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ତୋରଣର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ମହାପାତ୍ରଙ୍କର ଅବସର ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆମ୍ବପଡ଼ା ସରପଞ୍ଚ ସୁଜାତା ନାୟକ, ସମ୍ମାନିତ ଅତିଥିଭାବେ ବାମୁଣ୍ଡି ଭାଗବତ ଟୁଙ୍ଗିର ସଭାପତି ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଯୋଗଦେଇ ଭଲ ପାଠ ପଢ଼ିଲେ ଜଣେ ଭଲ ମଣିଷ ହୋଇପାରେ ନାହିଁ, ଭଲ ମଣିଷ ହେବାକୁ ହେଲେ ସଂସ୍କାର ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଦେବପ୍ରସାଦ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ ଶ୍ରଦ୍ଧାଞ୍ଜଳି ମହାନ୍ତି, ବାସନ୍ତି ମଲିକ, ଆଶୁତୋଷ କୁଣ୍ଡୁ ଓ ସଭାପତି ମିଟୁ ଭୋଇ ଏବଂ ସମାଜସେବୀ ରାଜେଶ ନାୟକ ଉପସ୍ଥିତ ଥିଲେ। ଶେଷରେ ବାମୁଣ୍ଡି ଭାଗବତ ଟୁଙ୍ଗି ପକ୍ଷରୁ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ହନୁମାନ ଚାଳିଶା ବଣ୍ଟନ କରାଯାଇଥିଲା ଏବଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

କଣାସ,୩୦।୧୧(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ପାଟଯୋଶୀପୁର ଗ୍ରାମର ଯୁବଜ୍ୟୋତି ସେବା ପ୍ରତିଷ୍ଠାନ ପରିସରରେ ରବିବାର ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକୁ ପଞ୍ଚାୟତର ଶତାଧିକ ମହିଳା, ଶିଶୁ ଯୋଗଦେଇଥିଲେ। ମହିଳାଙ୍କର ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ତଥା କିଶୋରୀ ବାଳିକା ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ସର୍ବୋପରି ଜନସଂଖ୍ୟା ହ୍ରାସ, ଶିଶୁ ଓ ମାତୃ ମୃତ୍ୟୁହାର କିପରି ରୋକାଯାଇପାରିବ ତାହା ଉପରେ ବିଶେଷ ଆଲୋଚନା କରାଯାଇଛି। ମହିଳାଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ଜଗଦେବ, ସମ୍ପାଦକ ଦୁର୍ଗାଶଙ୍କର ମହାପାତ୍ର, ଲିଙ୍ଗରାଜ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ଦେବଦତ୍ତ ମିଶ୍ର, ଦିବାକର ମିଶ୍ର, ପ୍ରିୟରଞ୍ଜନ ନନ୍ଦ, ସବିତା ମହାପାତ୍ର, ମମତା ମହାପାତ୍ର, ତାରାଶଙ୍କର ମହାପାତ୍ର, ସୁକାନ୍ତ ମହାପାତ୍ର, ରମାରଞ୍ଜନ ମହାପାତ୍ର ପ୍ରମୁଖ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ୱାର୍ଡମେମ୍ବର ସସ୍ମିତା ଦାସ, ଅଙ୍ଗନୱାଡ଼ି କର୍ମୀ କଳ୍ପନା ପତି, ଆଶାକର୍ମୀ ଦେବପ୍ରଭା ପଣ୍ଡା ସକ୍ରିୟ ସହଯୋଗ କରିଥିଲେ। ଶେଷରେ ମହିଳାଙ୍କୁ ସ୍ୱାସ୍ଥ୍ୟ କିଟ୍, ଛୋଟପିଲାମାନଙ୍କୁ ଶିକ୍ଷା କିଟ୍ ପ୍ରଦାନ କରାଯାଇଥିଲା।

## ସମସ୍ତଙ୍କ ସହଯୋଗରେ ବିଦ୍ୟାଳୟର ସାମଗ୍ରିକ ବିକାଶ ସମ୍ଭବ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

**ଶିକ୍ଷକଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା**

ଡେଲାଙ୍ଗ,୩୦।୧୧(ରଶ୍ମିରଞ୍ଜନ ପ୍ରଧାନ)

ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ରବିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଚିତ୍ତରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ପରିଡ଼ା, ଆର୍ତ୍ତତ୍ରାଣ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ବର୍ଷିୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ ସଂଘ ସଭାପତି ପ୍ରହ୍ଲାଦ ସ୍ୱାଇଁ, ସତ୍ୟବାଦୀ ବ୍ଲକର ଏବିଇଓ ଛାଟୋଇ ମୋତିଲାଲ ରାୟ, ଜି.ଉଦୟଗିରିରୁ ନିବେଦିତା ପ୍ରଧାନ, ବ୍ରହ୍ମାନନ୍ଦ ନାୟକ, ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ୍ ଗୋଲଖ ବରାଳ, ଶ୍ରୀଧର ପ୍ରଧାନ, ଜଟାଧାରୀ ପରିଡ଼ା, ନିରଞ୍ଜନ ସାହୁ, ଆଲୁମିନା କମିଟି ସଭାପତି ପ୍ରଭାସ ପରିଡ଼ା, ପରିଚାଳନା କମିଟି ସଭାପତି ପବିତ୍ର ମୋହନ ପରିଡ଼ା, ସିଆର୍‌ସିସି ତପନ ମଲ୍ଲିକ, ଦିଲୀପ ନାୟକ, ସଂସ୍କୃତିପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ, ସାମାଜିକ କର୍ମୀ ପ୍ରହ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅଭିଭାବକ ଓ ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟର ସାମଗ୍ରିକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହ ବିଦାୟୀ ଶିକ୍ଷକ ସେଠୀଙ୍କ ବିଦ୍ୟାଳୟ ପ୍ରତି ଅବଦାନ ଓ ବହୁମୁଖୀ ସୁଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ମହେନ୍ଦ୍ର ଦାଶ ଓ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ସଭା ସଂଯୋଜନା କରିଥିବା ବେଳେ ପରିବେଶପ୍ରେମୀ ତଥା ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବିଜ୍ଞାନର ବିକାଶରେ ସମାଜର ଉନ୍ନତି ସମ୍ଭବ

କାକଟପୁର/ଅସ୍ତରଙ୍ଗ,୩୦।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପ୍ରଦର୍ଶନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ରବୀନ୍ଦ୍ରନାଥ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ନାରାୟଣ ଦୀକ୍ଷିତ ଓ ମୁଖ୍ୟ ବକ୍ତା ଭାବେ ତହସିଲଦାର ଅଙ୍କିତା ଅନିନ୍ଦିତା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, କାକଟପୁର ମଣ୍ଡଳ ସହଶିକ୍ଷାଧିକାରୀ ବଂଶୀଧର ମଲ୍ଲିକ, ବରୁଣେଇ ଉଚ୍ଚ ବିଦ୍ୟାଳୟ, ପାଟପୁର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ରଥ, ସହଶିକ୍ଷାଧିକାରୀ ବ୍ରହ୍ମାନନ୍ଦ କାଣ୍ଡି, ସହଶିକ୍ଷାଧିକାରୀ ମାଲିକ କାବିର ହୁସେନ, ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ଖୁଣ୍ଟିଆ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସେକ୍ ଜିଆଉଲ ହକ ଏବଂ ପିଏମ୍‌ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ପ୍ରତାପ ରାଉତ ଉପସ୍ଥିତ ଥିଲେ। ବିଜ୍ଞାନର ବିକାଶରେ ସମାଜର ଉନ୍ନତି ସମ୍ଭବ ବୋଲି ଅତିଥିମାନେ କହିବା ସହ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ପ୍ରତି ଆକୃଷ୍ଟ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ହୃଦାନନ୍ଦ ଶାସମଲ ମଞ୍ଚ ପରିଚାଳନା କରିଥିଲେ। ମୋଟ ୧୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି। ବିଚାରକ ଭାବେ ଅଶୋକ କୁମାର ପୃଷ୍ଟି, ଦିଲ୍ଲୀପ ଓଝା, ଅରବିନ୍ଦ ଦାଶ କାର୍ଯ୍ୟ ପରିଚାଳନା କରିଥିଲେ। କାକଟପୁର ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଚୋରା ମଦ ଜବତ, ୨ ବେପାରୀ ଗିରଫ

ନିମାପଡ଼ା,୩୦।୧୧(ବିଚିତ୍ରାନନ୍ଦ ସାହୁ )

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ଶନିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୨ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରାଯାଇଛି। ଗିରଫ ଚୋରା ମଦ ବେପାରୀ ନିମାପଡ଼ା ଥାନା ଅନ୍ତର୍ଗତ ଭାଟବନ୍ଧ ଗ୍ରାମର ପ୍ରକାଶ ରାୟଙ୍କଠାରୁ ୩୦ ବୋତଲ ଚୋରା ବିଦେଶୀ ମଦ ଜବତ କରାଯାଇଥିବାବେଳେ ଅନ୍ୟତମ ମଦ ବେପାରୀ ଶଗଡ଼ାଚିତ୍ରା ଗ୍ରାମର ବିଜୟ ମୁଦୁଲିଙ୍କ ଠାରୁ ୨୫ବୋତଲ ଚୋରା ଦେଶୀ ମଦ ଜବତ କରାଯାଇଛି। ଉଭୟ ମଦ ବେପାରୀଙ୍କଠାରୁ ଜବତ ମଦର ମୂଲ୍ୟ ପ୍ରାୟ ୮ହଜାର ଟଙ୍କା ହେବ ବୋଲି ଅବକାରୀ ଥାନା ସୂତ୍ରରୁ ଜଣାପଡ଼ିଛି। ଗିରଫ ମଦ ବେପାରୀ ପ୍ରକାଶ ରାୟ ଓ ବିଜୟ ମୁଦୁଲି ପ୍ରମୁଖଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ୨ଜଣ ଚୋରା ମଦ ବେପାରୀଙ୍କ ବିରୋଧରେ କେସ୍ ନଂ. ୧୫୮/୨୫-୨୬ ଓ ୧୫୯/୨୫-୨୬ରେ ପୃଥକ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ପୁରୀଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ ନିମାପଡ଼ା ଅବକାରୀ ଥାନା ଇନ୍ସପେକ୍ଟର ନିରାକାର ଦେଉରୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ତପନ ପ୍ରଧାନ, ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉରେ ସାମିଲ ଥିଲେ।

## ଶ୍ରୀ ଶ୍ରୀ ମହାବୀରଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

ନିମାପଡ଼ା,୩୦।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଗଡ଼ଅଣ୍ଡିଆ ଗ୍ରାମର ଇଷ୍ଟଦେବ ପ୍ରଭୁ ଶ୍ରୀ ଶ୍ରୀ ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଗଡ଼ଅଣ୍ଡିଆ ଗ୍ରାମବାସୀଙ୍କ ପକ୍ଷରୁ ମହାସମାରୋହରେ ପାଳିତ ହୋଇଯାଇଛି। ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ରବିବାର ପୂର୍ଣ୍ଣାହୁତି ହେବାପରେ ସମାପନ ହୋଇଛି। ଏହି ଅବସରରେ ଠାକୁରଙ୍କ ଅଙ୍କୁରାରୋପଣ, ଶାଳା ପ୍ରତିଷ୍ଠା, ଜଳାଧିବାସ, ପଞ୍ଚକର୍ମ, ଶାଳାମଣ୍ଡପ ପୂଜା, ଅଗ୍ନି ସ୍ଥାପନ, ହୋମ, ଚାଳିଶା ପାଠ, ସୂର୍ଯ୍ୟପୂଜା, ହନୁମାନ ଦେବଙ୍କ ମହାସ୍ନାନ, ଜୀବନ୍ୟାସ, ପ୍ରାଣପ୍ରତିଷ୍ଠା, ପୂଜାର୍ଚ୍ଚନା ଯଥାବିଧି ସମାପନ ହୋଇଥିଲା। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ବେଳେ ପ୍ରଭୁ ମହାବୀରଙ୍କ ମନ୍ଦିରରେ ଶହ ଶହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘଣ୍ଟ ଘଣ୍ଟା ବାଦ୍ୟ, ଭେରୀତୁରି, ହରିବୋଲ, ହୁଳହୁଳି, ଜୟ ମହାବୀର ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ଗଡ଼ଅଣ୍ଡିଆ ଗ୍ରାମ ଓ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବା ବେଳେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଏହି ଉତ୍ସବରେ ବହୁ ଶ୍ରୀରାମ ଓ ହନୁମାନ ଭକ୍ତ ସାମିଲ ହୋଇଥିଲେ।



ଶ୍ରୀ ଶ୍ରୀ ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ।

## ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ୟୁନିଅନ ସ୍ପୋର୍ଟିଂ ବିଜୟୀ

**ନିମାପଡ଼ା ବାରବାଟୀ କପ୍ କ୍ରିକେଟ**

ନିମାପଡ଼ା, ୩୦।୧୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏସ୍. ପି. ଫାଉଣ୍ଡେଶନ ଆନୁକୂଲ୍ୟରେ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ନିମାପଡ଼ା ବାରବାଟୀ କପ ଓ ପଞ୍ଚମ ଟୁବୁଲି ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ଏକ ବର୍ଣ୍ଣାଢ୍ୟ ପରିବେଶରେ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ଏସ. ପି. ଫାଉଣ୍ଡେଶନ ନିମାପଡ଼ାକୁ ହରାଇ କଟକ ୟୁନିୟନ ସ୍ପୋର୍ଟିଂ ୯୪ ରନ୍‌ରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି କଟକ ୟୁନିୟନ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୫ ଓଭର ଖେଳରେ ୯ ଟି ଉଇକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିନାୟକ ସାହୁ ସର୍ବାଧିକ ୩୩ରନ, ଅରବିନ୍ଦ ସିଂ ୩୦ ରନ୍, ଆତିଫ ୩୦ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ନିମାପଡ଼ା ଏସ. ପି. ଫାଉଣ୍ଡେଶନ ଦଳର ବୋଲର ସାବିକ ଅଜିତ ଖାନ ୩ଟି, ପ୍ରିୟରଞ୍ଜନ ମୁଦୁଲି ୨ଟି ଉଇକେଟ ନେଇଥିଲେ। ଏହାର ଜବାବରେ ଦ୍ୱିତୀୟାର୍ଦ୍ଧରେ ବ୍ୟାଟିଂ କରି ନିମାପଡ଼ା ଏସ୍ ପି ଫାଉଣ୍ଡେଶନ ଦଳ ନିର୍ଦ୍ଧାରିତ ୨୫ ଓଭର ଖେଳରୁ ୨୩. ୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲେ। ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ବିଶ୍ୱାଳ ସର୍ବାଧିକ ୨୫ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ କଟକ ୟୁନିଅନ ସ୍ପୋର୍ଟିଂ ର ବୋଲର ବିନାୟକ ସାହୁ ୨ଟି, ଗଣେଶ ତୋମାର ୨ ଟି ଉଇକେଟ ନେଇଥିଲେ। ଅମ୍ପାୟାର ଓଡ଼ିଶା କ୍ରିକେଟ୍ ଆସୋସିଏସନର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ନିର୍ମଳ ମିଶ୍ର ଓ ଅୟଶକାନ୍ତ ମିଶ୍ର ମ୍ୟାଚ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକ ୟୁନିଅନ ସ୍ପୋର୍ଟିଂ ର ଖେଳାଳି ବିନାୟକ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଖାଉତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଘାଟନୀ ମ୍ୟଚରେ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ କ୍ଷୀରୋଦ ଚନ୍ଦ୍ର ରାୟ ମହାପାତ୍ର, ପତିତପାବନ ସେବା ସଂଘର ସମ୍ପାଦକ ଶିକ୍ଷାବିତ ଜଗତପ୍ରସାଦ ସାବ୍ରତ, ତ୍ରିଜ୍ୱ ଶିକ୍ଷାନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଜୟଶ୍ରୀ ବିଶି, ବିଶିଷ୍ଟ କ୍ରୀଡ଼ାବିତ ମହେନ୍ଦ୍ର ସିଂ ଭାଟିଆ, ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୋମବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିମପୁର କଟକ ଏମ୍‌ସିସି ଭୁବନେଶ୍ୱରକୁ ଭେଟିବ।





ମ୍ୟାନ୍ ଅଫ୍ ଦି ମ୍ୟାଚ ଖେଳାଳିଙ୍କୁ ମହିଳା ଅତିଥି ପୁରସ୍କୃତ କରୁଛନ୍ତି।

**ହିନ୍ଦୁ ଏକତା ମଞ୍ଚ ଭାରତର ଜିଲା ସାଂଗଠନିକ ସଭା**

କଟକ,(କାର୍ତ୍ତିକ ସାହୁ): ହିନ୍ଦୁ ଏକତା ମଞ୍ଚ ଭାରତର କଟକ ଜିଲା ସଂଗଠନ ଆନୁକୂଲ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନା ଅଧ୍ୟକ୍ଷତା କରି ସଂଗଠନର ଲକ୍ଷ୍ୟ ଓ ଆଭିମୁଖ୍ୟ ପ୍ରକାଶ କରିଥିଲେ। ମୁଖ୍ୟ ଉପଦେଷ୍ଟା ବୀରେନ୍ଦ୍ର ସାହୁ ଓ ପ୍ରଦୀପ୍ତ କୁମାର ଦେବତାଙ୍କୁ ସଙ୍ଗଠନର ସୁଦୃଢ଼ୀକରଣ, ପଞ୍ଜୀକରଣ ପ୍ରକ୍ରିୟାର ଅଗ୍ରଗତି ଓ ବନ୍ଧୁମିଳନ କାର୍ଯ୍ୟକ୍ରମର ଦାୟିତ୍ୱ ଦିଆଯାଇଥିଲା। ଉପସଭାପତି ପ୍ରଦୀପ୍ତ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶ୍ୟାମସୁନ୍ଦର ଚୌଧୁରୀ, ଡ. ପ୍ରଭାତ ସାହୁ, ସନ୍ତୋଷ ସାହୁ, ରବିନାରାୟଣ ଦାଶ, ରାଜେନ୍ଦ୍ର ମହାପାତ୍ର, ମାନସ କୁମାର ସିଂହ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଡ. ପ୍ରଭାତ ସାହୁ ଧନ୍ୟବାଦ ଦେଇଥିଲେ। ମାନସ କୁମାର ସିଂହ ଓ ରବିନାରାୟଣ ଦାଶ ସହଯୋଗ କରିଥିଲେ।

# ଚିକିତ୍ସା ଅବହେଳା: ୪ ଘଣ୍ଟା ପଡ଼ିରହିଲେ ରୋଗୀ

## ଏସ୍‌ସିବି ଟ୍ରମା କାଜୁଆଲିଟିରେ ଉତ୍ତେଜନା




**କଟକ,୩୦।୧୧(ଶିକ୍ଷା ପ୍ରିୟଦର୍ଶିନୀ)**

ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲଟିରେ ଠିକ୍ ସମୟରେ ଚିକିତ୍ସା ମିଳିପାରିନାହିଁ। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀଙ୍କୁ ୩ରୁ ୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଛି। ଚିକିତ୍ସା ଅବହେଳାକୁ ନେଇ ରୋଗୀ ସମ୍ପର୍କୀୟ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗ ମୁତାବକ, ଯାଜପୁର ଅଞ୍ଚଳର ଅଜୟ ସାହୁ (୨୨) ରବିବାର ଅପରାହ୍ନ ପ୍ରାୟ ୨ଟାରେ କୌଣସି ଏକ କାର୍ଯ୍ୟରେ ବାଇକରେ ଯିବାବେଳେ କଟକ ବାଖରାବାଦ ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଆଖିପତା ଫାଟିଯାଇ ରକ୍ତସ୍ରାବ ହୋଇଥିଲା ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅଜୟଙ୍କୁ ପ୍ରଥମେ ସିଟି ହସ୍ପିଟାଲ ନିଆଯାଇଥିଲା ଓ ପରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ଟ୍ରମା କାଜୁଆଲିଟିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ସତ୍ତ୍ୱେ ଅଜୟଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଫଳରେ ଧୀରେ ଧୀରେ ତାଙ୍କ ଆଖି ହଠାତ ନୀଳ ହେବାକୁ ଲାଗିଥିଲା। ଏଭଳି ସ୍ଥିତି ଦେଖି ଅଜୟଙ୍କ ସମ୍ପର୍କୀୟମାନେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରିକି କେତେଜଣ କର୍ମଚାରୀ ବସି ମୋବାଇଲରେ ଗପୁଥିଲେ ମଧ୍ୟ ଚିକିତ୍ସା ପାଇଁ କୌଣସି ସହଯୋଗ କରି ନ ଥିଲେ। ଅଜୟଙ୍କ ସମ୍ପର୍କୀୟ ପ୍ରଶ୍ନ କରିବାରୁ ସୁରକ୍ଷାକର୍ମୀ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ସ୍ଥାନୀୟ ପୋଲିସ ପହଞ୍ଚି ବୁଝାସୁଝା କରିଥିଲା। ଏସ୍‌ସିବି ମେଡିକାଲରେ ଚିକିତ୍ସାରେ ଅବହେଳା ଓ କାଜୁଆଲଟିରେ ଡାକ୍ତର ନ ରହିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯିବା ସହ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଡ୍ରିମ୍ସ ନର୍ସିଂ ଛାତ୍ରୀ ମୋନାଲିସା ଜାତୀୟ ସ୍ତରରେ ପ୍ରଥମ



କାର୍ଯ୍ୟକ୍ରମରେ ମୋନାଲିସା ପରିଡ଼ାଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଉଛନ୍ତି।

**କଟକ,୩୦।୧୧(କାର୍ତ୍ତିକ ସାହୁ)**

ମହାରାଷ୍ଟ୍ରର ପୁଣେରେ ଅନୁଷ୍ଠିତ ଷ୍ଟୁଡେଣ୍ଟ ନର୍ସେସ ଆସୋସିଏଶନ୍‌ର ୩୧ତମ ଦ୍ୱିବାର୍ଷିକ ଅଧିବେଶନର ଜାତୀୟସ୍ତରୀୟ ପୋଷ୍ଟର ପ୍ରଦର୍ଶନୀରେ ଡ୍ରିମ୍ସ ସ୍କୁଲ ଅଫ୍ ନର୍ସିଂର ଛାତ୍ରୀ ମୋନାଲିସା ପରିଡ଼ା ପ୍ରଥମ ସ୍ଥାନ ଅଧିକାର କରି ଗୌରବ ହାସଲ କରିଛନ୍ତି। ବିଏସ୍‌ସି ନର୍ସିଂ ୮ମ ସେମିଷ୍ଟର ଛାତ୍ରୀ ମୋନାଲିସାଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷାନୁଷ୍ଠାନ ତାଙ୍କ ପାଇଁ ଗର୍ବିତ ବୋଲି କହିଛନ୍ତି। ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍. ପ୍ରେମଲତା ଦେବୀଙ୍କ ମାର୍ଗଦର୍ଶନ ଏବଂ ସହକାରୀ ପ୍ରାଧ୍ୟାପିକା ସ୍ମୃତିଶ୍ରୀ ପ୍ରିୟଦର୍ଶିନୀ ଦଳାଇ ଓ ଅଧ୍ୟାପିକା ସ୍ମୃତିରେଖା ରାଉତଙ୍କ ତତ୍ତ୍ୱାବଧାନରେ ମୋନାଲିସା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ମୋନାଲିସା ରାଜ୍ୟସ୍ତରରେ ପ୍ରଥମ ହୋଇଥିଲେ।

# ନକଲି ଜିନ୍ଦଲ ପ୍ରୋଫାଇଲ ସିଟ୍ ଜବତ



**ମଙ୍ଗୁଳି-ଜଗତପୁର,୩୦।୧୧(ମାନସ ସାମଲ)**

ଚୌଦ୍ୱାର ଥାନା ଅଧୀନ ଓଟିଏମ ଦୁର୍ଗା ବଜାରରେ ଥିବା ଜଗନ୍ନାଥ ଟ୍ରେଡର୍ସ ନାମକ ଏକ ଖୁଚୁରା ଦୋକାନ ଉପରେ ରବିବାର ପୋଲିସ ଚଢ଼ାଉ କରି ନକଲି ଜିନ୍ଦଲ ପ୍ରୋଫାଇଲ ସିଟ ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଲୋକନାଥ ସାହୁଙ୍କୁ ଚୌଦ୍ୱାର ପୋଲିସ ପଚରାଉଚରା କରି ପଛରେ ଛାଡ଼ି ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଉକ୍ତ ବ୍ୟବସାୟ ପ୍ରତିଷ୍ଠାନରେ ନକଲି ତଥା ଜିନ୍ଦଲ କମ୍ପାନୀର ଲେବୁଲ ଓ ଷ୍ଟିକରିଂ ଲଗାଯାଇଥିବା ପ୍ରୋଫାଇଲ ସିଟ ଖୁଚୁରା ଗ୍ରାହକଙ୍କୁ ବିକ୍ରି କରାଯାଉଥିଲା। ଏ ନେଇ କମ୍ପାନୀର ସର୍କଲ ଅଫିସର ଅଞ୍ଜନ ଦାସ ଗୁପ୍ତା ଚୌଦ୍ୱାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (୭୧୬/୨୫) ରୁଜୁ କରିଥିଲା। ପରେ ଚୌଦ୍ୱାର ଥାନା ଅଲିଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ ବ୍ୟବସାୟ ପ୍ରତିଷ୍ଠାନରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ଜବତ ପ୍ରୋଫାଇଲ ସିଟ୍‌ଗୁଡ଼ିକ ନକଲି ବୋଲି ଜଣାପଡିଥିଲା। ଉକ୍ତ ପ୍ରୋଫାଇଲ ସିଟ ଗୁଡିକରେ ଜିନ୍ଦଲ କମ୍ପାନୀର ଲୋଗୋ ରହିଥିଲା, କିନ୍ତୁ କମ୍ପାନୀର ଏକ ରାସାୟନିକ ପଦାର୍ଥରେ ଲୋଗୋ ଲିଭିଯାଇଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମାଲିକ ଲୋକନାଥ ସାହୁ କହିଛନ୍ତି ସେ ଠକାମିର ଶିକାର ହୋଇଛନ୍ତି, ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ସେ ଜାରକା ଓ ଜଗତପୁରସ୍ଥିତ ବଡ ବଡ ଜିନ୍ଦଲ ଡିଲରଙ୍କ ନିକଟରୁ ଜିଏସ୍‌ଟି ବିଲ୍‌ରେ ପ୍ରୋଫାଇଲ ସିଟ୍ କିଣି ଗ୍ରାହକଙ୍କୁ ବିକ୍ରି କରନ୍ତି। ଏଭଳି ସ୍ଥିତିରେ ସେଥିରୁ କେଉଁଟା ଅସଲି ଓ ନକଲି ସେ କେମିତି ଜାଣିବେ ବୋଲି କହିଛନ୍ତି। ଘଟଣାର ତଦନ୍ତ କରି ଡିଲରଙ୍କୁ ଧରିବାକୁ ସେ ଦାବି କରିବା ସହ ଏ ସମ୍ବନ୍ଧରେ ଆଇନର ଆଶ୍ରୟ ନେବାକୁ ସାହୁ ଚେତାବନୀ ଦେଇଛନ୍ତି।

# କେୟାର ରିହାବ ସେଣ୍ଟର୍ ଉଦ୍‌ଘାଟିତ




କେୟାର ରିହାବ ସେଣ୍ଟର୍ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ ସେଣ୍ଟରର ମୁଖ୍ୟ ପରିଚାଳିକା ସ୍ମରଣିକା ନାୟକ ଏବଂ ଅନ୍ୟ କର୍ମକର୍ତ୍ତା।

**କଟକ,୩୦।୧୧(କାର୍ତ୍ତିକ ସାହୁ)**

ସୁସ୍ଥ ଶରୀର ପାଇଁ ନିୟମିତ ଯୋଗ ଏବଂ ଶାରୀରିକ କାର୍ଯ୍ୟ କରିବା ସହିତ ସନ୍ତୁଳିତ ଆହାର ନିତାନ୍ତ ଆବଶ୍ୟକ। ମୁଖ୍ୟ ଅତିଥି ଭାବେ ସର୍ଜରି ବିଶେଷଜ୍ଞ ଡାକ୍ତର ଉମେଶ ରାୟ ମହତାବ ରୋଡସ୍ଥିତ ଗ୍ରାଣ୍ଡ ସିନେମା ହଲ୍ ସମ୍ମୁଖ ଲେନ୍‌ରେ କେୟାର ରିହାବ ସେଣ୍ଟରକୁ ଉଦ୍‌ଘାଟନ କରି ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସରୋଜ କୁମାର ଶତପଥୀ ଏବଂ ଖାଇବା ତେଲ ଫ୍ରିଡମ୍‌ର ଓଡ଼ିଶା ହେଡ୍ ଅମିୟ କୁମାର ଧଳ ଯୋଗଦେଇ ଯୋଗ ବା ଫିଜିଓଥେରାପି ମାଧ୍ୟମରେ ଆମେ ଔଷଧ ସେବନର ମାତ୍ରାକୁ ହ୍ରାସ କରିପାରିବା ବୋଲି ମତବ୍ୟକ୍ତ କରିଥିଲେ। ଅଭିଜ୍ଞ ଥେରାପିଷ୍ଟଙ୍କ ଦ୍ୱାରା ଏଠାରେ ଅକ୍ୟୁପେଶନାଲ ଥେରାପି, ସ୍ପିଚ୍ ଥେରାପି, ସାଇକୋଲୋଜି କାଉନସେଲିଂ, ଫିଜିଓଥେରାପି ଆଦି ପ୍ରଦାନ କରାଯାଇଥାଏ ବୋଲି ସେଣ୍ଟରର ମୁଖ୍ୟ ପରିଚାଳିକା ସ୍ମରଣିକା ନାୟକ ସୂଚନା ଦେଇଛନ୍ତି। ସିନିୟର ଥେରାପିଷ୍ଟ ଡ. ମେହେବୁବ ଅଲ୍ଲୀ, ବ୍ୟବସାୟିକ ଥେରାପିଷ୍ଟ ଡ. ମଧୁମିତା ଦାସ, ଥେରାପିଷ୍ଟ ଡ. ସତ୍ୟଜିତ ଜେନା, ସହ-ଥେରାପିଷ୍ଟ ଅଭିଜିତ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ।

# କମିଶନରେଟ୍ ପୋଲିସ ପକ୍ଷରୁ ରକ୍ତଦାନ ଶିବିର

**କଟକ,୩୦।୧୧(କାର୍ତ୍ତିକ ସାହୁ)**

ଇଣ୍ଡିଆନ ରେଡ୍‌କ୍ରସ୍ ସୋସାଇଟିର ଆଞ୍ଚଳିକ ଶାଖା, କମିଶନରେଟ୍ ପୋଲିସ ଏବଂ ପୁରୀଘାଟ ଥାନାର ମିଳିତ ପ୍ରୟାସରେ ରବିବାର ପୁରୀଘାଟ ଥାନା ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରରୁ ୧୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି, ସୁଦର୍ଶନ ଦାଶ, ଜୋନ-୬ ଏସିପି ଅନ୍ୱେଷା ଅଓ୍ୱଷ୍ଟି, ଏସିପି ଅଶୋକ କୁମାର ଗିରି, ଏସିପି ଜୟନ୍ତ ଦୋରା (ଟ୍ରାଫିକ), କର୍ପୋରେଟର ବନଲତା ପ୍ରଧାନ, ଲକ୍ଷ୍ମୀଧର ସେଠୀ, ଇତିଶ୍ରୀ ଦାଶ, ଗଗନ ଓଝା, ସାମାଜିକ କର୍ମୀ ରଞ୍ଜନ ବିଶ୍ୱାଳ, ରାଜୀବ ନନ୍ଦ, ପ୍ରଶାନ୍ତ କିଶୋର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କଟକର ନିଶିକାନ୍ତ ମହାନ୍ତି ଏବଂ ଦରଘାବଜାର, ମଙ୍ଗଳବାଗ, ସିଡିଏ-୨, ବାଦାମବାଡ଼ି, ମଧୁପାଟଣା ଓ ପୁରୀଘାଟ ଥାନାର ଆଇଆଇସିମାନେ ଉପସ୍ଥିତ ଥିଲେ। ବିଭିନ୍ନ ସାହିର ବାସିନ୍ଦା, ମୁରବି, ସାମାଜିକକର୍ମୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ରକ୍ତଦାନ କରିବା ସାଙ୍ଗକୁ ସହଯୋଗ କରିଥିଲେ। କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ରକ୍ତସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଟ୍ୱିନ୍‌ସିଟିରେ ରକ୍ତର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ କମିଶନରେଟ୍ ପୋଲିସ, ଭୁବନେଶ୍ୱର-କଟକର ରେଡ୍‌କ୍ରସ ଶାଖା ନିୟମିତ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିରର ଆୟୋଜନ କରିଆସୁଛି।

# ଗଜଲକ୍ଷ୍ମୀଙ୍କ ବାର୍ଷିକୋତ୍ସବ ପ୍ରତିଷ୍ଠା

**ଚୌଦ୍ୱାର,୩୦।୧୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ୧ନଂ ୱାର୍ଡ ଅଧୀନ ଲକ୍ଷ୍ମୀସାହି ଗଜଲକ୍ଷ୍ମୀ ମନ୍ଦିରର ପଞ୍ଚମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଧିବାସ, ମଣ୍ଡଳ କରଣ, କଳସ ଶୋଭାଯାତ୍ରା ସହ ସୂର୍ଯ୍ୟପୂଜା, ଗୋ ପୂଜା, ମଣ୍ଡଳ ଅର୍ଚ୍ଚନା, ମା'ଙ୍କର ଷୋଡ଼ଶ ଉପଚାର ପୂଜା, ଯଜ୍ଞକୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମ କରାଯାଇଥିଲା। ଆୟୋଜିତ ମହାଯଜ୍ଞରେ ସୁକାନ୍ତ କୁମାର ପରିଡ଼ା ଓ କବିତା ପରିଡ଼ା କର୍ତ୍ତା ଓ କର୍ତ୍ତ୍ରୀଭାବେ ଆହୁତି ପ୍ରଦାନ କରିଥିବା ବେଳେ ପୂଜକ ଅଭିଜିତ ତ୍ରିପାଠୀ ଓ ସହଯୋଗୀମାନେ ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। କୈଳାସ ସାହୁ, ସୁଶାନ୍ତ କୁମାର ପରିଡ଼ା, ନବକିଶୋର ସାହୁ, ମୋହନ କୁମାର ସାହୁଙ୍କ ସମେତ ସାହିର ଯୁବଗୋଷ୍ଠୀ ଓ ସମସ୍ତ ଅଧିବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିସେମ୍ବର ୧ରେ ମହାଲକ୍ଷ୍ମୀଙ୍କର ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଇ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯିବା ସହ ସନ୍ଧ୍ୟାରେ ମହାଦୀପ ଉତ୍ଥାପନ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୋତ୍ସବ




ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ସହକର୍ମୀଙ୍କ ସହ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରୁଛନ୍ତି।

**କଟକ ସଦର,୩୦।୧୧(ସୁଶାନ୍ତ କୁମାର ଜେନା)**

ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରଂ ରଚନାର ୧୫୦ତମ ପୂର୍ତ୍ତି ଅବସରରେ ରବିବାର କଟକ ସଦର ଭାଜପା ପକ୍ଷରୁ କନ୍ଦରପୁରରେ ସ୍ମୃତିଚାରଣ କରାଯାଇଛି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗୀତର ପ୍ରତିଟି ପଂକ୍ତି ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମରେ ଲଢ଼ିବା ପାଇଁ ଉଦ୍‌ବୁଦ୍ଧ କରିଥିଲା ବୋଲି କହିଥିଲେ। କଟକ ସଦରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଆତ୍ମା ସଭାପତି ରମାପ୍ରସାଦ ବିଶ୍ୱାଳ, ବିରଞ୍ଚି କୁମାର ପଣ୍ଡା, ସମବାୟ ସମିତିର ଅବିଭକ୍ତ କଟକ ଜିଲା ସଂଯୋଜକ ବିଜୟ କୁମାର ରାଉତରାୟ, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ଚିତ୍ତରଞ୍ଜନ ସାହୁ, ରଘୁନାଥ ଚୌଧୁରୀ, ମୀନକେତନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଯୋଗେନ୍ଦ୍ର ନାଥ ଭୋଇ ବନ୍ଦେ ମାତରଂ ଗୀତ ଗାଇଥିବା ବେଳେ ସଂଯୋଜକ ସୁରେଶ ଚନ୍ଦ୍ର ଜେନା ସଭା ପରିଚାଳନା କରିଥିଲେ। ପ୍ରାରମ୍ଭରେ କନ୍ଦରପୁର ନୂଆପୋଲଠାରୁ ଏକ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିବା ପରେ ସଭାସ୍ଥଳକୁ ଆସିଥିଲା।

# ଡ୍ରିମ୍ସ ପଲିଟେକ୍ନିକ୍‌ରେ ପ୍ରକଳ୍ପ ପ୍ରଦର୍ଶନୀ

**କଟକ,୩୦।୧୧(କାର୍ତ୍ତିକ ସାହୁ)**

ଡ୍ରିମ୍ସ ପଲିଟେକ୍ନିକ୍‌ରେ ନବସୃଜନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ନବସୃଜନ ବୈଷୟିକ ଜ୍ଞାନକୌଶଳ ପରିପ୍ରକାଶ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଆଇଏସ୍‌ଟିଇ ଟ୍ୟାଲେଣ୍ଟ ଜୋନ୍ -୨୦୨୫ ଅନ୍ତର୍ଗତ ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ମଡେଲ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଘରର ସ୍ୱୟଂଚାଳିତ ବ୍ୟବସ୍ଥା ପ୍ରକଳ୍ପ ପ୍ରଥମ, କୀଟନାଶକ ସ୍ପ୍ରେୟର ରୋବର୍ଟ ଦ୍ୱିତୀୟ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂର ପ୍ରକଳ୍ପ ରୋବୋଟିକ୍ ବାହୁ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍ନିକ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ଆଇଏସ୍‌ଟିଇ ସଂଯୋଜକ ଅଧ୍ୟାପକ କୁଞ୍ଜବିହାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଡ୍ରିମ୍ସ ପଲିଟେକ୍ନିକ୍‌ରେ ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଅଧ୍ୟାପିକା, ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ରମାନେ।

# ଅସହାୟ ପରିବାରକୁ ଶୀତବସ୍ତ୍ର ବଣ୍ଟନ

**କଟକ ସଦର, ୩୦।୧୧(ସୁଶାନ୍ତ କୁମାର ଜେନା)**

ବୟାଳିଶ ମୌଜା ଅନ୍ତର୍ଗତ ଝାରକଟା ପଞ୍ଚାୟତ ଅଧୀନ ଅଇନି ଗ୍ରାମରେ ରବିବାର ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସଂଗଠନର ସଭାପତି ପ୍ରଫେସର ମନୋଜ କୁମାର ନାୟକଙ୍କ ଉପସ୍ଥିତିରେ ସାମଲ ସାହିରେ ପ୍ରାୟ ୩୫ରୁ ଊର୍ଦ୍ଧ୍ୱ ଗରିବ ଓ ଅସହାୟ ପରିବାରକୁ ଶୀତବସ୍ତ୍ର ସହ କୁନି କୁନି ପିଲାଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟରେ ଝାରକଟା ସରପଞ୍ଚ ଶିଶିର କୁମାର ରାଉତ ଏବଂ ସଂଗଠନର ବରିଷ୍ଠ କର୍ମୀ ଉଦୟ ସାସ୍ମଲ, ପ୍ରସନ୍ନ ବେହେରା, ଆନନ୍ଦ ବେହେରା, ପ୍ରକାଶ ମାଝୀ, ଆଶିଷ ବେହେରା, ବିଶାଳ ଆଚାର୍ଯ୍ୟ, ପ୍ରିୟରଞ୍ଜନ ପରିଡ଼ା, ପିକେସ ମହାନ୍ତି, ସୁମନ୍ ଜେନା, ରିଙ୍କୁନ୍ ପଣ୍ଡା, ସୁନୀଲ୍ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ସେହିପରି କଳପଡ଼ା ପଞ୍ଚାୟତର କୁଳକଳପଡ଼ା ଗ୍ରାମରେ ମଧ୍ୟ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# 'କବିର ଚିନ୍ତା-ଚେତନା ସର୍ବଦା ମାଟି ସହ ଜଡ଼ସଡ଼'



ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**କଟକ,୩୦।୧୧(କାର୍ତ୍ତିକ ସାହୁ)**

କବିତା ଯଦି ସାଧାରଣ ମଣିଷର ହୃଦୟକୁ ସ୍ପର୍ଶ ନ କରେ, ତେବେ ତାହା ପ୍ରଗତିଶୀଳ କବିତା ନୁହେଁ। ପ୍ରତ୍ୟେକ କବିର ଚିନ୍ତା-ଚେତନା ସର୍ବଦା ମାଟି ସହ ଜଡ଼ସଡ଼ ହୋଇ ରହିଥାଏ। ସେଥିରେ ଥାଏ ସର୍ବହରାର ଦୁଃଖ, ଯନ୍ତ୍ରଣା ଓ ଦୀର୍ଘଶ୍ୱାସ ବୋଲି ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମହାନଗର'କୁ ଉଦ୍‌ଘାଟନ କରି ମୁଖ୍ୟ ଅତିଥି ନାଟ୍ୟକାର ଡ. ରମେଶ ପ୍ରସାଦ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ବରେଣ୍ୟ ଅତିଥି କବି ଅମରେଶ ପଟ୍ଟନାୟକ ପ୍ରଗତିଶୀଳ ସାହିତ୍ୟର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି କବି ରମେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଲୋଚକ ଡ. ଅଭିଳାଷ ଜେନା, କବି ହିମାଂଶୁ ପରିଡ଼ା ଓ ଗାଳ୍ପିକ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳଙ୍କୁ ୨୦୨୫ ମସିହା ପାଇଁ 'ମହାନଗର ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ଚିତ୍ତରଞ୍ଜନ ଶାସ୍ତ୍ରୀଙ୍କୁ ସମାଜସେବା, ଦିଲୀପ କୁମାର ବିଶ୍ୱାଳଙ୍କୁ ପତ୍ରିକା ସମ୍ପାଦନା, କ୍ଷୀରୋଦ ରାଉତଙ୍କୁ ଚିତ୍ରକଳା ଓ କବିତା ପାଇଁ କବି ବୃନ୍ଦାବନ ଦାସଙ୍କୁ ଚଳିତ ବର୍ଷର 'ଯଯାତି କେଶରୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସମ୍ମାନିତ ଅତିଥି ଭାବେ କବି ପୀତାମ୍ବର ତରାଇ, କବି ଅମିୟ ରଞ୍ଜନ ମହାପାତ୍ର, କବି ରାଜୀବ ଷଡ଼ଙ୍ଗୀ ଓ କବି ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇ ସାମ୍ପ୍ରତିକ କବିତାର ଦିଶା ଓ ଦଶା ଉପରେ ଆଲୋକପାତ କରିଥିଲେ। କବି ନିରୁପମା ଦାସ ଓ ପୂଜାଶ୍ରୀ ସେଠୀଙ୍କ ମିଳିତ ସଂଯୋଜନାରେ ଅୟସ୍କାନ୍ତ, ସୁରେଶ ନାୟକ, ଶରତ ଚନ୍ଦ୍ର ନାୟକ, ରାମଚନ୍ଦ୍ର ଦାଶ, ବିଜୟ ମହାପାତ୍ର, ବିଦ୍ୟୁତଲତା ଦାସ, ମାଙ୍ଗଳିକା ଦାସ, ପ୍ରଭାତ ନଳିନୀ ମହାପାତ୍ର, ଉମାକାନ୍ତ ରାଉତ (ଅରୂପ) ଓ ଅଙ୍ଗୁରବାଳା ପରିଡ଼ା ପ୍ରମୁଖ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସମ୍ପାଦକ ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ଜୟ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀଜଗନ୍ନାଥଙ୍କ ବିଧିବିଧାନରେ ମାନବୀୟ ଚେତନା ରୂପାୟିତ

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆଲୋଚନାଚକ୍ର

**କଟକ,୩୦।୧୧(କାର୍ତ୍ତିକ ସାହୁ)**



ଶ୍ରୀରାମ ଚନ୍ଦ୍ର ଭବନରେ ରବିବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ 'ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିବୃନ୍ଦ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା ଶୀର୍ଷକ ଆଲୋଚନାଚକ୍ର ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ହରେକୃଷ୍ଣ ଶତପଥୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଓଡ଼ିଶାର ଜନଜୀବନ ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଯୋଡ଼ି ହୋଇରହିଛନ୍ତି। ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମାନବୀୟ ଚେତନା ତାଙ୍କର ପ୍ରତିଟି ପର୍ବପର୍ବାଣିରେ ପ୍ରତିଫଳିତ। ଉତ୍କଳ ସାହିତ୍ୟ ସମାଜ ହେଉଛି ସାହିତ୍ୟର ଅନ୍ତୁଡ଼ିଶାଳ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆତ୍ମସାର। ବରେଣ୍ୟ ଅତିଥି ଭାବେ 'ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ'ର ସଭାପତି ପୀତବାସ ରାଉତରାୟ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାସ, ଜନ୍ ବିମ୍‌ସଙ୍କ ପରି ବିଦ୍ୱାନ୍‌ଙ୍କ ଗବେଷଣା ସମ୍ପର୍କରେ ଉଲ୍ଲେଖ କରି ବିଶ୍ୱପୂଜିତ ଶ୍ରୀଜଗନ୍ନାଥଙ୍କ ପ୍ରତିଟି ବିଧିବିଧାନରେ ମାନବୀୟ ଚେତନା ରୂପାୟିତ ଉଲ୍ଲେଖଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଡ. ଅସିତ ମହାନ୍ତି ସ୍କନ୍ଦ ପୁରାଣଠାରୁ ଭବିଷ୍ୟ ପୁରାଣ ପର୍ଯ୍ୟନ୍ତ ଗ୍ରନ୍ଥରୁ ତଥ୍ୟ ଉପସ୍ଥାପନ କରି ଦ୍ୱାରପାଳ ପୂଜା, ରଥଯାତ୍ରାରେ ହେଉଥିବା ରଥଯାତ୍ରାର ବିଭିନ୍ନ ବିଧିରେ ମାନବୀୟ ଚେତନାର ବାର୍ତ୍ତା ରହିଛି ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଶେଖର ଘୋଷ, ତନ୍ମୟ କୁମାର ହୋତା, ଦୀପ୍ତି ଦାଶ ଓ କସ୍ତୁରୀ ସ୍ୱାଇଁ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ମନୋରଞ୍ଜନ ଅଧିକାରୀ ଓ ବିଭୁଦ ମଲ୍ଲ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଏବଂ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ଅମିତାଭ ଖିଲାର, ରଘୁ ସାହୁ, ଡ. ଧରଣୀଧର ନାଥ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବାହାଘର ଶୋଭାଯାତ୍ରା ପାଇଁ ଟ୍ରାଫିକ ଜାମ୍

## ବାଇପାସ୍ ରାସ୍ତାରେ ୩ ଘଣ୍ଟା ଜାମ୍‌ରେ ଫସିଲେ ଲୋକେ




ଭୁବନେଶ୍ୱର,୩୦।୧୧(ତ୍ରିନାଥ ମହାନ୍ତି)

ବାହାଘର ଶୋଭାଯାତ୍ରା ପାଇଁ ଭୁବନେଶ୍ୱର ବାଇପାସ୍ ରାସ୍ତାରେ ଟ୍ରାଫିକ୍ ଜାମ୍ ହୋଇଛି। ବିନା ଅନୁମତିରେ ଏକାଧିକ ବାହାଘର ଶୋଭାଯାତ୍ରା କରାଯିବା ଓ ଅମାନିଆ ବରଯାତ୍ରୀ ରାସ୍ତାକୁ ବ୍ଲକ୍‌କରି ନାଚଗୀତ କରିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିଲା। ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହରବାସୀ ଓ ଶତାଧିକ ଗାଡିମୋଟର ବାଇପାସ୍ ରାସ୍ତାରେ ଜାମ୍‌ରେ ଫସି ରହିଥିଲେ। ଦୀର୍ଘ ସମୟ ପରେ ପୋଲିସ ନ ପହଞ୍ଚିବାରୁ ଲୋକେ ଥାନାକୁ ଫୋନ୍‌କରି ଜଣାଇଥିଲେ। ପିସିଆର ଭ୍ୟାନ୍ ଆସିଥିଲେ ମଧ୍ୟ ୨୦ରୁ ଅଧିକ ଶୋଭାଯାତ୍ରା ଯାଉଥିବାରୁ ସେମାନଙ୍କୁ ଅଟକାଇବା ସମ୍ଭବପର ହୋଇନଥିଲା। ଶେଷରେ ପୋଲିସ ହାତ ଟେକି ଦେଇ ପଳାଇଯାଇଥିଲା।

ଭୁବନେଶ୍ୱର-ପୁରୀ ବାଇପାସ୍ ରାସ୍ତାରେ ୪୮ଟି ମଣ୍ଡପ ରହିଛି। ବିବାହ ଋତୁ ସମେତ ବର୍ଷସାରା ଏହି ମଣ୍ଡପଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥାଏ। ରାସ୍ତାରେ ଶୋଭାଯାତ୍ରା ପାଇଁ ପୋଲିସଠାରୁ ଅନୁମତି ନେବାକୁ ପଡିଥାଏ। କିନ୍ତୁ ଡିଜେ ବଜାଇ ଖୁଲମ୍‌ଖୁଲା ରାସ୍ତା ଅବରୋଧ କରି ବର ଶୋଭାଯାତ୍ରା ଯାଉଥିଲେ ମଧ୍ୟ ପୋଲିସ କେବେ କୌଣସି କାର୍ଯ୍ୟାନୁଷ୍ଠାନ ନେବାର ନଜିର ନାହିଁ। ଅନ୍ୟପକ୍ଷରେ ୬ରୁ ୮ଟି ମଣ୍ଡପକୁ ଛାଡ଼ିଦେଲେ ବାକି ମଣ୍ଡପରେ ପାର୍କିଂ ବ୍ୟବସ୍ଥା ନାହିଁ। ମଣ୍ଡପରେ ଉତ୍ସବ ଆୟୋଜନ ସମୟରେ ଲୋକେ ରାସ୍ତ ଉପରେ ଗାଡି ପାର୍କିଂ କରୁଛନ୍ତି। ଫଳରେ ରାସ୍ତା ଜାମ୍ ହୋଇ ସାଧାରଣ ଲୋକେ ବିଭିନ୍ନ ସମୟରେ ହଇରାଣ ହେଉଛନ୍ତି।

ଏନେଇ ଟ୍ରାଫିକ୍ ଡିସିପି ତପନ ମହାନ୍ତି କହିଛନ୍ତି, ମଣ୍ଡପରେ ବିବାହ କରିବାକୁ ଅନୁମତି ରହିଛି, ହେଲେ ଶୋଭାଯାତ୍ରା ପାଇଁ ନୁହେଁ। ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ମଣ୍ଡପ ମାଲିକଙ୍କୁ ବାରମ୍ୱାର ତାଗିଦ କରାଯାଉଛି। ହେଲେ ପୁଣି ସେହି ସମସ୍ୟା ହେଉଥିବାରୁ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ବାଇପାସ୍ ରାସ୍ତାରେ ରବିବାର ସନ୍ଧ୍ୟାରେ ହୋଇଥିବା ଜାମ୍‌ରେ ଲୋକଙ୍କ ସହ ଗାଡ଼ି ମୋଟର ଫସି ରହିଛି।

# ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



ବାଲିପାଟଣା,୩୦।୧୧(ଅଭିମନ୍ୟୁ ନାୟକ)

ଜୟଦେବ ବିଧାୟକ ନବକିଶୋର ମଲ୍ଲିକ ରବିବାର ଦୁଇଟି ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବନମାଳିପୁରଠାରେ ବନମାଳିପୁରରୁ ଜୟଦେବ ପୀଠ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ବିଧାୟକ ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟ ପାଇଁ ୬ କୋଟି ୬୧ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ମଧୁବନଠାରେ ବିଧାୟକ ମଧୁବନଠାରୁ ଦରଡ଼ା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୩ କୋଟି ୩୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଉକ୍ତ କାର୍ଯ୍ୟକ୍ରମରେ ବାଲିପାଟଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ଜେନା, ଜିଲାପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ ଓ ପବିତ୍ର ମୋହନ ପଟେଲ୍, ସମିତି ସଭ୍ୟ କାହ୍ନୁଚରଣ ପାତ୍ର, ସରପଞ୍ଚ ଲିଲିପ୍ରିୟା ସାହୁ, ସରପଞ୍ଚ ଶକୁନ୍ତଳା ଭୋଇ, ଆମ୍ବା ଚେୟାରମ୍ୟାନ୍ ଶରତ ଚନ୍ଦ୍ର ତ୍ରିପାଠୀ, ପ୍ରଦୀପ କୁମାର ଜେନାମଣି, କିଶୋର ଚନ୍ଦ୍ର ଜେନା, ଜନପ୍ରତିନିଧି, ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

## ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ ଯୋଗଦେଇ 'ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି): ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମତ ରଖିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ସୁନୀଲ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ରଫେସର ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ – ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ।

# ଚିକିତ୍ସା ଅବହେଳା: ୪ ଘଣ୍ଟା ପଡ଼ିରହିଲେ ରୋଗୀ

କଟକ,୩୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)

ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲଟିରେ ଠିକ୍ ସମୟରେ ଚିକିତ୍ସା ମିଳିପାରିନାହିଁ। ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ରୋଗୀଙ୍କୁ ୩ରୁ ୪ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଛି। ଚିକିତ୍ସା ଅବହେଳାକୁ ନେଇ ରୋଗୀ ସମ୍ପର୍କୀୟ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଅଭିଯୋଗ ମୁତାବକ, ଯାଜପୁର ଅଞ୍ଚଳର ଅଜୟ ସାହୁ (୨୨) ରବିବାର ଅପରାହ୍ନ ପ୍ରାୟ ୨ଟାରେ କୌଣସି ଏକ କାର୍ଯ୍ୟରେ ବାଇକରେ ଯିବାବେଳେ କଟକ ବାଖରାବାଦ ନିକଟରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ତାଙ୍କର ଆଖିପତା ଫାଟିଯାଇ ରକ୍ତସ୍ରାବ ହୋଇଥିଲା ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅଜୟଙ୍କୁ ପ୍ରଥମେ ସିଟି ହସ୍ପିଟାଲ ନିଆଯାଇଥିଲା ଓ ପରେ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବିର ଟ୍ରମା କାଜୁଆଲିଟିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଗୁରୁତର ଥିବା ସତ୍ତ୍ୱେ ଅଜୟଙ୍କୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଫଳରେ ଧୀରେ ଧୀରେ ତାଙ୍କ ଆଖି ହଠାତ ନୀଳ ହେବାକୁ ଲାଗିଥିଲା। ଏଭଳି ସ୍ଥିତି ଦେଖି ଅଜୟଙ୍କ ସମ୍ପର୍କୀୟମାନେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏପରିକି କେତେଜଣ କର୍ମଚାରୀ ବସି ମୋବାଇଲରେ ଗପୁଥିଲେ ମଧ୍ୟ ଚିକିତ୍ସା ପାଇଁ କୌଣସି ସହଯୋଗ କରି ନ ଥିଲେ। ଅଜୟଙ୍କ ସମ୍ପର୍କୀୟ ପ୍ରଶ୍ନ କରିବାରୁ ସୁରକ୍ଷାକର୍ମୀ ତାଙ୍କ ମୋବାଇଲ ଛଡ଼ାଇ ନେଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ସ୍ଥାନୀୟ ପୋଲିସ ପହଞ୍ଚି ବୁଝାସୁଝା କରିଥିଲା। ଏସ୍‌ସିବି ମେଡିକାଲରେ ଚିକିତ୍ସାରେ ଅବହେଳା ଓ କାଜୁଆଲଟିରେ ଡାକ୍ତର ନ ରହିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯିବା ସହ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ୟୁନିଟ-୪ ମାର୍କେଟ ବୁଲି ସ୍ୱଚ୍ଛତା ପରଖିଲେ ମେୟର



ମେୟର ଓ କମିଶନର ସ୍ୱଚ୍ଛତା ପାଇଁ ଜଣେ ବେପାରୀଙ୍କୁ ତାଗିଦ କରୁଛନ୍ତି।

## ମାଛ ବିକ୍ରେତାମାନଙ୍କୁ ତାଲିକାଭୁକ୍ତ କରିବାକୁ ଭିଡିଓଗ୍ରାଫି ହେବ

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

ୟୁନିଟ-୪ ମାର୍କେଟରେ ପ୍ରତିଦିନ ପ୍ରାୟ ୧୫୦ଜଣ ଅସ୍ଥାୟୀ ମାଛ ବିକ୍ରେତା ମାଛ ବିକ୍ରୟ କରୁଛନ୍ତି। ମାତ୍ର ସେମାନଙ୍କ ପରିମଳ ଅଭ୍ୟାସ ଉଚିତ ନ ଥିବାରୁ ମାର୍କେଟ ଅଞ୍ଚଳ ବିପର୍ଯ୍ୟସ୍ତ ହୋଇପଡୁଛି। ସେହିପରି ମାର୍କେଟରେ ମାଂସ ବିକ୍ରେତାଙ୍କ ପାଇଁ ୧୭ଟି ଆଉଟଲେଟ୍ ନିର୍ମାଣ କରାଯାଇଥିଲେ ହେଁ ସେମାନେ ରାସ୍ତା ପାର୍ଶ୍ୱରେ ବିକ୍ରି କରୁଛନ୍ତି। ଏପରିକି ଆଉଟଲେଟ୍‌କୁ ଯିବାକୁ ଥିବା ରାସ୍ତାରେ ବସି ବେପାର କରୁଥିବାରୁ ଗ୍ରାହକମାନେ ସେଠାକୁ ଯାଇପାରୁନାହାନ୍ତି। ରାସ୍ତାକଡ଼ରେ ମାଛ ବ୍ୟବସାୟ ହେଉଥିବାରୁ ଏହା ଭେଣ୍ଡିଂ ଅଞ୍ଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ଭେଣ୍ଡିଂ କ୍ଷେତ୍ରକୁ ବ୍ୟବସ୍ଥିତ କରିବା ଏବଂ ବିକ୍ରେତାଙ୍କ ପରିମଳ ଅଭ୍ୟାସକୁ ନିୟନ୍ତ୍ରଣ କରିବା ପାଇଁ ରବିବାର ବିଏମ୍‌ସି ପକ୍ଷରୁ ସଚେତନ କରାଯାଇଛି। ମେୟର ସୁଲୋଚନା ଦାସ ଏବଂ କମିଶନର ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ଟିମ୍ ବିଏମ୍‌ସି ଏହି ଅଞ୍ଚଳକୁ ହଠାତ୍ ପରିଦର୍ଶନ କରିଥିଲେ। ସମ୍ପୃକ୍ତ ଅଞ୍ଚଳର ବିକ୍ରେତାମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଭିଡିଓଗ୍ରାଫି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏଥିସହ ବିଏମ୍‌ସି ନନ୍‌ଭେଜ୍ ଅଳିଆ ସଂଗ୍ରହ ଏବଂ ବିକ୍ରେତାମାନଙ୍କୁ ଡଷ୍ଟବିନ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସୂଚନାଯୋଗ୍ୟ, ୟୁନିଟ-୪ରେ ୭୨୩ଟି ବିକ୍ରୟ କେନ୍ଦ୍ର ଅଛି। ସମସ୍ତ ଦୋକାନ ଗୃହ ମାସିକ ଭଡ଼ା ଭିତ୍ତିରେ ଦିଆଯାଇଛି। ମାତ୍ର ଅନେକ ଦୋକାନୀ ଦୋକାନ ବନ୍ଦ କରିଦେଇଛନ୍ତି ଏବଂ ଆଉ କେତେଜଣ ଏହାକୁ ଭଡାରେ ଦେଇଥିବା ସନ୍ଦେହ କରାଯାଉଛି। ତେଣୁ ଯଥାଶୀଘ୍ର ଏହାକୁ ବ୍ୟବସ୍ଥିତ କରିବାକୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

No.T-107

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

***********

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.01.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0205/2526

# ବେଆଇନ ବାଲି ଚାଲାଣ, ୨ ହାଇୱା ଜବତ

ବାରଙ୍ଗ, ୩୦।୧୧(ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ବ୍ୟାରେଜ ନିକଟରୁ ପୋଲିସ ୨ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଏଥିସହ ଚାଳକଦ୍ୱୟଙ୍କୁ ଅଟକ ରଖି ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିବା ଜଣାପଡିଛି। ଶନିବାର ରାତିରେ ଗୋଡିସାହି ଫାଣ୍ଡି ପୋଲିସ ମୁଣ୍ଡଳୀ ବ୍ୟାରେଜ ଛକରେ ରାସ୍ତା ବ୍ଲକିଂ କରି ଚେକିଙ୍ଗ କରୁଥିଲା। ଏହି ସମୟରେ ୨ ହାଇୱା ଗାଡ଼ି ବାଲି ବୋଝେଇ କରି ଦ୍ରୁତଗତିରେ ଆସୁଥିଲା। ପୋଲିସ ଉଭୟ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ମାତ୍ର ଯାଞ୍ଚ ବେଳେ ଉଭୟ ଗାଡ଼ି ଚାଳକ ବାଲି ଚାଲାଣ ସମ୍ବନ୍ଧୀୟ ଆବଶ୍ୟକ ବୈଧ କାଗଜପତ୍ର ପୋଲିସକୁ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଗାଡ଼ି ଏବଂ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

**GOVERNMENT OF ODISHA** No.A-1022

**OFFICE OF THE SUPERINTENDING ENGINEER**

**UPPER INDRAVATI LEFT CANAL DIVISION NO-II, DHARAMGARH, KALAHANDI, ODISHA**

Email : eeuilcdii@gmail.com

**Notice Invitation for Bids (NIFB)**

**e-Procurement Notice No : SE/UILCD-II-03/2025-26(01-03)**

1. Type/Nature of work : Civil Works
2. Total No. of works : 3 (Three) Nos.
3. Approx. value of works : Varies from 7.71 lakh(s) to 20.92 lakh(s) Excluding GST
4. Period of completion : 03 months and 04 months (As per DTCN)
5. Classification of bidders : D or C or B (As per DTCN)

**Other details as follows**

| Procurement Officer | e-Procurement Notice No | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi | **SE/UILCD-II-03/2025-26 (01-03) for 03 (Three) Nos. of works** | **02.12.2025 At 10.00 A.M.** | **11.12.2025 Up to 5.30 P.M.** | **12.12.2025 At 11.30 A.M.** |

N.B, : Further details can be seen from the e-procurement portal www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website **www.tendersodisha.gov.in**

Sd./- Superintending Engineer
U.I.L.C.D. No.II, Dharamgarh

OIPR-32483/11/0004/2526

DSPL-391

ସଡ଼କ ସୁରକ୍ଷା ନିୟମ ମାନନ୍ତୁ
ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବକେୟା ଇ-ଚାଲାଣ ବୋଝରୁ ମିଳିବ ମୁକ୍ତି**

**ଏକକାଳୀନ ପୈଠରେ ସରକାର ଦେଉଛନ୍ତି ରିହାତି**

୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ବକେୟା ଥିବା ଇ-ଚାଲାଣରେ ଲାଗୁ

ବିଜ୍ଞପ୍ତି ପ୍ରକାଶର ୬ ମାସ ଯାଏଁ ଯୋଜନା ବୈଧ

ବିଜ୍ଞାପିତ ନିର୍ଦ୍ଦିଷ୍ଟ ୨୭ଟି ଧାରାରେ ନିୟମ ଉଲ୍ଲଙ୍ଘନ କରିଥିଲେ ମିଳିବ ରିହାତି

ଅନ୍‌ଲାଇନ୍‌ରେ ପୈଠ ପାଇଁ
https://echallan.parivahan.gov.in

OIPR-38003/13/0095/2526

**ମନେରଖନ୍ତୁ**

- ଗାଡ଼ିର ଇ-ଚାଲାଣ ବକେୟା ଥିଲେ ଭବିଷ୍ୟତରେ ଆପଣ ସମସ୍ତ ପ୍ରକାର ମୋଟରଯାନ ଆଇନ୍ ସମ୍ବନ୍ଧୀୟ ସେବାରୁ ବଞ୍ଚିତ ହେବେ
- ଏଥିରୁ ବର୍ତ୍ତିବା ପାଇଁ, ଆଜି ହିଁ ନିଜର ବକେୟା ଇ-ଚାଲାଣ ପୈଠ କରନ୍ତୁ

ପରିବହନ ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇଁ
୨୪ ଘଣ୍ଟିଆ ଦେୟମୁକ୍ତ ନମ୍ବର - ୧୮୦୦ ୩୪୫ ୧୦୭୩

STAOdisha OdishaSTA ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର STAOdisha STAOdisha

**ସଂକ୍ଷେପରେ**

## ବେଆଇନ ବାଲି ଚାଲାଣ, ୨ ହାଇୱା ଜବତ

ବାରଙ୍ଗ, ୩୦।୧୧(ଲିଙ୍ଗରାଜ ରାଉତ): ମୁଣ୍ଡଳୀ ବ୍ୟାରେଜ ନିକଟରୁ ପୋଲିସ ୨ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଏଥିସହ ଚାଳକଦ୍ୱୟଙ୍କୁ ଅଟକ ରଖି ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିବା ଜଣାପଡିଛି।

ଶନିବାର ରାତିରେ ଗୋଡିସାହି ଫାଣ୍ଡି ପୋଲିସ ମୁଣ୍ଡଳୀ ବ୍ୟାରେଜ ଛକରେ ରାସ୍ତା ବ୍ଲକିଂ କରି ଚେକିଙ୍ଗ କରୁଥିଲା। ଏହି ସମୟରେ ୨ ହାଇୱା ଗାଡ଼ି ବାଲି ବୋଝେଇ କରି ଦ୍ରୁତଗତିରେ ଆସୁଥିଲା। ପୋଲିସ ଉଭୟ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ମାତ୍ର ଯାଞ୍ଚ ବେଳେ ଉଭୟ ଗାଡ଼ି ଚାଳକ ବାଲି ଚାଲାଣ ସମ୍ବନ୍ଧୀୟ ଆବଶ୍ୟକ ବୈଧ କାଗଜପତ୍ର ପୋଲିସକୁ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ଗାଡ଼ି ଏବଂ ଚାଳକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ଶିମିଳିପୁର-ହରିରାଜପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

ବାଙ୍କୀ,୩୦।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର -ହରିରାଜପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବିଭିନ୍ନ ପ୍ରକାରର ଫୁଲ ଓ ଔଷଧୀୟ ଚାରା ରୋପଣ କରାଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ଜୟନ୍ତୀବାଳା ଜେନା, କିଟ୍‌ର ପ୍ରଫେସର ସପନ ସାମଲ, ପ୍ରଫେସର ପ୍ରଶାନ୍ତ ଦାସ, ଏନ୍‌ଏସି ଅଧ୍ୟକ୍ଷା ମାଣିକ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମନାଭ ନନ୍ଦ, ଅକ୍ଷୟ କୁମାର ସାମଲ, ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ପ୍ରଧାନ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦାଶରଥି ବେଉରା, ଓମ୍‌ଶାନ୍ତି ଅନୁଷ୍ଠାନର ରୀନା ଦେବୀ, ଶିକ୍ଷକ ପ୍ରଶାନ୍ତ ମହାପାତ୍ର, ସତ୍ୟବ୍ରତ ମହାପାତ୍ର, ପୀତବାସ ନାୟକ, ଗୁରୁବାରୀ ରାଉତ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଲିପ୍ସା ପଣ୍ଡା, ଶ୍ରୀନିବାସ ସ୍ୱାଇଁ, ସୁଶାନ୍ତ ନାୟକ, ଗୋବିନ୍ଦ ସ୍ୱାଇଁ, ଭରତ ପଲେଇ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବଗିଚାକୁ ସୁରକ୍ଷା ଓ ଯତ୍ନ ନେବାପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ।

# ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଶୀତଳଭଣ୍ଡାର

- ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ଆଠଗଡ଼ ଗସ୍ତ
- ପ୍ରାମାଣିକ ବିହନ ବଣ୍ଟନ ଓ ଆଳୁଚାଷର ଶୁଭାରମ୍ଭ

ଆଠଗଡ଼/ ଖୁଣ୍ଟୁଣୀ, ୩୦।୧୧ (ସତ୍ୟ ପ୍ରସାଦ ରଥ/ସଚ୍ଚିଦାନନ୍ଦ ପଣ୍ଡା)


ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ବିହନ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ରବିବାର ଆଠଗଡ଼ ଗସ୍ତରେ ଆସି ଧୁରୁଷିଆ ପଞ୍ଚାୟତର ଜଗମୋହନପୁର ଓ କେଉଟପଡ଼ା ଗ୍ରାମରେ ରବି ଋତୁରେ ପ୍ରାମାଣିକ ବିହନ ବଣ୍ଟନ ସହ ଆଳୁଚାଷର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଥିଲେ, ଜୈବିକ ସାର ବ୍ୟବହାର କରି ଅର୍ଥକରି ଫସଲ ମାଧ୍ୟମରେ ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ। ଏଥିସହ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳତା ହ୍ରାସ ଓ ଆଳୁ ଯୋଗାଣ ପ୍ରକ୍ରିୟାକୁ ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଯତ୍ନବାନ ବୋଲି କହିଥିଲେ। ଖୁବ୍‌ଶୀଘ୍ର ଆଠଗଡ଼ରେ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆଠଗଡରେ ଆଳୁଚାଷର ସଫଳତା ପାଇଁ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକୁ ଆବଶ୍ୟକ ମରାମତି କରାଇ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଏଥିସହ ଶୀତଳ ଭଣ୍ଡାର ଖୋଲିବାକୁ ଦାବି କରିଥିଲେ। ରାଜ୍ୟ ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱମେନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ଆଠଗଡ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, କଟକ ଗ୍ରାମାଞ୍ଚଳ ଏସ୍‌ପି ବିନୀତ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଭାଜପା ନେତା ବିନୋଦ ଦାଶ, ଭାଜପା ଜିଲା ସଭାପତି ରାମନାରାୟଣ ମହାନ୍ତି, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାଏ, ପୂର୍ବତନ ବିଧାୟକ ରମେଶ ରାଉତ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ବିହନ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ନୀତି ରଞ୍ଜନ ସେନ ଧନ୍ୟବାଦ ଅର୍ପଣ କରିଥିଲେ।

ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଅବସରରେ ବାଟରେ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆଠଗଡ଼ର ଭାଜପା ନେତା ଅଭୟ କୁମାର ବାରିକଙ୍କ ନେତୃତ୍ୱରେ ଆଠଗଡ଼ରୁ ଆସିଥିବା ବହୁ କର୍ମୀ ଉପମୁଖ୍ୟନ୍ତ୍ରୀ ସିଂଦେଓଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେଠାରୁ ୧୫୦ ତମ ବନ୍ଦେ ମାତରମ୍ କାର୍ଯ୍ୟକ୍ରମର ପ୍ରତୀକ ଝଣ୍ଡା ଧରି ଅଭୟଙ୍କ ସହ ସେମାନେ ଏକ ପଟୁଆରରେ ବାରୁଣୀ ଯାତ୍ରା ପଡିଆରେ ପହଞ୍ଚି ବିହନ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ମାଙ୍କଡ଼ କାମୁଡ଼ାରେ ୩ ଆହତ

## ହସ୍ପିଟାଲରେ ମିଳୁନାହିଁ ଇଞ୍ଜେକଶନ୍

ଆଠଗଡ଼, ୩୦।୧୧(ସତ୍ୟ ପ୍ରସାଦ ରଥ) ଆଠଗଡ ବ୍ଲକ ଅନ୍ତର୍ଗତ ସଠିଲୋ ପଞ୍ଚାୟତରେ ମାଙ୍କଡ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଠାରେ ମାଙ୍କଡ଼ କାମୁଡାରେ ଏକାଧିକ ଆହତ ହେଲେଣି। ରବିବାର ସମ୍ପୃକ୍ତ ମାଙ୍କଡ଼ କାମୁଡ଼ାରେ ୩ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛୋଟ ପିଲା ବି ରହିଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଇଞ୍ଜେକଶନ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ବାଧ ହୋଇ ଆହତମାନଙ୍କୁ ଚିକିତ୍ସା ନିମନ୍ତେ ଢେଙ୍କାନାଳ ତଥା ଅନ୍ୟ ଅଞ୍ଚଳକୁ ନିଆଯାଇଛି। ଅପରପକ୍ଷେ ସମ୍ପୃକ୍ତ ମାଙ୍କଡ଼କୁ କାବୁ କରିବା ପାଇଁ ବନ ବିଭାଗ ଚେଷ୍ଟା ଜାରି ରଖିଥିଲେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମଧ ତାକୁ ଧରିପାରି ନ ଥିଲା । ଏ ସମ୍ପର୍କରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡ. ମାନସ ରଞ୍ଜନ ସାହୁ କହିଛନ୍ତି, ସ୍ୱାସ୍ଥ୍ୟକେନ୍ଦ୍ରରେ ଇଞ୍ଜେକଶନ ଉପଲବ୍ଧନାହିଁ। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।



ଅଗଣତାନ୍ତ୍ରିକ ଗିରଫଦାରି ପ୍ରତିବାଦରେ ଏଆଇକେକେଏମ୍‌ଏସ୍ ପକ୍ଷରୁ ରବିବାର ପ୍ରେସ ଛକଠାରେ ବିକ୍ଷୋଭ। (ଫଟୋ-ରାଜକିଶୋର ମହାନ୍ତି)

# ସାହିତ୍ୟିକ, କବିମାନଙ୍କ ମଧ୍ୟରେ ପତ୍ରିକା ସମ୍ପର୍କର ମାଧ୍ୟମ

ବାଙ୍କୀ,୩୦।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀର ସମ୍ପର୍କ ସାହିତ୍ୟ ସଂସଦ ଓ କାମଧେନୁକୋଟର ସପ୍ତଶଯ୍ୟା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ରବିବାର ସାହିତ୍ୟ ଭାବବିନିମୟ କାର୍ଯ୍ୟକ୍ରମ ଓ ପତ୍ରିକା 'ସୁନାଝର' ଉନ୍ମୋଚିତ ହୋଇଯାଇଛି। କାମଧେନୁକୋଟ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ବେଣୁଧର ମହାନ୍ତି ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିସହ ସମ୍ପାଦକ ସୁରେଶ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପର୍କ ସାହିତ୍ୟ ଅନୁଷ୍ଠାନ ବୈଦ୍ୟେଶ୍ୱରର ସମ୍ପାଦକ କବି ରବିନାରାୟଣ ମଙ୍ଗରାଜ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ମହୋତ୍ସବ ସ୍ମରଣିକାର ସମ୍ପାଦକ ତଥା କବି କୌଶିକ ନାୟକ ଯୋଗଦେଇ ସାହିତ୍ୟିକ ଓ କବିମାନଙ୍କ ମଧ୍ୟରେ ଏହା ହେଉଛି ସମ୍ପର୍କର ଏକ ମାଧ୍ୟମ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଦୁର୍ଯ୍ୟୋଧନ ବରାଳ, ବିଶିଷ୍ଟ ଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏହି ଉତ୍ସବ ସମ୍ପର୍କ ଓ ବନ୍ଧୁ ମିଳନର ଏକ ସୁଯୋଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ବାରିକ, କବି ନାରାୟଣ ପାତ୍ର, ସ୍ଥାନୀୟ ସରପଞ୍ଚ ପ୍ରତାପ କୁମାର ସ୍ୱାଇଁ, ପ୍ରଧାନଶିକ୍ଷକ ସଦାନନ୍ଦ ପାଢ଼ୀ ଓ ବ୍ରହ୍ମପୁରା ସଚଳାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସବିତା ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଭାବବିନିମୟ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ମନୋଜ୍ଞ କବିତା ପାଠୋତ୍ସବକୁ ସମ୍ପର୍କର କବି ମନ୍ମଥ କୁମାର ସ୍ୱାଇଁ ଓ କବୟିତ୍ରୀ ଶକୁନ୍ତଳା ମଲିକ ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ ବାଙ୍କୀ ଅଞ୍ଚଳର କବି ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରକାଶ ଜଗଦ୍ଦେବ, ଜାପାନୀ ଜଗଦ୍ଦେବ, ଧନଞ୍ଜୟ ଶ୍ରୀଚନ୍ଦନ ମହାପାତ୍ର, ନମିତା ନାୟକ, କଳ୍ପନା ରାଉତ, ଅଂଶୁପା ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ ବିଶୋଇ, ଶଶିଭୂଷଣ ତ୍ରିପାଠୀ, ଶୁଭସ୍ମିତା ପଶ୍ଚିମ କବାଟ, ଦୀପା ବେହେରା, ଶୁଭଲକ୍ଷ୍ମୀ ମହାପାତ୍ର, ମାନସୀ ମହାନ୍ତି, ପୁଷ୍ପଲତା ମହାପାତ୍ର, ବେଣୁଧର ମହାନ୍ତି, ସବିତା କୁମାରୀ ସାହୁ, ଭାରତୀ ଜେନା, ସନ୍ତୋଷ କୁମାର ମିଶ୍ର, କାଳନ୍ଦୀ ଚରଣ ମିଶ୍ର, ରବୀନ୍ଦ୍ର ସେଠୀ ପ୍ରମୁଖ ଶତାଧିକ କବୟିତ୍ରୀକବି କବିତା ପାଠ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଟିଗିରିଆ,୩୦।୧୧(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ଦାସଙ୍କୁ ରବିବାର ମହାବିଦ୍ୟାଳୟ ପରିସରରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଡ. ଦେବେନ୍ଦ୍ର ବେହେରା, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଶରତ କୁମାର ଭଞ୍ଜ, ଶାଶ୍ଵ ସାମାଜିକ କର୍ମୀ ଉଷାରାଣୀ ଭଞ୍ଜ, ଧର୍ମପତ୍ନୀ ତୃପ୍ତିଶ୍ରୀ ଦାସ, ସାଲେପୁର ବହୁଗ୍ରାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅବସରପ୍ରାପ୍ତ ଅଧ୍ୟାପକ ନାରାୟଣ ସାହୁ, ବୟାଳିଶ ମୌଜା ସୁଦର୍ଶନ ସ୍ନାତକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ବାଙ୍କୀ, ୩୦।୧୧(ଶୁଭେନ୍ଦୁ ମହାପାତ୍ର/ ସୁବ୍ରତ କୁମାର ନାୟକ): ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ଅନ୍ତର୍ଗତ ଚକାପଦା ଗ୍ରାମର ଅଗ୍ରଣୀ ଯୁବ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ପଞ୍ଚାୟତ ଅଧୀନ ବିନୋରୀ ଭବନ ପରିସରରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବେଲ, ଜାମୁ, ବଉଳ ଆଦି ଚାରାରୋପଣ କରାଯାଇଥିଲା। ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଫେଇ କାର୍ଯ୍ୟକ୍ରମରେ ଆମ ପରିବାର ଚକ୍ରର ପ୍ରତିଷ୍ଠାତା କୁମାର ଅମିୟ(ବୁଲୁ ବାବା), ବରିଷ୍ଠ ଉପଦେଷ୍ଟା ଲଲାଟେନ୍ଦୁ ପଣ୍ଡା, ନିର୍ମଳ ଚନ୍ଦ୍ର ଦାସ, ଶଙ୍କର ନାୟକ, ବଳଭଦ୍ର ରଣା, ବାଣୀପଦ ଦୀକ୍ଷିତ, ବିଶ୍ୱ ରଞ୍ଜନ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସାମିଲ ହୋଇଥିଲେ। ଆଗାମୀ ଦିନରେ ପରିଷଦ ତରଫରୁ ପାଥପୁର, ଭଗିପୁର, ଖମାରଙ୍ଗ, ତାଳବସ୍ତ, ଅରାଚଣ୍ଡୀ, ସୁବର୍ଣ୍ଣପୁର, ଚକାପଦା, ବ୍ରହ୍ମପୁରା ଆଦି ସ୍ଥାନରେ ଚଳିତବର୍ଷ ସଫେଇ ଅଭିଯାନ କରାଯିବ ବୋଲି ଆବାହକ ପରିପ୍ରକାଶ କରିଛନ୍ତି। ପରିଷଦର ସଭାପତି ନିରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମେଶିନରୁ ବାହାରିଲାନି ଟିକେଟ, ହନ୍ତସନ୍ତ ପର୍ଯ୍ୟଟକ

## ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨ ଘଣ୍ଟା ସର୍ଭର ଡାଉନ୍



ନନ୍ଦନକାନନରେ ସର୍ଭର ଡାଉନ ଯୋଗୁ ଟିକେଟ୍ ପାଇଁ ପର୍ଯ୍ୟଟକଙ୍କ ଭିଡ଼।

ବାରଙ୍ଗ,୩୦।୧୧(ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ମେଶିନରୁ ବାହାରିଲାନି ଟିକେଟ। ଫଳରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ାହୋଇ ପର୍ଯ୍ୟଟକମାନେ ହନ୍ତସନ୍ତ ହୋଇଥିବା ଜଣାପଡିଛି। ନନ୍ଦନକାନନର ସର୍ଭର ଡାଉନ ରହିଥିଲା ଯାହାଫଳରେ ସକାଳ ପ୍ରାୟ ୮.୧୦ରୁ ୧୦.୧୫ ପର୍ଯ୍ୟନ୍ତ ଏଭଳି ଟିକେଟ କରିବାରେ ତ୍ରୁଟି ଦେଖାଦେଇଥିଲା। ଦୀର୍ଘ ୨ ଘଣ୍ଟା ପରେ ସର୍ଭର ତ୍ରୁଟି ସମାଧାନ ହେବାରୁ ଅଫ୍‌ଲାଇନରେ ଟିକେଟ କରି ପର୍ଯ୍ୟଟକମାନେ ନନ୍ଦନକାନନ ପରିଭ୍ରମଣ କରିଥିଲେ। ସର୍ଭରର ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରବିବାର ଛୁଟିଦିନ ଥିବାରୁ ନନ୍ଦନକାନନରେ ସକାଳୁ ସକାଳୁ ପର୍ଯ୍ୟଟକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ହେଲେ ସର୍ଭର ଡାଉନ୍ ଯୋଗୁ ମେଶିନରୁ ଟିକେଟ ବାହାରି ନ ଥିଲା। ଅନ୍ୟପକ୍ଷରେ ଅଫ୍‌ଲାଇନ ଟିକେଟ କାଉଣ୍ଟର ବନ୍ଦ ରହିଥିଲା। ଟିକେଟ କାଉଣ୍ଟର ନିକଟରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିବା ବେଳେ ଟିକେଟ ମିଳିପାରୁ ନ ଥିଲା। ଫଳରେ ଏକପ୍ରକାର ହୋହଲ୍ଲା ପରିସ୍ଥିତି ଉପୁଜିଥିଲା। ମାଳ ମାଳ ଜୁ ଭଲ୍ୟୁଣ୍ଟିର ଥିଲେ ସୁଦ୍ଧା କେହି ପର୍ଯ୍ୟଟକଙ୍କ ପାଖରେ ପହଞ୍ଚି ସମସ୍ୟାର ସମାଧାନ କରି ନ ଥିଲେ। ନିରାଶ ହୋଇ ପର୍ଯ୍ୟଟକମାନେ ଫେରୁଥିବା ବେଳେ ନନ୍ଦନକାନନ କର୍ତ୍ତୃପକ୍ଷ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ନିକଟରେ ଥିବା ଗାଇଡ୍ ଏବଂ କର୍ତ୍ତୃପକ୍ଷଙ୍କ ସହାୟତାରେ ପର୍ଯ୍ୟଟକଙ୍କୁ ହ୍ୱାଟ୍‌ସଆପ୍ ମାଧ୍ୟମରେ ଅନ୍‌ଲାଇନ ଟିକେଟ କରିବାକୁ କହିଥିଲେ। ହେଲେ ସେଥିରେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

## ରାମକୁମାରପୁର ଗ୍ରାମରେ ଚୋରି

କଟକ ସଦର,୩୦।୧୧(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ରାମକୁମାରପୁର ଗ୍ରାମର ଏକାଧିକ ଘରେ ଚୋରି ହୋଇଛି। ଶନିବାର ରାତିରେ ସୁଜିତ କୁମାର ସାସମଲ୍ ନାମକ ବ୍ୟକ୍ତିଙ୍କ ଘର ପଛପଟ ଗ୍ରୀଲ କାଟି ଘରେ ଦୁର୍ବୃତ୍ତମାନେ ପଶି ୧୦୦ ଗ୍ରାମ୍ ରୁପା ଗହଣା ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ରବିବାର ସୁଜିତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଘରେ ଲାଗିଥିବା ସିସିଟିଭିର ହାର୍ଡଡିସ୍କ ଦୁର୍ବୃତ୍ତ ନେଇ ପଳାଇଛନ୍ତି। କେହି ଲୋକ ବାହାରକୁ ଗଲେ ଦୁର୍ବୃତ୍ତମାନେ ସେହି ଘରର ଗ୍ରୀଲ୍ କାଟି କିମ୍ବା କବାଟ ଭାଙ୍ଗି ଚୋରି କରିନେଉଛନ୍ତି। ୩ଦିନ ତଳେ ଏହି ଗ୍ରାମର ଅନ୍ୟ ଜଣେ ବାସିନ୍ଦାଙ୍କ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଚୋରି ଘଟଣାରେ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି।

No.T-107

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.01.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0205/2526

No.A-1022

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**UPPER INDRAVATI LEFT CANAL DIVISION NO-II, DHARAMGARH, KALAHANDI, ODISHA**
Email : eeuilcdii@gmail.com
**Notice Invitation for Bids (NIFB)**
**e-Procurement Notice No : SE/UILCD-II-03/2025-26(01-03)**

1. Type/Nature of work : Civil Works
2. Total No. of works : 3 (Three) Nos.
3. Approx. value of works : Varies from 7.71 lakh(s) to 20.92 lakh(s) Excluding GST
4. Period of completion : 03 months and 04 months (As per DTCN)
5. Classification of bidders : D or C or B (As per DTCN)

**Other details as follows**

| Procurement Officer | e-Procurement Notice No | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi | SE/UILCD-II-03/2025-26 (01-03) for 03 (Three) Nos. of works | 02.12.2025 At 10.00 A.M. | 11.12.2025 Up to 5.30 P.M. | 12.12.2025 At 11.30 A.M. |

N.B, : Further details can be seen from the e-procurement portal www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in

OIPR-32483/11/0004/2526
Sd./- Superintending Engineer
U.I.L.C.D. No.II, Dharamgarh

DSPL-391

ସଡ଼କ ସୁରକ୍ଷା ନିୟମ ମାନନ୍ତୁ
ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ବକେୟା ଇ-ଚାଲାଣ ବୋଝରୁ ମିଳିବ ମୁକ୍ତି**
**ଏକକାଳୀନ ପୈଠରେ ସରକାର ଦେଉଛନ୍ତି ରିହାତି**

୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ବକେୟା ଥିବା ଇ-ଚାଲାଣରେ ଲାଗୁ

ବିଜ୍ଞପ୍ତି ପ୍ରକାଶର ୬ ମାସ ଯାଏଁ ଯୋଜନା ବୈଧ

ବିଜ୍ଞାପିତ ନିର୍ଦ୍ଦିଷ୍ଟ ୨୬ଟି ଧାରାରେ ନିୟମ ଉଲ୍ଲଙ୍ଘନ କରିଥିଲେ ମିଳିବ ରିହାତି

ଅନ୍‌ଲାଇନ୍‌ରେ ପୈଠ ପାଇଁ
https://echallan.parivahan.gov.in

ମନେରଖନ୍ତୁ
- ଗାଡ଼ିର ଇ-ଚାଲାଣ ବକେୟା ଥିଲେ ଭବିଷ୍ୟତରେ ଆପଣ ସମସ୍ତ ପ୍ରକାର ମୋଟରଯାନ ଆଇନ୍ ସମ୍ବନ୍ଧୀୟ ସେବାରୁ ବଞ୍ଚିତ ହେବେ
- ଏଥିରୁ ବର୍ତ୍ତିବା ପାଇଁ, ଆଜି ହିଁ ନିଜର ବକେୟା ଇ-ଚାଲାଣ ପୈଠ କରନ୍ତୁ

ପରିବହନ ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇଁ
୨୪ ଘଣ୍ଟିଆ ଦେୟମୁକ୍ତ ନମ୍ବର - ୧୮୦୦ ୩୪୫ ୧୦୭୩

ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର
STAOdisha OdishaSTA STAOdisha STAOdisha
OIPR-38003/13/0095/2526

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଦାବି

## ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର

ଖୋର୍ଦ୍ଧା/ବାଘମାରୀ,୩୦।୧୧ (ପ୍ରଭାତ ପାଣିଗ୍ରାହୀ/ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଫେରିବାଲା, କମ୍ପାନୀରେ ଶ୍ରମିକ ଭାବେ କାମ କରିବାକୁ ଆସି ନକଲି ଆଧାରକାର୍ଡ ବନାଇ ଏଠାରେ ସ୍ଥାୟୀଭାବେ ରହି ବିଭିନ୍ନ ଅସମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏମାନଙ୍କୁ ଚିହ୍ନଟ କରିବାକୁ ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ଜିଲା ପକ୍ଷରୁ ବେଗୁନିଆ ଓ ବାଘମାରୀ ଥାନାରେ ଲିଖିତଭାବେ ଅଭିଯୋଗ ହୋଇଛି। ଏଥିରେ ଦର୍ଶାଯାଇଛି ଯେ, ଗତ ୧୦ ତାରିଖରେ ଦିଲ୍ଲୀର ଲାଲକିଲ୍ଲାଠାରେ ଘଟିଥିବା ଆତଙ୍କୀ ବିସ୍ଫୋରଣ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବରୁ ମଧ୍ୟ ଏପ୍ରିଲ ୨୨ରେ ଜମ୍ମୁ କଶ୍ମୀରର ପହଲଗାମ୍ ବୁଲିବା ପାଇଁ ଯାଇଥିବା ସାଧାରଣ ନାଗରିକଙ୍କୁ ଆତଙ୍କବାଦୀମାନେ ଯେଉଁଭଳି ଭାବେ ହତ୍ୟା କଲେ ସେଥିରେ ସାରାଦେଶ ବର୍ତ୍ତମାନ ସୁଦ୍ଧା କ୍ଷୁବ୍ଧ ଏବଂ ଆତଙ୍କବାଦ ବିରୋଧରେ ଏକ ହୋଇ ଠିଆ ହୋଇଛି। ସରକାର ମଧ୍ୟ ଆତଙ୍କବାଦ ବିରୋଧରେ ଜିରୋ ଟଲରେନ୍ସ ନୀତି ଆପଣେଇ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବର୍ତ୍ତମାନ ଏକ ବିରାଟ ଆହ୍ୱାନ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟକୁ ଦେଶଦ୍ରୋହୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ଥାନା ଅଞ୍ଚଳରେ ରହିଥିବା ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ଦେଶରୁ ବିତାଡ଼ିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟର ଗୃହ ବିଭାଗ ସଜାଗ ହୋଇ ଏହି ଦିଗରେ କାର୍ଯ୍ୟ କରୁଛି। ରାଜ୍ୟର ବିଭିନ୍ନ ଜିଲାରେ ପୋଲିସ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ସନ୍ଦିଗ୍ଧଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ରିପୋର୍ଟ ଅନୁସାରେ ଆମ ଅଞ୍ଚଳରେ ମଧ୍ୟ ବହୁ ସଂଖ୍ୟାରେ ବାଂଲାଦେଶୀ ଅନୁପ୍ରବେଶକାରୀ ବସବାସ କରୁଛନ୍ତି। ସେମାନେ ଏଠାରେ ରହି ବିଭିନ୍ନ ସମୟରେ ନିଶା ବେପାର, ଚୋରା ବନ୍ଧୁକ କାରବାର, ଲୁଟ ରାହାଜାନି, ବେଆଇନ ଗୋଚାଲାଣ ଭଳି ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଅଞ୍ଚଳରେ ବସବାସ କରୁଥିବା ସନ୍ଦିଗ୍ଧଙ୍କୁ ଚିହ୍ନଟ କରି ଯାଞ୍ଚ ସହ ଆବଶ୍ୟକ ଅନୁଯାୟୀ ତାଙ୍କ ବିରୋଧରେ ପଦକ୍ଷେପ ନିଆଯାଉ। ଖୋର୍ଦ୍ଧା ହିନ୍ଦୁ ଜାଗରଣ ମଞ୍ଚର ଜିଲା ସହ ସଂଯୋଜକ ତୁଷାରକାନ୍ତ ବେହେରାଙ୍କ ନେତୃତ୍ୱରେ ସୁଧାଂଶୁ କୁମାର ପ୍ରଧାନ, ମନୋରଞ୍ଜନ ପାତ୍ର, ସୁଜତ୍ କୁମାର ଶାନ୍ତିକାମୀ, ବିଶ୍ୱରଞ୍ଜନ ପାଲ, ଆଶିଷ କୁମାର ବରାଳ, ନିବାସ ପରମାଣିକ, ଭାସ୍କର ପରିଡ଼ା ଏବଂ ହିନ୍ଦୁ ଜାଗରଣ ମଞ୍ଚର ସ୍ଥାନୀୟ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ହିନ୍ଦୁ ଜାଗରଣ ମଞ୍ଚର କର୍ମକର୍ତ୍ତା।

# ଆଜି ଚନ୍ଦ୍ରଭାଗାରେ ସୁଭଦ୍ରା ଶକ୍ତି ମେଳା

## ଅଧାପନ୍ତରିଆ ଷ୍ଟଲ୍ ଦେଖି ଅଧିକାରୀ, ଘରୋଇ ସଂସ୍ଥା ଉପରେ ବର୍ଷିଲେ ଜିଲାପାଳ

କୋଣାର୍କ,୩୦।୧୧ (ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ସୋମବାର ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୁଭଦ୍ରା ଶକ୍ତି ମେଳାର ପ୍ରସ୍ତୁତି ଅନୁଧ୍ୟାନ କରିବା ଅବସରରେ ଅଧାପନ୍ତରିଆ ଷ୍ଟଲ୍ ନିର୍ମାଣ କାର୍ଯ୍ୟ ଓ ନିମ୍ନମାନର ସାଜସଜା ନେଇ ମିଶନ ଶକ୍ତି ବିଭାଗର ଜିଲା ଅଧିକାରୀ ଓ ଷ୍ଟଲ୍ ନିର୍ମାଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଉପରେ ବିରକ୍ତି ଭାବ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ପ୍ରଥମ ଥର ପବିତ୍ର ମାଘସପ୍ତମୀ ମେଳା ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ୧୫୦ ଷ୍ଟଲ ବିଶିଷ୍ଟ ସୁଭଦ୍ରା ମେଳା ଆୟୋଜନ କରାଯାଇଛି। ଏହି ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସୁଭଦ୍ରା ଶକ୍ତି ମେଳାର ଷ୍ଟଲ୍ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ଫୁଡ୍ ଷ୍ଟଲ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଏହି ମେଳାକୁ ଆକର୍ଷଣୀୟ କରିବା ପରିବର୍ତ୍ତେ ନିମ୍ନମାନର ସାଜସଜା ନେଇ ପୁରୀ ଜିଲାପାଳ ପରିଡ଼ା ସ୍ଥିତି ଅନୁଧ୍ୟାନ ସମୟରେ ବିରକ୍ତି ଭାବ ପ୍ରକାଶ କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଶୁଭଦ୍ରା ଫୁଡ୍ ଷ୍ଟଲରେ ବଡ଼ ବଡ଼ ବେଲୁନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ରହିବା ପାଇଁ ନିର୍ଦ୍ଦେଶ ଥିଲାବେଳେ ବିଭାଗୀୟ ଅଧିକାରୀ ଛୋଟ ବେଲୁନ ଲଗାଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ନ ଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପୁରୀ ଜିଲାପାଳ। ତୁରନ୍ତ ବଡ ବେଲୁନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ତିତିପ ଗ୍ରାମସ୍ଥିତ ବଟ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

## ବଟ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା

କୃଷ୍ଣପ୍ରସାଦ,୩୦।୧୧ (କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ତିତିପ ଗ୍ରାମରେ ବଟ ମହାବୀରଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ଜଣ ମହିଳା ଗ୍ରାମ ପୋଖରୀରୁ ପାଣି ଆଣି କଳସ ଶୋଭାଯାତ୍ରାରେ ଆସି ମନ୍ଦିରରେ ପହଞ୍ଚିଥିଲେ। ତିନିଦିନ ଧରି ଏହି ପ୍ରତିଷ୍ଠା ଉତ୍ସବ ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅହୋରାତ୍ର ନାମଯଜ୍ଞ ଚାଲିଥିଲା। ବଡ଼ଖାଡ଼, ତିତିପ, କୁରୁପାଳ ଗ୍ରାମର ପାଇକମାନେ ସାମରିକ କଳା ପ୍ରଦର୍ଶନ କରିଥିଲେ। ଗ୍ରାମ ସଭାପତି ଦେବରାଜ ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ଜେନା, ପୂର୍ବତନ ସଭାପତି ତଥା ୩୫ମୌଜା ସଭାପତି ସୁରେନ୍ଦ୍ରନାଥ ମାଝିଙ୍କ ସମେତ ଗ୍ରାମର ବରିଷ୍ଠ ସଭ୍ୟ ତଥା ଯୁବକ ଏବଂ ପଡ଼ୋଶୀ ଗ୍ରାମବାସୀ ସହଯୋଗ କରିଥିଲେ। ମନ୍ଦିର ପ୍ରତିଷ୍ଠା, ନୂତନ ବିଗ୍ରହ, ପାର୍ଶ୍ୱଦେବତାଙ୍କୁ ସ୍ଥାପନା କରାଯାଇଥିଲା।

# ପଦ୍ମଶ୍ରୀ ଗୁରୁ ଶ୍ୟାମାମଣି ଦେବୀଙ୍କୁ 'ସଙ୍ଗୀତ ଉତ୍ତୁଙ୍ଗ' ସମ୍ମାନ

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

ସ୍ୱରାଭିଷେକ ପକ୍ଷରୁ ଓଡ଼ିଶୀ ସଙ୍ଗୀତକୁ ନେଇ ରବିବାର ଗୀତ ଗୋବିନ୍ଦ ସଦନଠାରେ 'ରାଗମଞ୍ଜରୀ' ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅନୁଷ୍ଠାନର ସଭାପତି ସ୍ୱର୍ଗତ କୁଳମଣି ଦେଓଙ୍କ ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଜୀବନବ୍ୟାପୀ ସଙ୍ଗୀତ ସାଧନା ପାଇଁ ପଦ୍ମଶ୍ରୀ ଗୁରୁ ଶ୍ୟାମାମଣି ଦେବୀଙ୍କୁ 'ସଙ୍ଗୀତ ଉତ୍ତୁଙ୍ଗ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଯୁବ ଓ କିଶୋର ବର୍ଗରେ ୨୦ଜଣ କଣ୍ଠଶିଳ୍ପୀ ଓଡ଼ିଶୀ ରାଗାଙ୍ଗ, ଭାବାଙ୍ଗ, ନାଟ୍ୟାଙ୍ଗ, ଗୀତଗୋବିନ୍ଦ, ଛାନ୍ଦ, ଚମ୍ପୁ ଇତ୍ୟାଦି ପରିବେଷଣ କରିଥିଲେ।

## 'ଆହେ ଶିବ ଗୌରୀ ତୁମେ...

ଅଭିଷେକ ପଣ୍ଡାଙ୍କ ଶ୍ରୀ ଜୟଦେବଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦରୁ ଆରମ୍ଭ ହୋଇଥିଲା ସଙ୍ଗୀତ କାର୍ଯ୍ୟକ୍ରମ। ପରବର୍ତ୍ତୀ ରାଗାଙ୍ଗ ପର୍ଯ୍ୟାୟରେ ଗୁରୁ ହରପ୍ରିୟା ପତିଙ୍କ ସଂଯୋଜନାରେ ୧୫ଜଣ ଯୁବକଣ୍ଠଶିଳ୍ପୀ ପରିବେଷଣ କରିଥିଲେ 'ରାଗ କଲ୍ୟାଣ-ମନା ମୁ କରୁଥିଲି ଏହାଙ୍କୁ ଗୋ' ଏବଂ ପରେ କିଶୋର କଣ୍ଠଶିଳ୍ପୀଙ୍କ ଦ୍ୱାରା ପରିବେଷିତ ହୋଇଥିଲା ରାଗ ଶଙ୍କରାଭରଣ ଓ ଶିବ ବନ୍ଦନା 'ଆହେ ଶିବ ଗୌରୀ ତୁମେ...' ଓ ଅନ୍ୟାନ୍ୟ ସଙ୍ଗୀତ। କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ଆଇପିଏସ୍ ଅଫିସର ଲଳିତ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଗବେଷକ ଡ. କୀର୍ତନ ନାରାୟଣ ପାଢୀ, ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ରାମହରି ଦାସ, କଣ୍ଠଶିଳ୍ପୀ ଡ. ସଙ୍ଗୀତା ଗୋସାଇଁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଅଶ୍ୱିନୀ ମହାନ୍ତି, ସମ୍ପାଦିକା ହରପ୍ରିୟା ପତି, କୋଷାଧ୍ୟକ୍ଷ ଅକ୍ଷୟ କିଶୋର ପଣ୍ଡା ଓ ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ଅଲିଭା ଆରତୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର'

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)

## ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ ଯୋଗଦେଇ 'ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି): ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମତ ରଖିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହୁ, ଗ୍ରୀଡ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ରଫେସର ସୁନୀଲ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ରଫେସର ବିନୋଦ ଚନ୍ଦ୍ର ଚୌଧୁରୀ, ଡ. ନିଶିଥ କୁମାର ମହାନ୍ତି ଏବଂ ପ୍ରଫେସର ଗୋପାଳ ଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ – ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ।

DSPL-391



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସଡ଼କ ସୁରକ୍ଷା ନିୟମ ମାନନ୍ତୁ
ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବକେୟା ଇ-ଚାଲାଣ ବୋଝରୁ ମିଳିବ ମୁକ୍ତି
ଏକକାଳୀନ ପୈଠରେ ସରକାର ଦେଉଛନ୍ତି ରିହାତି

୩୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ବକେୟା ଥିବା ଇ-ଚାଲାଣରେ ଲାଗୁ

ବିଜ୍ଞପ୍ତି ପ୍ରକାଶର ୬ ମାସ ଯାଏଁ ଯୋଜନା ବୈଧ

ବିଜ୍ଞାପିତ ନିର୍ଦ୍ଦିଷ୍ଟ ୨୬ଟି ଧାରାରେ ନିୟମ ଉଲ୍ଲଙ୍ଘନ କରିଥିଲେ ମିଳିବ ରିହାତି

ଅନ୍‌ଲାଇନ୍‌ରେ ପୈଠ ପାଇଁ
https://echallan.parivahan.gov.in

ମନେରଖନ୍ତୁ
- ଗାଡ଼ିର ଇ-ଚାଲାଣ ବକେୟା ଥିଲେ ଭବିଷ୍ୟତରେ ଆପଣ ସମସ୍ତ ପ୍ରକାର ମୋଟରଯାନ ଆଇନ୍ ସମ୍ବନ୍ଧୀୟ ସେବାରୁ ବଞ୍ଚିତ ହେବେ
- ଏଥିରୁ ବର୍ତ୍ତିବା ପାଇଁ, ଆଜି ହିଁ ନିଜର ବକେୟା ଇ-ଚାଲାଣ ପୈଠ କରନ୍ତୁ

ପରିବହନ ସେବା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇଁ
୨୪ ଘଣ୍ଟିଆ ଦେୟମୁକ୍ତ ନମ୍ବର - ୧୮୦୦ ୩୪୫ ୧୦୭୩

STAOdisha OdishaSTA ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର STAOdisha STAOdisha

OIPR-38003/13/0095/2526

No.T-107

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.01.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0205/2526

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ଖୋର୍ଦ୍ଧା,୩୦।୧୧ (ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲା କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଏବିଇଓ ଭରତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସନ୍ଧ୍ୟାବତୀ ଲେଙ୍କା ଯୋଗଦେଇ ପୁଷ୍ପମଞ୍ଜରୀଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ଉପସ୍ଥାପନ କରି ପ୍ରଶଂସା କରିଥିଲେ। ୧୯୮୯ ମସିହାରେ ଚାକିରି ଜୀବନ ଆରମ୍ଭ କରି ବାଜପୁର, ପୋଡ଼ାପୁଟ, ନିଆଳ, ଭାଲିଆବାଡି, ବ୍ଲକ ଆରଇ ଓ କଲୋନୀ, ଗଡଖୋର୍ଦ୍ଧା ପ୍ରାଥମିକ ବିଦ୍ୟାଳୟରେ ସଫଳତାର ସହ ଶିକ୍ଷକତା ଜୀବନ ଅତିବାହିତ କରି ଶେଷରେ କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦରୁ ଅବସର ନେଇଛନ୍ତି। ଏହି ଅବସରରେ ନବ କିଶୋର ସାହୁ, ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ବହୁ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

No.A-1022

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**UPPER INDRAVATI LEFT CANAL DIVISION NO-II, DHARAMGARH,**
**KALAHANDI, ODISHA**
Email : eeuilcdii@gmail.com

**Notice Invitation for Bids (NIFB)**
**e-Procurement Notice No : SE/UILCD-II-03/2025-26(01-03)**

1. Type/Nature of work : Civil Works
2. Total No. of works : 3 (Three) Nos.
3. Approx. value of works : Varies from 7.71 lakh(s) to 20.92 lakh(s) Excluding GST
4. Period of completion : 03 months and 04 months (As per DTCN)
5. Classification of bidders : D or C or B (As per DTCN)

Other details as follows

| Procurement Officer | e-Procurement Notice No | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi | SE/UILCD-II-03/2025-26 (01-03) for 03 (Three) Nos. of works | 02.12.2025 At 10.00 A.M. | 11.12.2025 Up to 5.30 P.M. | 12.12.2025 At 11.30 A.M. |

N.B, : Further details can be seen from the e-procurement portal www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in

Sd./- Superintending Engineer
U.I.L.C.D. No.II, Dharamgarh
OIPR-32483/11/0004/2526

## ୨ ହାଇୱା ଜବତ

ବାରଙ୍ଗ, ୩୦।୧୧ (ଲିଙ୍ଗରାଜ ରାଉତ)

ମୁଣ୍ଡଳୀ ବ୍ୟାରେଜ ନିକଟରୁ ପୋଲିସ ୨ଟି ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ଏଥିସହ ଚାଳକଦ୍ୱୟଙ୍କୁ ଅଟକ ରଖି ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିବା ଜଣାପଡିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଅଧାପନ୍ତରିଆ ଷ୍ଟଲ୍ ଦେଖି ଅଧିକାରୀ, ଘରୋଇ ସଂସ୍ଥା ଉପରେ ବର୍ଷିଲେ ଜିଲାପାଳ

## ଆଜି ଚନ୍ଦ୍ରଭାଗାରେ ସୁଭଦ୍ରା ଶକ୍ତି ମେଳା

କୋଣାର୍କ,୩୦।୧୧
(ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଠାରେ ସୋମବାର ମିଶନ ଶକ୍ତି ବିଭାଗ ପକ୍ଷରୁ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶୁଭଦ୍ରା ଶକ୍ତି ମେଳାର ପ୍ରସ୍ତୁତି ଅନୁଧ୍ୟାନ କରିବା ଅବସରରେ ଅଧାପନ୍ତରିଆ ଷ୍ଟଲ୍ ନିର୍ମାଣ କାର୍ଯ୍ୟ ଓ ନିମ୍ନମାନର ସାଜସଜା ନେଇ ମିଶନ ଶକ୍ତି ବିଭାଗର ଜିଲା ଅଧିକାରୀ ଓ ଷ୍ଟଲ୍ ନିର୍ମାଣ ଦାୟିତ୍ୱରେ ଥିବା ଘରୋଇ ସଂସ୍ଥା ଉପରେ ବିରକ୍ତି ଭାବ ପ୍ରକାଶ କରିଥିବା ଦେଖିବାକୁ ମିଳିଛି। ଚଳିତ ବର୍ଷ ପ୍ରଥମ ଥର ପବିତ୍ର ମାଘସପ୍ତମୀ ମେଳା ପଡ଼ିଆରେ ମିଶନ ଶକ୍ତି ବିଭାଗ ପକ୍ଷରୁ ୧୫୦ ଷ୍ଟଲ ବିଶିଷ୍ଟ ସୁଭଦ୍ରା ମେଳା ଆୟୋଜନ କରାଯାଇଛି। ଏହି ମେଳାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ସୁଭଦ୍ରା ଶକ୍ତି ମେଳାର ଷ୍ଟଲ୍ ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଥିବା ବେଳେ ଫୁଡ୍ ଷ୍ଟଲ କାର୍ଯ୍ୟ ଶେଷ ହୋଇ ନ ଥିବା ଦେଖିବାକୁ ମିଳିଛି। ଏହି ମେଳାକୁ ଆକର୍ଷଣୀୟ କରିବା ପରିବର୍ତ୍ତେ ନିମ୍ନମାନର ସାଜସଜା ନେଇ ପୁରୀ ଜିଲାପାଳ ପରିଡ଼ା ସ୍ଥିତି ଅନୁଧ୍ୟାନ ସମୟରେ ବିରକ୍ତି ଭାବ ପ୍ରକାଶ କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୁଭଦ୍ରା ଫୁଡ୍ ଷ୍ଟଲରେ ବଡ଼ ବଡ଼ ବେଲୁନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ରହିବା ପାଇଁ ନିର୍ଦ୍ଦେଶ ଥିଲାବେଳେ ବିଭାଗୀୟ ଅଧିକାରୀ ଛୋଟ ବେଲୁନ ଲଗାଇ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇ ନ ଥିବା ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ପୁରୀ ଜିଲାପାଳ। ତୁରନ୍ତ ବଡ ବେଲୁନରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



ଚନ୍ଦ୍ରଭାଗାରେ ଅନୁଷ୍ଠିତ ହେବାକୁ ଥିବା ସୁଭଦ୍ରା ଶକ୍ତିମେଳାର ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି।

# ବିଭାଗୀୟ ନିର୍ଦ୍ଦେଶକୁ ବେଖାତିର କରିବା ମହଙ୍ଗା ପଡ଼ିଲା, ଶିକ୍ଷୟିତ୍ରୀ ନିଲମ୍ବିତ

କୋଣାର୍କ ୩୦।୧୧ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଏନଏସିର ୫ନଂ. ୱାର୍ଡ ଅନ୍ତର୍ଗତ ଡାଳିମଗୋରଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହମୟୀ ସ୍ୱାଇଁ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିବାରୁ ତାଙ୍କୁ ନିଲମ୍ବନ କରାଯାଇଥିବା ଗୋପ ବିଇଓ ପ୍ରମୋଦ କୁମାର କର ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ସ୍ୱାଇଁ ଗତ ୨୦୨୪ ମସିହା ଅକ୍ଟୋବର ୨୯ ତାରିଖରେ ଡାଳିମଗୋରଡା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ପ୍ରଧାନଶିକ୍ଷକ ଦାୟିତ୍ୱ ନେବା ପରଠାରୁ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ମଧ୍ୟାହ୍ନ ଭୋଜନ ଦେବା, ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନ ଭୋଜନ ସାମଗ୍ରୀ ହଡ଼ପ କରିବା, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଗୁରୁତ୍ୱ ନ ଦେବା, ଅନୁସୂଚିତ ଜାତିର ପାଚିକାଙ୍କୁ ଜାତିଆଣ ଆକ୍ଷେପ କରି ବେଆଇନ ଭାବେ ଅନ୍ୟ ଜଣେ ସବର୍ଣ୍ଣ ବର୍ଗର ପାଚିକାଙ୍କୁ ନିଯୁକ୍ତି ଦେବା, ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀର ରାଜନୈତିକ ବ୍ୟକ୍ତିବିଶେଷଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇ ସରକାରୀ ଅନୁଦାନ ହଡ଼ପ କରିବା ଆଦି ଅଭିଯୋଗ ଅଭିଭାବକମାନେ ପୁରୀ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବାରମ୍ବାର କରି ଆସୁଥିଲେ। ଏହି ଅଭିଯୋଗ ଆଧାରରେ ଗତ ମାର୍ଚ୍ଚ ୧୮ତାରିଖ ଓ ଅଗଷ୍ଟ ୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ଗୋପ ବିଇଓଙ୍କ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଜଣିଆ ତଦନ୍ତ କମିଟି ମାଧ୍ୟମରେ ତଦନ୍ତ କରାଯାଇଥିଲା। ଅଭିଯୋଗର ସତ୍ୟତାକୁ ଭିତ୍ତିକରି ଗୋପ ବିଇଓ ସ୍ନେହମୟୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଙ୍ଗ କରିବା ସହିତ କୈଫିୟତ ତଲବ କରିଥିଲେ। ସ୍ନେହମୟୀ ଏହାର କୌଣସି ଜବାବ ନ ଦେଇ ଗୋପ ବିଇଓ ଏବଂ ପୁରୀ ଡିଇଓଙ୍କ ଉପରେ ରାଜନୈତିକ ଚାପ ପକାଇଥିଲେ। ଗତ ସେପ୍ଟେମ୍ବର ୮ ତାରିଖରେ ସ୍ନେହମୟୀଙ୍କୁ ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ସ୍ନେହମୟୀ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ଛୁଟିରେ ରହିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଅପିଲକୁ ଗତ ଅକ୍ଟୋବର ୧୦ ତାରିଖରେ ଖାରଜ କରି ଦେଇଥିଲେ। ଏହାପରେ ଦୀର୍ଘ ୪୫ ଦିନ ବିତିଯାଇଥିଲେ ମଧ୍ୟ ସ୍ନେହମୟୀ ଉପରିସ୍ଥ ଅଧିକାରୀଙ୍କୁ କୌଣସି କୈଫିୟତ ଦେଇ ନ ଥିଲେ କିମ୍ବା ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ସେ ଦୀର୍ଘଦିନଧରି ଛୁଟିରେ ରହିବା ସହିତ ଏଯାବତ ଡାଳିମ୍ବଗୋରଡ଼ିରେ କାର୍ଯ୍ୟରତ ଏକମାତ୍ର ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଫଳରେ ବିଦ୍ୟାଳୟକୁ ଆସିଥିବା ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରି ନାହିଁ। ଚଳିତବର୍ଷ ପିଲାମାନେ ପୋଷାକ ଯୋଗାଣରୁ ବଞ୍ଚିତ ହୋଇଛନ୍ତି। ପୁରୀ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଗତ ୨୫ ତାରିଖରେ ଗୋପ ବିଇଓ ସ୍ନେହମୟୀଙ୍କୁ ନିଲମ୍ବନ କରିଛନ୍ତି। ଜଣେ ଶିକ୍ଷୟିତ୍ରୀ ଭାବରେ ସ୍ନେହମୟୀଙ୍କ ବେଆଇନ କାର୍ଯ୍ୟକଳାପ ସୀମା ଟପିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ୫ ନମ୍ବର ୱାର୍ଡର କାଉନ୍‌ସିଲର ନିହାର ରଞ୍ଜନ ବେଉରା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ନେହମୟୀଙ୍କୁ ପଚାରିରେ ସେ ମତାମତ ଦେବାକୁ ମନା କରିଦେଇଥିଲେ।

## ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ ଓଡ଼ିଶା ସଙ୍ଗୀତ ଏକାଡେମୀ ଦ୍ୱାରା ପୁରସ୍କୃତ

କଣାସ,୩୦।୧୧ (ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ବଡ଼ାସ ପଞ୍ଚାୟତ ବୈଦ୍ୟନାଥପାଟଣା ଗ୍ରାମରେ ଜନ୍ମଗ୍ରହଣ କରିଥିବା ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ବିଭୂତିଭୂଷଣ ପଟ୍ଟନାୟକଙ୍କୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରଠାରେ ଅନୁଷ୍ଠିତ ଏକାଡେମୀ ଉତ୍ସବରେ ୨୦୨୪ ବର୍ଷ ପାଇଁ ପଟ୍ଟନାୟକଙ୍କୁ ମନୋନୀତ କରାଯାଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୁରସ୍କୃତ କରିବା ସହିତ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପଟ୍ଟନାୟକ ଏକାଧାରରେ ଜଣେ ଶିକ୍ଷକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସାମାଜିକ କର୍ମୀ ଭାବେ ପୁରସ୍କୃତ ହୋଇଥିବାବେଳେ ୨୦୨୦ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ।

## ନିଜ ପାଇଁ ସବୁଦିନ, ସମାଜ ପାଇଁ ଘଣ୍ଟାଏ

ପୁରୀ,୩୦।୧୧ (ଅଜିତ୍ କୁମାର ମହାନ୍ତି)

ସମାଜ ପାଇଁ କିଛି କରିବାର ଲକ୍ଷ୍ୟ ନେଇ ଏକାଠି ହେଲେ ବାଲ୍ୟବନ୍ଧୁ। ସମାଜ ଅନେକ କିଛି ଶିଖାଇଛି, ଅନେକ କିଛି ଦେଇଛି। ଆଜି ସମାଜକୁ ସମୟ ଦେବାର ସମୟ। ଏମିତି ଏକ ଲକ୍ଷ୍ୟ ନେଇ ପୁରୀ ପୋଲିସ୍ ହାଇସ୍କୁଲର ୨୦୦୩ ବ୍ୟାଚ୍ ଛାତ୍ରୀଛାତ୍ର ଏକାଠି ହୋଇଛନ୍ତି। କର୍ମମୟ ଜୀବନରୁ ଘଣ୍ଟାଏ ବାହାର କରି ସମାଜ ପାଇଁ କିଛି କରିବାକୁ ବନ୍ଧୁମାନେ ସଙ୍କଳ୍ପ ନେଇଛନ୍ତି। ପୁରୀ ଆଖଣ୍ଡଳମଣି ମନ୍ଦିରରେ ଏକତ୍ରିତ ହୋଇ ସମସ୍ତେ ଏନେଇ ନିଷ୍ପତ୍ତି ନେଇଛନ୍ତି। ଯେଉଁମାନେ ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱଚ୍ଛଳ ଏବଂ ଯେଉଁମାନେ ସମାଜ ପାଇଁ କିଛି କରିବାର ମନୋବୃତ୍ତି ରଖିଛନ୍ତି, ସମସ୍ତେ ଏକମନ ହୋଇ ଚାରାରୋପଣ, ରକ୍ତଦାନ, ଗରିବ କଲ୍ୟାଣ କରିବାକୁ ଏକ ଟିମ୍ ଗଠନ କରିବେ। ଟିମ୍‌ର ନିଷ୍ପତ୍ତିକ୍ରମେ ଆଗକୁ କର୍ମପନ୍ଥା ନିର୍ଦ୍ଧାରିତ ହେବ। ଆର୍ଥିକ ଦାନଠାରୁ ଆରମ୍ଭ କରି ସଭା କାର୍ଯ୍ୟ ପର୍ଯ୍ୟନ୍ତ ଚୂଡ଼ାନ୍ତ ପାଇଁ କୋର୍ କମିଟି ନିଷ୍ପତ୍ତି ନେବ ବୋଲି ବୈଠକରେ ଏକମତ ହୋଇଛନ୍ତି। ଏହି ଅବସରରେ ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ଦତ୍ତ ଭର୍ଚୁଆଲ୍‌ରେ ଯୋଡ଼ି ହୋଇ ଅନେକେ କିପରି ସମାଜସେବା କାର୍ଯ୍ୟ ଆଗକୁ ନିଆଯାଇପାରିବେ ସେନେଇ ସୁଚିନ୍ତିତ ମତ ରଖିଥିଲେ। ବିଜୟ ସାହୁ, ବିପ୍ଳବ ଭୂୟାଁ, ପବିତ୍ର ମହାପାତ୍ର, ରାଜେଶ ରଥ ପ୍ରମୁଖ ସଭା ପରିଚାଳନା କରିଥିବା ବେଳେ ରାମକୃଷ୍ଣ ପରିଡ଼ା ସଭାକାର୍ଯ୍ୟ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍ତମ ଚାଟାର୍ଜୀ, ଦୀପକ ଦାସ, ଚିତ୍ତ ରଞ୍ଜନ ବାରିକ, ରଶ୍ମିତା ଦାସ, ପ୍ରତିମା ବାରିକ, ପ୍ରଶାନ୍ତ ପ୍ରଧାନ, ସତ୍ୟଜିତ ମଙ୍ଗରାଜ, ଚିନ୍ମୟ ପରିଡ଼ା, ସୁଜାତା ବାରିକ, ମଞ୍ଜୁଲତା ମିଶ୍ର, ଅମ୍ରିତା ମହାରଣା, ଅଶ୍ୱିନୀ ସିଂହ, ସୁବାସିନୀ ବିଶ୍ୱାଳ, ସୁନୀଲ ଖଣ୍ଡୁଆଳ, ପ୍ରକାଶ ନାୟକ, ଅଶ୍ୱିନୀ ବେହେରା, ବିଶ୍ୱଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ

ଯୋଗେଶ୍ୱରପୁର,୩୦।୧୧ (ରଶ୍ମିରଞ୍ଜନ ସାହୁ)

ସ୍ୱାସ୍ଥ୍ୟସେବା ଉପରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଥିବାବେଳେ ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ରହିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ଟି ପଞ୍ଚାୟତ ଯଥା ଧୂମାଲ, ଜଙ୍ଗଲବୋରି, ଦେସ୍ଥଳୀ, ବଉଳାଙ୍ଗ, ଇସାଣପୁର, ସୋରଭାର ୬୦,୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ତେବେ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଆଦୌ ଶଯ୍ୟା ନ ଥିବାରୁ ରୋଗୀ ତଳେ ଚିକିତ୍ସିତ ହେଉଛନ୍ତି। ସେହିପରି ଡାକ୍ତର ନିୟମିତ ଆସୁନଥିବାରୁ ରୋଗୀମାନେ ନିରାଶ ହୋଇ ଚାରିଛକ, ନିଆଳି, ନିମାପଡ଼ା, ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଛନ୍ତି। ଡାକ୍ତରଙ୍କ ପାଇଁ ସରକାରୀ କ୍ୱାର୍ଟର୍ସ ଥିଲେ ମଧ୍ୟ ସେ ରାତିରେ ରହୁନାହାନ୍ତି। ରାତିରେ ଜରୁରୀ କାଳୀନ ଚିକିତ୍ସା ପାଇଁ ଲୋକେ ହଇରାଣ ହେଉଛନ୍ତି। ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ୧୦ ସଂଖ୍ୟା ବିଶିଷ୍ଟ ଶଯ୍ୟା କରିବାକୁ ଦାବିହୋଇ ଆସୁଥିବାବେଳେ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ସରପଞ୍ଚ ମୋନାଲିସା ସିଂହ, ପ୍ରଭାତୀ ସାହୁ, ରିସ୍ମା ସ୍ୱାଇଁ, ପୂର୍ବତନ ସରପଞ୍ଚ କମଳାକାନ୍ତ କୁଅଁର, ସରପଞ୍ଚ ବିନୋଦିନୀ ପାଳ, କିଶୋର ଚନ୍ଦ୍ର ସେଠୀ, ନୟାହାଟ ବ୍ୟବସାୟୀ ସଂଘ ସଭାପତି ଫକୀର ଚରଣ ବାରିକ ଏବଂ ସମ୍ପାଦକ ସୁବାସ ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ଦିଗରେ ପ୍ରଶାସନ ତୁରନ୍ତ ଦୃଷ୍ଟି ନ ଦେଲେ ଜନଆନ୍ଦୋଳନ କରାଯିବା ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ନୟାହାଟ ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଆଜି କୋଣାର୍କ ଉତ୍ସବ, ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ

କୋଣାର୍କ,୩୦।୧୧ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଠାରେ ସୋମବାର ଠାରୁ ୩୬ତମ କୋଣାର୍କ ଉତ୍ସବ ଓ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ। କୋଣାର୍କ ଉତ୍ସବ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚ, ଦର୍ଶକ ଗ୍ୟାଲେରୀ, ମହୋତ୍ସବ ପ୍ରାଚୀର ଓ କୋଣାର୍କ ଯାତ୍ରୀନିବାସ ଠାରେ ସୁନ୍ଦର ସାଜସଜା, ବ୍ୟାପକ ଆଲୋକୀକରଣ ବ୍ୟବସ୍ଥା, ପ୍ରାଚୀରରେ ଝୋଟି ଚିତା ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହୋଇଛି। ସୂର୍ଯ୍ୟ ମନ୍ଦିର ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚ ନୃତ୍ୟ ଶିଳ୍ପୀମାନଙ୍କୁ ଅପେକ୍ଷା କରିଛି। ନୂପୁରର ରୁଣୁଝୁଣୁ ଶବ୍ଦରେ ଝଙ୍କୃରିତ ହେବ ମୁକ୍ତାକାଶ ରଙ୍ଗମଞ୍ଚ। କୋଣାର୍କ ମେଡିକାଲ ଛକଠାରୁ ଥାନା ଛକ ପର୍ଯ୍ୟନ୍ତ ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ସୁନ୍ଦର ସାଜସଜ୍ଜାରେ ନବବଧୂ ବେଶ ସାଜିଛି କୋଣାର୍କ। କୋଣାର୍କ ଉତ୍ସବ, ଆନ୍ତର୍ଜାତିକ ବାଲୁକା କଳା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଚନ୍ଦ୍ରଭାଗା ବେଳାଭୂମି କୂଳରେ ପଦ୍ମଶ୍ରୀ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲୁକା କଳା ମହୋତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ଅସ୍ମିତାର ପ୍ରତୀକ ବାଲୁକା କଳାର ଇତିହାସ ଅତୀତ ପ୍ରାଚୀନ। ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବା ପାଇଁ ଚଳିତ ବର୍ଷ ୬ଟି ଆନ୍ତର୍ଜାତିକ ବାଲୁକା ଷ୍ଟଲ୍ ସହ ୨୯ଟି ଦେଶୀୟ ବାଲୁକା କଳା ଷ୍ଟଲ୍ ପ୍ରଦର୍ଶିତ ହେବ। ଏଥିପାଇଁ ପ୍ରସ୍ତୁତି ଶେଷ ହୋଇ ବାଲିଗୁଡ଼ିକୁ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରାଯାଇଛି।। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ମୁତୟନ ସହ ସିସିଟିଭି କ୍ୟାମେରାରେ କୋଣାର୍କ ଓ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଛି।

# ସାମ୍ପ୍ରତିକ ପରିସ୍ଥିତି ଆଧାରିତ ଖବର ପ୍ରକାଶନ ବର୍ତ୍ତମାନ ସମୟର ଆହ୍ୱାନ

ପୁରୀ,୩୦।୧୧ (ଅଜିତ୍ କୁମାର ମହାନ୍ତି )

ମାସିକ ଖବର କାଗଜ ମିଶନ ନ୍ୟୁଜ୍‌ର ଦ୍ୱାଦଶ ବାର୍ଷିକ ଉତ୍ସବ ଓଡ଼ିଶା ଗୀତ ପରିଷଦ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ସଂଖ୍ୟା ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇଥିଲା ଗବେଷଣାତ୍ମକ ସାମ୍ବାଦିକତା ଓ ଲୌକିକ ପ୍ରୟୋଗ ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଲା ଯେ, ସମସ୍ୟା ମୂଳକ ଓ ସାମ୍ପ୍ରତିକ ପରିସ୍ଥିତି ଆଧାରିତ ଖବର ପ୍ରକାଶନ ବର୍ତ୍ତମାନ ସମୟର ଆହ୍ୱାନ। ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ଶରତ ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ସେଠୀ ଉପ ନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ବିଭାଗ ବିଶିଷ୍ଟ ଅତିଥିଭାବେ ପ୍ରାଧ୍ୟାପକ ଡ. ଅଭିମନ୍ୟୁ ଭୂୟାଁ, ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

No.T-107

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
***********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.01.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0205/2526

## ସମ୍ବିଧାନ ଦିବସ ଉପଲକ୍ଷେ ଆଇନ ସଚେତନତା

ପୁରୀ,୩୦।୧୧ ( ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବୁଧବାର କଚେରି ପରିସରରେ ସମ୍ବିଧାନ ଦିବସ ଉପଲକ୍ଷେ ଏକ ସମ୍ବିଧାନର ଆଭିମୁଖ୍ୟ ସତ୍ୟପାଠ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମସ୍ତ ବିଚାର ବିଭାଗୀୟ ବିଚାରପତି ଓ କର୍ମଚାରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିଥିଲେ। ଏହି ଦିବସ ଉପଲକ୍ଷେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ପୁରୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତା ପ୍ରତିଯୋଗିତାରେ କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରାଯାଇଥିଲା।

No.A-1022

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**UPPER INDRAVATI LEFT CANAL DIVISION NO-II, DHARAMGARH, KALAHANDI, ODISHA**
Email : eeuilcdii@gmail.com
**Notice Invitation for Bids (NIFB)**
**e-Procurement Notice No : SE/UILCD-II-03/2025-26(01-03)**

1. Type/Nature of work : Civil Works
2. Total No. of works : 3 (Three) Nos.
3. Approx. value of works : Varies from 7.71 lakh(s) to 20.92 lakh(s) Excluding GST
4. Period of completion : 03 months and 04 months (As per DTCN)
5. Classification of bidders : D or C or B (As per DTCN)

**Other details as follows**

| Procurement Officer | e-Procurement Notice No | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi | SE/UILCD-II-03/2025-26 (01-03) for 03 (Three) Nos. of works | 02.12.2025 At 10.00 A.M. | 11.12.2025 Up to 5.30 P.M. | 12.12.2025 At 11.30 A.M. |

N.B, : Further details can be seen from the e-procurement portal www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in

Sd./- Superintending Engineer
U.I.L.C.D. No.II, Dharamgarh
OIPR-32483/11/0004/2526



# ୭ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଅଚଳାବସ୍ଥା

- ୧୯ଦିନ ହେବ ଆନ୍ଦୋଳନରେ ଛାତ୍ରୀଛାତ୍ର, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର
- ଆଜି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଆପ୍ରୋନ୍ ପଠାଇବ ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ

ଭୁବନେଶ୍ୱର, ୩୦।୧୧ (ବନ୍ଦନା ସେଠୀ)




ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ଛାତ୍ରମାନେ ଧାରଣାରେ ବସିଛନ୍ତି।

ଛାତ୍ର ଆନ୍ଦୋଳନ ଯୋଗୁ ରାଜ୍ୟର ୭ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଛି। ୮ଦଫା ଦାବି ନେଇ ଶୀତ କାକରରେ ନିଜ କଲେଜ ଗେଟ୍ ଆଗରେ ଦିବାରାତ୍ର ଧାରଣାରେ ବସିରହିଛନ୍ତି। ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ ପକ୍ଷରୁ ଗତ ୧୯ଦିନ ଧରି ସରକାରୀ ଅବହେଳାର ପ୍ରତିବାଦ କରାଯିବା ସହିତ ନଭେମ୍ବର ୨୪ରୁ ଛାତ୍ରୀଛାତ୍ର ୭ଦିନିଆ ଅହୋରାତ୍ର ଧାରଣାରେ ବସିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସୋମବାର ପୂର୍ବାହ୍ନ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦାବି ଉପରେ କୌଣସି ସକାରାତ୍ମକ ଫଳପ୍ରଦ ନିଷ୍ପତ୍ତି ଗ୍ରହଣ କରା ନ ଗଲେ ରାଜ୍ୟର ସମସ୍ତ ଆୟୁଷ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପାଖକୁ ଡାକ୍ତରଙ୍କ ମର୍ଯ୍ୟାଦା ଧଳା ଆପ୍ରୋନ୍ ପଠାଇବେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଥିବା ସୂଚନା ଦିଆଯାଇଛି। ଆସୋସିଏଶନ ଅଭିଯୋଗ କରିଛି ଯେ, ଛାତ୍ରୀଛାତ୍ରଙ୍କ ଧର୍ମଘଟ ଦ୍ୱାରା ଆୟୁଷ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ସହିତ କଲେଜ କାର୍ଯ୍ୟାଳୟଗୁଡିକ ପ୍ରଭାବିତ ହୋଇଛି। ଆନ୍ଦୋଳନକୁ ସମର୍ଥନ କରି କଲେଜ ହସ୍ପିଟାଲରେ ହାଉସ୍ ସର୍ଜନମାନେ କଳାବ୍ୟାଜ୍ ପିନ୍ଧି ସେବା ଦେଉଛନ୍ତି। ଇତିମଧ୍ୟରେ ନୂତନ ସରକାର ଆସିବାର ୧୯ମାସ ଅତିବାହିତ ହୋଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ବାରମ୍ବାର ଲୋକଦେଖାଣିଆ ଭାବେ ଦାବି ପୂରଣ କରାଯିବ ବୋଲି କହୁଥିବା ବେଳେ ବାସ୍ତବରେ ତାହା କରୁନାହାନ୍ତି। ଅନ୍ୟ ରାଜ୍ୟ ଅପେକ୍ଷା ଆମ ରାଜ୍ୟରେ ଆୟୁଷ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ନୂତନ ଆୟୁଷ ମେଡିକାଲ ଅଧିକାରୀ ପଦବୀ ସୃଷ୍ଟି, ଆୟୁଷ ପିଜି ଓ ପିଏଚ୍ ପାଠ୍ୟକ୍ରମ ସିଟ୍ ବୃଦ୍ଧି, ହାଉସ୍ ସର୍ଜନଙ୍କ ବହୁଦିନର ଦାବି ଡାଇନାମିକ ଭତ୍ତା ବୃଦ୍ଧି, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟିର ପୂର୍ଣ୍ଣ ଗଠନ ଆଦି ଦାବି ନେଇ ପୁରୀସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ, ଗଞ୍ଜାମ ଜିଲାର ଅଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ, ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ, ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ, ସମ୍ବଲପୁରସ୍ଥିତ ଓଡ଼ିଶା ମେଡ଼ିକାଲ କଲେଜ ଅଫ୍ ହୋମିଓପାଥିକ ଆଣ୍ଡ୍ ରିସର୍ଚ୍ଚ ଓ ରାଉରକେଲାସ୍ଥିତ ଉତ୍କଳମଣି ହୋମିଓପାଥିକ ଭେଷଜ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଛନ୍ତି।

# ଲୋକକଳା ଆମକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି



ଲୋକକଳା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଲୋକନୃତ୍ୟ ପରିବେଷଣ କରାଯାଉଛି।

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)

## ଲୋକକଳା ମହୋତ୍ସବ ଉଦ୍‌ଯାପିତ

କଳାଞ୍ଜଳି ଆର୍ଟିଷ୍ଟ ଟ୍ରଷ୍ଟ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚାଲିଥିବା ୨ଦିନିଆ ଲୋକକଳା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଟ୍ରଷ୍ଟ ସଭାପତି ବାଇଲଣ୍ଟୁ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇଥିଲେ। ସେ କହିଲେ, ଭାରତର ଲୋକକଳା ଅନନ୍ୟ। ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଲୋକକଳା ରହିଛି, ଯାହା ଆମକୁ ବିଶ୍ୱ ଦରବାରରେ ପରିଚିତ କରିପାରିଛି। ଏହି ଲୋକକଳାକୁ ବଞ୍ଚାଇବାକୁ ସମସ୍ତେ ପ୍ରୟାସ କରନ୍ତୁ ଓ କଳାଞ୍ଜଳିର ଏହି ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ପ୍ରଦୀପ କୁମାର ପାଣିଗ୍ରାହୀ, ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ଖବରଦାତା କିଶୋର ଦ୍ୱିବେଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଆସ୍ଥା ହସ୍ପିଟାଲ ସିଇଓ ପ୍ରଭାକର ପାଢୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା କଳାକାରଙ୍କ ଦ୍ୱାରା ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ସହ ଯୋଡି ଶଙ୍ଖ, ବାଘ ନୃତ୍ୟ, କେରଳର ଲୋକନୃତ୍ୟ ମୋହିନୀନାଟ୍ୟମ୍, ମହାରାଷ୍ଟ୍ରର ଲୋକନୃତ୍ୟ, ଛତ୍ରପୁରର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା କଥାପାଦ, ଲାବନି ନୃତ୍ୟ, ବିହୁ ନୃତ୍ୟ, ସମ୍ବଲପୁରୀ ଲୋକନୃତ୍ୟ, ମହାରାଷ୍ଟ୍ରର ଲୋକନୃତ୍ୟ ପ୍ରଦର୍ଶନ କରାଯାଇଥିଲା, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ 'ଇଣ୍ଡିଆନ୍ ଗୋଲଡେନ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ଉତ୍ସବ ପରିଚାଳନା କରିଥିଲେ।




ବିଶ୍ୱ ଏଡ୍ସ ଦିବସର ଅବ୍ୟବହିତ ପୂର୍ବରୁ ରବିବାର 'ବନ୍ଦେ ମାତରମ୍' ଅନୁଷ୍ଠାନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ପଥପ୍ରାନ୍ତ ନାଟକ 'ମିଶନ ଜିରୋ' ମାଧ୍ୟମରେ ସଚେତନତା ବାର୍ତ୍ତା ଦିଆଯାଉଛି।

# ପୋଲିସ ବାବୁ ସମ୍ପତ୍ତି ତାଲିକା ନ ଦେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୩୦।୧୧ (ତ୍ରିନାଥ ମହାନ୍ତି)

## ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶ ଦେଲେ ଡିଜିପି

### ସମ୍ପତ୍ତି ତାଲିକା ଦେଇ ନ ଥିବା ୪୪ଜଣ ପାଇଲେନି ପଦୋନ୍ନତି

ସରକାରୀ ଅଧିକାରୀ ଓ କର୍ମଚାରୀ ସମ୍ପତ୍ତି ତାଲିକା ଦେବାକୁ ସବୁ ବିଭାଗକୁ ସାଧାରଣ ପ୍ରଶାସନ ବିଭାଗ ଚିଠି ଲେଖିବା ପରେ ତତ୍ପର ହୋଇଛି ପୋଲିସ ବିଭାଗ। ଏବେ ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀ ନିଜର ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଡିଜିପି ୱାଇ. ବି. ଖୁରାନିଆ ସମସ୍ତ ଏସ୍‌ପି ଏବଂ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାନୁୟାରୀ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ କଡ଼ା ନିର୍ଦ୍ଦେଶ ଦିଆଯିବା ସହ ଉଲ୍ଲଂଘନ କଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ସେମାନଙ୍କ ପଦୋନ୍ନତି ରୋକିବା ସହ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଜିପି କହିଛନ୍ତି।

ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସେମାନଙ୍କ ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଅଧିକାଂଶ ତାହା ଦେଉନାହାନ୍ତି। ଫଳରେ ଗତ ୧୯ ତାରିଖ ଇନ୍ସପେକ୍ଟର ପଦୋନ୍ନତିରେ ସେମାନଙ୍କୁ ବାଦ୍ ଦିଆଯାଇଛି। ସମ୍ପତ୍ତି ତାଲିକା ଦେଇଥିବା ୪୭୫ ଜଣଙ୍କୁ ପଦୋନ୍ନତି ମିଳିଥିବା ବେଳେ ୪୪ ଏସ୍‌ଆଇଙ୍କୁ ପଦୋନ୍ନତି ମିଳିନାହିଁ। ହେଲେ ପରବର୍ତ୍ତୀ ସମୟରେ ସେମାନେ ଅଫ୍‌ଲାଇନ୍‌ରେ ସମ୍ପତ୍ତି ତାଲିକା ଦେଇଥିଲେ ମଧ୍ୟ ପଦୋନ୍ନତି ଦିଆଯାଇନାହିଁ।

ପୋଲିସ ମାନୁଆଲ ଅନୁସାରେ, ପୋଲିସ କର୍ମଚାରୀ ଘର, ଫ୍ଲାଟ୍, ଗାଡି ଓ ସୁନାଗହଣା କିଣିଲେ ବିଭାଗକୁ ଜଣାଇବା ଜରୁରୀ। କିନ୍ତୁ ବହୁ ପୋଲିସ ଗାଡ଼ି, ଘର ଏବଂ ପ୍ଲଟ୍ କିଣୁଥିଲେ ମଧ୍ୟ ଜଣାଇନାହାନ୍ତି। ପଦୋନ୍ନତି ଅପେକ୍ଷା ସେମାନେ କଳାଧନକୁ ଲୁଚାଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବଡ଼ କଥା ହେଲା ରାଜଧାନୀରେ କାମ କରୁଥିବା ସର୍ବାଧିକ ପୋଲିସ କର୍ମଚାରୀ ସମ୍ପତ୍ତି ତାଲିକା ଦେଇ ନ ଥିବା ଜଣାପଡିଛି। ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ନିକଟରେ ପଦୋନ୍ନତି ପାଇ ନ ଥିବା ୪୪ଜଣଙ୍କ ମଧ୍ୟରୁ ଅଧିକାଂଶ ଏସ୍‌ଆଇ ଭୁବନେଶ୍ୱରରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପୋଲିସ କର୍ମଚାରୀ ଲୁଚାଛପାରେ ଘର ଓ ଦାମୀ ଗାଡି କିଣିଥିବା ଜଣାପଡିଛି। ଏସବୁ ଜଣାଇଲେ ଭିଜିଲାନ୍ସ ଚଢ଼ାଉ ଭୟ ଥିବାରୁ ପଦୋନ୍ନତିକୁ ମଧ୍ୟ ସେମାନେ ଏଡାଇ ଦେଉଛନ୍ତି। ନିଲମ୍ବନ ଭଳି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ରାଜ୍ୟ ସରକାର ଓ ଡିଜିପିଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେବେ ବୋଲି କୁହାଯାଉଛି।

# ବିବାହ ବିଳମ୍ବ ହେବାରୁ ବେଦିରୁ ବର-କନ୍ୟାଙ୍କୁ ଉଠାଇଦେଲେ ମଣ୍ଡପ କର୍ତ୍ତୃପକ୍ଷ

ଭୁବନେଶ୍ୱର,୩୦।୧୧ (ତ୍ରିନାଥ ମହାନ୍ତି)

ବିବାହ ବିଳମ୍ବ ହେବାକୁ ନେଇ ମଣ୍ଡପ କର୍ତ୍ତୃପକ୍ଷ ଏବଂ ବର ପକ୍ଷ ମଧ୍ୟରେ ଗଣ୍ଡଗୋଳ ହୋଇଛି। ହାତଗଣ୍ଠି ପଡି ସାରିଥିଲା। ହେଲେ ବର-କନ୍ୟା ସାତ ଘେରା ବୁଲିବା ପୂର୍ବରୁ ମଣ୍ଡପ କର୍ତ୍ତୃପକ୍ଷ ସେମାନଙ୍କୁ ବେଦିରୁ ଉଠାଇ ଦେଇଥିଲେ। ଏହାକୁ ନେଇ ଉଭୟ ପକ୍ଷରୁ ହାତାହାତି ହୋଇଥିଲେ। ଏଭଳି ଘଟଣା ଭରତପୁର ଥାନା କଳିଙ୍ଗ ଷ୍ଟୁଡିଓ ଛକ ନିକଟ ଏକ କ୍ଲବରେ ଦେଖିବାକୁ ମିଳିଛି। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏସ୍‌ଓଏସ୍ ଭିଲେଜ କଡ଼ରେ ଥିବା ଏକ କ୍ଲବରେ ଜଣେ କର୍ପୋରେଟରଙ୍କ କନ୍ୟା ବାହାଘର ବେଳେ ଏଭଳି ରୋଚକ ଘଟଣା ଦେଖିବାକୁ ମିଳିଥିଲା। ସେ ତାଙ୍କ ଝିଅର ବାହାଘର ପାଇଁ ୨ ମାସ ପୂର୍ବରୁ ବିବାହ ମଣ୍ଡପ ବୁକିଂ କରିଥିଲେ। ଏ ବାବଦକୁ ୪ ଲକ୍ଷ ଟଙ୍କା ମଣ୍ଡପ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ରବିବାର ଅପରାହ୍ନ ୨ଟାରେ ବାହାଘର ଚାଲିଥିଲା। ବେଦିରେ ବରକନ୍ୟା ବସିଥିବାବେଳେ ପୁରୋହିତ ମନ୍ତ୍ର ପଢୁଥିଲେ। ଅଗ୍ନିକୁ ସାକ୍ଷୀ ରଖି ସାତ ଘେରା ବୁଲିଥାନ୍ତେ ବର-କନ୍ୟା। ସନ୍ଧ୍ୟାରେ ଜଣେ ନବ ବିବାହିତଙ୍କ ରିସେପ୍‌ଶନ ଥିବା ଦର୍ଶାଇ ମଣ୍ଡପ ଖାଲି କରିବାକୁ କହି ତଡ଼ି ଦେଇଥିଲେ ମଣ୍ଡପ କର୍ତ୍ତୃପକ୍ଷ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନିଲୁ



@ ଅମିୟ ଭୂଷଣ



@ ସନ୍ତୋଷ



@ ରଜତ



@ ରାଜେନ୍ଦ୍ର



@ ଶିବରାମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮ ବିଇଓ, ୨୪୩ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ନିର୍ଦ୍ଦେଶ

ଖୋର୍ଦ୍ଧା,୩୦।୧୧ (ପ୍ରଭାତ ପାଣିଗ୍ରାହୀ)

## ପିଲାଙ୍କୁ ପୋଷାକ ଦିଆଯାଇ ନ ଥିବାରୁ ଡିଇଓଙ୍କ କାର୍ଯ୍ୟାନୁଷ୍ଠାନ

ଶିକ୍ଷାବର୍ଷ ସରିବାକୁ ବସିଲାଣି। ଏଯାବତ୍ ଖୋର୍ଦ୍ଧା ଜିଲାର ବିଭିନ୍ନ ବିଦ୍ୟାଳୟରେ ପିଲାଙ୍କୁ ପୋଷାକ(ସ୍କୁଲ ୟୁନିଫର୍ମ) ବଣ୍ଟନ କରାଯାଇନାହିଁ। ଏନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲା ସମଗ୍ର ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଠିକ୍ ସମୟରେ ଛାତ୍ରୀଛାତ୍ରଙ୍କୁ ପୋଷାକ ନ ବାଣ୍ଟିବାରୁ ଜିଲାର ବାଲିଅନ୍ତା ଏବଂ ଜଟଣୀକୁ ବାଦ୍ ଦେଲେ ୮ବ୍ଲକ୍ ଶିକ୍ଷା ଅଧିକାରୀ(ବିଇଓ) ଏବଂ ୨୪୩ ଜଣ ପ୍ରଧାନଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଯେ ପର୍ଯ୍ୟନ୍ତ ପିଲାଙ୍କୁ ପୋଷାକ ବଣ୍ଟନ ନ କରାଯାଇଛି ସେପର୍ଯ୍ୟନ୍ତ ୮ ବିଇଓ ଏବଂ ୨୪୩ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ଜିଲା ଶିକ୍ଷାଧିକାରୀ ସୋନାମିକା ରାୟ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ଚିଠି ସଂଖ୍ୟା ୪୪୫୧/୨୬.୧୧.୨୫ ପ୍ରକାରେ ଜିଲାରେ ବିଜ୍ଞପ୍ତି ଜାରି କରାଯାଇଛି। ଡିଇଓଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ବ୍ଲକରେ ୨, ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୪, ଟାଙ୍ଗୀରେ ସର୍ବାଧିକ ୯୩, ଖୋର୍ଦ୍ଧା ୪୧, ବେଗୁନିଆ ୧୨, ଚିଲିକା ୬୮, ବୋଲଗଡ଼ ୭ ଏବଂ ବାଲିପାଟଣା ବ୍ଲକର ୬ଜଣ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ଲାଗି ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ନଭେମ୍ବର ସରି ଡିସେମ୍ବର ଆରମ୍ଭ ହେଲାଣି, ହେଲେ ରାଜ୍ୟର ବିଭିନ୍ନ ଜିଲାରେ ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇ ନ ଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ପିଲାଙ୍କ ପୋଷାକ ବଣ୍ଟନ କରାଯିବା ନେଇ ସମସ୍ତ ଡିଇଓଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ଏହା ସତ୍ତ୍ୱେ ମଧ୍ୟ ଅଧିକାଂଶ ଜିଲାରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ତେବେ ଖୋର୍ଦ୍ଧା ଜିଲାରେ ଏହାର ବ୍ୟାପକ ଅବହେଳା ନେଇ ଉପରୋକ୍ତ ବିଇଓ ଏବଂ ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ଡିଇଓ ନିର୍ଦ୍ଦେଶ ଦେଇଛନ୍ତି। ଡିଇଓ ସମ୍ପୃକ୍ତ ବ୍ଲକ ଅଧୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ ତାଲିକା ବିଇଓଙ୍କୁ ପଠାଇଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ କେତେକ ବିଦ୍ୟାଳୟରେ ପିଲାଙ୍କୁ ସ୍କୁଲ ୟୁନିଫର୍ମ ଏପର୍ଯ୍ୟନ୍ତ ବଣ୍ଟନ କରାଯାଇନାହିଁ। ପ୍ରଧାନଶିକ୍ଷକମାନେ ଦେୟ ଦେବା ଆରମ୍ଭ କରିନାହାନ୍ତି, ସମ୍ପୂର୍ଣ୍ଣ ପ୍ରକ୍ରିୟା ସମାପ୍ତ ନ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ଦରମା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେବା ସହ ୨୮ ତାରିଖ ସୁଦ୍ଧା ବଣ୍ଟନ ପ୍ରକ୍ରିୟା ସମାପ୍ତ ନ ହେବା ପର୍ଯ୍ୟନ୍ତ ଉପରୋକ୍ତ ବିଇଓଙ୍କ ଦରମା ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ପ୍ରକାରେ, ପୋଷାକ କ୍ରୟକୁ ନେଇ ବିଭିନ୍ନ ଅଞ୍ଚଳରେ ମନୋନୀତ ଏସ୍‌ଏଚ୍‌ଜି ଏବଂ ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ଫଳରେ ଏକାଧିକ ବିଦ୍ୟାଳୟରେ ପିଲାଙ୍କ ପୋଷାକ କ୍ରୟ ହୋଇପାରିନାହିଁ। ସେପଟେ ଡିଇଓଙ୍କ ନୋଟିସ ପାଇବା ପରେ ବିଇଓଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ପୋଷାକ କ୍ରୟ ଏବଂ ବଣ୍ଟନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ଟେକ୍ନୋଲୋଜିର ଅପବ୍ୟବହାର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରିବ

## ୨ଜଣଙ୍କୁ 'ବରେନ୍ଦ୍ର କୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନ'

ଭୁବନେଶ୍ୱର,୩୦।୧୧ (ସୌମ୍ୟରଞ୍ଜନ ରାଉତ)



ଅତିଥିମାନେ ଆଇଆଇଏମ୍‌ସିର ଟପ୍ପର ଛାତ୍ରୀ ଦିବାଲିନା ବେହେରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ପ୍ରୟୋଗର ସକାରାତ୍ମକ ଦିଗ ପ୍ରତି ଉପଯୁକ୍ତ ଧ୍ୟାନ ଦିଆ ନ ଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବଜଗତ ପାଇଁ ବିପଦ ସୃଷ୍ଟି କରିବ। କୃତ୍ରିମ ବୁଦ୍ଧିମତ୍ତା ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି। ଶନିବାର ଗୀତଗୋବିନ୍ଦ ସଦନରେ ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ ପକ୍ଷରୁ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା ଆୟୋଜିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ଦାସଗୁପ୍ତା କହିଲେ, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଉଭୟ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଲେ, ଦୀର୍ଘ ୫ଦଶନ୍ଧି ଧରି ବରେନ୍ଦ୍ରକୃଷ୍ଣ ଓଡ଼ିଶାରେ ନିର୍ଭୀକତାର ସହ ନିଛକ ସାମ୍ବାଦିକତା କରୁଥିଲେ। ସମାଜର ପ୍ରକୃତ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ସ୍ୱର୍ଗତ ଧଳ ଯେଭଳି କଲମ ଚାଳନା କରି ପ୍ରତିଷ୍ଠା ଲାଭ କରିଥିଲେ ତାହା ବିରଳ। ସାମ୍ବାଦିକତା ସହ ସାହିତ୍ୟ, କଳା, ସଂସ୍କୃତି, କ୍ରୀଡ଼ା ଓ ସଂଗଠନ କ୍ଷେତ୍ରରେ ମଧ୍ୟ ତାଙ୍କର ଯଥେଷ୍ଟ ପାରଦର୍ଶିତା ରହିଥିଲା। ଏହା ଆଜିର ଖବରଦାତାଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମହତାବ କହିଥିଲେ।

ଏହି ଅବସରରେ ଆଇଆଇଏମ୍‌ସିରୁ ଓଡ଼ିଆ ସାମ୍ବାଦିକତାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ଦିବାଲିନା ବେହେରା ଏବଂ ଓଡ଼ିଆ ଗଳ୍ପ ସାହିତ୍ୟ କ୍ଷେତ୍ରରେ କୃତୀ ପ୍ରତିଭାଧାରୀ ଭାବେ ମନୋନୀତ ଗାଳ୍ପିକା ସ୍ୱପ୍ନ ମିଶ୍ରଙ୍କୁ 'ବରେନ୍ଦ୍ର କୃଷ୍ଣ ଧଳ ସ୍ମୃତି ସାହିତ୍ୟ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାମାଜିକ କର୍ମୀ ନମ୍ରତା ଚଢା, ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଶତ୍ରୁଜିତ ଧନ୍ୟବାଦ ଜଣାଇଥିଲେ।

# ଆଜିଠୁ ଅନ୍‌ଲାଇନ ଟିକେଟ ବିକ୍ରି

କଟକ,୩୦ା୧୧(ଶିଳ୍ପା ପ୍ରିୟଦର୍ଶିନୀ)



ଖବରଦାତା ସମ୍ମିଳନୀରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟମାନେ। (ଫଟୋ: ରାଜକିଶୋର ମହାନ୍ତି)

ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍ ପାଇଁ ସୋମବାରଠାରୁ ପ୍ରଥମ ପର୍ଯ୍ୟାୟରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଅପରାହ୍ନ ୨ଟାରୁ ଅନ୍‌ଲାଇନ୍ ଟିକେଟ ବୁକିଂ ଆରମ୍ଭ ହେବ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନ ଏବଂ ୱେବ୍‌ସାଇଟ୍‌ରେ ଟିକେଟ ବୁକ୍ କରିପାରିବେ। ମାତ୍ର ୨ହଜାର ଟିକେଟ୍ ଅନ୍‌ଲାଇନରେ ଉପଲବ୍ଧ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସମ୍ପାଦକ ସଞ୍ଜୟ ବେହେରା ରବିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଓସିଏ ସମ୍ପାଦକ ବେହେରା ଅଧିକ ସୂଚନା ଦେଇ କହିଛନ୍ତି ଯେ, ଅନ୍‌ଲାଇନ ଟିକେଟ କିଣିଥିବା ବ୍ୟକ୍ତିମାନେ ଡିସେମ୍ବର ୮ ଓ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟରରୁ ଟିକେଟ୍‌ର ହାର୍ଡକପି ସଂଗ୍ରହ କରିପାରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶାଲ ଏନ୍‌କ୍ଲୋଜର ଏବଂ ଏସି ଗ୍ୟାଲେରି ବକ୍ସର ଟିକେଟ କେବଳ ଅନ୍‌ଲାଇନରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକେଟ ଅନ୍‌ଲାଇନରେ କିଣିପାରିବେ। ଡିସେମ୍ବର ୩ ଓ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକେଟ ମଧ୍ୟରୁ ୧୧ ହଜାର ଟିକେଟ ଅନୁବନ୍ଧିତ ୟୁନିଟ କିଣିବେ। ଏଥିସହ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ ଏବଂ ଡିସେମ୍ବର ୫ରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକେଟ କାଉଣ୍ଟର ଖୋଲାଯିବ। ମ୍ୟାଚ୍ ନିମନ୍ତେ ମୋଟ୍ ୫୦ କୋଟି ଟଙ୍କାର ବୀମା ହୋଇଛି। ଏକଦିବସୀୟ ସିରିଜ୍ ଶେଷ ହେବା ପରେ ଡିସେମ୍ବର ୭ରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ବାରବାଟୀ ଷ୍ଟାଡିୟମକୁ ଆସିବେ। ଦିନରେ ଭାରତ ଓ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଖେଳାଳିମାନେ ଅଭ୍ୟାସ କରିବେ। ଖେଳାଳିମାନଙ୍କ ଏହି ଅଭ୍ୟାସ ଦେଖିବା ନିମନ୍ତେ ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ. ୬ ଓ ୭ର ଫାଟକ ଖୋଲାଯିବ। ଆବଶ୍ୟକ ପଡ଼ିଲେ ଗ୍ୟାଲେରି ନଂ. ୧ ଓ ୨ ମଧ୍ୟ ଖୋଲାଯିବାକୁ ଯୋଜନା କରାଯାଇଛି ବୋଲି ବେହେରା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଉ ମାତ୍ର ୮ ଦିନ ପରେ ବାରବାଟୀ ଷ୍ଟାଡିୟମରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଆସିଥିବା ଦକ୍ଷିଣଆଫ୍ରିକା ଦଳ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଏଠାରେ ଖେଳିବ।

**ବାରବାଟୀରେ ଟି-୨୦ ମ୍ୟାଚ୍ ପ୍ରସ୍ତୁତି**

**ଟିକେଟ ମୂଲ୍ୟ**

ଗ୍ୟାଲେରି ନଂ ୧ ଓ ୩- ୧୧୦୦ ଟଙ୍କା
ଗ୍ୟାଲେରି ନଂ ୨ ଓ ୪- ୯୦୦ ଟଙ୍କା
ଗ୍ୟାଲେରି ନଂ ୫- ୧୨୦୦ ଟଙ୍କା
ଗ୍ୟାଲେରି ନଂ ୭- ୭୦୦ ଟଙ୍କା
ସ୍ପେଶାଲ ଏନ୍‌କ୍ଲୋଜର- ୬୦୦୦ ଟଙ୍କା
ଏସି ବକ୍ସ- ୮୦୦୦ ଟଙ୍କା
ନ୍ୟୁ ପାଭିଲିୟନ- ୧୦,୦୦୦ ଟଙ୍କା
କର୍ପୋରେଟ ବକ୍ସ- ୨୦,୦୦୦ ଟଙ୍କା

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ)

**ସୟଦ ମୁସ୍ତାକ ଅଲୀ ଟି୨୦**

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ପରାଜୟରେ ଓଡ଼ିଶା ହ୍ୟାଟ୍ରିକ କରିଛି। ପୂର୍ବରୁ କେରଳ ଓ ଆନ୍ଧ୍ର ପ୍ରଦେଶଠାରୁ ହାରିଥିବା ଓଡ଼ିଶା ରବିବାର ବିଦର୍ଭ ନିକଟରୁ ୮ ଉଇକେଟରେ ପରାସ୍ତ ହୋଇଛି। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ସମ୍ବିତ ବରାଳଙ୍କ ୪୬ ଓ ପ୍ରୟାସ ସିଂଙ୍କ ଅପରାଜିତ ୪୦ ରନ ବଳରେ ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରିଥିଲା। ବିଦର୍ଭ ପକ୍ଷରୁ ଦର୍ଶନ ନଲକନ୍ଦେ ୨ଟି ଏବଂ ନଚିକେତ ଭୁତେ, ହର୍ଶ ଦୁବେ ଓ ଅଧ୍ୟୟନ ଡାଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୧ ରନ ବିଜୟ ଲକ୍ଷ୍ୟର ପିଛା କରି ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରି ନେଇଥିଲା। ଅମନ ମୋଖାଡେ ଦ୍ରୁତ ୭୩ ଓ ଧ୍ରୁବ ଶୋରେ ୬୯ ରନରେ ଅପରାଜିତ ରହି ବିଦର୍ଭକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅସମାପ୍ତ ତୃତୀୟ ଉଇକେଟରେ ଦୁହେଁ ୧୩୯ ରନ ଯୋଗ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ କେବଳ ରାଜେଶ ମହାନ୍ତି ୨ଟି ଉଇକେଟ ନେଇଥିଲେ। ଲଜ୍ଜାଜନକଭାବେ ହ୍ୟାଟ୍ରିକ ପରାଜୟ ଦ୍ୱାରା ଓଡ଼ିଶା ଏଲିଟ ଗ୍ରୁପ୍ 'ଏ' ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିବା ସହ ରନ୍ ହାର -୨.୬୪୧କୁ ଖସି ଆସିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁଥିରେ ବିଫଳତା ଯୋଗୁ ଓଡ଼ିଶା କ୍ରିକେଟ ଏହି ଲଜ୍ଜାଜନକ ସ୍ଥିତିରେ ପହଞ୍ଚିଛି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୬୦/୬ (ସମ୍ବିତ ବରାଳ-୪୬, ପ୍ରୟାସ ସିଂ-୪୦*, ଦର୍ଶନ ନଲକନ୍ଦେ-୨/୪୮, ନଚିକେତ ଭୁତେ-୧/୩୨, ହର୍ଶ ଦୁବେ-୧/୨୬, ଅଧ୍ୟୟନ ଡାଗା-୧/୧୨)। ବିଦର୍ଭ ୧୪.୫ ଓଭରରେ ୧୬୩/୨ (ଅମନ ମୋଖାଡେ-୭୩*, ଧ୍ରୁବ ଶୋରେ-୬୯*, ରାଜେଶ ମହାନ୍ତି-୨/୩୨)।

# ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୩୦ା୧୧ (ବିଜୟ ରଣା)

ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ୨୦୨୫-୨୬ ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଟାଇମ୍ସ ସ୍କଲାର୍ସ ଗୁରୁକୁଳଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପ୍‌ସାନି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ବର୍ଷା ପ୍ରିୟଦର୍ଶିନୀ ସେଠୀ ରୌପ୍ୟ ହାସଲ କରିଛନ୍ତି। ଆଦ୍ୟାଶା ରାଉତରାୟ ଓ ଅଶ୍ୱିନୀ ଡିଗଲ ବ୍ରୋଞ୍ଜ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସା ରାଣୀ ପ୍ରଧାନ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଆଦିପ୍ତା ସାହୁଙ୍କୁ ରୌପ୍ୟ ଏବଂ ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ସେହିପରି ୨୧ ବର୍ଷରୁ କମ୍ ବାଳିକାରେ କୁମାରୀ ଅରୁନିକା ମୋହାଟୋଙ୍କୁ ସ୍ୱର୍ଣ୍ଣ, ରିଷିକା ନନ୍ଦଙ୍କୁ ରୌପ୍ୟ ଏବଂ ଦିବ୍ୟଙ୍କା ମେହେର ଓ ତାନିଆ ଜେନା ବ୍ରୋଞ୍ଜ ପଦକ ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ଟାଇମ୍ସ ସ୍କଲାର୍ସ ଗୁରୁକୁଳର ପ୍ରିନ୍ସିପାଲ ରଞ୍ଜିତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଏମ୍.ଡି ଆଜାମ, ଅର୍ଗାନାଇଜ୍ ମୁଖ୍ୟ ଚିନ୍ମୟ ମହାନ୍ତି, ଏଚ୍‌ଓଡି ପ୍ରଜ୍ଞାନ ବଳିୟାର ସିଂ ଓ ମିସ୍ ଆରତୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

**ଜାତୀୟ ଜୁନିୟର ବାଳିକା ଫୁଟବଲ**

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ): ଆନ୍ଧ୍ର ପ୍ରଦେଶର ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ନିଜର ପ୍ରଥମ ମ୍ୟାଚରେ ବିହାରଠାରୁ ୦-୧ ଗୋଲରେ ହାରିଥିବା ଓଡ଼ିଶା ରବିବାର ଦ୍ୱିତୀୟ ମ୍ୟାଚରେ ପଶ୍ଚିମବଙ୍ଗଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ପଶ୍ଚିମବଙ୍ଗ ପକ୍ଷରୁ ମାଳତୀ ମୁଣ୍ଡା ୨ଟି ଗୋଲ ଦେଇଥିବାବେଳେ ଓଡ଼ିଶା ଅଧିନାୟିକା ଆଞ୍ଚଲ ସିଂ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ। ଜୁନିୟର ହେଉ କି ସିନିୟର ସ୍ତରରେ ଓଡ଼ିଶା ଏକଦା ମହିଳା ଫୁଟବଲ ଶକ୍ତିଭାବେ ଉଭା ହୋଇଥିଲା। ମାତ୍ର ଏବେ ପରାଜୟ ପରେ ପରାଜୟ ଓଡ଼ିଶା ମହିଳା ଫୁଟବଲର ଗତି ଦିନକୁ ଦିନ ନିମ୍ନଗାମୀ ହେଉଥିବା ସୂଚାଉଛି।

# ଏସିଆନ କଣ୍ଟିନେଣ୍ଟାଲ ହକି: ଭାରତ ଚାମ୍ପିୟନ



ସ୍ୱର୍ଣ୍ଣ ପଦକ ସହ ଚାମ୍ପିୟନ ଭାରତୀୟ ମାଷ୍ଟର୍ସ ମହିଳା ଦଳର ଖେଳାଳିମାନେ।

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ)

ହଂକଂରେ ଅନୁଷ୍ଠିତ ଏସିଆନ କଣ୍ଟିନେଣ୍ଟାଲ ହକି ଟୁର୍ନାମେଣ୍ଟରେ ଭାରତୀୟ ମାଷ୍ଟର୍ସ ମହିଳା ଦଳ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୨-୦ ଗୋଲରେ ହଂକଂକୁ ପରାସ୍ତ କରିଛି। ଭାରତ ପକ୍ଷରୁ ପ୍ରୀତମ ଓ ନିଶି ଗୋଲ ସ୍କୋର କରିଥିଲେ। ବିଗତ ଦିନରେ ଓଡ଼ିଶାର ତାରକା ହକି ଖେଳାଳି ପୁନମ ଟପ୍ପୋ, ସରିତା ରୋଶନ ମିଞ୍ଜ, ସରିତା ଲାକ୍ରା ଓ ରଞ୍ଜିତା ବେକ୍ ଭାରତୀୟ ଦଳର ସଦସ୍ୟ ରହି ଓଡ଼ିଶାକୁ ଗର୍ବିତ କରିଛନ୍ତି। ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଭାରତ ଯଥାକ୍ରମେ ସିଙ୍ଗାପୁର, ହଂକଂ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଥିଲା।

## ଇନୋଭାରେ କପ୍ କ୍ରିକେଟ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ): ଇନୋଭାରେ କପ୍ କର୍ପୋରେଟ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ୪ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଇଡ୍‌କୋ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏସ୍‌ଏସି ୬ ରନରେ ଆରସିସିକୁ ପରାସ୍ତ କରିଛି। ବିଜୟୀ ଦଳର ଦେବୀ ସେନ୍ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଷ୍ଟାର୍ଟଅପ୍ ୫ ଉଇକେଟରେ ସାଫେରିସ୍କ ୱାରିୟର୍ସକୁ ହରାଇ ଦେଇଛି। ଷ୍ଟାର୍ଟଅପ୍ ଏକାଦଶର ଜୀତେନ୍ଦ୍ର କେ. ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ସୋଆ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସିସିସି ୬ ଉଇକେଟରେ ଇଡ୍‌କୋକୁ ଏବଂ ଦ୍ୱିତୀୟ ମ୍ୟାଚରେ ମାଭେରିକ୍ସ ୮ ଉଇକେଟରେ ସୋଆକୁ ହରାଇ ଦେଇଛି। ୨ଟି ମ୍ୟାଚରେ ଯଥାକ୍ରମେ ନୀତେଶ କୁମାର ସାହୁ ଓ ସୌରଭ କୁମାର ଦାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

# ଭାରତ ରନର ଅପ୍

ଇପୋ(ମାଲେସିଆ),୩୦ା୧୧

**ସୁଲତାନ ଆଜଲାନ ଶାହା ହକି**

ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ଭାରତ ରନରଅପ୍ ଭାବେ ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୦-୧ ଗୋଲରେ ବେଲଜିୟମଠାରୁ ପରାସ୍ତ ହୋଇଛି। ବେଲଜିୟମର ଫରୱାର୍ଡ ଥିବେଉ ଷ୍ଟକବ୍ରୋଏକ୍ସ ମ୍ୟାଚ୍‌ର ୩୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ, ଯାହାକି ଶେଷରେ ମ୍ୟାଚ୍ ଜିତିବା ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ରେ ଭାରତୀୟ ଦଳ ପେନାଲ୍ଟି କର୍ନର ଜରିଆରେ ୩ ସୁଯୋଗ ସୃଷ୍ଟି କରିଥିଲା, ହେଲେ କୌଣସି ଖେଳାଳି ତାହାକୁ ଗୋଲରେ କନଭର୍ଟ କରିପାରି ନ ଥିଲେ। ଚଳିତ ଟୁର୍ନାମେଣ୍ଟରେ କ୍ରେଗ ଫୁଲଟନଙ୍କ ଭାରତୀୟ ଦଳ ପାଇଁ ଏହା ଦ୍ୱିତୀୟ ପରାଜୟ। ଟୁର୍ନାମେଣ୍ଟର ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାଗ ନେଇଥିବା ବେଲଜିୟମର ଏହା ପ୍ରଥମ ସୁଲତାନ ଆଜଲାନ ଶାହା ଟାଇଟଲ। ତୃତୀୟ ଓ ଚତୁର୍ଥ ସ୍ଥାନ ଲାଗି ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬-୧ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରି ପୋଡିୟମରେ ସ୍ଥାନ ହାସଲ କରିଛି। ସେହିଭଳି କାନାଡା ୫-୪ ଗୋଲରେ କୋରିଆକୁ ପରାସ୍ତ ପଞ୍ଚମ ସ୍ଥାନ ଅଧିକାର କରିଛି।

## ନୀତା ଏକାଡେମୀ, କିଶୋର ସ୍ପୋର୍ଟିଂ ବିଜୟୀ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ ନୀତା ଫୁଟବଲ ଏକାଡେମୀ ଓ କିଶୋର ସ୍ପୋର୍ଟିଂ ବିଜୟ ହାସଲ କରିଛି। ନୀତା ଏକାଡେମୀ ୯-୦ ଗୋଲରେ ସିଟି କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜବେଶ ନାଏକ ୪ଟି ଏବଂ ସଚିନ ମୁଣ୍ଡା, ନରଗନ ଜାମୁଡ଼ା, ସୁରେଶ ମାଝି, ବିପିନ ଗଗରାଓ ଓ ନାରଙ୍ଗ ଡିଭ୍ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଜମେଶ ନାଏକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ଅତିଥି ଶଙ୍କର୍ଷଣ ଜେନା। ଅନ୍ୟ ଏକ ମ୍ୟାଚରେ କିଶୋର ସ୍ପୋର୍ଟିଂ ୬-୦ ଗୋଲରେ ଚନ୍ଦ୍ରଶେଖରପୁର ଆଥ୍‌ଲେଟିକ୍ ଆସୋସିଏଶନକୁ ହରାଇଛି। କିଶୋର ସ୍ପୋର୍ଟିଂ ପକ୍ଷରୁ ସାହେବ ରାଉତ ୩ଟି ଏବଂ ସିଦ୍ଧାନ୍ତ ଦାସ, ରୁଦ୍ର ମାନସିଂ ଓ ଦୀପକ ସେଠୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ୧୭ ବର୍ଷରୁ କମ୍ ଚେସ୍: ପ୍ରାଂଶୁ ଚାମ୍ପିୟନ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲରେ ଆୟୋଜିତ ୧୭ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍‌ରେ ପ୍ରାଂଶୁ ଦାଶ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପ୍ରାଂଶୁ ଓ ଆୟୁଷ୍ମାନ ବେହେରା ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସାଇ କ୍ରିଷ୍ଣା ସାମଲ, କୁମାର ପ୍ରଥମ ଓ ଆରିଶ ନନ୍ଦ ଗୋସ୍ୱାମୀ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ବିଭିନ୍ନ ବୟସ ବର୍ଗ ଏବଂ ବାଳିକା ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୪ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ ପ୍ରିନ୍ସିପାଲ ପ୍ରଜ୍ଞା ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


ପୁରସ୍କାର ସହ କୃତୀ ଚେସ୍ ପ୍ରତିଭାମାନେ।

# ଓଡ଼ିଶା ଯୁବ, ଜୁନିୟର,ସିନିୟର ଚାମ୍ପିୟନ

ଭୁବନେଶ୍ୱର, ୩୦ା୧୧ (ବିଜୟ ରଣା)

**ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ**

କୋଲକାତାସ୍ଥିତ ଖୁଦିରାମ ଅନୁଶୀଳନ କେନ୍ଦ୍ରଠାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ତ୍ରିପୁରା ଓ ଆୟୋଜକ ପଶ୍ଚିମବଙ୍ଗକୁ ପଛରେ ପକାଇ ଓଡ଼ିଶା ଭାରୋତ୍ତୋଳକମାନେ ସମସ୍ତ ଯୁବ, ଜୁନିୟର ଓ ସିନିୟର ବିଭାଗରେ ଦଳଗତ ଚାମ୍ପିୟନ ହୋଇଛନ୍ତି। ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ପ୍ରତିଯୋଗିତା ହୋଇଥାଏ। ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ପ୍ରମୁଖ ୫ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମୀନାସାନ୍ତା (ବି), ଶ୍ୱେତାଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇ ଦଳଗତ ଚାମ୍ପିୟନ ହୋଇଥିଲେ। ଜୁନିୟର ବର୍ଗରେ ବନିତା ନାଏକ, ଶ୍ୱେତାଲିନ୍ ମହାନ୍ତି, ରିମ୍‌ଝିମ୍ ନାଏକ ପ୍ରମୁଖ ୩ଟି ରୌପ୍ୟ ପଦକ ପାଇଥିବା ବେଳେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ପ୍ରମୁଖ ୪ ରୌପ୍ୟ ଜିତିବା ଦ୍ୱାରା ଓଡ଼ିଶା ରୌପ୍ୟ ପଦକ ହାସଲ କରିଥିଲା। ସିନିୟର ବର୍ଗରେ ମୌସୁମୀ ଦାସ ୧ ସ୍ୱର୍ଣ୍ଣ, ରୋମାଲି ଓ ରିମ୍‌ଝିମ୍ ନାଏକ ୨ଟି ରୌପ୍ୟ, ବନିତା ନାଏକ୍, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ ବ୍ରୋଞ୍ଜ ପଦକ ହାସଲ କରିବା ଦ୍ୱାରା ଓଡ଼ିଶା ଦଳଗତ ଚାମ୍ପିୟନ ହୋଇପାରିଥିଲା। ଏହି ଅବସରରେ ରାଜ୍ୟ ଭାରୋତ୍ତୋଳନ ମହାସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ସମସ୍ତ ଖେଳାଳି, କୋଚ୍ ଓ ମ୍ୟାନେଜରଙ୍କୁ ଅଭିନନ୍ଦନ ଜଣାଇଥିବା ବେଳେ ସହଯୋଗ ପାଇଁ ରାଜ୍ୟ ସରକାରଙ୍କ ଯୁବସେବା ଓ କ୍ରୀଡ଼ା ବିଭାଗ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।



ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନରେ ଅଂଶଗ୍ରହଣକାରୀ ଓଡ଼ିଶା ଅଫିସିଆଲ।

# ଏସ୍‌ଏସ୍‌ଆଇ କ୍ରୀଡ଼ା ପୁରସ୍କାର ୬ରେ

ଭୁବନେଶ୍ୱର, ୩୦ା୧୧ (ତପନ ସ୍ୱାଇଁ)

ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ)ର ପୁରସ୍କାର ବିତରଣ ଉତ୍ସବ ଓ ସ୍ପୋର୍ଟ୍ସ ସାଇନ୍ସ କନ୍‌କ୍ଲେଭ ଡିସେମ୍ବର ୬ ଓ ୭ ତାରିଖରେ ଏଠାରେ ଅନୁଷ୍ଠିତ ହେବ। ସାର୍ଥକ ପଟ୍ଟନାୟକ ଓ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏସ୍‌ଏସ୍‌ଆଇର ପୁରସ୍କାର ବିତରଣୀ ଉତ୍ସବରେ ଏଥର ଭାରତର ୧୬ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ସମ୍ମାନିତ ହେବେ। ଯେଉଁମାନଙ୍କ ମଧ୍ୟରୁ ଅନେକେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଭ କରିସାରିଛନ୍ତି। ସମ୍ମାନିତ ହେବାକୁ ଥିବା ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭାରତୀୟ ଆଇସ୍ ହକି ଟିମ୍, ବ୍ୟାଡ୍‌ମିଣ୍ଟନ ପ୍ରତିଭା ଆୟୁଷ ସେଟ୍ଟି, ଆଇକନିକ୍ ସଟ୍-ପୁଟର୍, ଟ୍ରିପଲ ଅଲିମ୍ପିଆନ୍, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଶକ୍ତି ସିଂ, ଅଲିମ୍ପିଆନ୍ ସନ୍ତରଣକାରୀ ଏବଂ ଏକାଧିକ ଜାତୀୟ ରେକର୍ଡଧାରୀ ସଜନ ପ୍ରକାଶ, ଭାରତର ଚର୍ଚ୍ଚିତ ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ ଏବଂ ଜାତୀୟ ରେକର୍ଡଧାରୀ ହର୍ଡଲର ତଥା ଭାରତର ଅନ୍ୟତମ ଦ୍ରୁତତମ ଉଦୀୟମାନ ଟ୍ରାକ୍ ତାରକା ଜ୍ୟୋତି ୟାରାଜୀ ଅନ୍ତର୍ଭୁକ୍ତ ବୋଲି ରବିବାରଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସାର୍ଥକ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବିଭିନ୍ନ ଇଭେଣ୍ଟ ପାଇଁ କ୍ରୀଡ଼ାବିତ୍‌ଙ୍କୁ କର୍ଣ୍ଣ ପୁରସ୍କାର, ମିଲ୍‌ଖା ସିଂ ସ୍ପ୍ରିଣ୍ଟ ଆୱାର୍ଡ ଏବଂ ଦିଲୀପ ତିର୍କୀ ଓ ଶକ୍ତି ସିଂଙ୍କ ନାମରେ ନାମିତ ପୁରସ୍କାର ଯଥାକ୍ରମେ ହକି ଓ ଥ୍ରୋଇଂ ଇଭେଣ୍ଟରେ କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କୁ ପ୍ରଦାନ କରାଯିବ। ଏଥିସହିତ ତୃଣମୂଳ ସ୍ତରର କାର୍ଯ୍ୟ, କୋଚିଂ କ୍ଷେତ୍ରରେ ଅବଦାନ, କ୍ରୀଡ଼ା ବିଜ୍ଞାନରେ ନବସୃଜନ ଏବଂ ଜୀବନବ୍ୟାପୀ ସେବା ଆଦିରେ ଅନେକ ସମ୍ମାନ ଏହି ଅବସରରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଏମ୍‌ଡି ପ୍ରବୋଧ ମହାନ୍ତି ଓ ଲିପିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ।

**ସମ୍ମାନିତ ହେବେ ୧୬ ଆଇକନ୍**



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

**୨ ବସ୍ ମଧ୍ୟରେ ଧକ୍କା: ୧୧ ମୃତ**

ତାମିଲନାଡୁର ୨ ସରକାରୀ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୧୧ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୮ ଜଣ ମହିଳା ହୋଇଥିବାବେଳେ ୨ ପୁରୁଷ ଓ ଜଣେ ଶିଶୁ। ରବିବାର ସନ୍ଧ୍ୟାରେ ଶିବଗଙ୍ଗା ଜିଲାର କୁମାଙ୍ଗୁଡ଼ି ନିକଟରେ ଏହି ଦୁର୍ଘଟଣା ଘଟିଛି। ଗୋଟିଏ ବସ୍ ତିରୁପୁରରୁ କରାଇକୁଡ଼ି ଯାଉଥିବାବେଳେ ଅନ୍ୟଟି କରାଇକୁଡ଼ିରୁ ଡିଣ୍ଡିଗୁଲ୍ ଯାଉଥିଲା। ସ୍ଥାନୀୟ ଲୋକେ ବସ୍ ଭିତରୁ ମୃତଦେହଗୁଡ଼ିକୁ ବାହାର କରିଥିଲେ। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ..................................


ପ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏସ୍‌ଆଇଆର୍ ସମୟସୀମା ସପ୍ତାହେ ବୃଦ୍ଧି

## ଫେବୃଆରୀ ୧୪ରେ ଚୂଡ଼ାନ୍ତ ତାଲିକା

**ନୂଆଦିଲ୍ଲୀ,୩୦।୧୧**

ଦେଶର ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀକୁ ନିର୍ବାଚନ କମିଶନ (ଇସି) ସପ୍ତାହେ ବୃଦ୍ଧି କରିଛନ୍ତି। ତଦନୁଯାୟୀ ଚୂଡ଼ାନ୍ତ ଭୋଟର ତାଲିକା ଫେବୃଆରୀ ୧୪ରେ ପ୍ରକାଶ ପାଇବ। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ଇସି ପୂର୍ବରୁ ବହୁତ କମ୍ ସମୟ ଧାର୍ଯ୍ୟ କରିଥିବାରୁ ଏହା ଜନସାଧାରଣଙ୍କ ସମେତ ତଳସ୍ତରରେ କାର୍ଯ୍ୟ କରୁଥିବା ନିର୍ବାଚନ ଅଧିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ନେଇ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। ସୋମବାରଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ନିଷ୍ପତ୍ତି ନେଇଥିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ପୂର୍ବରୁ ଇସି ଏସ୍‌ଆଇଆର୍ କାର୍ଯ୍ୟସୂଚୀକୁ ସାମାନ୍ୟ କୋହଳ କରିଛନ୍ତି।




ଇସି ରବିବାର ୩ ପୃଷ୍ଠାର ନିର୍ଦ୍ଦେଶନାମା ଜାରି କରି ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ନିର୍ବାଚନ ଅଧିକାରୀମାନଙ୍କୁ ଅଧିକ ଗୋଟିଏ ସପ୍ତାହ ଦେଇଛନ୍ତି। ଭୋଟର ଗଣନା ସମୟସୀମା ଡିସେମ୍ବର ୧୧ ରଖାଯାଇଛି, ଯାହାକି ପୂର୍ବରୁ ଡିସେମ୍ବର ୪ ଥିଲା। ଚିଠା ଭୋଟର ତାଲିକା ଡିସେମ୍ବର ୯ରେ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ୧୬ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସେହିପରି ଚୂଡ଼ାନ୍ତ ତାଲିକା ପ୍ରକାଶନ ସମୟ ପୂର୍ବରୁ ଫେବୃଆରୀ ୭ ଧାର୍ଯ୍ୟ ହୋଇଥିବାବେଳେ ଏହାକୁ ଫେବୃଆରୀ ୧୪କୁ ବୃଦ୍ଧି କରାଯାଇଛି। ଭୋଟର ତାଲିକା ସଂଶୋଧନ ଚାଲିଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ଆଲୋଚନା ପରେ ଇସି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ପଣ୍ଡିଚେରୀ, ଗୁଜରାଟ, ଗୋଆ, ଛତିଶଗଡ଼, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଅକ୍ଟୋବର ୨୭ରେ ନିର୍ବାଚନ କମିଶନ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରାୟ ୫୧ କୋଟି ଭୋଟରଙ୍କ ତାଲିକା ସଂଶୋଧନ କରାଯିବ। ତେବେ ସ୍ୱଳ୍ପ ସମୟ ମଧ୍ୟରେ ଏସ୍‌ଆଇଆର୍ କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ଦିଆଯାଇଥିବାରୁ ଏଥିରେ ସାମିଲ ଥିବା ଅଧିକାରୀମାନେ କାର୍ଯ୍ୟଚାପର ସମ୍ମୁଖୀନ ହେଉଥିଲେ। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ଅନ୍ୟୂନ ୪୦ ଜଣ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏସ୍‌ଆଇଆର୍ କାର୍ଯ୍ୟସୂଚୀକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ରବିବାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବାରୁ ପୂର୍ବର ଧାର୍ଯ୍ୟ ସମୟସୀମାରେ କାର୍ଯ୍ୟ କରିବା ବାସ୍ତବରେ ସମ୍ଭବ ନୁହେଁ ବୋଲି ଇସି ଜାଣିପାରିଥିବା କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିହାର ଏସ୍‌ଆଇଆର୍ ଉପରେ ବିତର୍କ ଦାବି ନେଇ ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନ ବେଳେ ବିରୋଧୀ ଦଳ ହଇଗୋଳ ଜାରି ରଖିବାରୁ ଉଭୟ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶୀତ ଅଧିବେଶନ ପାଇଁ ରବିବାର ସରକାର ସର୍ବଦଳୀୟ ବୈଠକ ଡାକିଥିବାବେଳେ ବିରୋଧୀ ଦଳଗୁଡ଼ିକ ଏସ୍‌ଆଇଆର୍ ଉପରେ ବିତର୍କ ଦାବି କରିବେ ବୋଲି କହିଛନ୍ତି।

# ରାଷ୍ଟ୍ରପତିଙ୍କୁ କ୍ଷମା ଆବେଦନ କଲେ ନେତାନ୍ୟାହୁ

## ଦୁର୍ନୀତି ମାମଲା

**ତେଲ୍ ଆଭିଭ୍,୩୦।୧୧**

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଦୁର୍ନୀତି ମାମଲାର ବିଚାର ଚାଲିଥିବାବେଳେ ସେ ରବିବାର ରାଷ୍ଟ୍ରପତିଙ୍କୁ କ୍ଷମା ନିବେଦନ କରିଛନ୍ତି। ଦୀର୍ଘବର୍ଷ ଧରି ଚାଲିଥିବା ଏହି ମାମଲା ବିଚାରର ପରିସମାପ୍ତି ପାଇଁ ଆବେଦନ କରିଛନ୍ତି। ନେତାନ୍ୟାହୁ ଦେଶର ଆଇନ ବ୍ୟବସ୍ଥା ବିରୋଧରେ ଯାଇଥିବା ନେଇ ମାମଲା ଚାଲିଛି। ଉକ୍ତ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମୟରେ ତାଙ୍କ ନିବେଦନ ଦେଶକୁ ଏକାଠି ରଖିବାରେ ସହାୟକ ହେବ ବୋଲି ନେତାନ୍ୟାହୁ କହିଛନ୍ତି। ତେବେ ବିରୋଧୀ ଦଳଗୁଡ଼ିକ ଏହାକୁ ନିନ୍ଦା କରିଛନ୍ତି। ବିରୋଧୀଙ୍କ ମତରେ ଏହା ଇସ୍ରାଏଲ୍‌ର ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକୁ ଦୁର୍ବଳ କରିଦେବ ଏବଂ ନେତାନ୍ୟାହୁ ଆଇନର ଊର୍ଦ୍ଧ୍ୱରେ ବୋଲି ଏକ ବିପଜ୍ଜନକ ବାର୍ତ୍ତା ଦେବ।


ବେଞ୍ଜାମିନ୍ ନେତାନ୍ୟାହୁ

# ପାକ୍ ସମର୍ଥିତ ଟେରର ମଡ୍ୟୁଲ୍ ପର୍ଦ୍ଦାଫାଶ

## ୩ ଆତଙ୍କବାଦୀ ଗିରଫ

**ନୂଆଦିଲ୍ଲୀ,୩୦।୧୧**

ଦିଲ୍ଲୀ ପୋଲିସ ରବିବାର ଜାତୀୟ ରାଜଧାନୀରେ ପାକିସ୍ତାନ ସମର୍ଥିତ ଆତଙ୍କବାଦ ମଡ୍ୟୁଲ୍‌ର ପର୍ଦ୍ଦାଫାଶ୍ କରିବା ସହ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଉକ୍ତ ମଡ୍ୟୁଲ୍ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବା ସହ ଭାରତର ବିଭିନ୍ନ ରାଜ୍ୟକୁ ଏହା ବ୍ୟାପିଥିବା ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୫ ତାରିଖରେ ଗୁରୁଦାସପୁର ସିଟି ଥାନା ସମ୍ମୁଖରେ ଏହି ମଡ୍ୟୁଲ୍ ଏକ ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିଲା ବୋଲି ଅତିରିକ୍ତ ପୋଲିସ କମିଶନର ପ୍ରମୋଦ କୁମାର କୁଶ୍‌ୱାହା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶାହଜାଦ ଭଟ୍ଟି ନାମକ ଜଣେ ପାକିସ୍ତାନୀ ଗ୍ୟାଙ୍ଗଷ୍ଟର ଉକ୍ତ ଟେରର ମଡ୍ୟୁଲ୍‌ର ନେତୃତ୍ୱ ନେଉଛନ୍ତି। ସେ ଏବେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ତରଫରୁ କାର୍ଯ୍ୟ କରୁଛନ୍ତି। ଗିରଫ ହୋଇଥିବା ୩ ଜଣଙ୍କ ମଧ୍ୟରୁ ଜଣେ ପଞ୍ଜାବର ହରଗୁନ୍‌ପ୍ରୀତ୍ ସିଂ ହୋଇଥିବାବେଳେ ଅନ୍ୟ ୨ ଜଣ ମଧ୍ୟପ୍ରଦେଶ ଡାଟିଆ ଅଞ୍ଚଳର ବିକାଶ ପ୍ରଜାପତି ଏବଂ ଉତ୍ତରପ୍ରଦେଶ ବିଜନୁର୍‌ର ଅରିଫ୍। ଭଟ୍ଟି ଗୁରୁଦାସପୁର ସିଟି ଥାନା ସମ୍ମୁଖରେ ହ୍ୟାଣ୍ଡ ଗ୍ରେନେଡ୍ ଆକ୍ରମଣ କାର୍ଯ୍ୟକାରୀ କରାଇଥିବାବେଳେ ସେଥିରେ ଉପରୋକ୍ତ ୩ ଜଣ ସମ୍ପୃକ୍ତ ଥିଲେ। ଏହା ବ୍ୟତୀତ ବିଭିନ୍ନ ସ୍ଥାନକୁ ଏହି ଗ୍ରୁପ୍ ଟାର୍ଗେଟରେ ରଖିବା ସହ ସେଗୁଡ଼ିକର ଭିଡିଓଗ୍ରାଫି କରାଇଥିଲେ। ଭଟ୍ଟି ବିଦେଶରେ ରହି ଉକ୍ତ ଗ୍ରୁପ୍‌କୁ ନିର୍ଦ୍ଦେଶ ଦେବା ସହ ସିଧାସଳଖ ପରିଚାଳନା କରୁଥିଲେ ବୋଲି ପୋଲିସ କହିଛି।

# ଟ୍ରେନ୍‌ରୁ ଠେଲିଦେବାରୁ ନୌସେନା ଅଫିସର ସ୍ତ୍ରୀଙ୍କ ମୃତ୍ୟୁ

## ଟିଟିଇଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୩୦।୧୧**

ନୌସେନାର ଜଣେ ଅଫିସରଙ୍କ ସ୍ତ୍ରୀ ଆରତୀ ଯାଦବଙ୍କୁ ଚଳନ୍ତା ଟ୍ରେନ୍‌ରୁ ଠେଲିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଗତ ୨୬ ତାରିଖରେ ଉତ୍ତରପ୍ରଦେଶର ସମ୍‌ହୋନ୍ ଏବଂ ଭର୍ଥନା ଷ୍ଟେସନ ମଧ୍ୟବର୍ତ୍ତୀ ରେଲଲାଇନ୍‌ରୁ ୩୦ ବର୍ଷୀୟା ଆରତୀଙ୍କ ମୃତଦେହ ମିଳିଥିଲା। ଟ୍ରେନ୍ ଟିକେଟ ଯାଞ୍ଚକାରୀ (ଟିଟିଇ) ସନ୍ତୋଷ କୁମାରଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଛି। ଆରତୀ କାନପୁର ସେଣ୍ଟ୍ରାଲରୁ ନୂଆଦିଲ୍ଲୀ ଯିବାକୁ ଥିବାବେଳେ ସେ ଭୁଲ୍ ଟ୍ରେନ୍‌ରେ ଚଢ଼ିଯାଇଥିଲେ। ବରାଉନି-ନୂଆଦିଲ୍ଲୀ କ୍ଲୋନ୍ ସ୍ପେଶାଲରେ ଯିବାକୁ ଥିବାବେଳେ ଉକ୍ତ ଟ୍ରେନ୍ ବିଳମ୍ବିତ ହେବାରୁ ସେ ପାଟନା-ଆନନ୍ଦବିହାର ଟର୍ମିନାଲ ଫେୟାର ସ୍ପେଶାଲରେ ଚଢ଼ିଥିଲେ। ଟିଟିଇ ସନ୍ତୋଷ ରିଜର୍ଭ ଟିକେଟକୁ ନେଇ ଆରତୀଙ୍କୁ ଗାଳିଦେବା ସହ ତାଙ୍କ ଲଗେଜ୍ ଫିଙ୍ଗିଦେଇଥିଲେ। ପରେ ସେ ଆରତୀଙ୍କୁ ଟ୍ରେନରୁ ଠେଲିଦେଇଥିଲେ ବୋଲି ଏତଲାରେ ଅଭିଯୋଗ ହୋଇଛି।


ଆରତୀ ଯାଦବ

**ଜନ୍ମଦିନ ଶୁଭେଚ୍ଛା**



ପି. ପ୍ରିଶା ବୈଠାରୁ
5th ସ୍ୱନକ୍ଷତ୍ର ଦିବସ
ଜନ୍ମଦିନ- 01.12.25
ଶୁଭେଚ୍ଛା ସହିତ:
ପି. କୃଷ୍ଣଚନ୍ଦ୍ର ବୈଠାରୁ ଓ
ପରିବାରବର୍ଗ
ସମ୍ବଲପୁର

# ସୋନିଆ, ରାହୁଲଙ୍କ ନାଁରେ ସାନି ଏତଲା

## ନ୍ୟାଶନାଲ ହେରାଲ୍ଡ ମାମଲା

**ନୂଆଦିଲ୍ଲୀ,୩୦।୧୧**

ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସାନି ଏତଲା ଦାଏର କରିଛି। ସେମାନଙ୍କ ବ୍ୟତୀତ ଅନ୍ୟ ୬ ଜଣଙ୍କ ନାମରେ ମଧ୍ୟ ଏତଲା ଦାଏର ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟାଳୟ ତଦନ୍ତ ୟୁନିଟ୍ ସହକାରୀ ନିର୍ଦ୍ଦେଶକ ଶିବକୁମାର ଗୁପ୍ତାଙ୍କ ସବିଶେଷ ଅଭିଯୋଗ ପରେ ଗତ ଅକ୍ଟୋବର ୩ରେ ଏହି ଏତଲା ଦାଏର ହୋଇଥିଲା। ଏତଲାରେ ସୋନିଆ, ରାହୁଲଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ସମ୍ପତ୍ତିର ଅସାଧୁ ଦୁରୁପଯୋଗ, ବିଶ୍ୱାସ ଭଙ୍ଗ ଏବଂ ଠକେଇ ଅଭିଯୋଗ ଲଗାଯାଇଛି। ଇଡିଙ୍କ ଚାର୍ଜଶିଟ୍ ଉପରେ ହସ୍ତକ୍ଷେପ କରିବା ନେଇ ରାଉସ୍ ଆଭେନ୍ୟୁ କୋର୍ଟ ତାଙ୍କ ନିଷ୍ପତ୍ତିକୁ ଶନିବାର ସ୍ଥଗିତ ରଖିଛନ୍ତି। ଉକ୍ତ ମାମଲା ଉପରେ କୌଣସି ଆଲୋଚନା ପୂର୍ବରୁ ଅଭିଯୁକ୍ତଙ୍କୁ ଶୁଣାଣି ଅଧିକାର ମିଳିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି। ଏତଲାରେ ସୋନିଆ, ରାହୁଲଙ୍କ ବ୍ୟତୀତ ସୁମନ ଦୁବେ, ସାମ୍ ପିତ୍ରୋଡ଼ା, ୟଙ୍ଗ ଇଣ୍ଡିଆନ୍, ଡୋଟେକ୍ସ ମର୍ଚ୍ଚାଣ୍ଡାଇଜ୍ ପ୍ରା.ଲିଃ, ସୁନୀଲ ଭଣ୍ଡାରୀ ଏବଂ ଆସୋସିଏଟେଡ୍ ଜର୍ନାଲ୍ସ ଲିଃକୁ ଅଭିଯୁକ୍ତ କରାଯାଇଛି। କେବଳ ସାମ୍ ପିତ୍ରୋଡ଼ାଙ୍କୁ ବାଦ୍‌ଦେଲେ, ଅନ୍ୟ ଅଭିଯୁକ୍ତମାନେ ଭାରତରେ ରହୁଛନ୍ତି। ନ୍ୟାଶନାଲ ହେରାଲ୍ଡର ମୂଳ ପ୍ରକାଶକ ଆସୋସିଏଟେଡ୍ ଜର୍ନାଲ୍ସ ଲିଃର ୨,୦୦୦ କୋଟି ଟଙ୍କାର ସମ୍ପତ୍ତିକୁ ଜାଲିଆତି କରି ହାତେଇନେବା ଘଟଣାରେ ଆପରାଧିକ ଷଡ଼ଯନ୍ତ୍ର ରହିଥିବାର ଏତଲାରେ ଦର୍ଶାଯାଇଛି।


ସୋନିଆ ଗାନ୍ଧୀ
ରାହୁଲ ଗାନ୍ଧୀ

# ଯୁବବର୍ଗଙ୍କ ତ୍ୟାଗ ବିକଶିତ ଭାରତର ସବୁଠୁ ବଡ଼ ଶକ୍ତି

## ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

**ନୂଆଦିଲ୍ଲୀ,୩୦।୧୧(ପି.ଟି.)**

ଭାରତୀୟ ଯୁବବର୍ଗଙ୍କ ତ୍ୟାଗ 'ବିକଶିତ ଭାରତ'ର ସବୁଠୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ମହାକାଶ ଉତ୍ପାଦନଠାରୁ କୃଷି ପର୍ଯ୍ୟନ୍ତ ବିଭିନ୍ନ ସେକ୍ଟରରେ ଯୁବବର୍ଗଙ୍କ ସଫଳତାକୁ ପ୍ରଧାନମନ୍ତ୍ରୀ ରବିବାର ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ପ୍ରଶଂସା କରିଛନ୍ତି। ନଭେମ୍ବରରେ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ, ସମ୍ବିଧାନ ଦିବସ ପାଳନ କରାଯିବା ସହ ଅଯୋଧ୍ୟା ରାମମନ୍ଦିର ଶିଖରରେ ଧର୍ମଧ୍ୱଜା ସ୍ଥାପନ ଆଦି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଛି। ହାଇଦ୍ରାବାଦର ଏମ୍‌ଆର୍‌ଓ ଫାସିଲିଟିରେ ବିଶ୍ୱର ସର୍ବବୃହତ୍ ଏଲ୍‌ଇଏପି ଇଞ୍ଜିନ୍ ଉଦ୍‌ଘାଟନ, ଭାରତୀୟ ନୌସେନାରେ ଆଇଏନ୍‌ଏସ୍ 'ମାହେ' ସାମିଲ ଉପରେ ପ୍ରଧାନମନ୍ତ୍ରୀ କହିଥିଲେ। ବାରାଣସୀରେ ଡିସେମ୍ବର ୨ରୁ ଅନୁଷ୍ଠିତ ହେବାକୁ ଥିବା କାଶୀ-ତାମିଲ ସଙ୍ଗମମ୍‌ରେ ଭାଗନେଇ ତାମିଲ ଶିଖିବାର ସୁଯୋଗ ନେବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ନିବେଦନ କରିଛନ୍ତି।



# କାଲିଫର୍ନିଆରେ ଗୁଳିକାଣ୍ଡ: ୪ ମୃତ, ୧୦ ଆହତ

**ଷ୍ଟକ୍‌ଟନ୍,୩୦।୧୧**

କାଲିଫର୍ନିଆର ଷ୍ଟକ୍‌ଟନ୍ ସହରରେ ଥିବା ଏକ ହଲ୍‌ରେ ଜନ୍ମଦିନ ଉତ୍ସବ ଚାଲିଥିବାବେଳେ ଗୁଳିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଛୋଟ ପିଲା ଅଛନ୍ତି। ଏହା ଏକ ଟାର୍ଗେଟେଡ୍ ଆକ୍ରମଣ ବୋଲି ସୂଚନା ମିଳୁଥିବା ସାନ୍ ଜୋଆକ୍ୱିନ୍ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆକ୍ରମଣକାରୀ ଧରାପଡ଼ିନାହାନ୍ତି। ଆକ୍ରମଣକାରୀଙ୍କ ସମ୍ଭାବ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଜାରି ରହିଛି। ଜଣେ ପିଲାର ଜନ୍ମଦିନ ଉତ୍ସବ ଚାଲିଥିବାବେଳେ ଗୁଳିକାଣ୍ଡ ଘଟିଥିଲା ବୋଲି ଷ୍ଟକ୍‌ଟନ୍‌ର ଉପ ମେୟର ଜାସନ୍ ଲି କହିଛନ୍ତି।

# ବାତ୍ୟା ଡିଟ୍‌ୱା ପ୍ରଭାବ: ତାମିଲନାଡୁରେ ୩ ମୃତ

**ଚେନ୍ନାଇ,୩୦।୧୧**

ବାତ୍ୟା ଡିଟ୍‌ୱା ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଲାଗିରହିଛି। ବର୍ଷା ଯୋଗୁ କାନ୍ଥ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକ ପ୍ରାଣ ହରାଇଥିବା ତାମିଲନାଡୁ ମନ୍ତ୍ରୀ ରାମଚନ୍ଦ୍ରନ କହିଛନ୍ତି। ବର୍ଷାବିପ୍ରାତରେ ୧୪୯ ଗୋରୁଙ୍କ ମୃତ୍ୟୁ ଘଟିବା ସହ ୨୩୪ ଘର କ୍ଷତିଗ୍ରସ୍ତ ହୋଇଛି। ୫୬,୦୦୦ ଚାଷଜମି ଜଳାର୍ଣ୍ଣବ ହୋଇଛି। ତେବେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ମଧ୍ୟରାତ୍ର ସୁଦ୍ଧା କ୍ରମଶଃ ଦୁର୍ବଳ ହୋଇ ଉତ୍ତର ତାମିଲନାଡୁ ଉପକୂଳରୁ ୩୦ କି.ମି. ଦୂର ସମୁଦ୍ରରେ ଡିପ୍ ଡିପ୍ରେଶନରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଶ୍ରୀଲଙ୍କା ବନ୍ୟା, ଭୂସ୍ଖଳନ ମୃତ୍ୟୁସଂଖ୍ୟା ୩୩୪

**କଲମ୍ବୋ,୩୦।୧୧**

ଶ୍ରୀଲଙ୍କାରେ ଡିଟ୍‌ୱା ବାତ୍ୟାଜନିତ ବନ୍ୟା ଓ ଭୂସ୍ଖଳନ ମୃତ୍ୟୁସଂଖ୍ୟା ରବିବାର ୩୩୪ରେ ପହଞ୍ଚିଛି। ପାଖାପାଖି ୪୦୦ ଲୋକ ନିଖୋଜ ରହିଛନ୍ତି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ରାତରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ପ୍ରେମିକଙ୍କ ମୃତଦେହକୁ ବାହାହେଲେ ପ୍ରେମିକା

**ମୁମ୍ବାଇ,୩୦।୧୧**

ମହାରାଷ୍ଟ୍ର ନାଣ୍ଡେଡ଼ରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ତାଙ୍କ ପ୍ରେମିକାଙ୍କ ପରିବାର ଲୋକେ ହତ୍ୟା କରିଥିଲେ। ଯୁବକଙ୍କ ଶେଷକୃତ୍ୟ ବେଳେ ପ୍ରେମିକା ମଥାରେ ସିନ୍ଦୂର ଲଗାଇ ମୃତଦେହକୁ ବିବାହ କରିବା ସହ ତାଙ୍କ ଘରେ ବୋହୂ ହୋଇ ରହିବାର ଶପଥ ନେଇଛନ୍ତି।

ଖବର ଅନୁଯାୟୀ, ନାଣ୍ଡେଡ଼ର ଜୁନାଗଞ୍ଜ ଅଞ୍ଚଳର ସକ୍ଷମ ଟାଟେ ଏବଂ ଆଞ୍ଚଲ ମାମିଲୱାର ୩ ବର୍ଷ ହେଲା ରିଲେଶନରେ ରହିଥିଲେ। ସକ୍ଷମ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ସମ୍ପର୍କକୁ ଆଞ୍ଚଲଙ୍କ ପରିବାର ଦୃଢ଼ ବିରୋଧ କରୁଥିଲେ। ପରିବାରର ବିରୋଧ ଏବଂ ଧମକ ସତ୍ତ୍ୱେ ଆଞ୍ଚଲ ସକ୍ଷମଙ୍କ ସହ ସମ୍ପର୍କ ଜାରି ରଖିଥିଲେ। ଗୁରୁବାର ଅପରାହ୍ନରେ ଆଞ୍ଚଲଙ୍କ ବାପା ଗଜାନନ ଓ ତାଙ୍କ ୨ ପୁଅ ମିଶି ସକ୍ଷମଙ୍କୁ ଆକ୍ରମଣ କରିଥିଲେ। ସେମାନେ ସକ୍ଷମଙ୍କୁ ଗୁଳି କରିବା ସହ ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲେ। ଏହି ଖବର ପାଇବା ପରେ ଆଞ୍ଚଲ୍ ସକ୍ଷମଙ୍କ ଘରକୁ ଧାଇଁଯିବା ସହ ଶେଷକୃତ୍ୟ ପୂର୍ବରୁ ତାଙ୍କ ମୃତଦେହ ପାଖରେ ନିଜ ମଥାରେ ସିନ୍ଦୂର ଲଗାଇଥିଲେ। ଆଞ୍ଚଲ ଅଭିଯୁକ୍ତ ବାପା ଓ ଭାଇଙ୍କ ମୃତ୍ୟୁଦଣ୍ଡ ପାଇଁ ଦାବି କରିଛନ୍ତି।


ଆଞ୍ଚଲ ମାମିଲୱାର

**Classified Everyday**
**0674-2580101, 9692975378**




**REAL ESTATE**
**SALE**

SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685




Two office spaces on the 3rd floor of 2000sqft and on the 2nd floor of 1100sqft at 5 Janpath, Unit-3, Kharavel Nagar behind Kalsi Petrol Pump, Bhubanesawar, Odisha. Contact: 6287103066. D-76877




All types of physiotherapy Contact number 9556924059/ 7656969134, Jharapada. D-2686



**BUSINESS**

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact- 9776635982. D-2711

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 27.11.2025, I, RITIKA NATH, Address At- 124 163, Science Park Basti, Acharya Vihar, P.O.- Regional Research Laboratory, Bhubaneswar, Dist.- Khordha, Odisha-751013, declare that I have changed my name from RITWIK NATH to RITIKA NATH Henceforth, I shall be known as RITIKA NATH for all purposes.
Ritika Nath
D-2725

By virtue of an affidavit sworn before Executive Magistrate, KUCHINDA, on dated 26.11.2025, I, SWARNALATA NAIK, Address AT/ P.O.- Kholbilung, P.S.- Mahulpali, Dist.- Sambalpur, PIN- 768228 declare that I have changed my name from SWARNALATA NAYAK to SWARNALATA NAIK. Henceforth, I shall be known as SWARNALATA NAIK for all purposes.
SWARNALATA NAIK
D-2729

I, Anadi Charan Sahoo, S/o.- Biswanath Sahu, Village/P.O.- Jiral, P.S.- Kamakhyanagar, Dist.- Dhenkanal, Odisha declare that I have changed my name from ANADI CHARAN SAHU to ANADI CHARAN SAHOO, Dtd.- 20.11.2025 before Executive Magistrate, Dhenkanal. D-2726

By virtue of an affidavit sworn before Executive Magistrate, Erasama, Dtd.- 27. 11. 2025, I, Saroja Kumar Barik (new name), Address At/P.O.- Kunjakothi, P.S.- Erasama, District- Jagatsinghpur declare that I have changed my name from Saroj Barik (old name) to Saroja Kumar Barik (new name). Henceforth, I shall be known as Saroja Kumar Barik (new name) for all purposes.
Saroja Kumar Barik
D-2728

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ଏକାଦଶାହ ଉପଲକ୍ଷେ



ଂ ଶର୍ମିଷ୍ଠା ସାମନ୍ତରାୟ
ସ୍ୱାମୀ : ବରିଷ୍ଠ ଆଇନଜ୍ଞ ପରମାନନ୍ଦ ସାମନ୍ତରାୟ
ଏ/୨୫, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୮.୧୯୪୮
ତିରୋଧାନ : ୨୧.୧୧.୨୦୨୫

"ଅହ୍ୟ ସୁଲକ୍ଷଣୀ ହୋଇ ଗଲିଗଲ
ହାତ ମୋର ଛାଡ଼ି ଦେଇ,
ଝୁରିବୁ ସମସ୍ତେ ସ୍ମୃତିକୁ ତୁମର
ସାରା ଜୀବନ ପାଇଁ।
ଚିର ଶାନ୍ତି ଲଭୁ ଆତ୍ମା ତୁମର
ପ୍ରଭୁପାଦେ ଲୀନ ହୋଇ।"

ତୁମର ହତଭାଗ୍ୟ ସ୍ୱାମୀ
ପରମାନନ୍ଦ ସାମନ୍ତରାୟ
ବନ୍ଧୁ ଓ ପରିବାରବର୍ଗ

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଆଜି ବିଶ୍ୱ ଏଡ୍‌ସ ଦିବସ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...**

# ବ୍ୟାଘାତ ଅତିକ୍ରମ କରି ଏଡ୍‌ସ ମୁକାବିଲା କରିବା


ଡା. ରାମଚନ୍ଦ୍ର ରାଉତ

''ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ରକ୍ତ ଯାଞ୍ଚ। ଆମ ରାଜ୍ୟରେ ଏହା 'ନାଟ୍ ପିସିଆର' ପରି ଅତ୍ୟନ୍ତ ସମ୍ବେଦନଶୀଳ ପରୀକ୍ଷା ଦ୍ୱାରା ସଂକ୍ରମଣ ମାତ୍ର କେଇଦିନ ମଧ୍ୟରେ ନିର୍ଣ୍ଣୟ କରାଯାଇପାରୁଛି। ଏଡ୍‌ସ ରୋଗ ଥରେ ନିର୍ଣ୍ଣୟ ହୋଇଗଲେ ସଙ୍ଗେ ସଙ୍ଗେ ଏଆରଟି କେନ୍ଦ୍ରରୁ ବିନାମୂଲ୍ୟରେ ନିୟମିତ ଔଷଧ ସେବନ କରିବା ଉଚିତ। ଏହାଦ୍ୱାରା ରୋଗୀର ସାଧାରଣ ଜୀବନଯାପନରେ କୌଣସି ଅସୁବିଧା ହୋଇ ନ ଥାଏ। ତା'ସହ ସଂକ୍ରମଣ ଆଗକୁ ବ୍ୟାପିବାକୁ ଦେଇ ନ ଥାଏ।''








ଏବେ ପ୍ରାୟ ସମସ୍ତେ ଏଚ୍.ଆଇ.ଭି. ଏଡ୍‌ସ ବିଷୟରେ ଅଳ୍ପ ବହୁତେ ଅବଗତ ଅଛନ୍ତି ଓ ଦିନକୁ ଦିନ ଏଥିଲାଗି ସଂକ୍ରମଣ ସତର୍କତା ବୃଦ୍ଧି ପାଉଛି। ଯୌନ ବ୍ୟବହାରରେ ପରିବର୍ତ୍ତନ ଓ ନିଜର ରକ୍ତ ପରୀକ୍ଷା ଏଥିଲାଗି ହେଉଛି ଦୁଇଟି ମୁଖ୍ୟ ସାଧନ। ୨୦୨୪ ମସିହା ପ୍ରାରମ୍ଭରେ ପ୍ରାୟ ଚାରିକୋଟି ଦଶ ଲକ୍ଷ ଲୋକ ଏଡ୍‌ସ ଦ୍ୱାରା ସଂକ୍ରମିତ ହୋଇ ଜୀବନଧାରଣ କରୁଥିଲେ। ଏଡ୍‌ସ ରୋଗୀଙ୍କଠାରୁ ପ୍ରତ୍ୟକ୍ଷ ହେଉ କି ପରୋକ୍ଷରେ ଅନ୍ୟମାନେ ସଂକ୍ରମିତ ହେବାର ଆଶଙ୍କା ରହିଛି।

ପ୍ରତିବର୍ଷ ପ୍ରାୟ ୧୩-୧୫ ଲକ୍ଷ ନୂଆ ସଂକ୍ରମଣ ହେଉଥିବା ଜଣାପଡୁଛି ଓ ସବୁଠାରୁ ଉଦ୍‌ବେଗର କଥା ପ୍ରାୟ ଏକ କୋଟି ଲୋକ ଚିକିତ୍ସା ପରିସରକୁ ଆସିପାରିନାହାନ୍ତି। ଏମାନେ ସଂକ୍ରମଣର ମୁଖ୍ୟ ଉତ୍ସ ରୂପେ ରୋଗ ନ ବ୍ୟାପିବା ପାଇଁ ତତ୍‌କ୍ଷଣାତ ଚିକିତ୍ସା ପରିସରକୁ ଆସିଯିବା ଉଚିତ। ସାଧାରଣତଃ ମୁଖ୍ୟ ରୂପେ ଅସୁରକ୍ଷିତ ଅପ୍ରାକୃତିକ ଓ ପ୍ରାକୃତିକ ଯୌନ ସମ୍ପର୍କ ଦ୍ୱାରା ଏହା ବ୍ୟାପିଥାଏ। କଣ୍ଡୋମ ବ୍ୟବହାର ନ କରିବା ଦ୍ୱାରା, ଏକାଧିକ ବ୍ୟକ୍ତିଙ୍କ ସହିତ ଯୌନ ସମ୍ପର୍କ ଓ ନିୟମିତ ରକ୍ତ ଯାଞ୍ଚ ନ କରିବା ଏହାର ମୁଖ୍ୟ କାରଣ।

ଅନ୍ୟପକ୍ଷରେ ଅଶୋଧିତ ଇଞ୍ଜେକଶନ ଛୁଞ୍ଚ ବ୍ୟବହାର ଦ୍ୱାରା ଏହା ବ୍ୟାପିଥାଏ। ଏଣୁ ବିଶୋଧିତ ଛୁଞ୍ଚ କିମ୍ବା ଉତ୍ତମମାନର ସିରିଞ୍ଜ, ନିଡିଲର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାବ୍ୟତୀତ ନିୟମିତ ରକ୍ତ ଯାଞ୍ଚ ଅନ୍ୟ ଦେହକୁ ନ ବ୍ୟାପିବାରେ ସାହାଯ୍ୟ କରିଥାଏ। ମା'ଠାରୁ ଗର୍ଭସ୍ଥ ଶିଶୁକୁ ଏହା ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଗର୍ଭବତୀ ମା'ମାନେ 'ଏଆର୍‌ଟି' ସେବନ କରିବା ଉଚିତ। ଏହା ଗର୍ଭ ସମୟରେ, ପ୍ରସବ ସମୟରେ ଓ ସ୍ତନ୍ୟପାନ ସମୟରେ ହେବା ଉଚିତ।

ନିରାପଦ ରକ୍ତ ସଞ୍ଚାରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହା ଖୁସିର କଥା ଯେ ଆମ ଦେଶରେ ପ୍ରଥମ ଥର ପାଇଁ 'ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟ' ଖୋଲାଯାଇଛି। ଆମ ରାଜ୍ୟରେ ଏହା ମଧ୍ୟ ରହିଛି। ରକ୍ତ ନିରାପତ୍ତା ବିଷୟରେ ଅନେକ ପ୍ରାବଧାନ କରାଯାଇଛି, ଯାହାଫଳରେ ରକ୍ତ ସଞ୍ଚାରଣଜନିତ ସଂକ୍ରମଣ ଆମ ରାଜ୍ୟରେ ପ୍ରାୟ ନାହିଁ ବୋଲି କହିହେବ।

ଏତଦ୍‌ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ରକ୍ତ ଯାଞ୍ଚ। ଆମ ରାଜ୍ୟରେ ଏହା 'ନାଟ୍ ପିସିଆର୍' ପରି ଅତ୍ୟନ୍ତ ସମ୍ବେଦନଶୀଳ ପରୀକ୍ଷା ଦ୍ୱାରା ସଂକ୍ରମଣ ମାତ୍ର କେଇଦିନ ମଧ୍ୟରେ ନିର୍ଣ୍ଣୟ କରାଯାଇପାରୁଛି। ଏଡ୍‌ସ ରୋଗ ଥରେ ନିର୍ଣ୍ଣୟ ହୋଇଗଲେ ସଙ୍ଗେ ସଙ୍ଗେ ଏଆର୍‌ଟି କେନ୍ଦ୍ରରୁ ବିନାମୂଲ୍ୟରେ ନିୟମିତ ଔଷଧ ସେବନ କରିବା ଉଚିତ। ଏହାଦ୍ୱାରା ରୋଗୀର ସାଧାରଣ ଜୀବନଯାପନରେ କୌଣସି ଅସୁବିଧା ହୋଇ ନ ଥାଏ। ତା' ସହ ସଂକ୍ରମଣ ଆଗକୁ ବ୍ୟାପିବାକୁ ଦେଇ ନ ଥାଏ।

ଏହାସହିତ ଏଡ୍‌ସ ହେବା ସମୟରେ ଅନ୍ୟ ସୁଯୋଗପ୍ରାପ୍ତ ସଂକ୍ରମଣମାନଙ୍କର ଯଥାବିଧି ନିର୍ଣ୍ଣୟ ଓ ଚିକିତ୍ସା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଡ୍‌ସର ଅନେକ ସାମାଜିକ ଦିଗ ଥିବାରୁ ଏଥିଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଡେଲର ଅବତାରଣା କରାଯାଇଛି। ପ୍ରଥମଟି ହେଲା- 'ହେଲ୍‌ଥ ସିକିଙ୍ଗ ବିହେଭିୟର'। ଅର୍ଥାତ୍, ଲୋକଟିର କୌଣସି ରୋଗ ହେଲେ ଚିକିତ୍ସା ପାଇଁ କାହା ପାଖକୁ ଯିବ ବୋଲି କିପରି ନିର୍ଣ୍ଣୟ ନେଇଥାଏ? ସେ କାହାକୁ ପଚାରି ପାରେ, ଇଣ୍ଟରନେଟ୍‌ରୁ ଖୋଜି ଔଷଧ ଆଣିପାରେ, ଦୋକାନୀଠାରୁ ଔଷଧ ନେଇପାରେ, ଘରୋଇ ଡାକ୍ତରଙ୍କୁ ଫିସ୍ ଦେଇ ଦେଖାଇପାରେ କିମ୍ବା ସରକାରୀ ଡାକ୍ତରଖାନାକୁ ଯାଇପାରେ। ମାତ୍ର ଏଡ୍‌ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଲେ ସେ ସେପରି କରିପାରେ ନାହିଁ। ଏପରିକି ତାକୁ ଏଡ୍‌ସ କେନ୍ଦ୍ରକୁ ଯାଇ ଔଷଧ ଆଣିବାକୁ ଲାଜ ଲାଗିଥାଏ।

ଫଳରେ ଏଥିଲାଗି ପରାମର୍ଶକାରୀ ବା କାଉନସେଲରମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ସେମାନଙ୍କର ସହାୟତା ଗୁରୁତ୍ୱପୂର୍ଣ୍ଣ ଅଟେ।

ଦ୍ୱିତୀୟ ମଡେଲଟି ହେଉଛି- 'ହେଲ୍‌ଥ ବଲିଫ୍' ମଡେଲ। ଏଥିରେ ବ୍ୟକ୍ତିଜଣକ ଅନ୍ୟଜଣଙ୍କର ସମାନ ପ୍ରକାର ଲକ୍ଷଣ ଓ ରୋଗ ପାଇଁ ନିଜେ ସଚେତନ ହୋଇ ଭାବେ ତା'ର ଏହା ହୋଇଛି କି ନାହିଁ। ତା'ପରେ ସେ ନିଜର ପରୀକ୍ଷା କରାଏ ଓ ରୋଗ ନ ଥିଲେ ଏଭଳି ଆଶଙ୍କା ଦୂରୀଭୂତ ହୁଏ। ଯଦି ରୋଗ ନିର୍ଣ୍ଣୟ ହେଲା ତେବେ ନିଜେ ସମ୍ପୂର୍ଣ୍ଣ ଚିକିତ୍ସିତ ହୋଇ ଅନ୍ୟମାନଙ୍କୁ ଏହା କୁହେ ଓ ରୋଗ ନ ହେବାର ବ୍ୟବସ୍ଥା କରେ। ଏହାଦ୍ୱାରା ସମାଜକୁ ଏକ ଉତ୍ତମ ବାର୍ତ୍ତା ଯାଇଥାଏ।

ଏଡ୍‌ସ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ 'ବିଶ୍ୱ ଏଡ୍‌ସ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ରହିଛି- 'ବ୍ୟାଘାତ ଅତିକ୍ରମ କରିବା ଓ ଏଡ୍‌ସକୁ ମୂଳପୋଛ କରିବା ଉଦ୍ୟମକୁ ଆଗେଇ ନେବା।' ଏଥିଲାଗି ଆମେ ଦୁଇ ପ୍ରକାର ମଡେଲ ଉପଯୋଗ କରିପାରିବା। ସୁସ୍ଥ ବ୍ୟବହାର ଓ ରକ୍ତ ପରୀକ୍ଷଣ ଓ ପରବର୍ତ୍ତୀ ସମୟରେ ରକ୍ତରେ ରୋଗ ନିର୍ଣ୍ଣୟ ହେଲେ ଏହାର ନିଶ୍ଚିତୀକରଣ ଓ ଲଗାତର ବ୍ୟାଘାତବିହୀନ ଚିକିତ୍ସା ହେଉଛି ଏଡ୍‌ସ ସମୂଳ ବିନାଶର ମୂଳଭିତ୍ତି। ଏହାଦ୍ୱାରା ଆମେ ୨୦୩୦ ମସିହା ସୁଦ୍ଧା ଏକ ଏଡ୍‌ସମୁକ୍ତ ବିଶ୍ୱର କଳ୍ପନା କରିପାରିବା।

ଅତ୍ୟନ୍ତ ଆନନ୍ଦର କଥା ଯେ, ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା (NACO) ଅବଦାନରେ ଆମ ରାଜ୍ୟରେ ଓସାକ୍‌ସ(OSACS) ଅର୍ଥାତ୍ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି ଅନେକ ବର୍ଷ ଧରି ଏହି ରୋଗ ନିୟନ୍ତ୍ରଣ ଓ ଚିକିତ୍ସା ତଥା ସାମାଜିକ ସଚେତନତା ଉପରେ କାର୍ଯ୍ୟ କରିଆସୁଅଛି। ଏବେ ଏହାର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତରମାନେ ରହୁଛନ୍ତି (ସ୍ୱତନ୍ତ୍ର ଶାସନ ସଚିବ ସ୍ତରର) ଏବଂ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। ପ୍ରଶାସକମାନଙ୍କ ସହିତ ଡାକ୍ତରମାନଙ୍କର ଏଥିରେ ଅଧିକ ଭୂମିକା ଥିବାରୁ ସରକାର ଏପରି ପଦକ୍ଷେପ ନେଇଛନ୍ତି। ପ୍ରଥମରୁ ଏହା ଏଡ୍‌ସ ନିୟନ୍ତ୍ରଣ ସେଲ୍ ରୂପେ କାର୍ଯ୍ୟାରମ୍ଭ କରିଥିଲା।

ଜଣକୁ ଏଡ୍‌ସ ହେଲେ ତାକୁ ସହଜରେ ଟିବି ବା ଯକ୍ଷ୍ମା ହୋଇଥାଏ ଏବଂ ଏଥିପାଇଁ 'ରାଜ୍ୟ ଟିବି ସେଲ୍' ଜଣେ ଅତିରିକ୍ତ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ କାର୍ଯ୍ୟ କରୁଛି। ମାତ୍ର ଓସାକ୍‌ସ ଓ ଟିବି ସେଲ୍‌କୁ ମିଶାଇ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ନିର୍ଦ୍ଦେଶାଳୟ 'ଟିବି ଆଣ୍ଡ ଏଚଆଇଭି/ଏଡ୍‌ସ ଡିରେକ୍ଟୋରେଟ' କରାଗଲେ ଏହି କାର୍ଯ୍ୟଦ୍ୱୟ ସୁରୁଖୁରୁରେ ଓ ବିନାବାଧାରେ ଚାଲିପାରନ୍ତା। ରୋଗୀ ଓ କର୍ମଚାରୀମାନେ ଗୋଟିଏ ସ୍ଥାନରେ ପରୀକ୍ଷା, ରୋଗ ଚିହ୍ନଟ, ଚିକିତ୍ସା ଓ ପରବର୍ତ୍ତୀ ଯତ୍ନ ନେଇପାରନ୍ତେ ଓ ଏହା ସାରା ଦେଶରେ ତଥା ପ୍ରଥମ ଥର ପାଇଁ ଆମ ରାଜ୍ୟରେ ହୋଇପାରନ୍ତା। ଏ ବିଷୟରେ ସରକାରୀ ସ୍ତରରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ଜନସାଧାରଣ, ରୋଗୀ, ସ୍ୱାସ୍ଥ୍ୟକର୍ମୀ, ପରାମର୍ଶଦାତା, ଡାକ୍ତର ଓ ସ୍ୱାସ୍ଥ୍ୟ ପ୍ରଶାସକ ତଥା ପ୍ରଶାସକ ଏବଂ ରାଜ୍ୟ ସରକାରଙ୍କ ଉଦ୍ୟମ, କାର୍ଯ୍ୟ ଓ ପ୍ରତିବଦ୍ଧତା ଦ୍ୱାରା ଏଡ୍‌ସକୁ ସମୂଳ ବିନାଶ କରାଯାଇପାରିବ ଏଥିରେ ସନ୍ଦେହ ନାହିଁ।

-ପୂର୍ବତନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଓସାକ୍‌ସ, ଓଡ଼ିଶା
ମୋ : ୮୨୪୯୦୮୭୯୯୫

## ଅତ୍ୟଧିକ ମୃଦୁ ପାନୀୟ ଓ ମସ୍ତିଷ୍କର କାର୍ଯ୍ୟଧାରା



ମୃଦୁପାନୀୟ ପିଇବା ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ତେବେ ଏହାକୁ ସବୁବେଳେ ପିଇଲେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏ ବିଷୟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ନୂଆ କଥା ଜାଣିବାକୁ ପାଇଛନ୍ତି। ଆବଶ୍ୟକତାଠାରୁ ଅଧିକ ମୃଦୁପାନୀୟ ପିଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏଭଳି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କ ମସ୍ତିଷ୍କ ଏହାଦ୍ୱାରା କିଭଳି ପ୍ରଭାବିତ ହେଉଛି ତାହାକୁ ବିଶେଷଜ୍ଞମାନେ ତର୍ଜମା କରି ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ମେଦବହୁଳତା ବୃଦ୍ଧି କରିବାର ଏହା ଅନ୍ୟତମ କାରଣ ସାଜିଥାଏ। ଏପରି କି ଅତ୍ୟଧିକ ମୃଦୁ ପାନୀୟ ପିଇଲେ ତାହାର ପ୍ରଭାବ ହାର୍ଟ ଉପରେ ପଡିବାର ମଧ୍ୟ ଆଶଙ୍କା ରହିଛି। ଏହାଦ୍ୱାରା ଦାନ୍ତଜନିତ ସମସ୍ୟା ଦେଖାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଅଭ୍ୟାସ ପାଚନ କ୍ରିୟାକୁ ପ୍ରଭାବିତ କରିପାରେ। ପୁଣି ଏହି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଅତ୍ୟଧିକ ମୃଦୁପାନୀୟ ପିଇଲେ ଭବିଷ୍ୟତରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

## ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...



ନିଜର ଚିନ୍ତାଧାରାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ଚିନ୍ତାଧାରାକୁ କେତେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ଚିନ୍ତାଧାରା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ଚିନ୍ତାଧାରା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନ

ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍‌ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ।



ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍‌ସର, ନାଳଖାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

## ଟାଇପ୍-୧ ଡାଇବେଟିସ୍ ଆଶଙ୍କା ବଢ଼ାଏ ଇନ୍‌ଫେକ୍‌ଶନ

ଆମ ଶରୀରରେ ଇନଫେକ୍‌ଶନ ହେଲେ ସେଥିରୁ କିପରି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସେ ନେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହେବା ନିହାତି ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ଆଉ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ନିକଟରେ ଏକ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣଙ୍କ ଶରୀରରେ ଇନ୍‌ଫେକ୍‌ଶନ ଅଧିକ ଦିନ ଲାଗି ରହେ, ତେବେ ତାହା ଟାଇପ-୧ ଡାଇବେଟିସ୍‌ର କାରଣ ସାଜିବାର ଆଶଙ୍କା ରହିଛି। ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହା ଉପରେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଦୀର୍ଘ ଦିନ ଧରି ଇନ୍‌ଫେକ୍‌ଶନ ସହ ଜଡିତ କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଟାଇପ-୧ ଡାଇବେଟିସ୍‌ର



ଲକ୍ଷଣ ଦେଖିବାକୁ ମିଳିଥିଲା। ଏଥିପାଇଁ ଦୀର୍ଘଦିନ ଧରି ଲାଗି ରହିଥିବା ଇନଫେକ୍‌ଶନ ଦାୟୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଇନ୍‌ଫେକ୍‌ଶନଜନିତ କୌଣସି ଲକ୍ଷଣ ଦେଖାଦେଲେ ତାହାର ତୁରନ୍ତ ଚିକିତ୍ସା କରାଇ ନେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଜାଣିରଖନ୍ତୁ

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା-ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ମନରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝିନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାଗୁଡ଼ିକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ। ବେଳେବେଳେ ଏଭଳି ସମସ୍ୟାରୁ ଉପଶମ ଲାଭ କରିବାକୁ ଡାକ୍ତର ହୁଏତ ଔଷଧ ପରିବର୍ତ୍ତନ କରିପାରନ୍ତି।
- ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ସୁସ୍ଥ ନ ହେବା ଯାଏ ବ୍ୟାୟାମରୁ ବିରତ ନିଅନ୍ତୁ। ଅସୁସ୍ଥତା ଭିତରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।
- ବିଶେଷଭାବରେ ବ୍ଲଡପ୍ରେସର ଏବଂ ଡାଇବେଟିସ୍‌କୁ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଏହି ଦୁଇଟି ସମସ୍ୟା ନୀରବ ଘାତକ ଭାବରେ କାମ କରେ। ବାହାରକୁ ଜଣା ନ ପଡିଲେ ମଧ୍ୟ ତାହାର ଖରାପ ପ୍ରଭାବ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।
- ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।
- ଘରେ ଫାଷ୍ଟ-ଏଡ୍ ବକ୍ସ ଥିଲେ ତାହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିଲା ମାତ୍ରେ ସଙ୍ଗେ ସଙ୍ଗେ ପାଇଯିବେ। ତା'ସହ ଏହା ଭିତରେ ଥିବା ଜିନିଷଗୁଡିକୁ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ।
- ନିଜର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ଏହାର ଲକ୍ଷଣ ଜାଣିବା ମାତ୍ରେ ହିଁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।



## ମାନସିକ ରୋଗ: କିଛି କଥା

ମାନସିକ ରୋଗଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଅନେକ ଭୁଲ୍ ଧାରଣା ରହିଛି। ଲୋକମାନେ ଭାବନ୍ତି ମାନସିକ ରୋଗର ଚିକିତ୍ସା ସମ୍ଭବ ନୁହେଁ ଏବଂ ଏହା କେବେ ଭଲ ହୋଇପାରିବ ନାହିଁ। ଔଷଧ ସାରା ଜୀବନ ଖାଇବାକୁ ପଡ଼େ ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ମାତ୍ର ଏ ସବୁ ଭୁଲ୍ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶକରି ଚିକିତ୍ସା କରିବା ଜରୁରୀ। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ  କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।



# ୮.୩ ନିୟୁତ ଟନ୍‌କୁ ବୃଦ୍ଧି ପାଇବ ଆଲୁମିନିୟମ୍ ଚାହିଦା

ଭୁବନେଶ୍ୱର,୩୦।୧୧

ସିଆଇଟିଏସ୍ ଇଣ୍ଟରନ୍ୟାଶନାଲ୍ ପକ୍ଷରୁ ଜାରି କରାଯାଇଥିବା ଏକ ପଲିସି ପେପର୍‌ରେ ଭାରତର ମାଧ୍ୟମିକ ଆଲୁମିନିୟମ କ୍ଷେତ୍ର ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋକପାତ କରାଯାଇଛି। ଭାରତର ଆଲୁମିନିୟମ ଚାହିଦା ବର୍ତ୍ତମାନର ୫.୩ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୨୦୩୦ ସୁଦ୍ଧା ୮.୩ ନିୟୁତ ଟନରେ ପହଞ୍ଚିବ ବୋଲି ଆକଳନ କରାଯାଇଥିବା ବେଳେ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଦେଶର ବିନିର୍ମାଣ ଆକାଂକ୍ଷାକୁ ଲାଇନଚ୍ୟୁତ କରିବାର ଆଶଙ୍କା ସୃଷ୍ଟି କରିଛି। ଭାରତର ଶିଳ୍ପ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ସର୍ବେକ୍ଷଣ ରିପୋର୍ଟ ଜାରି ହୋଇଛି, ଯେଉଁଥିରେ ଭାରତର ବିନିର୍ମାଣ ମୂଲ୍ୟ

## ବର୍ଦ୍ଧିତ ଆମଦାନୀ ଶୁଳ୍କ ବଡ଼ ଆହ୍ୱାନ

ଶୃଙ୍ଖଳାକୁ ଆଗକୁ ବଢ଼ାଉଥିବା ଏବଂ ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଏମଏସଏମଇ କ୍ଷେତ୍ରକୁ ବର୍ତ୍ତମାନର ଆମଦାନୀ ଶୁଳ୍କ ଢାଞ୍ଚା କିଭଳି ପ୍ରଭାବିତ କରୁଛି ତାହା ଉପରେ ଆଲୋକପାତ କରାଯାଇଛି। ଶିଳ୍ପ ରୂପାନ୍ତରଣର ଏକ କ୍ଷେତ୍ର ଏହି ଆହ୍ୱାନର ମୂଳରେ ରହିଛି ଓଡ଼ିଶା। ଏହା ଭାରତର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟ ହୋଇଥିବା ବେଳେ ପ୍ରମୁଖ ସ୍ମେଲଟର ଓ ବିଶୋଧନାଗାରଗୁଡ଼ିକ ଅନୁଗୋଳ, ଝାରସୁଗୁଡ଼ା, କୋରାପୁଟ ଓ ରାୟଗଡ଼ାରେ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକ ବ୍ୟତୀତ ହଜାର ହଜାର ଏମଏସଏମଇ କାଷ୍ଟିଂ, ଫେବ୍ରିକେଶନ ଓ ଆନୁଷଙ୍ଗିକ ଉତ୍ପାଦନରେ ନିୟୋଜିତ ହୋଇ ଏକ ବ୍ୟାପକ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ସହ ଉଭୟ ନିଯୁକ୍ତି ଓ ନବସୃଜନକୁ ବଢ଼ାଉଛନ୍ତି। ମାତ୍ର ଏହି ଦୃଢ଼ ବ୍ୟବସ୍ଥା ଉପରେ ଏବେ ଚାପ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ୭.୫ ପ୍ରତିଶତ ଆମଦାନୀ ଶୁଳ୍କ ପ୍ରଭାବରେ ପ୍ରାଥମିକ ଆଲୁମିନିୟମ ମୂଲ୍ୟ ବଢ଼ିବା ସହ ବ୍ୟବସାୟରେ ତିଷ୍ଠି ରହିବା ଲାଗି ସ୍ଥିର ଓ ପ୍ରତିଯୋଗିତାମୂଳକ ମୂଲ୍ୟ କଞ୍ଚାମାଲ ଉପରେ ନିର୍ଭରଶୀଳ ଥିବା ଏମଏସଏମଇଗୁଡ଼ିକ ପ୍ରଭାବିତ ହୋଇଛନ୍ତି। ବହୁତ କମ ମାର୍ଜିନରେ କାରବାର କରୁଥିବା ମାଧ୍ୟମିକ ଉତ୍ପାଦନକାରୀ ଓ ଫେବ୍ରିକେଟରଗୁଡ଼ିକ ଦରଦାମରେ ସାମାନ୍ୟ ଅସ୍ଥିରତା ସେମାନଙ୍କ ବଞ୍ଚିରହିବା କିମ୍ବା ବନ୍ଦ ହେବା ପଥ ନିର୍ଦ୍ଧାରଣ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। ଆଲୁମିନିୟମ ମାଧ୍ୟମିକ ନିର୍ମାତା ସଂଘ (ଏଏସ୍ଏମ୍ଏ)ର ନବେନ୍ଦୁ କେ. ଭରଦ୍ୱାଜ କହିଛନ୍ତି, ପ୍ରାଥମିକ ଆଲୁମିନିୟମ ଉପରେ ଶୁଳ୍କ ହ୍ରାସ ହେଲେ ତାହା ଆନୁଷଙ୍ଗିକ ରପ୍ତାନିକାରୀମାନଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ବିକାଶମୂଳକ ପଦକ୍ଷେପ ଲାଗି ଆବଶ୍ୟକ ଆଲୁମିନିୟମ ଚାହିଦା ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ନିର୍ମାଣ, ଭିତ୍ତିଭୂମି, ଅଟୋମୋବାଇଲ୍ ଓ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ର ପାଇଁ ଆଲୁମିନିୟମ ମୂଲ୍ୟଯୁକ୍ତ ଉତ୍ପାଦ ହେଉଛି ପ୍ରମୁଖ ଉପକରଣ।

# ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର 'ଗ୍ରାଣ୍ଡ ଡିସ୍କାଉଣ୍ଟ ସେଲ୍'

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

**ଗଢ଼ା ମଜୁରି ଉପରେ ୧୦୦% ରିହାତି**

ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ବିବାହ ଋତୁକୁ ଦୃଷ୍ଟିରେ ରଖି 'ଗ୍ରାଣ୍ଡ ଡିସ୍କାଉଣ୍ଟ ସେଲ୍' ଜାରି ରହିଛି। ନଭେମ୍ବର ୨୧ରୁ ଆରମ୍ଭ ହୋଇଥିବା ଏହି ସେଲ୍ ଗ୍ରାହକଙ୍କୁ ସୁନା, ହୀରା ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ଶତ ପ୍ରତିଶତ ରିହାତି ପ୍ରଦାନ କରୁଛି। ଭୁବନେଶ୍ୱରର ଜନପଥ, ଜଗଦୀ ସୀତାରାମ ଛକ ଏବଂ କଟକ କ୍ୟାଣ୍ଟନମେଣ୍ଟ ରୋଡସ୍ଥିତ ଷ୍ଟୋରରେ ଗ୍ରାହକମାନେ ଏହି ସେଲର ଲାଭ ଉଠାଇପାରୁଛନ୍ତି। ଜାତୀୟ, ଅନ୍ତର୍ଜାତୀୟ ଡିଜାଇନ ପ୍ରଭୃତ ଡିଜାଇନର ଗହଣା କଲେକ୍ସନ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ କହିଛନ୍ତି, ସୁନାଗହଣା ଏକ୍ସଚେଞ୍ଜ ଉପରେ ଗ୍ରାହକ ପୂର୍ଣ୍ଣ ମୂଲ୍ୟ ପାଇପାରୁଛନ୍ତି ଅର୍ଥାତ୍ ଷ୍ଟୋର ପକ୍ଷରୁ କୌଣସି କାଟ କରାଯାଉନାହିଁ। ୯୧୬ ଶୁଦ୍ଧତା ସହ ଶତ ପ୍ରତିଶତ ବିଆଇଏସ ହଲମାର୍କ ସୁନା ଏବଂ ଶତପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଗହଣା ମିଳୁଛି। ଏହାସହ ଲାଇଫ୍ ଟାଇମ୍ ବାଏ ବ୍ୟାକ୍ ଗ୍ୟାରେଣ୍ଟି ମଧ୍ୟ ଦିଆଯାଉଛି। ଗ୍ରାହକଙ୍କ ଚାହିଦାକୁ ପୂରଣ ସହ ସେମାନଙ୍କ ବିଶ୍ୱସନୀୟତା ରକ୍ଷା କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ସେଲ୍ ଚାଲିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି।

# ର୍‍ୟାମ୍ପରେ ଚାଲିଲେ ଓଡ଼ିଶାର ଖଦି କାରିଗର

ଭୁବନେଶ୍ୱର,୩୦।୧୧

ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଜାତୀୟ ହସ୍ତଶିଳ୍ପ ସଂଗ୍ରହାଳୟରେ ଅନୁଷ୍ଠିତ ନବଯୁଗ ଖଦି ଫ୍ୟାଶନ ଶୋ'ରେ ଓଡ଼ିଶାର ଇକତ୍ ଖଦି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ପାରମ୍ପରିକ ଇକତ୍ ଖଦି ଶାଢ଼ୀ ଓ ଆଧୁନିକ ପୋଷାକ ପରିଧାନ କରି ଓଡ଼ିଶାର ଖଦି ସଂସ୍ଥା ଓ କାରିଗରମାନେ ର୍‍ୟାମ୍ପରେ ଚାଲି ନିଜର ଉତ୍ପାଦ ପ୍ରଦର୍ଶନ କରିଛନ୍ତି। ଅନ୍ୟ ଖଦୀ ମଧ୍ୟରେ ଆସାମର ଏରି ସିଲ୍କ, ଗୁଜରାଟର ଟାଙ୍ଗାଲିଆ, କର୍ଣ୍ଣାଟକର ସିଲ୍କ, ବଙ୍ଗର କଟନ ଓ ତେଲେଙ୍ଗାନା-ବିହାରର ପାରମ୍ପରିକ ବୟନ ପ୍ରଦର୍ଶିତ ହୋଇଥିଲା। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଅଧ୍ୟକ୍ଷ ମନୋଜ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଖଦିର ପ୍ରକୃତ ଶକ୍ତି ତା'ର କାରିଗରଙ୍କ ହାତରେ ରହିଛି। ଆଜିର ନବଯୁଗ ଖଦି ଗାନ୍ଧିଜୀଙ୍କ ସ୍ୱପ୍ନକୁ ଆଧୁନିକ ଫ୍ୟାଶନ ସହ ଯୋଡ଼ି ଦେଶର ଯୁବପିଢ଼ିର ପସନ୍ଦ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖଦି ଫର ନେସନ, ଖଦି ଫର ଫ୍ୟାଶନ, ଖଦି ଫର ଟ୍ରାନ୍ସଫର୍ମେସନ ମନ୍ତ୍ରକୁ ଉଲ୍ଲେଖ କରି ସେ କହିଛନ୍ତି, ଖଦି ଗ୍ରାମରୁ ଗ୍ଲାମରକୁ ପହଞ୍ଚିଛି।

# କ୍ୟାରେଟଲେନର ୫ମ ଷ୍ଟୋର ଉଦ୍‌ଘାଟିତ



ମୁଖ୍ୟଅତିଥି ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ କୋଲ ବ୍ରେକିଂ ସହ ନୂଆ ଷ୍ଟୋରର ଶୁଭାରମ୍ଭ କରିଛନ୍ତି। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

ଭାରତର ଅଗ୍ରଣୀ ଓମ୍ନି-ଚ୍ୟାନେଲ ଗହଣା ବ୍ରାଣ୍ଡ କ୍ୟାରେଟଲେନ (ଟାଟା ଗ୍ରୁପର କମ୍ପାନୀ) ଭୁବନେଶ୍ୱରର ଆଇଗିଣିଆ(ଖଣ୍ଡଗିରି) ଅଞ୍ଚଳରେ ନିଜର ୩୫୧ତମ ଷ୍ଟୋର୍ ଉଦ୍‌ଘାଟନ କରିଛି। ଓଡ଼ିଶାରେ ଏହା ହେଉଛି ବ୍ରାଣ୍ଡର ପଞ୍ଚମ ଷ୍ଟୋର। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଯୋଗ ଦେଇଥିବାବେଳେ ଫ୍ରାଞ୍ଚାଇଜି ଓନର ନବପ୍ରୀତ ସିଂହ ଏବଂ ଓଡ଼ିଶା ରିଜିଓନାଲ ମ୍ୟାନେଜର ଅର୍ପିତା ଦତ୍ତଙ୍କ ଉପସ୍ଥିତିରେ କୋଲ ବ୍ରେକିଂ ସହ ନୂଆ କଲେକ୍ସନର ଶୁଭାରମ୍ଭ କରାଯାଇଥିଲା। ବ୍ରାଣ୍ଡର ବହୁ ବର୍ଷର ବିଶ୍ୱସ୍ତ ଗ୍ରାହକମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସୂଚନା ଥାଉକି, ଦେଶରେ ୩୫୦ରୁ ଊର୍ଦ୍ଧ୍ୱ ଷ୍ଟୋର୍ ସହ କ୍ୟାରେଟଲେନ ସୁନ୍ଦର ଡାଏମଣ୍ଡ ଗହଣାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆଗେଇ ଚାଲିଛି। ନୂଆ ଷ୍ଟୋର ଗ୍ରାହକମାନେ ବଟରଫ୍ଲାଇ, ଅରଣ୍ୟ, ଓମ୍ବ୍ରେ ଭଳି ଲୋକପ୍ରିୟ କଲେକଶନ ପାଇପାରିବେ। ଏହା ବ୍ୟତୀତ ଫ୍ରେଣ୍ଡସ୍, ଡିଜନି, ହ୍ୟାରି ପୋଟର୍, ପେପ୍ପା ପିଗ୍ ଆଦି କିଡ୍‌ସ କଲେକ୍ସନ ରହିଛି। କ୍ୟାରେଟଲେନର ମ୍ୟାନେଜିଂ ଡାଇରେକ୍ଟର ସୌମେନ ଭୌମିକ କହିଛନ୍ତି, ଭୁବନେଶ୍ୱର ଷ୍ଟୋରକୁ ଏପରି ଭାବେ ଡିଜାଇନ କରାଯାଇଛି ଯେ ଗ୍ରାହକ ଗହଣା ଦେଖିବା ସହ ପରିଧାନ ଓ ଅନୁଭବ କରି ନିଜର ପସନ୍ଦ ବାଛିପାରିବେ। ଅନ୍‌ଲାଇନ ସହ ଅଫ୍‌ଲାଇନରେ ବୁକିଂ ତଥା କ୍ରୟ କରିପାରିବେ। ନୂଆ ଷ୍ଟୋର ଉପଲକ୍ଷେ ନବପ୍ରୀତ ସିଂହ ସ୍ୱତନ୍ତ୍ର ଅଫର ଘୋଷଣା କରିଥିଲେ।

# ସବୁଜ ଅର୍ଥନୀତିରେ ହେବ ୪.୧ ଟ୍ରିଲିୟନ ଡଲାର ନିବେଶ: ସିଇଇଡବ୍ଲ୍ୟୁ

ଭୁବନେଶ୍ୱର,୩୦।୧୧

ଭାରତର ସବୁଜ ଅର୍ଥନୀତି ୨୦୪୭ ସୁଦ୍ଧା ୪.୧ ଟ୍ରିଲିୟନ ଡଲାର (୩୬୦ ଲକ୍ଷ କୋଟି ଟଙ୍କା) ନିବେଶ ଆକର୍ଷଣ କରି ୪.୮ କୋଟି ନୂଆ ପୂର୍ଣ୍ଣକାଳୀନ ଚାକିରି ସୃଷ୍ଟି କରିପାରିବ ଏବଂ ପ୍ରତିବର୍ଷ ୯୭ ଲକ୍ଷ କୋଟି ଟଙ୍କାର ସବୁଜ ବଜାର ଖୋଲିପାରିବ ବୋଲି କାଉନସିଲ ଅଫ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ)ର ଅଧ୍ୟୟନରେ କୁହାଯାଇଛି। ଏହି ସବୁଜ ସୁଯୋଗ ସୌର ପ୍ୟାନେଲ ଓ ଇଲେକ୍ଟ୍ରିକ ଗାଡ଼ି ସହ ଜୈବ-ଉପାଦାନ, ଆଗ୍ରୋଫରେଷ୍ଟ୍ରି, ସର୍କୁଲାର ଉତ୍ପାଦନ, ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି ଓ ପରିବେଶ-ଆଧାରିତ ଜୀବିକା ଭଳି ୩୬ଟି ମୂଲ୍ୟଶୃଙ୍ଖଳା ଏହାର ଅଂଶ। ଓଡ଼ିଶା ପାଇଁ ଏହା ବିରାଟ ସୁଯୋଗ ବୋଲି କୁହାଯାଉଛି। ୨୦୩୦ ସୁଦ୍ଧା ୧୦ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ସହ ରାଜ୍ୟ ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଗ ଏବଂ ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆସିପାରିବ। ଏହା ରାଜ୍ୟ ଜିଡିପିରେ ୨୩% ଓ ନିବେଶରେ ୨୦% ବୃଦ୍ଧି ଆଣିପାରିବ। ଓଡ଼ିଶା ଏବେଠାରୁ ଆଗେଇ ନିଜର ଷ୍ଟେଟ ଲେଭଲ ଗ୍ରୀନ ଇକୋନୋମି କାଉନସିଲ ଓ ୧୬ ଜଣ ବରିଷ୍ଠ ସଚିବଙ୍କ କମିଟି ଗଠନ କରି ସବୁଜ ଅର୍ଥନୀତିକୁ ରାଜ୍ୟ ଯୋଜନାରେ ସାମିଲ କରିସାରିଛି।

# ଟାଟା ଷ୍ଟିଲ୍ ମାଙ୍ଗାନିଜ ଖଣିକୁ ସ୍ୱର୍ଣ୍ଣ ପୁରସ୍କାର




ଭୁବନେଶ୍ୱର,୩୦।୧୧(ଅନୁରାଧା ମହାରଣା)

ସୁରକ୍ଷା ବ୍ୟବସ୍ଥାରେ ଉତ୍କର୍ଷ ପାଇଁ ୧୧ତମ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଆୱାର୍ଡସ୍‌ରେ ଟାଟା ଷ୍ଟିଲ୍‌ର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ (ଏମ୍‌ଜିଏମ୍)କୁ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲାର ଯୋଡ଼ା ଅଞ୍ଚଳରେ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍ଏମ୍‌ଡି) ଅଧୀନରେ ଏହି ଖଣିଗୁଡ଼ିକ ପରିଚାଳିତ ହେଉଛି। ଖଣି କ୍ଷେତ୍ରରେ ଉନ୍ନତ ସୁରକ୍ଷା ପ୍ରବନ୍ଧନ ପାଇଁ ଏହି ଖଣିଗୁଡ଼ିକୁ ପୁରସ୍କୃତ କରାଯାଇଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ୍ ଟ୍ରେଡ ବିଭାଗ ସେଣ୍ଟ୍ରାଲ ବଏଲର୍ ବୋର୍ଡର ବୈଷୟିକ ଉପଦେଷ୍ଟା (ବଏଲର) ଓ ସଚିବ ସନ୍ଦୀପ ସଦାନନ୍ଦ କୁମ୍ଭାର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ଫ୍ୟାକ୍ଟ୍ରି ଆଡଭାଇସ ସର୍ଭିସ ଆଣ୍ଡ ଲେବର ଇନଷ୍ଟିଚ୍ୟୁଟ୍‌ର ମହାନିର୍ଦ୍ଦେଶକ ଆଲୋକ ମିଶ୍ର ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଟାଟା ଷ୍ଟିଲ୍‌ର ଖଣି ମୁଖ୍ୟ(ଏଫ୍ଏମ୍‌ଡି) ଶମ୍ଭୁନାଥ ଝା ଓ ଏଫ୍ଏମ୍‌ଡିର ବରିଷ୍ଠ ଏରିଆ ପ୍ରବନ୍ଧକ (ସୁରକ୍ଷା-ଖଣି) ସନ୍ତୋଷ କୁମାର ରାଉତ ପୁରସ୍କାର ଗ୍ରହଣ କରିଥିଲେ। ଦୀର୍ଘ ବର୍ଷର ପରିଚାଳନା ମଧ୍ୟରେ ଖଣିକ୍ଷେତ୍ରରେ ସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଏମ୍‌ଜିଏମ୍ ଜାରି ରଖିଥିବା ବେଳେ ପ୍ରତି କର୍ମଚାରୀ ଓ ଅଂଶୀଦାରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛି। ଏହି ଗ୍ରୁପ୍ ଅଧୀନରେ ଯୋଡ଼ା ୱେଷ୍ଟ, ଖଣ୍ଡବନ୍ଧ, ବାମେବାରି ଓ ତିରିଙ୍ଗପାହାଡ଼ ମାଙ୍ଗାନିଜ ଖଣି ରହିଛି, ଯାହା ସମ୍ପୂର୍ଣ୍ଣ ଭାବେ ଯାନ୍ତ୍ରିକୀକରଣ ଓପନକାଷ୍ଟ ଅପରେଶନ୍ସ ଦ୍ୱାରା ପରିଚାଳିତ। ଏହି ଖଣି ଟାଟା ଷ୍ଟିଲର ଫେରୋ ଆଲଏଜ କାରଖାନା ଓ ଅନ୍ୟାନ୍ୟ ଗ୍ରାହକଙ୍କୁ ମାଙ୍ଗାନିଜ ଯୋଗାଉଛି।

## ଅପରାଧ

# ସାଇବର ଠକେଇର ପର୍ଦ୍ଦାଫାଶ: ୩ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୪ ଗିରଫ

ରାଉରକେଲା,୩୦।୧୧(ସଙ୍ଗୀତା ଜେନା)



**■ ୧୨୦୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ଆକାଉଣ୍ଟରେ ହେଉଥିଲା ବେଆଇନ ଅର୍ଥ କାରବାର**

ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳରେ ସୁଚିନ୍ତିତ ଭାବେ ସାଇବର ଅପରାଧ ହେଉଥିଲା। ନିରୀହ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଫିଜିକାଲ ଏବଂ ଡିଜିଟାଲ ଭାବେ ଖୋଲାଯାଇ ସେଥିରେ ବେଆଇନ ଅର୍ଥ କାରବାର କରାଯାଉଥିଲା। କିଛିଦିନ ତଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ରାଉରକେଲା ପୋଲିସକୁ ଏପରି ୧୨ଶହ ବ୍ୟାଙ୍କ ଆକାଉଣ୍ଟ ତାଲିକା ଦିଆଯାଇଥିଲା। ଏହାର ଖୋଳତାଡ କରିବା ପରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା। ତାଙ୍କୁ ଜେରା କରିବା ପରେ ଏହି ଗ୍ୟାଙ୍ଗରେ ୩ ଘରୋଇ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରଘୁନାଥପାଲୀ ଥାନା ଆଇଟିଆଇ ଶାନ୍ତିନଗର ବାସିନ୍ଦା ଅଜୟ ସା, ଇଣ୍ଡସଇଣ୍ଡ ବ୍ୟାଙ୍କର ସେଲ୍ସ କର୍ମଚାରୀ ସୀତାଂଶୁ ସ୍ୱାଇଁ(୩୫), କୋଟାକ ମହିନ୍ଦ୍ରା ବ୍ୟାଙ୍କର ଶିବଶଙ୍କର ପଟ୍ଟନାୟକ(୩୨) ଏବଂ ପ୍ରାକ୍ତନ ଇଣ୍ଡସଇଣ୍ଡ ବ୍ୟାଙ୍କ କର୍ମଚାରୀ ତଥା ବର୍ତ୍ତମାନ ମହିନ୍ଦ୍ରା ଫାଇନାନ୍ସ କର୍ମଚାରୀ ପ୍ରଭଞ୍ଜନ ନାୟକ(୨୬)। ସେମାନଙ୍କଠାରୁ ସ୍କାନ୍ ହୋଇଥିବା ବହୁ ପରିମାଣର ଆଧାର ଓ ପ୍ୟାନ୍ କାର୍ଡ, ଏଟିଏମ୍ କାର୍ଡ, ପାସବୁକ୍, ଚେକ୍ ବୁକ୍, ମୋବାଇଲ ଫୋନ୍ ଆଦି ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୭/୨୫) ରୁଜୁ କରି ଅଭିଯୁକ୍ତମାନଙ୍କୁ ରବିବାର କୋର୍ଟଚାଲାଣ କରିଛି। ଏ ନେଇ ଅପରାହ୍ନ ୧ଟା ୩୦ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ଏସ୍‌ପି ୱାଧୱାନୀ କହିଛନ୍ତି, ଅଭିଯୁକ୍ତ ଅଜୟ ସାଧାରଣ ଲୋକଙ୍କ ନାଁରେ ଆକାଉଣ୍ଟ ଖୋଲିବା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଯୋଗାଇବା ସହ ଅର୍ଥଲଗାଣ କରୁଥିଲେ। ବ୍ୟାଙ୍କ କର୍ମଚାରୀମାନଙ୍କ ସହାୟତାରେ କେୱାଇସିକୁ ଅଣଦେଖା କରି ଲୋକଙ୍କ ନାଁରେ ଆକାଉଣ୍ଟ ଖୋଲାଯାଉଥିଲା। ଏହି ଆକାଉଣ୍ଟ ପିଛା ୮ରୁ ୧୦ ହଜାରରେ ବିକ୍ରି ହେଉଥିଲା। ତଦନ୍ତ ବେଳେ ପ୍ରାୟ ୮ଶହ ଆକାଉଣ୍ଟ ବିକ୍ରି ହୋଇଥିବା ଜଣାପଡ଼ିଥିଲା। ଏହି ଆକାଉଣ୍ଟ ମାଧ୍ୟମରେ ବିହାର, ଝାଡଖଣ୍ଡ, ଛତିଶଗଡ଼, କୋଲକାତା ସମେତ ବିଦେଶରୁ ଅର୍ଥ ଦେଣନେଣ ହେଉଥିଲା। ବେରୋଜଗାର ତଥା ଛୋଟ ଛୋଟ ଅପରାଧୀମାନଙ୍କୁ ଅର୍ଥ ପ୍ରଲୋଭନ ଦେଖାଇ ଏହି କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ଅଭିଯୁକ୍ତମାନେ ଗିରଫ ହେବା ପରେ ସାଇବର ଟିମ୍ ଫରେନ୍ସିକ୍ ଯାଞ୍ଚ କରି ଫୋନ୍, ଲ୍ୟାପଟପ୍ ତଥା ଅନ୍ୟ ଡିଭାଇସରେ ଚାର୍ଟ ହିଷ୍ଟ୍ରି, ଟ୍ରାଞ୍ଜାକ୍ସନ ରେକର୍ଡ, ଫୋନ୍ କଲ୍ ଲିଷ୍ଟ ହାସଲ କରିଥିଲା। ତେବେ ଏହି ସାଇବର ଠକେଇରେ ଅଧିକ ବ୍ୟାଙ୍କ କର୍ମଚାରୀ ଏବଂ ଅନ୍ୟମାନେ ସାମିଲ ଥାଇପାରନ୍ତି, ଯାହାକି ତଦନ୍ତ କରାଯାଉଛି ବୋଲି ଏସ୍‌ପି ୱାଧୱାନୀ କହିଛନ୍ତି। ଏହା ରାଉରକେଲା ପୋଲିସ ଜିଲାରେ ୩ୟ ବଡ଼ ଘଟଣା। ରାଉରକେଲା ପୋଲିସ ପ୍ରାୟ ୬୦ ଜଣ ସାଇବର ଅପରାଧୀଙ୍କୁ ଗିରଫ କରିସାରିଲାଣି। ଏହିସବୁ ଘଟଣାରେ ରାଉରକେଲା ପୋଲିସ ରାଜ୍ୟରେ ସର୍ବାଧିକ ମାମଲା ରୁଜୁ କରିବା ସହ ତଦନ୍ତ କରିଛି। ତେଣୁ ସାଧାରଣ ଲୋକ ଆବଶ୍ୟକତା ଅନୁସାରେ ବ୍ୟାଙ୍କ ଆକାଉଣ୍ଟ ଖୋଲନ୍ତୁ। ଅଯଥା ଆକାଉଣ୍ଟ ଖୋଲିବା ଦ୍ୱାରା ସାଇବର ଅପରାଧର ଶିକାର ହୋଇପାରନ୍ତି ବୋଲି ଏସ୍‌ପି ୱାଧୱାନୀ କହିଛନ୍ତି। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସେରୋଫିନା ଖେସ୍, ଇନ୍ସପେକ୍ଟର ଏସ୍. କେ. ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଗଳା କାଟି ହତ୍ୟା

ମାଲକାନଗିରି/ଚିତ୍ରକୋଣ୍ଡା,୩୦।୧୧
(ଦୁର୍ଯ୍ୟୋଧନ ପାତ୍ର/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ଦୈନିକ ବଜାର ନିକଟରେ ଜଣେ ବ୍ୟକ୍ତିଙ୍କ ଆକ୍ରମଣରେ ଯୁବକଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଚିତ୍ରକୋଣ୍ଡା ଦୈନିକ ବଜାରର ସନିଆ ଟାକ୍ରି।

ସୂଚନାନୁଯାୟୀ, ରବିବାର ସନିଆ ଘରେ ଶୋଇଥିବା ବେଳେ ରବି ସଗରିଆ ନାମକ ଜଣେ ବ୍ୟକ୍ତି ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଏହା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। କିଛି ସମୟ ପରେ ସନିଆଙ୍କ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅଭିଯୁକ୍ତ ରବିଙ୍କୁ ଥାନାରେ ପୋଲିସ ଅଟକ ରଖିଛି। ଏ ନେଇ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ଏ ନେଇ ସନ୍ୟାସୀଙ୍କ ସ୍ତ୍ରୀ ନୀଳାବତି ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। କେସ୍ ନଂ.୨୭୬/୨୫ରେ ମାମଲା ରୁଜୁ କରାଯାଇଥିବା ଚିତ୍ରକୋଣ୍ଡା ଆଇଆଇସି ଜୟନାରାୟଣ ଖଣ୍ଡେଇ କହିଛନ୍ତି। ଅଭିଯୋଗ ଅନୁଯାୟୀ, ରବି ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ସନ୍ୟାସୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହା ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିବା ସନ୍ୟାସୀଙ୍କ ସ୍ତ୍ରୀ ନୀଳାବତି କହିଛନ୍ତି। ମୋ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଅନୁରୋଧ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ବୋମାମାଡ଼ ଘଟଣାରେ ୫ ଅଟକ

ଭୁବନେଶ୍ୱର,୩୦।୧୧
(ସତ୍ୟଜିତ ରାଉତ)

ଭୁବନେଶ୍ୱରର ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ସମ୍ମୁଖରେ ବୋମା ବିସ୍ଫୋରଣ ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଏହା ସୁତୁଲି ବୋମା ବୋଲି କୁହାଯାଉଛି। ତେବେ ଏଥିରେ କିଛି କ୍ଷୟକ୍ଷତି ଘଟି ନ ଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଧାନସଭା ଚାଲୁଥିବା ସମୟରେ ଏହି ଘଟଣା ଆତଙ୍କ ଖେଳାଇଦେଇଛି। ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ପୋଲିସ ଅନେକ ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରି ତଥ୍ୟ ହାସଲ କରୁଛି। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ଉପରେ ସନ୍ଦେହ ବଢ଼ୁଥିବାରୁ ରବିବାର ସେମାନଙ୍କୁ ଥାନାରେ ଅଟକ ରଖାଯାଇ ଅଧିକ ଛାନ୍‌ଭିନ୍ ଚାଲିଛି। ଘଟଣାସ୍ଥଳର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ଲୋକଙ୍କ ବୟାନ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଖୁବ୍‌ଶୀଘ୍ର ଏହି ଘଟଣାରେ ରହସ୍ୟ ଉନ୍ମୋଚନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲାସ୍ ଚାଲୁଥିଲା ବେଳେ ଶୁକ୍ରବାର ସକାଳ ପ୍ରାୟ ୭ଟା ୪୫ରୁ ୮ଟା ମଧ୍ୟରେ ହଠାତ୍ ସଂଲଗ୍ନ ରାସ୍ତାରେ ବୋମା ବିସ୍ଫୋରଣ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଲୋକଙ୍କ ସହ ସ୍କୁଲ ପିଲା ଓ କର୍ମଚାରୀ ଆତଙ୍କିତ ହୋଇପଡିଥିଲେ। କେତେଜଣ ଲୋକ ଘଟଣାସ୍ଥଳକୁ ଯିବା ସମୟରେ ଦୁଇଟି ବାଇକ୍‌ରେ ୩ଜଣ ଦ୍ରୁତ ଗତିରେ ଫେରାର ହୋଇଯାଇଥିବା ଦେଖିଥିଲେ। ପୋଲିସ ଟିମ୍ ସହ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ଫୋରେନସିକ୍ ଟିମ୍ ରାସ୍ତା ଓ ସ୍କୁଲ ଗେଟ୍‌ରେ ପଡିଥିବା ବୋମାର ଅଂଶକୁ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲା।

# ମହିଳାଙ୍କ ବେକରୁ ଝାମ୍ପିନେଲେ ସୁନାଚେନ୍

ବାଲିପାଟଣା,୩୦।୧୧(ଅଭିମନ୍ୟୁ ନାୟକ)

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଧୀନ ବନମାଳୀପୁର ଫାଣ୍ଡି ଅନ୍ତର୍ଗତ ଆମଣାକୁଦ ଗାଁରେ ରବିବାର ସକାଳେ ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ତାଙ୍କ ବେକରୁ ୨ଜଣ ଦୁର୍ବୃତ୍ତ ସୁନାଚେନ ଝାମ୍ପିନେଇଛନ୍ତି। ମହିଳା ଜଣଙ୍କ ହେଲେ ଆମଣାକୁଦ ଗାଁର ସନ୍ଧ୍ୟାରାଣୀ ମହାନ୍ତି। ଲୁଟ୍ କରୁଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଏନେଇ ମହିଳା ଜଣଙ୍କ ବନମାଳୀପୁର ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ କେସ୍ (ନଂ. ୫୫୧/୨୫) ରୁଜୁ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ସକାଳେ ସନ୍ଧ୍ୟାରାଣୀ ନିକଟସ୍ଥ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଯାଉଥିଲେ। ଏହି ସମୟରେ ୨ଜଣ ଯୁବକ ଏକ ବାଇକରେ ଆସିଥିଲେ। ଜଣେ ଦୁର୍ବୃତ୍ତ ବାଇକ୍‌ରୁ ଓହ୍ଲାଇ ସନ୍ଧ୍ୟାରାଣୀଙ୍କ ନିକଟକୁ ଚାଲି ଚାଲି ଯାଇ ତାଙ୍କ ବେକରୁ ସୁନାଚେନକୁ ଝାମ୍ପିନେଇ ଦୌଡ଼ି ବାଇକ୍‌ରେ ବସିପଡ଼ିଥିଲେ। ପରେ ଦୁଇଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଣେ ଦୁର୍ବୃତ୍ତ ମୁହଁରେ ମାସ୍କ ସହ ନାଲିରଙ୍ଗର ଟୋପି ପିନ୍ଧିଥିବାବେଳେ ଅନ୍ୟ ଜଣେ ମାସ୍କ ଓ ହେଲମେଟ୍ ପିନ୍ଧିଥିଲେ। ଲୁଟ୍ ସମ୍ପର୍କରେ ଖବର ପାଇ ବନମାଳୀପୁର ଫାଣ୍ଡି ଅଧିକାରୀ ରାକେଶ ସାମଲ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି। ଲୁଟେରାଙ୍କୁ ଠାବ କରାଯାଇପାରିନାହିଁ। ଅନୁସନ୍ଧାନ ଚାଲିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଫାଣ୍ଡି ଅଧିକାରୀ ସାମଲ କହିଛନ୍ତି।

# ହତ୍ୟା ମାମଲା: ୧୮ମାସ ସୁଧାର ଗୃହରେ ରହିବେ ନାବାଳକ

ପାରଳାଖେମୁଣ୍ଡି,୩୦।୧୧
(ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରା ଏକ ହତ୍ୟା ମାମଲାର ବିଚାର କରି ଜଣେ ନାବାଳକ(୧୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ୧ ବର୍ଷ ୬ମାସ ବ୍ରହ୍ମପୁରସ୍ଥିତ ସୁଧାର ଗୃହରେ ରହିବାକୁ ବିଚାରପତି ରାୟରେ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୧୫।୬।୨୪ରେ ନାବାଳକ ଜଣକ ଅଭିଯୋଗକାରିଣୀ ରୋଷେଇ କରୁଥିବା ବେଳେ ଏକ ଟେକା ପକାଇଥିଲେ। ପରେ ସେ ଘର ଭିତରକୁ ପଶିଯାଇ ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଖସି ଯାଇଥିଲେ ମଧ୍ୟ ତାଙ୍କ ପଛରେ ନାବାଳକ ଏକ କାଠଫାଳିଆ ଧରି ଗୋଡ଼ାଇଥିଲେ। ପରେ ଭଉଣୀଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ଭାଇ ନାବାଳକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡକୁ ନାବାଳକ ଜଣଙ୍କ କାଠଫାଳିଆରେ ଶକ୍ତ ପ୍ରହାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ମାମଲା ବିଚାରାଧୀନ ସମୟରେ ଅଭିଯୋଗକାରିଣୀଙ୍କ ଭାଇଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଏହି ମାମଲା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିଲା। ଏନେଇ ଆର୍. ଉଦୟଗିରି ଥାନାରେ ଭଉଣୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ନାବାଳକଙ୍କୁ ଧରିଥିଲା।

## ୪୦ ଟଙ୍କା ପାଇଁ ୨ ବ୍ୟବସାୟୀଙ୍କୁ ହାଣିବା ଘଟଣା

# ମାସେ ପରେ ଜଣେ ଗିରଫ

ଭୁବନେଶ୍ୱର,୩୦।୧୧(ସତ୍ୟଜିତ ରାଉତ)

୪୦ ଟଙ୍କା ପାଇଁ ଦୁଇଜଣ ବ୍ୟବସାୟୀଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ବଡ଼ଗଡ଼ ଥାନା ପୋଲିସ ମାସେ ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବଡ଼ଗଡ ଥାନା ମଇଁଷାଖାଲ ବସ୍ତିର ସୁଶୀଲ ଦାସ ଓରଫ କାଲୁ (୧୯)। ଶନିବାର ରାତିରେ ଭାସ୍କରେଶ୍ୱର ପାର୍କ ନିକଟରୁ ତାଙ୍କୁ ପୋଲିସ କାବୁ କରିଥିଲା। ରବିବାର କୋର୍ଟଚାଲାଣ ପରେ କାଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଫେରାର ଥିବା କାଲୁଙ୍କ ସହଯୋଗୀ ଓମ୍‌ଙ୍କୁ ଧରିବାକୁ ପୋଲିସ ଖୋଜାଖୋଜି ଚଳାଇଛି। ସୂଚନାଯୋଗ୍ୟ, କାଲୁ ଏବଂ ଓମ୍ ନଭେମ୍ବର ୧ ତାରିଖ ଅପରାହ୍ନରେ ଟଙ୍କପାଣି ରୋଡ୍‌ର ଚିଲିପୋଖରୀ ଛକସ୍ଥିତ ଓମ୍ ସାଇ ଇଲେକ୍ଟ୍ରିକାଲ୍ସ ଦୋକାନକୁ ଆସିଥିଲେ। ଦୋକାନୀ କେଦାରଙ୍କୁ ସେମାନେ ୪୦ ଟଙ୍କା ମୂଲ୍ୟର ଏକ ମଲ୍‌ଟିପିନ୍ ମାଗିଥିଲେ। ଅଭିଯୁକ୍ତଦ୍ୱୟ ଟଙ୍କା ଦେବା ପାଇଁ ଏକ ନକଲି 'ଫୋନ୍ ପେ' ପେମେଣ୍ଟର ଫଟୋ ଦେଖାଇଥିଲେ। ତେବେ ଟଙ୍କା ଆସିନାହିଁ ବୋଲି କେଦାର କହିବାରୁ ଅଭିଯୁକ୍ତଦ୍ୱୟ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ଏଥିସହ ଉଭୟ ଧମକ ଦେଇ ଚାଲିଯାଇଥିଲେ। ରାତି ପ୍ରାୟ ୧୦ଟା ୧୫ ବେଳେ ଅଭିଯୁକ୍ତଦ୍ୱୟ ସେଠାକୁ ଆସି ହଠାତ୍ କେଦାରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ପାଖ ମିଠା ଦୋକାନୀ ବସନ୍ତ କୁମାର ବେହେରା ହସ୍ତକ୍ଷେପ କରିଥିବାରୁ ଅଭିଯୁକ୍ତଦ୍ୱୟ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସ୍ଥାନୀୟଲୋକେ ରୁଣ୍ଡ ହୋଇଯିବାରୁ ଅଭିଯୁକ୍ତଦ୍ୱୟ ଘଟଣାସ୍ଥଳରେ ଖଣ୍ଡା ଛାଡି ଫେରାର ହୋଇଯାଇଥିଲେ। କେଦାରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୬୧୭/୨୦୨୫) ରୁଜୁ କରି ତଦନ୍ତ କରୁଥିଲା।

# ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା

**ସୋନପୁର,୩୦।୧୧(ମୃତ୍ୟୁଞ୍ଜୟ ଶତପଥୀ)**

- ୧୮ଅଧ୍ୟାୟରେ ରହିଛି ୭୦୦ ଶ୍ଲୋକ
- ଆଜି ହେବ ଲୋକାର୍ପିତ
- ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେର ଓ ୨୭ ସହଯୋଗୀ ବୁଣାକାରଙ୍କୁ ଲାଗିଛି ସାଢ଼େ ୪ବର୍ଷ

ସୂକ୍ଷ୍ମ କାରିଗରି ପାଇଁ ସୁବର୍ଣ୍ଣପୁର ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସୁନାମ ରହିଛି। ସେମିତି ଜଣେ ଜାତୀୟସ୍ତରର ବାନ୍ଧଶିଳ୍ପୀ ହେଲେ ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱର ପଡ଼ାର ପ୍ରଫୁଲ୍ଲ ମେହେର(୬୩)। ସେ ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା(କାନ୍ଥ ଝୁଲଣ) ପ୍ରସ୍ତୁତ କରିଛନ୍ତି। ୧ ତାରିଖ ସୋମବାର ଗୀତା ଜୟନ୍ତୀରେ ଏହା ଲୋକାର୍ପିତ ହେବ। ସଂସ୍କୃତ ଭାଷାରେ ଭଗବଦ୍ ଗୀତାର ୧୮ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ଲୁଗା ପ୍ରସ୍ତୁତ ହୋଇଛି। ଯେଉଁଥିରେ ଛୋଟ ଅକ୍ଷରରେ ମୋଟ ୭୦୦ଶ୍ଳୋକ ରହିଛି। ଅତି ସୂକ୍ଷ୍ମ କାରିଗରିରେ ଲୁଗା ବୁଣାଯାଇଛି। ଏହି କାନ୍ଥ ଝୁଲଣର ଲମ୍ବ ସାଢ଼େ ୧୪ ମିଟର ଏବଂ ଓସାର ୩୦ଇଞ୍ଚ। ମୋଟ ୨୭ଜଣ ସହଯୋଗୀ ବୁଣାକାରଙ୍କ ସହାୟତାରେ ପ୍ରଫୁଲ୍ଲ ରବିବାର ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି।

ପ୍ରଫୁଲ୍ଲ କୁହନ୍ତି, ତାଙ୍କ ବାପା ସ୍ୱର୍ଗତ ଅନନ୍ତରାମ ଜଣେ ଭଗବତ୍‌ପ୍ରେମୀ। ତାଙ୍କ ପ୍ରେରଣାରୁ ସେ ଏହି କାମ କରିଛନ୍ତି। ଏଥିପାଇଁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଛି। ବାନ୍ଧକାମ ପାଇଁ ତାଙ୍କୁ ସାଢ଼େ ୩ବର୍ଷ ଲାଗିଥିଲା। ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ଜଣ ଓ ପରେ ୧୨ଜଣ କୁଶଳୀ ବୁଣାକାରଙ୍କୁ ନିୟୋଜନ କରିଥିଲେ। ସୂତା ରଙ୍ଗ କରିବା ପାଇଁ ୨ଜଣ ବୁଣାକାରଙ୍କୁ ୪ମାସ ଲାଗିଥିଲା। ସେହିପରି ବାନ୍ଧ ଖୋଲିବା ପାଇଁ ୨ଜଣଙ୍କୁ ୬ମାସ ଲାଗିଛି। ୨ଟି ତନ୍ତରେ ଲୁଗା ବୁଣିବା ପାଇଁ ୩ଜଣ ବୁଣାକାର ନିୟୋଜିତ ହୋଇଥିଲେ। ଲୁଗାବୁଣା ସମ୍ପୂର୍ଣ୍ଣ ପାଇଁ ସେମାନଙ୍କୁ ୩ମାସ ସମୟ ଲାଗିଛି।

ଜିଲାର ବୀରମହାରାଜପୁର ଅଞ୍ଚଳର ବୁଣାକାର ପରିବାରରେ ଜନ୍ମିତ ପ୍ରଫୁଲ୍ଲ ପିଲାବେଳୁ ନିଜର କୌଳିକ ବୃତ୍ତି ବାନ୍ଧକଳା ପ୍ରତି ଆଗ୍ରହ ଦେଖାଇଥିଲେ। ପାଠପଢ଼ା ସରିବା ପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ। ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ସେ ୧୯୯୨ରେ ନ୍ୟାଶନାଲ ମେରିଟ୍ ପୁରସ୍କାର ପାଇଥିଲେ। ଅବସର ପରେ ପ୍ରାକୃତିକ ରଙ୍ଗସୂତାରେ ଶାଢ଼ି ବୁଣା ଉପରେ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ଜଣେ ବାନ୍ଧଶିଳ୍ପୀ, ପାଟଶାଢ଼ି ଓ ୱାଲ୍ ହ୍ୟାଙ୍ଗିଂ(କାନ୍ଥ ଝୁଲଣ) ଡିଜାଇନ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଡିଜାଇନର ମା', ଆମର ମଙ୍ଗାଶାଲ ଓ ଗଞ୍ଜାପା ଶାଢ଼ି ଇତ୍ୟାଦିକୁ ପୂର୍ବରୁ ଜାତୀୟ ପୁରସ୍କାର ମିଳିଥିଲା। ନିକଟରେ ସନ୍ଥ କବୀର ପାଟଶାଢ଼ିରେ ସନ୍ଥ କବୀର ଭଳି ସର୍ବୋଚ୍ଚ ଜାତୀୟ ପୁରସ୍କାର ମିଳିଛି। ଅଷ୍ଟନାୟିକା ଶାଢ଼ିକୁ ମେରିଟ୍ ଆୱାର୍ଡ ଓ ଅନେକ ଶାଢ଼ିକୁ ମଧ୍ୟ ରାଜ୍ୟ ପୁରସ୍କାର ମିଳିସାରିଛି। ବହୁ ଚର୍ଚ୍ଚିତ ଗଣିତ ଶାଢ଼ିର ପରିକଳ୍ପନା ମଧ୍ୟ ପ୍ରଫୁଲ୍ଲ କରିଥିଲେ। ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଏବଂ ବୁଣାକାମ କରି ସୁବର୍ଣ୍ଣପୁର ଜିଲାର ୨୫ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି।



ବାନ୍ଧକଳାରେ ପ୍ରସ୍ତୁତ ଶ୍ରୀମଭଗବଦ୍ ଗୀତା।



ପ୍ରଫୁଲ୍ଲ ମେହେର ତନ୍ତରେ ଲୁଗା ବୁଣୁଛନ୍ତି।

# ୩୭ ମାଓବାଦୀଙ୍କ ଆତ୍ମସମର୍ପଣ



ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

**ମାଲକାନଗିରି,୩୦।୧୧ (ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୩୭ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଆଇଜି ଏବଂ ଏସ୍‌ପିଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୭ଜଣଙ୍କ ନାଁରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି। ଯବାନଙ୍କ ଲଗାତାର କୋମ୍ବିଂ ଅପରେଶନ ଏବଂ ଏନ୍‌କାଉଣ୍ଟର ଯୋଗୁ ମାଓବାଦୀ ସଂଗଠନରେ ହଇଚଇ ସୃଷ୍ଟି ହୋଇଛି। ସଂଗଠନ ଦୁର୍ବଳ ହେଉଥିବାରୁ ମାଓବାଦୀମାନେ ସଂଗଠନ ଛାଡ଼ି ସରକାରଙ୍କ ଥଇଥାନ ଅଭିଯାନରେ ସାମିଲ ହେଉଛନ୍ତି। ସରକାରଙ୍କ ପକ୍ଷରୁ ୨୦୨୬ ମାର୍ଚ୍ଚ ପୂର୍ବରୁ ମାଓବାଦୀ ଆଉ ଜଙ୍ଗଲରେ ଦିଶିବେ ନାହିଁ କୁହାଯିବା ପରେ ମାଓବାଦୀମାନେ ଭୟଭୀତ ହୋଇ ଅଧିକ ମାତ୍ରାରେ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳିଛି। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସରକାରଙ୍କ ପକ୍ଷରୁ ୫୦ ହଜାର ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଦାନ୍ତେୱାଡା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।






# ମହାପ୍ରଭୁଙ୍କୁ ପ୍ରଥମ ଟିକେଟ ପ୍ରଦାନ କଲା ଓସିଏ



ଓସିଏର ସମ୍ପାଦକ ସଞ୍ଜୟ ବେହେରା ମହାପ୍ରଭୁଙ୍କୁ ନିମନ୍ତ୍ରିତ କରିବା ସହ ପ୍ରଥମ ଟିକେଟ୍ ସମର୍ପଣ କରିଛନ୍ତି।

**ପୁରୀ,୩୦।୧୧(ଅଜିତ କୁମାର ମହାନ୍ତି)**

**୯ରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍**

ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏହାକୁ ନେଇ ସମସ୍ତଙ୍କର ଉତ୍ସାହ ଓ ଅପେକ୍ଷା ରହିଛି। ତେବେ ମ୍ୟାଚ୍ ପୂର୍ବରୁ ରବିବାର ଅପରାହ୍ନରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ)ର ସମ୍ପାଦକ ସଞ୍ଜୟ ବେହେରା ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ନିମନ୍ତ୍ରିତ କରିବା ସହ ପ୍ରଥମ ଟିକେଟ୍ ସମର୍ପଣ କରିଛନ୍ତି। ସେହିପରି ବେହେରା ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବାରବାଟୀରେ ଟି୨୦ ମ୍ୟାଚ୍ କିଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେନେଇ ପ୍ରାର୍ଥନା କରିଥିବାବେଳେ ଟିମ୍ ଇଣ୍ଡିଆର ବିଜୟ କାମନା ମଧ୍ୟ କରିଛନ୍ତି। ପ୍ରଥମ ଟିକେଟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବାବେଳେ ଦ୍ୱିତୀୟ ଟିକେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ଏହି ଟିକେଟ କ୍ରୟ କରିବେ। ଟି୨୦ ମ୍ୟାଚ୍ ପାଇଁ ବାରବାଟୀ ଷ୍ଟାଡିୟମ୍‌ରେ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଥିବାବେଳେ ଆଉ ଯାହାକିଛି କାମ ରହିଛି, ତାହା ଦୁଇ ତିନି ଦିନ ମଧ୍ୟରେ ସରିବ। ସେହିପରି ସୋମବାରଠାରୁ ଅନ୍‌ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଗତବର୍ଷ ଭଳି ଚଳିତଥର ବାରବାଟୀରେ ମ୍ୟାଚ୍ ସମୟରେ ଲାଇଟ୍ ସମସ୍ୟା ସୃଷ୍ଟି ହେବନାହିଁ ବୋଲି ଓସିଏ ସମ୍ପାଦକ ବେହେରା ସୂଚନା ଦେଇଛନ୍ତି।






# ଗଞ୍ଜାମରେ ଚିହ୍ନଟ ହେଲେଣି ୧୯ ହଜାର ଆକ୍ରାନ୍ତ

**ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)**

**ଆଜି ବିଶ୍ୱ ଏଡ୍‌ସ ଦିବସ**

- ୧୮ ବ୍ଲକ୍‌ରେ ୫୦୦ରୁ ଅଧିକ
- ୨୫ ବର୍ଷରେ ୧,୮୮୦ ଜୀବନ ଯାଇଛି

**ଗତ ୯ ବର୍ଷରେ ଚିହ୍ନଟ ରୋଗୀ ସଂଖ୍ୟା**

| ବର୍ଷ | ଟେଷ୍ଟ | ପଜିଟିଭ |
|---|---|---|
| ୨୦୧୭ | ୧୩୪୦୧୬ | ୬୫୯ |
| ୨୦୧୮ | ୧୨୬୨୩୯ | ୬୭୧ |
| ୨୦୧୯ | ୧୨୫୮୯୨ | ୬୭୭ |
| ୨୦୨୦ | ୧୦୭୮୪୯ | ୩୯୮ |
| ୨୦୨୧ | ୧୨୮୭୫୬ | ୪୩୦ |
| ୨୦୨୨ | ୧୪୫୯୬୫ | ୫୧୪ |
| ୨୦୨୩ | ୨୨୦୧୭୩ | ୪୨୫ |
| ୨୦୨୪ | ୨୦୯୮୦୭ | ୫୩୩ |
| ୨୦୨୫ (ଅକ୍ଟୋବର ସୁଦ୍ଧା) | ୨୧୭୯୪୧ | ୪୬୪ |

ଏଡ୍‌ସ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ବି ଗଞ୍ଜାମ ଜିଲାରେ ଏହି ରୋଗୀଙ୍କ ସଂଖ୍ୟା କମୁନାହିଁ। ପ୍ରତିବର୍ଷ ନୂଆ ନୂଆ ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସାରା ରାଜ୍ୟରୁ ଚିହ୍ନଟ ହେଉଥିବା ରୋଗୀଙ୍କ ମଧ୍ୟରୁ ସର୍ବାଧିକ ୩୦ ପ୍ରତିଶତ ରୋଗୀ ଗଞ୍ଜାମ ଜିଲାର ବୋଲି ରେକର୍ଡ କହୁଛି। ପୂର୍ବରୁ ଏହି ସଂଖ୍ୟା ୩୫ ପ୍ରତିଶତ ରହିଥିଲା। ରୋଗୀ ଚିହ୍ନଟ ସଂଖ୍ୟା ହ୍ରାସ ପାଇଥିଲେ ସୁଦ୍ଧା ଗଞ୍ଜାମ ଜିଲା ଏଚ୍‌ଆଇଭି ପଜିଟିଭ କ୍ଷେତ୍ରରେ ୧ନମ୍ବର ହେବାର ଦୁର୍ନାମ ମୁଣ୍ଡାଇ ଚାଲିଛି। ଏହାର ମୁଖ୍ୟ କାରଣ ହେଲା ଦାଦନ ସମସ୍ୟା। ଜିଲାରୁ ପ୍ରତିବର୍ଷ ହଜାର ହଜାର ଲୋକ କାମଧନ୍ଦା ଖୋଜିବାକୁ ସୁରଟ , ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ଚେନ୍ନାଇ ଆଦିକୁ ଯାଉଛନ୍ତି। ବିଶେଷ କରି ଅସୁରକ୍ଷିତ ଯୌନ ସମ୍ପର୍କ ଯୋଗୁ ଏହି ରୋଗ ଅଧିକ ମାତ୍ରାରେ ବ୍ୟାପୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏଡ୍‌ସ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନ୍ୟାଶନାଲ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି(ନାକୋ) ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ତରଫରୁ ମଧ୍ୟ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲାରେ ୨୦୦୦ ମସିହାରୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ମୋଟ ୧୯,୦୪୦ ଜଣ ଏଚ୍‌ଆଇଭି ପଜିଟିଭ ଚିହ୍ନଟ ହୋଇଥିବା ଜିଲା ଏଡ୍‌ସ ସେଲ ସୂତ୍ରରୁ ପ୍ରକାଶ। କେବଳ ଚଳିତବର୍ଷ ଅର୍ଥାତ ୨୦୨୫ ଅକ୍ଟୋବର ମାସ ସୁଦ୍ଧା ୪୬୪ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୦୦ରୁ ୨୦୨୫ ଅକ୍ଟୋବର ସୁଦ୍ଧା ୧,୮୮୦ ଜଣଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ରହୁଥିବା ୨୪ଜଣଙ୍କର ଏଡ୍‌ସରେ ଜୀବନ ଯାଇଛି। ଚଳିତ ବର୍ଷ ଜିଲାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ଏଡ୍‌ସ ସେଲ ତରଫରୁ ସୂଚନା ମିଳିଛି।

ଗତ ୨୦୦୦ରୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ମୋଟ ୨୨ ଲକ୍ଷ ୬୧ ହଜାର ୮୦୫ ଜଣଙ୍କ କାଉନ୍‌ସେଲିଂ କରାଯାଇ ୨୧ଲକ୍ଷ ୦୧ ହଜାର ୫୪୧ ଜଣଙ୍କ ଏଚଆଇଭି ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ମୋଟ ୧୯୦୪୦ ଜଣଙ୍କ ରକ୍ତ ନମୁନାରେ ଏଚଆଇଭି ପଜିଟିଭ ଆସିଥିବା ଏଡ୍‌ସ ସେଲ୍‌ର ଅଧିକାରୀ ରାଜେନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ୨୦୩୦ ସୁଦ୍ଧା ଜିଲାକୁ ଏଡ୍‌ସମୁକ୍ତ ଜିଲା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ବିଶେଷକରି ୧୭ରୁ ୨୫ ବର୍ଷର ଯୁବପିଢ଼ି ଏ ଦିଗରେ ସଚେତନ ରହିବା ସହ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ରହିଛି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ୨୪ଜଣ ଗର୍ଭବତୀ ଏଡ୍‌ସ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୦୦୦ ମସିହାରୁ ଗତ ଅକ୍ଟୋବର ସୁଦ୍ଧା ଗର୍ଭବତୀ ପଜିଟିଭ ସଂଖ୍ୟା ୧୦୭୭ ରହିଛି। ଏଡ୍‌ସ ରୋଗୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ଏମ୍‌କେସିଜି ବଡ଼ ଡାକ୍ତରଖାନା ଓ ଭଞ୍ଜନଗର ମେଡିକାଲରେ ଏଆର୍‌ଟି ସେଣ୍ଟର୍ ରହିଛି। ସେହିପରି ଆସିକା, ପୋଲସରା ଓ ଖଲ୍ଲିକୋଟ ଭଳି ବ୍ଲକରେ ଲିଙ୍କ ଏଆର୍‌ଟି ସେଣ୍ଟର୍ ରହିଛି। ସେଠାରେ ରୋଗୀଙ୍କୁ କାଉନ୍‌ସେଲିଂ କରି ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଜିଲାର ୧୮ଟି ବ୍ଲକ ଓ ବ୍ରହ୍ମପୁର ସହରରେ ଏଡ୍‌ସ ରୋଗୀଙ୍କ ସଖ୍ୟା ୫୦୦ରୁ ଅଧିକ ରହିଛି। ପୋଲସରା ବ୍ଲକରେ ୨୦୦୦ରୁ ୨୦୨୫ ଅକ୍ଟୋବର ସୁଦ୍ଧା ସର୍ବାଧିକ ୧୩୫୪ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆସିକାରେ ୧୨୫୦ ଜଣ, ବେଗୁନିଆପଡ଼ାରେ ୧୨୨୩, ପୁରୁଷୋତ୍ତମପୁରରେ ୧୧୮୯ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଖଲ୍ଲିକୋଟରେ ୧୦୦୪, ହିଞ୍ଜିଳିକାଟୁରେ ୯୨୭, କବିସୂର୍ଯ୍ୟନଗରରେ ୮୬୦, ରଙ୍ଗେଇଲୁଣ୍ଡା ୮୦୩, ବେଲଗୁଣ୍ଠାରେ ୮୦୦ ଶେରଗଡ଼ରେ ୭୬୨, ଭଞ୍ଜନଗରରେ ୭୨୨, ଛତ୍ରପୁରରେ ୬୭୪, ବୁଗୁଡାରେ ୬୨୩, ସୋରଡା ୫୦୫, ଦିଗପହଣ୍ଡିରେ ୬୫୭, ଧରାକୋଟରେ ୫୭୪, ସାନଖେମୁଣ୍ଡିରେ ୬୦୪, କୁକୁଡାଖଣ୍ଡିରେ ୬୬୦ ଓ ବ୍ରହ୍ମପୁର ମହାନଗରରେ ୧୦୮୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି।













DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୧/୨୦୨୫ Bhubaneswar, Monday, December 1/ 2025

# କୋହଲିଙ୍କ ଶତକ: ଭାରତ ବିଜୟୀ

**ରାଞ୍ଚି, ୩୦।୧୧**

ବିରାଟ କୋହଲିଙ୍କ ଶତକ ବଳରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ରୋମାଞ୍ଚପୂର୍ଣ୍ଣ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୧୭ ରନରେ ଜିତି ନେଇଛି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଆଗରେ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩ ତାରିଖରେ ରାୟପୁରରେ ଖେଳାଯିବ।

ଭାରତୀୟ ଦଳ ପାଇଁ ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା ଓପନିଂ କରିଥିଲେ। ଆରମ୍ଭରୁ ଜୟସ୍ୱାଲ (୧୮) ଆଉଟ୍ ହୋଇଥିଲେ। ତାଙ୍କ ବଦଳରେ ନଂ-୩ ପୋଜିଶନରେ କ୍ରିଜ୍‌କୁ ଆସିଥିବା ବିରାଟ କୋହଲି ରୋହିତଙ୍କ ସହ ମିଶି ଦ୍ୱିତୀୟ ଉଇକେଟରେ ୧୩୬ ରନର ପାର୍ଟନରଶିପ୍ କରିଥିଲେ। ଦୁହିଁଙ୍କର ଏହା ଲଗାତର ଦ୍ୱିତୀୟ ଶତକୀୟ ପାର୍ଟନରଶିପ୍ ଥିଲା। ଅର୍ଦ୍ଧଶତକ ପୂରଣ କରିବା ପରେ ରୋହିତ (୫୭ ରନ, ୫ ଚୌକା ଓ ୩ ଛକା) ପୁଲ ଶଟ୍ ଖେଳିବାକୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ଋତୁରାଜ ଗାଏକ୍ୱାଡ (୮) ଓ ୱାଶିଂଟନ ସୁନ୍ଦର (୧୩) ବିଫଳ ହୋଇଥିଲେ। ଏହାପରେ କୋହଲିଙ୍କ ସହ ଅଧିନାୟକ ଲୋକେଶ ରାହୁଲ ପଞ୍ଚମ ଉଇକେଟରେ ୭୬ ରନ ଯୋଡ଼ିଥିଲେ। କୋହଲି ୧୨୦ ବଲରେ ୧୧ ଚୌକା ଓ ୭ ଛକା ସହିତ ୧୩୫ ରନ କରି ଆଉଟ ହୋଇଥିଲେ। ଶେଷ ଆଡ଼କୁ ଅଧିନାୟକ ରାହୁଲ ୬୦ (୨ ଚୌକା ଓ ୩ ଛକା) ଓ ରବୀନ୍ଦ୍ର ଜାଡେଜା ୩୨ (୨ ଚୌକା ଓ ୧ ଛକା) ରନ କରିଥିଲେ। ଫଳରେ ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୮ ଉଇକେଟ ହରାଇ ୩୪୯ ରନ କରିଥିଲା।

ଜବାବରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୪୯.୨ ଓଭରରେ ୩୩୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ମାଥ୍ୟୁ ବ୍ରିଜକେ ୭୨ (୮ ଚୌକା ଓ ୧ ଛକା), ମାର୍କୋ ଜାନସେନ ୩୯ ବଲରେ ୭୦ (୮ ଚୌକା ଓ ୩ ଛକା) ଓ କର୍ବିନ ବୋଶ୍ଟ ୫୧ ବଲରେ ୬୭ (୫ ଚୌକା ଓ ୪ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୋନି ଡି ଜର୍ଜି ୩୯ (୭ ଚୌକା) ଓ ଡେୱାଲ୍ଡ ବ୍ରେଭିସ ୩୭ (୨ ଚୌକା ଓ ୩ ଛକା) ରନ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୪, ହର୍ଷିତ ରାଣା ୩ ଓ ଅର୍ଶଦୀପ ସିଂ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୪୯/୮ (ବିରାଟ କୋହଲି-୧୩୫, ଲୋକେଶ ରାହୁଲ-୬୦, ରୋହିତ ଶର୍ମା-୫୭, ଓଟନିଲ ବାର୍ଟମାନ-୨/୬୦, ନାନ୍ଦ୍ରେ ବର୍ଗର-୨/୬୫)। ଦକ୍ଷିଣ ଆଫ୍ରିକା: ୪୯.୨ ଓଭରରେ ୩୩୨/ଅଲଆଉଟ୍ (ମାଥ୍ୟୁ ବ୍ରିଜକେ-୭୨, ମାର୍କୋ ଜାନସେନ-୭୦, କର୍ବିନ ବୋଶ୍ଟ-୬୭, କୁଲଦୀପ ଯାଦବ-୪/୬୮, ହର୍ଷିତ ରାଣା-୩/୬୫)।



ସୁରକ୍ଷା ବଳୟ ଭାଙ୍ଗି କୋହଲିଙ୍କ ପାଦ ଛୁଇଁବାକୁ ପଡ଼ିଆକୁ ପ୍ରବେଶ କରିଥିବା ଜଣେ ଦର୍ଶକ।

## ଛକାରେ ରୋହିତଙ୍କ ବିଶ୍ୱ ରେକର୍ଡ

ଭାରତୀୟ ଓପନର ରୋହିତ ଶର୍ମା ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ୫୭ ରନର ପାଳି ଖେଳିବା ଅବସରରେ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଛକା ମାରିବାର ରେକର୍ଡ କରିଛନ୍ତି। ତାଙ୍କର ଏହି ଇନିଂସରେ ୩ ଛକା ସାମିଲ ଥିଲା। ଏଥିଯୋଗୁ ଦିନିକିଆ କ୍ରିକେଟରେ ତାଙ୍କ ଛକା ସଂଖ୍ୟା ୩୫୨ରେ ପହଞ୍ଚିଛି। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଛକା ରେକର୍ଡ ପୂର୍ବରୁ ପାକିସ୍ତାନର ଶାହିଦ ଆଫ୍ରିଦି (୩୯୮ ମ୍ୟାଚ୍‌ରେ ୩୫୧ ଛକା)ଙ୍କ ନାମରେ ଥିଲା।

## ସଚିନଙ୍କୁ ଟପିଲେ କୋହଲି

ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ରବିବାର ଦିନିକିଆ କ୍ୟାରିୟରର ୫୨ତମ ଶତକ ହାସଲ କରିଛନ୍ତି। ଏଥିସହିତ ସେ କ୍ରିକେଟର ଆଇକନ ସଚିନ ତେନ୍ଦୁଲକରଙ୍କୁ ଅତିକ୍ରମ କରିଛନ୍ତି। ତେନ୍ଦୁଲକରଙ୍କ ନାମରେ ୫୧ ଟେଷ୍ଟ ଶତକ ରହିଥିବା ବେଳେ କୋହଲି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ର ଏକ ଫର୍ମାଟରେ ୫୧ରୁ ଅଧିକ ଶତକ କରିଛନ୍ତି।

# ଆଇକନିକ୍ ଇଣ୍ଡିଆ ଓପନ୍ ଗେଟ୍‌ବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫେଡେରେଶନ୍ (ଆଇଏସ୍ଏଫ୍) ଓ ଇଣ୍ଡିଆନ୍ ଗେଟ୍‌ବଲ ୟୁନିଅନ୍ (ଆଇଜିୟୁ)ର ମିଳିତ ଉଦ୍ୟମରେ 'ଆଇକନିକ୍ ଇଣ୍ଡିଆ ଅନ୍ତର୍ଜାତୀୟ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ମନ୍ତ୍ରୀ ରବିନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ସୁଜିତ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆଇଏସ୍ଏଫ୍‌ର ଚିଦାତ୍ମିକା ଖଟୁଆ, ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ, ପ୍ରଦୀପ୍ତ ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇଜିୟୁ ପକ୍ଷରୁ ଉମାକାନ୍ତ ପାଣି ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ତାଇୱାନ୍ ଓ ଇଣ୍ଡୋନେସିଆର ଅଧିକାରୀ ଓ ଖେଳାଳିମାନଙ୍କ ସହ ୧୮ ରାଜ୍ୟରୁ ୨୦୦ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଆଇଏସ୍ଏଫ୍ କାନାଡାରେ ଅନ୍ତର୍ଜାତୀୟ ଗେଟ୍‌ବଲ ଲିଗ୍ ଆରମ୍ଭ କରିବାକୁ ଯାଉଛି। ଭାରତକୁ କ୍ରୀଡ଼ାରେ ଗ୍ଲୋବାଲ୍ ଆଇକନ୍ କରିବା ଆମର ଲକ୍ଷ୍ୟ ବୋଲି ଆଇଏସ୍ଏଫ୍‌ର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ ପ୍ରକାଶ କରିଛନ୍ତି।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ